# ଧରିତ୍ରୀ DHARITRI

ସମ୍ବଲପୁର, ବୁଧବାର, ଡିସେମ୍ବର ୧୪/୨୦୨୨ (୧୬ ପୃଷ୍ଠା) | Sambalpur, Wednesday, December 14/2022 | Page 16 | ₹ 7.00 | ★★

୧୮ଶ ଭାଗ ୩୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur | VOLUME 18 ISSUE 356 | ମୂଲ୍ୟ ₹୭/-







# '୨୦୨୨ ହାତୀଙ୍କ ପାଇଁ ଖରାପ ବର୍ଷ'

## ଜେଟିଏଫ୍ ମୁଖ୍ୟଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

**ଓଡ଼ିଶାରେ ଶିକାରୀଙ୍କଠାରୁ ହାତୀଙ୍କୁ କିଭଳି ସୁରକ୍ଷା ଦିଆଯାଇପାରିବ ସେନେଇ ସରକାରଙ୍କୁ ବୁଦ୍ଧିବାଟ ମିଳିପାରୁ ନ ଥିବାବେଳେ ଖୋଦ୍ ବନ ବିଭାଗ କର୍ମଚାରୀ ଶିକାରୀଙ୍କ ସହଯୋଗୀ ପାଲଟିଛନ୍ତି, ଯାହା ଶିମିଳିପାଳ ହାତୀ ହତ୍ୟା ଘଟଣାରୁ ସ୍ପଷ୍ଟ ହେଉଛି। ଏହାକୁ ଅତି ସ୍ପର୍ଶକାତର ମନେକରି ହାଇକୋର୍ଟ ମଙ୍ଗଳବାର ଜରୁରିକାଳୀନ ଶୁଣାଣି କରିଛନ୍ତି। ଓଡ଼ିଶାର ହାତୀଙ୍କ ପାଇଁ ଚଳିତବର୍ଷ ଅତି ଖରାପ ସମୟ, ବୋଧହୁଏ ଏହା ସବୁଠୁ ଖରାପ ବର୍ଷ ବୋଲି ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଛନ୍ତି। ସୂଚନାଯୋଗ୍ୟ ଯେ, ୨୦୨୨ରେ ଏପର୍ଯ୍ୟନ୍ତ ରାଜ୍ୟରେ ୬୧ ହାତୀଙ୍କ ମୃତ୍ୟୁ ଘଟିଛି।**



### ଶିମିଳିପାଳ ହାତୀ ମୃତ୍ୟୁ ଘଟଣା

- ନିଲମ୍ବିତ କର୍ମଚାରୀଙ୍କ ବିରୋଧରେ ଏତଲା ଦିଆ ନ ଯିବାକୁ ନେଇ ପ୍ରଶ୍ନ
- ହାତୀମୃତ୍ୟୁ ରୋକିବା ନିଶ୍ଚିତ କରିବାକୁ ନିର୍ଦ୍ଦେଶ




ଭୁବନେଶ୍ୱର,(ବ୍ୟୁରୋ)/କଟକ ଅଫିସ୍,୧୩।୧୨

ଶିମିଳିପାଳରେ ଦନ୍ତା ହାତୀକୁ ହତ୍ୟା କରି ଦାନ୍ତ କାଟି ମୃତଦେହକୁ ପୋଡ଼ି ପ୍ରମାଣ ନଷ୍ଟ କରିବା ଘଟଣା ଏବେ ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ବନ ବିଭାଗର ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଚିନ୍ତାପ୍ରକଟ କରିଥିବାବେଳେ ମଙ୍ଗଳବାର ଓଡ଼ିଶା ହାଇକୋର୍ଟ ଘଟଣାକୁ ଗୁରୁତ୍ୱର ସହ ନେଇ ଶୁଣାଣି କରିଛନ୍ତି। ରାଜ୍ୟରେ ହାତୀ ମୃତ୍ୟୁ ରୋକିବା ପାଇଁ ଗଠିତ ଜେଟିଏଫ୍ (ଜଏଣ୍ଟ ଟାସ୍କ ଫୋର୍ସ) ମୁଖ୍ୟ ତଥା ସିସିଏଫ୍ (ୱାଇଲ୍ଡଲାଇଫ୍) ମନୋଜ ଭି. ନାୟାରଙ୍କୁ ହାଇକୋର୍ଟ ଭର୍ତ୍ସନା କରିଛନ୍ତି। ଘଟଣାରେ ୩ ବନ କର୍ମଚାରୀଙ୍କୁ ନିଲମ୍ବନ କରି ବନ ବିଭାଗ ନିଜ ଦାୟିତ୍ୱ ସାରି ଦେଇଥିବା ବେଳେ ସେମାନଙ୍କ ବିରୋଧରେ ☞ପୃଷ୍ଠା-୪

# ୧୫ ଆଇନଜୀବୀ ଜେଲ ଗଲେ

### ସମ୍ବଲପୁର କୋର୍ଟ ପରିସରରେ ଭଙ୍ଗାରୁଜା ଘଟଣା

ସମ୍ବଲପୁର,୧୩।୧୨(ବ୍ୟୁରୋ)

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ସମ୍ବଲପୁର ଜିଲାରେ ଚାଲିଥିବା ଆନ୍ଦୋଳନକୁ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବା ପରେ ସୋମବାର ଏହା ଉଗ୍ରରୂପ ନେଇଥିଲା। ୧୪୪ ଧାରା ଲାଗୁ ସତ୍ତ୍ୱେ ଓକିଲମାନେ କୋର୍ଟ ପରିସରକୁ ଧସେଇ ପଶି ଭଙ୍ଗାରୁଜା, ଗାଳିଗୁଲଜ, ଗଣ୍ଡଗୋଳ କରିବା ଘଟଣାରେ ପୋଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପୋଲିସ ଏହି ଘଟଣାରେ ୧୫ ଜଣ ଓକିଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମଙ୍ଗଳବାର ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। କେସ୍ ନଂ. ୪୭୯ ଓ ୪୮୦/୨୨ରେ ଦଫା ୧୪୭, ୩୪୧, ୩୨୩, ୩୫୩, ୩୩୨, ୫୦୬, ୧୮୬, ୧୮୮,୧୪୯, ୩୫୪ରେ ମାମଲା ରୁଜୁ ହୋଇଛି। ☞ପୃଷ୍ଠା-୪

### ଓକିଲଙ୍କ ଆନ୍ଦୋଳନ ସ୍ଥଗିତ

ପଶ୍ଚିମ ଓଡ଼ିଶାରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ଓକିଲଙ୍କ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ପଶ୍ଚିମ ଓଡ଼ିଶାର ବାର୍ ଆସୋସିଏଶନଗୁଡ଼ିକର କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ମଙ୍ଗଳବାର ଏହି ଘୋଷଣା କରିଛି। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା କମିଟି ପକ୍ଷରୁ କୁହାଯାଇଛି। ସମ୍ବଲପୁରଠାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ପାଇଁ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସମ୍ପୂର୍ଣ୍ଣ ଆଶାବାଦୀ ରହିଛି। କେନ୍ଦ୍ର, ରାଜ୍ୟ ସରକାର ଏବଂ ହାଇକୋର୍ଟ ଏନେଇ ଉଦାର ହୃଦୟରେ ବିଚାର କରିବେ। ବିଶେଷକରି ସୁପ୍ରିମକୋର୍ଟଙ୍କ ଉପରେ ପଶ୍ଚିମ ଓଡ଼ିଶା ବାର୍ ଆସୋସିଏଶନର ସମ୍ପୂର୍ଣ୍ଣ ଭରସା ଅଛି ☞ପୃଷ୍ଠା-୪


ମେଧାବୃତ୍ତି, ସୋଲାର ନାଁରେ ୪ କୋଟି ଠକେଇ

ପୃଷ୍ଠା-୩


**ଆଜିର ସମ୍ପାଦକୀୟ**

**ପୁଣି ଚାଇନା**









**ଜି୨୦ ଅଧ୍ୟକ୍ଷତାକୁ ଜି୭ର ସମର୍ଥନ**

ଭାରତର ଜି୨୦ ଅଧ୍ୟକ୍ଷତାକୁ ସୋମବାର ଜି-୭ ରାଷ୍ଟ୍ରସମୂହ ସମର୍ଥନ ଜଣାଇଛନ୍ତି। ସମସ୍ତଙ୍କ ଲାଗି ଏକ ସ୍ଥାୟୀ ଭବିଷ୍ୟତକୁ ସେମାନେ ସମର୍ଥନ ଯୋଗାଉଥିବା ଜି-୭ ରାଷ୍ଟ୍ରର ନେତାମାନେ ଏକ ମିଳିତ ବିବୃତିରେ କହିଛନ୍ତି। ଜାପାନ ଅଧ୍ୟକ୍ଷତାରେ ୨୦୨୩ ଜି-୭ ସମିଟ୍ ହିରୋସୀମାରେ ହେବ ଏବଂ ଭାରତର ଜି୨୦ ଅଧ୍ୟକ୍ଷତାକୁ ସମର୍ଥନ ଜାରି ରହିବ। ଆମେ ସମସ୍ତଙ୍କ ପାଇଁ ଏକ ଶାନ୍ତିପୂର୍ଣ୍ଣ, ବିକଶିତ ଓ ସ୍ଥାୟୀ ଭବିଷ୍ୟତ ପୁନଃନିର୍ମାଣ ଲାଗି ଏକାଠି କାର୍ଯ୍ୟ କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମିଳିତ ବିବୃତିରେ କୁହାଯାଇଛି।

## ସଂକ୍ଷେପରେ

**ବିଲ୍‌କିସ ମାମଲା**

### ଶୁଣାଣିରୁ ଓହରିଲେ ବିଚାରପତି ବେଲା ତ୍ରିବେଦୀ

**ନୂଆଦିଲ୍ଲୀ,୧୩।୧୨:** ୨୦୦୨ ଗୁଜରାଟ ଦଙ୍ଗା ବେଳେ ବିଲ୍‌କିସ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାର ସଦସ୍ୟମାନଙ୍କୁ ହତ୍ୟା ମାମଲାରେ ଦୋଷୀସାବ୍ୟସ୍ତ ୧୧ ଜଣଙ୍କୁ ଦଣ୍ଡ ଅବଧି ଶେଷ ହେବା ପୂର୍ବରୁ ମୁକ୍ତ କରିଦେବା ମାମଲାର ଶୁଣାଣିରୁ ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ୍ ବେଲା ଏମ୍. ତ୍ରିବେଦୀ ଓହରି ଯାଇଛନ୍ତି। ଫଳରେ ମଙ୍ଗଳବାର ହେବାକୁ ଥିବା ଶୁଣାଣିକୁ ସ୍ଥଗିତ ରଖାଯାଇଛି। ଏହାର ପରବର୍ତ୍ତୀ ଶୁଣାଣି ନୂଆ ଖଣ୍ଡପୀଠରେ ତାଲିକାଭୁକ୍ତ ହେବ। ୧୧ ଅପରାଧୀଙ୍କୁ ଗୁଜରାଟ ସରକାର ମୁକ୍ତ କରିଦେବା ଘଟଣାକୁ ବିଲ୍‌କିସ୍ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମଙ୍ଗଳବାର ଜଷ୍ଟିସ୍ ଅଜୟ ରାସ୍ତୋଗି ଏବଂ ବେଲା ଏମ୍. ତ୍ରିବେଦୀଙ୍କ ଖଣ୍ଡପୀଠରେ ଶୁଣାଣି ହେବାର ଥିଲା। ତେବେ ଜଷ୍ଟିସ୍ ତ୍ରିବେଦୀ ଶୁଣାଣିରେ ସାମିଲ ହେବାକୁ ଚାହୁଁ ନ ଥିବା ଜଷ୍ଟିସ୍ ରାସ୍ତୋଗି କହିଥିଲେ। ତେବେ କ'ଣ ପାଇଁ ଜଷ୍ଟିସ୍ ତ୍ରିବେଦୀ ଶୁଣାଣିରୁ ଓହରିଗଲେ ତାହାର କାରଣ ଖଣ୍ଡପୀଠ ଜଣାଇନାହାନ୍ତି।



### ମୋଦିଙ୍କୁ ହତ୍ୟା ଆହ୍ୱାନ: କଂଗ୍ରେସ ନେତା ଗିରଫ

**ନୂଆଦିଲ୍ଲୀ,୧୩।୧୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା କରିବାକୁ ଆହ୍ୱାନ ଦେଇଥିବା ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ତଥା ଦଳର ରାଜ୍ୟ ଉପସଭାପତି ରାଜା ପଟେରିୟାଙ୍କୁ ମଙ୍ଗଳବାର ସକାଳେ ପନ୍ନା ପୋଲିସ ଗିରଫ କରିଛି। ତାଙ୍କ ଜାମିନ ଆବେଦନକୁ ଅଦାଲତ ଖାରଜ କରିଦେଇଥିଲେ। ସେ ମହାତ୍ମା ଗାନ୍ଧୀଙ୍କ ଅନୁଗାମୀ ଏବଂ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଦେଇ ନ ଥିବା ଅଦାଲତ ବାହାରେ ଗଣମାଧ୍ୟମକୁ ଜଣାଇଥିଲେ। ବିବାଦୀୟ ମନ୍ତବ୍ୟକୁ ନେଇ ବିଧାୟକ ପଟେରିୟା ସମାଲୋଚିତ ହୋଇଛନ୍ତି। କଂଗ୍ରେସରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ସଂସ୍କୃତି ସ୍ଥାନ ଫାସୀବାଦ ନେଲାଣି ବୋଲି ମଧ୍ୟପ୍ରଦେଶ ଗୃହମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି।

### ୫ ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟକୁ ପଦୋନ୍ନତି ସୁପାରିସ

**ନୂଆଦିଲ୍ଲୀ,୧୩।୧୨:** ସୁପ୍ରିମକୋର୍ଟ କଲେଜିୟମ୍ ବୈଠକ ମଙ୍ଗଳବାର ବସି ୫ ଜଣ ହାଇକୋର୍ଟ ବିଚାରପତିଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଦେବା ପାଇଁ ସୁପାରିସ କରାଯାଇଛି। ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ପଙ୍କଜ ମିଥାଲ, ପାଟନା ହାଇକୋର୍ଟ ମୁଖ୍ୟ ବିଚାରପତି ସଞ୍ଜୟ କାରୋଲ ଏବଂ ମଣିପୁର ହାଇକୋର୍ଟର ମୁଖ୍ୟ ବିଚାରପତି ପି.ଭି. ସଞ୍ଜୟ କୁମାରଙ୍କୁ ସର୍ବୋଚ୍ଚ ଅଦାଲତ ବିଚାରପତି ଭାବେ ପଦୋନ୍ନତି ପାଇଁ କଲେଜିୟମ ସୁପାରିସ କରିଛି। ଏହା ବ୍ୟତୀତ ପାଟନା ହାଇକୋର୍ଟ ବିଚାରପତି ଅସାନୁଦ୍ଦିନ ଅମନୁଲ୍ଲା ଏବଂ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ମନୋଜ ମିଶ୍ରାଙ୍କୁ ସୁପ୍ରିମକୋର୍ଟ ବିଚାରପତି ଭାବେ ପଦୋନ୍ନତି ଲାଗି ସୁପାରିସ କରାଯାଇଛି। ସୋମବାର ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଦୀପଙ୍କର ଦତ୍ତ ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଇଥିଲେ।

### ୩ ବର୍ଷରେ ୧୬ ଲକ୍ଷ ସାଇବର ଅପରାଧ

**ନୂଆଦିଲ୍ଲୀ,୧୩।୧୨(ପି.ଟି.):** ୨୦୨୦ରୁ ଇତିମଧ୍ୟରେ ଦେଶରେ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ସାଇବର ଅପରାଧ ଘଟିଥିବା ରିପୋର୍ଟ ହୋଇଛି। ସେଥିରୁ ୩୨,୦୦୦ରୁ ଅଧିକ ଘଟଣାରେ ଏତଲା ହୋଇଥିବା ମଙ୍ଗଳବାର ଲୋକ ସଭାରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ସୂଚନା ଦେଇଛନ୍ତି। ନ୍ୟାଶନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ସମସ୍ତ ପ୍ରକାର ସାଇବର ଅପରାଧକୁ ରିପୋର୍ଟିଂ କରୁଛି ଓ ସେଗୁଡ଼ିକୁ ସ୍ୱତଃ ସମ୍ପୃକ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାକୁ ଜଣାଇ ଦିଆଯାଉଛି ବୋଲି ଏକ ଲିଖିତ ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୮୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ଜାଲିଆତି କାରବାରକୁ ରୋକାଯାଇପାରିଥିବା ମନ୍ତ୍ରୀ କହିଛନ୍ତି। ସାଇବର ଅପରାଧ ନେଇ ଅନ୍‌ଲାଇନରେ ଅଭିଯୋଗ କରିବା ଲାଗି ନିଃଶୁଳ୍କ ହେଲ୍ପଲାଇନ ନମ୍ବର '୧୯୩୦' କାର୍ଯ୍ୟକାରୀ ହୋଇଛି।

# ପାର୍ଲାମେଣ୍ଟରେ ଚାଇନା ତାତି

**ନୂଆଦିଲ୍ଲୀ/ବେଜିଂ,୧୩।୧୨**

ଅରୁଣାଚଳ ପ୍ରଦେଶର ତୱାଙ୍ଗରେ ଭାରତ-ଚାଇନା ସୈନ୍ୟଙ୍କ ସଂଘର୍ଷ ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ମଙ୍ଗଳବାର ହଟ୍ଟଗୋଳ ହୋଇଛି। ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିକରି ବିରୋଧୀ ଦଳଗୁଡ଼ିକ ହୋହଲ୍ଲା କରିଥିଲେ। ଶେଷରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ବିବୃତି ରଖିଥିଲେ। ରାଜନାଥ କହିଥିଲେ, ଡିସେମ୍ବର ୯ରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ସୈନ୍ୟମାନେ ୟାଙ୍ଗ୍‌ସେରେ ଏକତରଫା ଭାବେ ସ୍ଥିତାବସ୍ଥା ପରିବର୍ତ୍ତନ ପାଇଁ ଉଦ୍ୟମ କରିଥିବାବେଳେ ଭାରତୀୟ ସେନା ଏହାକୁ ପଣ୍ଡ କରିଥିଲା। ଭାରତୀୟ କମାଣ୍ଡରମାନଙ୍କ ସମୟୋଚିତ ହସ୍ତକ୍ଷେପ ଫଳରେ ଚାଇନାର ସଶସ୍ତ୍ର ବଳ ବାଧ୍ୟହୋଇ ନିଜ ପଟକୁ ଫେରିଯାଇଥିଲେ। ଉଭୟ ପକ୍ଷ ହାତାହାତି ହୋଇଥିଲେ। ଏଥିରେ ଉଭୟ ପକ୍ଷଙ୍କ ଅଳ୍ପ କେତେଜଣ ସୈନ୍ୟ ଆହତ ହୋଇଛନ୍ତି। ଭାରତୀୟ ଯବାନଙ୍କ ମଧ୍ୟରୁ କାହାର ମୃତ୍ୟୁ ଘଟିନାହିଁ କି କେହି ଗୁରୁତର ଆହତ ହୋଇନାହାନ୍ତି। ଘଟଣାର ଦୁଇଦିନ ପରେ ଅର୍ଥାତ୍ ଡିସେମ୍ବର ୧୧ରେ ଏକ ଫ୍ଲାଗ୍ ମିଟିଂ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସ୍ଥାନୀୟ କମାଣ୍ଡରମାନେ ଚାଇନା ପ୍ରତିପକ୍ଷଙ୍କ ସହ ଏହି ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଏଭଳି କାର୍ଯ୍ୟକଳାପରୁ ନିବୃତ୍ତ ରହିବାକୁ ଚାଇନା ପକ୍ଷକୁ କୁହାଯାଇଛି। ସେହିପରି କୂଟନୈତିକ ସ୍ତରରେ ମଧ୍ୟ ବେଜିଂ ଆଗରେ ଏହି ପ୍ରସଙ୍ଗ ଉଠାଯାଇଥିବା ଉଭୟ ଗୃହକୁ ରାଜନାଥ ଅବଗତ କରାଇଛନ୍ତି। ଭାରତୀୟ ସୁରକ୍ଷା ବଳ ଦେଶର କ୍ଷେତ୍ରୀୟ ଅଖଣ୍ଡତାକୁ ସୁରକ୍ଷା ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆଗକୁ ଏପରି ଉଦ୍ୟମ ହେଲେ ତାକୁ ପ୍ରତିହତ କରାଯିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ ଆଶ୍ୱାସନା ଦେବା ସହ ଯବାନଙ୍କୁ ସମର୍ଥନ ଦେବାରେ ସମ୍ପୂର୍ଣ୍ଣ ଗୃହ ଛିଡ଼ାହେବ ବୋଲି ଆଶାବାଦୀ ଥିବା ରାଜନାଥ କହିଛନ୍ତି।

## କକ୍ଷତ୍ୟାଗ କଲେ ବିରୋଧୀ



**ସ୍ଥିତାବସ୍ଥା ପରିବର୍ତ୍ତନ ଉଦ୍ୟମ ପଣ୍ଡ କରିଛନ୍ତି ଯବାନ: ରାଜନାଥ ସିଂ**

ପ୍ରତିରକ୍ଷା ମନ୍ତ୍ରୀ ରାଜ୍ୟ ସଭାରେ ବିବୃତି ରଖିବାବେଳେ ଏଥିରେ ଅସନ୍ତୁଷ୍ଟ କଂଗ୍ରେସ ସ୍ପଷ୍ଟୀକରଣ ପାଇଁ ଅନୁମତି ମାଗିଥିଲା। ଅନୁମତି ନ ମିଳିବାରୁ କଂଗ୍ରେସ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। କଂଗ୍ରେସକୁ ସମର୍ଥନ କରି ସିପିଆଇ, ସିପିଆଇଏମ୍, ଶିବସେନା, ଆର୍‌ଜେଡି, ଏସ୍‌ପି ଏବଂ ଜେଏମ୍‌ଏମ୍ ସଦସ୍ୟମାନେ ମଧ୍ୟ କକ୍ଷତ୍ୟାଗ କରିଥିଲେ। ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ କହିଥିଲେ, ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ସ୍ପଷ୍ଟୀକରଣ ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଏହି ଅବସରରେ ସେ ଅତୀତର ଅନେକ ସମ୍ବେଦନଶୀଳ ପ୍ରସଙ୍ଗରେ ଗୃହ ଅନୁମତି ପ୍ରଦାନ କରି ନ ଥିବା ଦୃଷ୍ଟାନ୍ତ ଦେଇଥିଲେ। ଚାଇନାର ଅତିକ୍ରମଣ ପ୍ରସଙ୍ଗରେ ଗୃହରେ ବିତର୍କ ହେଉ ବୋଲି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ଦାବି କରିଥିଲେ। ସରକାର ସ୍ପଷ୍ଟୀକରଣ ଦେବାକୁ ମନା କରିବା ପରେ ଗୃହରେ ରହିବା ଅନାବଶ୍ୟକ ବୋଲି ଗଣମାଧ୍ୟମ ଆଗରେ ଖାର୍ଗେ ପ୍ରକାଶ କରିଥିଲେ। ତେବେ କଂଗ୍ରେସ ଭାରତୀୟ ସଶସ୍ତ୍ର ବଳ ସହ ରହିଛି ବୋଲି ସେ କହିଥିଲେ। ସେହିପରି ଆର୍‌ଜେଡି ଏମ୍‌ପି ମନୋଜ ଝା କହିଥିଲେ, ଉପାଧ୍ୟକ୍ଷ ଅନେକ ଦୃଷ୍ଟାନ୍ତ ଦେଇଛନ୍ତି। କିନ୍ତୁ ୧୯୬୨ରେ ପାର୍ଲାମେଣ୍ଟ ଅଧିବେଶନ ବେଳେ ଭାରତ-ଚାଇନା ସଂଘର୍ଷକୁ ନେଇ ବିତର୍କ ହୋଇଥିବା କଥା ସେ କିପରି ଭୁଲିଗଲେ।






ତୱାଙ୍ଗ ସଂଘର୍ଷକୁ ନେଇ ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗଙ୍କ ବିରୋଧରେ ଜମ୍ମୁରେ ବିକ୍ଷୋଭ।

### ୧୯୬୨ ସ୍ଥିତି ଆଉ ନାହିଁ: ଅରୁଣାଚଳ ମୁଖ୍ୟମନ୍ତ୍ରୀ



ଏବେ ଆଉ ୧୯୬୨ ଭଳି ସ୍ଥିତି ନାହିଁ। କେହି ଅତିକ୍ରମଣ ଉଦ୍ୟମ କଲେ ଆମ ଯବାନମାନେ ମୁହଁତୋଡ଼ ଜବାବ ଦେବେ ବୋଲି ମଙ୍ଗଳବାର ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖଣ୍ଡୁ ପ୍ରକାଶ କରିଛନ୍ତି। ଖଣ୍ଡୁ କହିଛନ୍ତି, ଭାରତୀୟ ଯବାନ ଓ ଚାଇନା ସୈନ୍ୟ ମୁହାଁମୁହିଁ ହୋଇଥିବା ୟାଙ୍ଗସେ ତାଙ୍କ ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଛି। ସେ ପ୍ରତିବର୍ଷ ଉକ୍ତ ଅଞ୍ଚଳକୁ ଯାଇ ଯବାନମାନଙ୍କୁ ଭେଟିଆସନ୍ତି। କେହି ଅନୁପ୍ରବେଶ ଉଦ୍ୟମ କଲେ ବୀର ଯବାନମାନେ ମୁହଁତୋଡ଼ ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ ଟ୍ୱିଟ୍ କରିଛନ୍ତି।

### ଚାଇନାଠୁ ପାଣ୍ଠି ନେଇଛି ଆର୍‌ଜିଏଫ୍: ଶାହା

ରାଜୀବ ଗାନ୍ଧୀ ଫାଉଣ୍ଡେଶନ (ଆର୍‌ଜିଏଫ୍) ଚାଇନା ଦୂତାବାସ ଓ ଇସ୍‌ଲାମୀୟ ବିଦ୍ୱାନ ଜାକିର ନାଏକଙ୍କଠାରୁ ଅନୁଦାନ ଗ୍ରହଣ କରିଥିବାରୁ ଏହାର ପଞ୍ଜୀକରଣ ରଦ୍ଦ କରାଯାଇଥିବା ମଙ୍ଗଳବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସୂଚନା ଦେଇଛନ୍ତି। ସଂସଦ ବାହାରେ ଶାହା କହିଛନ୍ତି, ତୱାଙ୍ଗ ସଂଘର୍ଷ ଉପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବିବୃତି ରଖୁଥିବାବେଳେ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ ଲୋକ ସଭାରେ ଶୂନ୍ୟକାଳ ବେଳେ ହଟ୍ଟଗୋଳ କରିଛନ୍ତି। ୨୦୦୫-୦୭ରେ ଆର୍‌ଜିଏଫ୍ ଚାଇନା ଦୂତାବାସଠୁ ୧.୩୫ କୋଟି ଟଙ୍କା ନେଇଥିଲା। ସେହିପରି ୨୦୧୧ ଜୁଲାଇରେ ଜାକିର ନାଏକଙ୍କ ସଂସ୍ଥାଠାରୁ ମଧ୍ୟ ରାଜୀବ ଗାନ୍ଧୀ ଚାରିଟେବୁଲ୍ ଟ୍ରଷ୍ଟ ୫୦ ଲକ୍ଷ ଟଙ୍କା ଗ୍ରହଣ କରିଥିଲା। ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ ଅନୁସାରେ ଏହାର ପଞ୍ଜୀକରଣ ରଦ୍ଦ ଉପରେ ପ୍ରଶ୍ନ ଏଡ଼ାଇବା ପାଇଁ କଂଗ୍ରେସ ପାର୍ଲାମେଣ୍ଟରେ ସୀମା ପ୍ରସଙ୍ଗ ଉଠାଇଛି। ପ୍ରଶ୍ନ ନମ୍ବର ୫ ଦେଖିବା ପରେ ସେ ଏକଥା ଜାଣିବାକୁ ପାଇଛନ୍ତି। ଏହି ଟଙ୍କା କେଉଁ କାର୍ଯ୍ୟରେ ବିନିଯୋଗ କରାଯାଇଛି



**ମୋଦି ସରକାର ଥିବା ଯାଏ କେହି ଭାରତର ୧ ଇଞ୍ଚ ଜାଗା ବି ନେଇପାରିବେ ନାହିଁ**

କଂଗ୍ରେସ ତା'ର ଉତ୍ତର ଦେଉ ବୋଲି ଶାହା କହିଛନ୍ତି। ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଚାଇନା ପ୍ରୀତି ଯୋଗୁ ଭାରତ ଜାତିସଂଘ ସୁରକ୍ଷା ପରିଷଦରେ ସଦସ୍ୟତା ପାଇବାରୁ ବଞ୍ଚିତ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର କ୍ଷମତାରେ ଥିବା ପର୍ଯ୍ୟନ୍ତ କେହି ଭାରତର ୧ ଇଞ୍ଚ ଜାଗା ବି ନେଇପାରିବେ ନାହିଁ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ସବୁକିଛିକୁ ଖଣ୍ଡନ କରିବା ହେଉଛି ଏହି ସରକାରର କୂଟନୀତି। ଶିବସେନା ସଦସ୍ୟ ପ୍ରିୟଙ୍କା ଚତୁର୍ବେଦୀ କହିଥିଲେ, ଏମ୍‌ପିମାନଙ୍କୁ ସେମାନଙ୍କ ସଂସଦୀୟ ଅଗ୍ରାଧିକାରରୁ ବଞ୍ଚିତ କରାଯାଇଛି। ଏଆଇଏମ୍‌ଆଇଏମ୍ ମୁଖ୍ୟ ଅସାଦୁଦ୍ଦିନ୍ ଓୱାଇସି କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚାଇନା ପ୍ରସଙ୍ଗକୁ ନେଇ ଭୟଭୀତ। ସରକାର ମିଛ କହୁଛନ୍ତି।

## କୁନ୍ଦ୍ରା, ପୁନମ୍, ଶେର୍ଲିନଙ୍କୁ ଜାମିନ

**ନୂଆଦିଲ୍ଲୀ,୧୩।୧୨**

**ପର୍ନୋଗ୍ରାଫି ମାମଲା**

ପର୍ନୋଗ୍ରାଫି ମାମଲାରେ ରାଜ କୁନ୍ଦ୍ରା, ପୁନମ ପାଣ୍ଡେ ଏବଂ ଶେର୍ଲିନ୍ ଚୋପ୍ରାଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ଆଗୁଆ ଜାମିନ ପ୍ରଦାନ କରିଛନ୍ତି। ଅଶ୍ଳୀଳ ଭିଡିଓ ପ୍ରସ୍ତୁତି ଓ ପ୍ରସାରଣ ଅଭିଯୋଗରେ ସେମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିଲା। ଆବେଦନକାରୀମାନଙ୍କ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଜଷ୍ଟିସ୍ କେ.ଏମ୍. ଯୋଶେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଅନ୍ତରୀଣ ଜାମିନ ଦେବା ଲାଗି ରାଜି ହୋଇଥିଲେ। ପୂର୍ବରୁ ଆଗୁଆ ଜାମିନ ପାଇଁ ରାଜ କୁନ୍ଦ୍ରାଙ୍କ ଆବେଦନକୁ ବମ୍ବେ ହାଇକୋର୍ଟ ଖାରଜ କରିଦେଇଥିଲେ।



ରାଜ କୁନ୍ଦ୍ରା

କୁନ୍ଦ୍ରା ଅଶ୍ଳୀଳ ଭିଡିଓ ପ୍ରସ୍ତୁତ କରି ସେଗୁଡ଼ିକୁ ଷ୍ଟ୍ରିମିଂ ପ୍ଲାଟ୍‌ଫର୍ମରେ ଯୋଗାଇଦେଉଥିବା ନେଇ ମହାରାଷ୍ଟ୍ର ସାଇବର ପୋଲିସ ଚାର୍ଜଶିଟ୍ ଦାଖଲ କରିଥିଲା।

### ପୋଲିସ ସହ ବୋଲ୍‌ସୋନାରୋ ସମର୍ଥକଙ୍କ ସଂଘର୍ଷ

**ରିଓ ଡି ଜେନେରୋ,୧୩।୧୨**

ବ୍ରାଜିଲ ରାଜଧାନୀ ବ୍ରାସିଲିଆରେ ରାଷ୍ଟ୍ରପତି ଜୈର ବୋଲ୍‌ସୋନାରୋଙ୍କ ସମର୍ଥକ ଓ ପୋଲିସ ମଧ୍ୟରେ ସୋମବାର ସଂଘର୍ଷ ଘଟିଛି। ସମର୍ଥକମାନେ ଅନେକ ଗାଡ଼ି ପୋଡ଼ିଦେବା ସହ ସଂଘୀୟ ପୋଲିସ ମୁଖ୍ୟାଳୟରେ ପ୍ରବେଶ କରିବାକୁ ଉଦ୍ୟମ କରିଥିଲେ। ସଂଘର୍ଷର କାରଣ ସ୍ପଷ୍ଟ ହୋଇ ନାହିଁ। ଅକ୍ଟୋବର ୩୦ ନିର୍ବାଚନରେ ବୋଲ୍‌ସୋନାରୋ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଡା ସିଲ୍‌ଭାଙ୍କଠାରୁ ହାରିଯାଇଥିଲେ। ତାଙ୍କ ସମର୍ଥକମାନେ ଏହି ପରାଜୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି।

## କୁଳାଧିପତି ପଦରୁ ହଟିବେ ରାଜ୍ୟପାଳ

**ଥିରୁଭାନନ୍ତପୁରମ୍ ,୧୩।୧୨**

ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକର କୁଳାଧିପତି ପଦରୁ ରାଜ୍ୟପାଳଙ୍କୁ ହଟାଇବା ଲାଗି କେରଳ ବିଧାନସଭାରେ ମଙ୍ଗଳବାର ବିଲ୍ ଗୃହୀତ ହୋଇଛି। ଏହି ପଦବୀରେ ଖ୍ୟାତନାମା ଶିକ୍ଷାବିତ୍‌ଙ୍କୁ ନିଯୁକ୍ତ କରାଯିବ। ବିଲ୍‌ର ପ୍ରସ୍ତାବଗୁଡ଼ିକୁ ଅଗ୍ରାହ୍ୟ କରି ୟୁଡିଏଫ୍ କକ୍ଷତ୍ୟାଗ କରିଥିଲା। ଦୀର୍ଘ ସମୟର ଆଲୋଚନା ପରେ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ବିଲ୍ ଗୃହୀତ ହୋଇଛି। ରାଜ୍ୟପାଳଙ୍କୁ କୁଳାଧିପତି ପଦରୁ ହଟାଇବାକୁ ଆମେ

**କେରଳ ବିଧାନସଭାରେ ବିଲ୍ ଗୃହୀତ**

ବିରୋଧ କରୁନାହୁଁ ବୋଲି କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍ କହିବା ସହ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଏବଂ କେରଳ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତିଙ୍କୁ ଏହି ପଦବୀ ନିମନ୍ତେ ଚୟନ କରାଯିବାକୁ ପ୍ରସ୍ତାବ ଦେଇଥିଲା। ପ୍ରତି ବିଶ୍ୱବିଦ୍ୟାଳୟ ପାଇଁ ଅଲଗା କୁଳାଧିପତି ନିଯୁକ୍ତ ହେବା ଆବଶ୍ୟକ ନାହିଁ। ଚୟନ କମିଟିରେ ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ କେରଳ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ରଖିବାକୁ ବିରୋଧୀ ଦଳ ପ୍ରସ୍ତାବ ଦେଇଥିଲା। ବିଚାରପତିଙ୍କ ଅପେକ୍ଷା ବାଚସ୍ପତି କମିଟିରେ ରହିବା ଭଲ ହେବ ବୋଲି ରାଜ୍ୟ ଆଇନମନ୍ତ୍ରୀ ପି. ରାଜୀବ କହିଥିଲେ। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ରାଜ୍ୟପାଳ ଆରିଫ ମହମ୍ମଦ ଖାନ୍ ଏବଂ ପିନାରାୟୀ ବିଜୟନ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହିବା ପରେ ବିଶ୍ୱବିଦ୍ୟାଳୟ ଆଇନ (ସଂଶୋଧନ) ବିଲ୍ ଅଣାଯାଇଥିଲା।

# ଷ୍ଟାନ୍ ସ୍ୱାମୀଙ୍କ କମ୍ପ୍ୟୁଟରରେ ପ୍ରମାଣ ଖଞ୍ଜାଯାଇଥିଲା

**ନୂଆଦିଲ୍ଲୀ,୧୩।୧୨**

୨୦୨୦ରେ ମାଓବାଦୀଙ୍କ ସହ ସମ୍ପୃକ୍ତ ମାମଲାରେ ଗିରଫ ହୋଇ ଗତବର୍ଷ ଜେଲରେ ପ୍ରାଣ ହରାଇଥିବା ୮୩ ବର୍ଷୀୟ ସାମାଜିକ କର୍ମୀ ତଥା କାଥୋଲିକ୍ ଧର୍ମଗୁରୁ ଫାଦର ଷ୍ଟାନ୍ ସ୍ୱାମୀଙ୍କ କମ୍ପ୍ୟୁଟରରେ ଅନେକ ଆପରାଧିକ ଦସ୍ତାବିଜ୍ ଖଞ୍ଜାଯାଇଥିଲା। ଆମେରିକାର ଏକ ଫୋରେନ୍‌ସିକ୍ ସଂସ୍ଥା ଏଭଳି ରିପୋର୍ଟ କରିବା ପରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)ର ଅଭିଯୋଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଷ୍ଟାନ୍ ସ୍ୱାମୀ କୋର୍ଟରେ ଅନେକ ଥର ନିଜକୁ ନିର୍ଦ୍ଦୋଷ ଦାବି କରି ଚିକିତ୍ସା ପାଇଁ ଅନୁମତି ଦେବାକୁ ନିବେଦନ କରିଥିଲେ ମଧ୍ୟ ଭାରତୀୟ ଅଦାଲତ ତାଙ୍କୁ ଜାମିନ ଦେଇ ନ ଥିଲେ। ଫଳରେ ଆତଙ୍କବାଦ ଅଭିଯୋଗରେ ୮ ମାସ ଜେଲରେ ରହିବା ପରେ ୨୦୨୧ ଜୁଲାଇରେ ତାଙ୍କର ମୃତ୍ୟୁ ଘଟିଥିଲା।



ମାସାଚୁସେଟ୍ସର ଡିଜିଟାଲ ଫୋରେନ୍‌ସିକ୍ ସଂସ୍ଥା ଆର୍ସେନାଲ କନ୍‌ସଲ୍ଟିଂ ତାଙ୍କ କମ୍ପ୍ୟୁଟରର ଏକ ଇଲେକ୍ଟ୍ରୋନିକ୍ କପିକୁ ଯାଞ୍ଚ କରିଥିଲେ। ହ୍ୟାକରମାନେ ତାଙ୍କ କମ୍ପ୍ୟୁଟରରୁ ହ୍ୟାକ୍ କରିବା ପରେ ସେଥିରେ ପ୍ରମାଣ ଖଞ୍ଜିଥିଲେ ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ସିଭିଲ୍ ସୋସାଇଟି ଏବଂ ସମାଲୋଚକମାନଙ୍କ ମୁହଁ ବନ୍ଦ କରିଦେବା ଲାଗି ଭାରତ ସରକାର ଯେଉଁ ଦମନଲୀଳା ଚଳାଇଛନ୍ତି, ଷ୍ଟାନ୍ ସ୍ୱାମୀ ଓ ତାଙ୍କ ସହଯୋଗୀମାନଙ୍କ

**ଆମେରିକା ଫୋରେନ୍‌ସିକ ସଂସ୍ଥା ରିପୋର୍ଟ**

ବିରୋଧରେ କାର୍ଯ୍ୟାନୁଷ୍ଠାନ ତାହାର ଏକ ଉଦାହରଣ ବୋଲି ଉକ୍ତ ସଂସ୍ଥା ରିପୋର୍ଟରେ କୁହାଯାଇଛି। ବେଆଇନ ମାଓବାଦୀ ସଂଗଠନ ସହ ସମ୍ପର୍କ ରଖିବା ଅଭିଯୋଗରେ ଅନେକ ସାମାଜିକ କର୍ମୀ, ଶିକ୍ଷାବିତ୍ ଓ ଆଇନଜୀବୀଙ୍କୁ ଆତଙ୍କବାଦ ନିରୋଧୀ ଆଇନରେ ଜେଲ ପଠାଯାଇଥିଲା। ନରେନ୍ଦ୍ର ମୋଦି ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ସେମାନେ ଯୋଜନା କରୁଥିବା ଅଭିଯୋଗ ହୋଇଥିଲା ଏବଂ ପ୍ରମାଣକୁ କମ୍ପ୍ୟୁଟରରେ ଖଞ୍ଜା ଯାଇଥିଲା ବୋଲି ନୂଆ ରିପୋର୍ଟରେ କୁହାଯାଇଛି।

ଅନ୍ୟୁନ ୨ ଜଣ ଅଭିଯୁକ୍ତଙ୍କ କମ୍ପ୍ୟୁଟରରେ ହ୍ୟାକରମାନେ ଜାଲିଆତି କରି ବହୁସଂଖ୍ୟାରେ ଆପରାଧିକ ଦସ୍ତାବିଜ୍ ଭରିଥିଲେ ବୋଲି ୨୦୨୧ରେ ୱାଶିଂଟନ ପୋଷ୍ଟ ଖବର ପ୍ରକାଶ କରିଥିଲା। ଉକ୍ତ ମାଲୱେରରେ ଅନେକଙ୍କୁ ଟାର୍ଗେଟ କରାଯାଇଥିଲା। ଇସ୍ରାଏଲ୍‌ର ଏନ୍‌ଏସ୍‌ଓ ଗ୍ରୁପ୍ ବିଭିନ୍ନ ସରକାର ଓ ସେମାନଙ୍କ ସଂସ୍ଥାକୁ ଯୋଗାଇଥିବା ସ୍ପାଏୱେର୍‌ରେ ଉକ୍ତ ଅଭିଯୁକ୍ତମାନଙ୍କ ସମେତ ଅନେକଙ୍କୁ ଗୋଇନ୍ଦା ଟାର୍ଗେଟରେ ରଖାଯାଇଥିବା ପେଗାସସ୍ ପ୍ରୋଜେକ୍ଟ ତଦନ୍ତରୁ ଜଣାପଡ଼ିଥିଲା। ୱାଶିଂଟନ ପୋଷ୍ଟ ଓ ଅନ୍ୟ ୧୬ଟି ନ୍ୟୁଜ୍ ସଂସ୍ଥା ପକ୍ଷରୁ ଏହି ତଦନ୍ତ କରାଯାଇଥିଲା। ତେବେ ଏନ୍‌ଏସ୍‌ଓରୁ ସ୍ପାଏୱେର କିଣିଥିବା ଅଭିଯୋଗକୁ ଭାରତ ସରକାର ସ୍ପଷ୍ଟ କରି ନ ଥିଲେ କି ଖଣ୍ଡନ କରି ନ ଥିଲେ। ମୋଦି ସରକାରରେ ମାନବାଧିକାର ପାଇଁ ଲଢ଼େଇ କରୁଥିବା ଲୋକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ଏହା ଭୟଙ୍କର ଉଦାହରଣ ବୋଲି ସିଭିଲ୍ ସୋସାଇଟି ସଂଗଠନଗୁଡ଼ିକ କହିଛନ୍ତି।

### ନଭଲଖାଙ୍କ ଗୃହବନ୍ଦୀ ମିଆଦ ବଢ଼ିଲା

**ନୂଆଦିଲ୍ଲୀ,୧୩।୧୨**

**ଏଲ୍‌ଗାର ପରିଷଦ ମାମଲା**

ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ସାମାଜିକ କର୍ମୀ ଗୌତମ ନଭଲଖାଙ୍କ ଗୃହବନ୍ଦୀ ସମୟ ସୀମାକୁ ସୁପ୍ରିମକୋର୍ଟ ଜାନୁୟାରୀ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ମଙ୍ଗଳବାର ଜଷ୍ଟିସ୍ କେ.ଏମ୍. ଜୋସେଫ ଏବଂ ବି.ଭି. ନାଗରତ୍ନାଙ୍କ ଖଣ୍ଡପୀଠ ଉପରୋକ୍ତ ରାୟ ଦେଇଛନ୍ତି। ମୁମ୍ବାଇର ତାଲୋଜା ଜେଲ୍‌ରେ ଥିବା ନଭଲଖାଙ୍କ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଗୃହବନ୍ଦୀ ରହିବା ଲାଗି ଗତ ନଭେମ୍ବର ୧୮ରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ଡିସେମ୍ବର ୩୧ରେ ପୁଣେରେ ଅନୁଷ୍ଠିତ ଏଲ୍‌ଗାର ପରିଷଦ ସମ୍ମିଳନୀରେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେବା ଅଭିଯୋଗରେ ନଭଲଖାଙ୍କୁ ଗିରଫ କରାଯାଇଥିଲା।



ଗୌତମ ନଭଲଖା

# ମେଧାବୃତ୍ତି, ସୋଲାର ନାଁରେ ୪ କୋଟି ଠକେଇ

## ବାସ୍ତବ ଇଣ୍ଡିଆ ଟ୍ରଷ୍ଟ ସଭାପତି, ସମ୍ପାଦକ ରାଞ୍ଚିରୁ ଗିରଫ

- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣିଲା ଇଓଡବ୍ଲ୍ୟୁ
- ସାରା ଦେଶକୁ ବ୍ୟାପିଛି ଠକେଇ ଚେର

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ଛାତ୍ରୀଛାତ୍ରଙ୍କୁ ପ୍ରି-ମାଟ୍ରିକ ସ୍କଲାରଶିପ୍ (ମେଧାବୃତ୍ତି) ଓ ବିଭିନ୍ନ ଲୋକଙ୍କୁ ସୋଲାର ସଚେତନତା କାର୍ଯ୍ୟକ୍ରମ ଜରିଆରେ ଏଲ୍ଇଡି ବଲ୍ବ ଯୋଗାଇବା ଆଳରେ ଏକ ସଂସ୍ଥା ଓଡ଼ିଶାର ବିଭିନ୍ନ ଲୋକଙ୍କୁ ଫସାଇ ପ୍ରାୟ ୪ କୋଟି ଟଙ୍କା ଠକି ନେଇଛି। ଏହି ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ତଦନ୍ତ କରି ଦୃଢ଼ ପଦକ୍ଷେପ ଗ୍ରହଣ କରିଛି। ଇଓଡବ୍ଲ୍ୟୁ ଝାଡ଼ଖଣ୍ଡ ରାଞ୍ଚିରୁ ଠକେଇ ସଂସ୍ଥା 'ବାସ୍ତବ ଇଣ୍ଡିଆ ଟ୍ରଷ୍ଟ'ର ସଭାପତି ତନ୍ବିର୍ ନାଜିର୍ ଓ ସମ୍ପାଦକ ଅବଦୁଲ ହାସନାଇନ୍ଙ୍କୁ ଗିରଫ କରିଛି। ଗତ ରବିବାର ଉଭୟଙ୍କୁ ଗିରଫ ପରେ ରାଞ୍ଚି ଜେଏମ୍ଏଫ୍ସି କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରୁ ଇଓଡବ୍ଲ୍ୟୁ ଅଭିଯୁକ୍ତଦ୍ୱୟଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆଣି ମଙ୍ଗଳବାର କଟକ ଓପିଆଇଡି କୋର୍ଟକୁ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଇଓଡବ୍ଲ୍ୟୁ ପକ୍ଷରୁ କୁହାଯାଇଛି। ଅଭିଯୁକ୍ତମାନେ 'ବାସ୍ତବ ଇଣ୍ଡିଆ ଟ୍ରଷ୍ଟ' ନାଁରେ ଭୁବନେଶ୍ୱର ପଳାଶୁଣୀରେ ୨୦୨୨ ମାର୍ଚ୍ଚରେ ଅଫିସ ଖୋଲିଥିଲେ। ଏଥିସହ



ଗିରଫ ଅଭିଯୁକ୍ତ

ସେମାନେ ଉକ୍ତ ଟ୍ରଷ୍ଟରେ ସୁନ୍ଦରଗଡ଼, ଭଦ୍ରକ, ନବରଙ୍ଗପୁର, କନ୍ଧମାଳ, ନୟାଗଡ଼, ମୟୂରଭଞ୍ଜ, ବାଲେଶ୍ୱର, ବଲାଙ୍ଗୀର, ଢେଙ୍କାନାଳ ଆଦି ଜିଲାରେ ଡିଷ୍ଟ୍ରିକ୍ଟ ଓ ବ୍ଲକ୍ କୋର୍ଡିନେଟର ଭାବେ ବହୁ ଲୋକଙ୍କୁ ନିଯୁକ୍ତି ଦେଇଥିଲେ। ପରବର୍ତ୍ତୀ ସମୟରେ ଉକ୍ତ କର୍ମଚାରୀଙ୍କ ମାଧ୍ୟମରେ ୨ଟି କାର୍ଯ୍ୟକ୍ରମ କରିଥିଲେ। ସେମାନେ 'ସୋଲାର୍ ଆୱାର୍ନେସ' ଓ 'ଛୁଲୋ ଆସ୍ମାନ୍' ନାମରେ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ କ୍ୟାମ୍ପେନ କରି ଠକେଇ ଆରମ୍ଭ କରିଥିଲେ। ଅଭିଯୁକ୍ତମାନେ 'ସୋଲାର୍ ଆୱାର୍ନେସ' ଜରିଆରେ ମାଗଣାରେ ଏଲ୍ଇଡି ବଲ୍ବ ଯୋଗାଇଦେବାକୁ କହି ଲୋକଙ୍କଠାରୁ ମେମ୍ବରଶିପ୍ ଫି' ବାବଦକୁ ୧୬୫୦ଟଙ୍କା ଲେଖାଏ ନେଇଥିଲେ। ସେହିପରି ଛୁଲୋ ଆସମାନ୍' ନାମରେ ପ୍ରି-ମାଟ୍ରିକ୍ ସ୍କଲାରଶିପ୍ କ୍ୟାମ୍ପେନ କରି ଅଭିଭାବକଙ୍କୁ ଫସାଇ ୩ ହଜାର ଟଙ୍କାରେ ମେମ୍ବରସିପ୍ କରାଇଥିଲେ। ଏହା ପରିବର୍ତ୍ତେ ୨୪ ମାସ ପାଇଁ ସେମାନଙ୍କ ପିଲାମାନଙ୍କୁ ମାସକୁ ୧ ହଜାର ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ବିଶ୍ୱାସ ଜନ୍ମାଇବା ପାଇଁ ୧୦୦ ଜଣ ପିଲାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ହଜାର ଟଙ୍କା ପଠାଇଥିଲେ। ଏହିପରି ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ୩୫୦୦ ଲୋକଙ୍କଠାରୁ ମୋଟ ୪ କୋଟି ଟଙ୍କା ଠକି ନେଇଥିବା ଇଓଡବ୍ଲ୍ୟୁ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହାପରେ ଗତ ନଭେମ୍ବର ୩୦ରେ ଏକ ମାମଲା (ନଂ.୨୧/୨୦୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇଓଡବ୍ଲ୍ୟୁ ଏସ୍ପି ଦିଲୀପ ତ୍ରିପାଠୀ କହିଛନ୍ତି, ଏହି ସଂସ୍ଥା ଝାଡ଼ଖଣ୍ଡ, ଦିଲ୍ଲୀ, ବିହାର ଆଦି ରାଜ୍ୟରେ ମଧ୍ୟ ଏହିପରି ଠକେଇ କରିଛନ୍ତି। ଏନେଇ ଉକ୍ତ ରାଜ୍ୟର ପୋଲିସକୁ ଜଣାଇଦିଆଯାଇଛି ବୋଲି ସେ କହିଛନ୍ତି।

# ପିଆର୍ଏମ୍ ମେଡିକାଲ ଡାକ୍ତର ଗିରଫ

## ଚିକିତ୍ସା ଆଳରେ ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ବାରିପଦା ଅଫିସ,୧୩।୧୨**

ଚିକିତ୍ସା ପାଇଁ ଆସିଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ମୟୂରଭଞ୍ଜ ଜିଲା ବାରିପଦା ସ୍ଥିତ ପିଆର୍ଏମ୍ ମେଡିକାଲ କଲେଜ ଓ ଡାକ୍ତରଖାନାର ଶିଶୁରୋଗ ବିଶେଷଜ୍ଞ ଡା.ସୌରଭ ଉପାଧ୍ୟାୟଙ୍କୁ ପୋଲିସ ଗିରଫ କରିଛି। ନାବାଳିକାଙ୍କ ମା'ଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୩-ଏସ୍ସି /ଏସ୍ଟି ଓ ପୋକ୍ସୋ ଆକ୍ଟରେ ଏକ ମାମଲା(ନଂ.୧୦୬୭/୨୨) ରୁଜୁକରି ମଙ୍ଗଳବାର ସମ୍ପୃକ୍ତ ଡାକ୍ତରଙ୍କୁ କୋର୍ଟଚାଲାଣ କରିଛି। ପୀଡ଼ିତା ଓ ଅଭିଯୋଗକାରୀଙ୍କ ବୟାନ ରେକର୍ଡ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବଡ଼ସାହି ଥାନା ଅଞ୍ଚଳର ଜଣେ ୧୨ବର୍ଷର ଛାତ୍ରୀ ବାରିପଦା ଉପକଣ୍ଠ ଏକ ଆଶ୍ରମ ବିଦ୍ୟାଳୟରେ ରହି ପାଠ ପଢୁଥିଲେ। ସୋମବାର ଛାତି ଓ ପେଟରେ ଯନ୍ତ୍ରଣା ହେବାରୁ ସ୍କୁଲ କର୍ତ୍ତୃପକ୍ଷ ତାଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରେ ଛାତ୍ରୀନିବାସର ୱାର୍ଡେନ ଓ ଛାତ୍ରୀଙ୍କ ମା' ନାବାଳିକାଙ୍କୁ ପିଆର୍ଏମ୍ ମେଡିକାଲର ମହିଳା ଓ ଶିଶୁ ବିଭାଗ ୱାର୍ଡରେ ଭର୍ତ୍ତି କରିଥିଲେ। ରାତି ୧୦ଟା ସମୟରେ ଡ୍ୟୁଟିରେ ଥିବା ଶିଶୁରୋଗ ବିଶେଷଜ୍ଞ ଡା.ଉପାଧ୍ୟାୟ ନାବାଳିକାଙ୍କୁ ତାଙ୍କ ଚାମ୍ବରକୁ ଡାକି ସ୍ୱାସ୍ଥ୍ୟ ପରୀକ୍ଷା ଆରମ୍ଭ କରିଥିଲେ। ଏହି ସମୟରେ ୱାର୍ଡେନ ଓ ଛାତ୍ରୀଙ୍କ ମା'ଙ୍କୁ ସେଠାରୁ ବାହାର କରି ଦେଇଥିଲେ। ଡାକ୍ତର କବାଟ ବନ୍ଦ କରି ଛାତ୍ରୀଙ୍କ ସମ୍ବେଦନଶୀଳ ସ୍ଥାନରେ ହାତ ମାରିବାରୁ ଚିତ୍କାର କରି ଛାତ୍ରୀ ଜଣକ ବାହାରକୁ ଆସି ମା'ଙ୍କୁ ଜଣାଇଥିଲେ। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ବୁଝାଶୁଝା କରିଥିଲା। ତେବେ ଏହି ଅଭିଯୋଗକୁ ଡା.ଉପାଧ୍ୟାୟ ଖଣ୍ଡନ କରିଛନ୍ତି। ସେ ନାବାଳିକାଙ୍କ ପ୍ରତି କୌଣସି ଅସଦାଚରଣ କରି ନ ଥିବା ବେଳେ କେବଳ ପରୀକ୍ଷା ନିରୀକ୍ଷା କରିଛନ୍ତି। ଡାକ୍ତର କର୍ତ୍ତବ୍ୟ ପାଳନ କରିବା ପରେ ଏଭଳି ଅଭିଯୋଗ ମୂଲ୍ୟହୀନ ବୋଲି ସେ କହିଛନ୍ତି। ବାରିପଦା ସଦର ଏସ୍ଡିପିଓ ପ୍ରକାଶ ଜେମସ୍ ଟପ୍ପୋ ମାମଲାର ତଦନ୍ତ ଭାର ଗ୍ରହଣ କରିଛନ୍ତି।

# ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ରାଜ୍ୟ ସରକାର ବରିଷ୍ଠ ଓଏଏସ୍ ଅଫିସର ସ୍ତରରେ ଅଦଳବଦଳ କରିଛନ୍ତି । ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଶକ୍ତି ବିଭାଗର ସ୍ୱତନ୍ତ୍ର ସଚିବ ତଥା ଓଏଏସ୍ ଅଫିସର ସୁରଥ ଚନ୍ଦ୍ର ମଲ୍ଲିକଙ୍କୁ ଅତିରିକ୍ତ ଜେଲ୍ ଆଇଜି ଭାବେ ବଦଳି କରାଯାଇଛି। ସେହିପରି ଅତିରିକ୍ତ ଜେଲ୍ ଆଇଜି ଥିବା ବରିଷ୍ଠ ଓଏଏସ୍ ଅଫିସର ସୀତାରାମ ପଟେଲଙ୍କୁ ସମ୍ବଲପୁରସ୍ଥିତ ବନ୍ଦୋବସ୍ତ ଓ ଚକବନ୍ଦୀ ଅତିରିକ୍ତ କମିଶନର ଭାବେ ବଦଳି କରାଯାଇଥିବା ବେଳେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ମନୋଜ କୁମାର ପାଢ଼ୀଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ସେ ଅତିରିକ୍ତ ଭାବେ ଟିଚର୍ସ ଟ୍ରେନିଂ ଆଣ୍ଡ ଏସ୍ସିଇଆରଟି ନିର୍ଦ୍ଦେଶକ ଭାବେ ମଧ୍ୟ କାର୍ଯ୍ୟ କରିବେ। ସେହିପରି ବରିଷ୍ଠ ଓଏଏସ୍ ଅଫିସର ବିରଞ୍ଚି ନାରାୟଣ ଦରୱାନଙ୍କୁ କଳାହାଣ୍ଡି ଜିଲା ପରିଷଦ ଅତିରିକ୍ତ ଏକ୍ଜିକ୍ୟୁଟିଭ ଅଫିସର ଭାବେ ବଦଳି କରାଯାଇଥିବା ବେଳେ ଜମନକିରା ତହସିଲଦାର ଟୁନା ମେହେରଙ୍କୁ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଆଇଟିଡିଏ ପ୍ରକଳ୍ପ ଅଧିକାରୀ, ସଇଁତଳା ତହସିଲଦାର ସୁରେନ୍ଦ୍ର ମେହେରଙ୍କୁ ସୁନ୍ଦରଗଡ଼ ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, ମାଲକାନଗିରି ଉପଜିଲାପାଳ ରାଖାଲ ଚନ୍ଦ୍ର ପରିଡ଼ାଙ୍କୁ ବାରିପଦା ମ୍ୟୁନିସିପାଲିଟିର ଏକ୍ଜିକ୍ୟୁଟିଭ ଅଫିସର ଏବଂ ନିଆଳି ବିଡିଓ ଅଶୋକ କୁମାର ଲେଙ୍କାଙ୍କୁ ଭୁବନେଶ୍ୱର ମହାନଗର ନିଗମର ଡେପୁଟି କମିଶନର ଭାବେ ବଦଳି କରାଯାଇଛି।

# ଶିଶୁ ମୃତ୍ୟୁ ଘଟଣାରେ କନଷ୍ଟେବଲ ଗିରଫ

**କେନ୍ଦୁଝର,୧୩।୧୨(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ରାଇସୁଆଁ ଗ୍ରାମରେ ବୋଲେଇ ଧକ୍କାରେ ଶିଶୁ ମୃତ୍ୟୁ ଘଟଣାରେ ପୋଲିସ ଚାଳକ କନଷ୍ଟେବଲଙ୍କୁ ଗିରଫ କରିଛି। ଗିରଫ କନେଷ୍ଟବଲଙ୍କ ନାମ ଜ୍ଞାନରଞ୍ଜନ ସାହୁ ବୋଲି ଜଣାପଡ଼ିଛି। ଗାଡ଼ି ଚଳାଇବା ଶିଖୁଥିବା ବେଳେ ସ୍କୁଟିକୁ ଧକ୍କା ଦେଇଥିଲେ। ଘଟଣାରେ ଶିଶୁ ପୁତ୍ର ଅନିକେତ ମନ୍ତ୍ରୀ (୨)ଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ପୋଲିସ କେସ ନଂ. ୫୦୪/୨୦୨୨ରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟଚାଲାଣ କରିଥିବା ଏସ୍ଆଇ କେଶବ ବାଗ ସୂଚନା ଦେଇଛନ୍ତି।






# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୋତେ ନ ଅଣ୍ଟେ ସାତ ସାଇ ଗୋବର**
**ପଡ଼ିଶା ଘରକୁ ଦେଉଛି ବଡ଼ି ମହୁରା।**

ନିଜକୁ ଅଣ୍ଟୁନି ବୋଲି ଚାରିଆଡୁ ବିଷ୍ଠା ଗୋବର ଭଳି କିଛି ନ ମାନି ଯାହିତାହି ଯା' ପାଉଛି ଆଣୁଛି। କିନ୍ତୁ ମୁଁ ବଡ଼ଲୋକ, ଭଲରେ ଚଳୁଛି ଦେଖେଇ ହବା ପାଇଁ ସାଇ ପଡ଼ିଶାରେ ନ' ତୁଣ ଛ' ଭଜା କରି ବାଣ୍ଟିବା କଥା। ତୁଚ୍ଛାଟାରେ ନିଜର ବଡ଼ଲୋକି ଅନ୍ୟ ଆଗରେ ଜାହିର କରୁଥିବା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମାଳି ଠକ୍ ଠକ୍ ଭଜନ ଟାଣ,**
**ଭୋକ କଲେ ଭାତ ପାଖକୁ ଆଣ।**

ନାମକୁ ମାତ୍ର ଈଶ୍ୱର ଆରାଧନା ଅଥଚ ମନ ଯାଇ ଖାଦ୍ୟ ପାଖରେ। ଭକ୍ତି ମାର୍ଗରେ ଚାଲୁଥିବା ବ୍ୟକ୍ତିଙ୍କ ପକ୍ଷରେ କୌଣସି ପ୍ରକାରର କାମନା, ବାସନା ତଥା ଲାଳସା ଗ୍ରହଣୀୟ ହୋଇନଥାଏ। ଖାଦ୍ୟଲୋଭୀ ବ୍ୟକ୍ତିଙ୍କ ଲୋକଦେଖାଣିଆ ଭକ୍ତିଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ପ୍ରଥମ ପୃଷ୍ଠାରୁ...

## '୨୦୨୨ ହାତୀଙ୍କ...

କାହିଁକି ମାମଲା ରୁଜୁ ହୋଇ ନାହିଁ ବୋଲି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କ ମିଳିତ ଖଣ୍ଡପୀଠ ପଚାରିଛନ୍ତି। ଶିମିଳିପାଳ ହାତୀମୃତ୍ୟୁ ସଂକ୍ରାନ୍ତରେ ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଆଶିଷ ମିଶ୍ର ସୋମବାର ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ହାଇକୋର୍ଟ ତ୍ୱରିତ ପଦକ୍ଷେପ ନେଇ ମଙ୍ଗଳବାର ମାମଲାର ଶୁଣାଣି କରିବା ସହ ଜେଟିଏଫ୍ ମୁଖ୍ୟ ନାୟାର ଭର୍ଚ୍ୟୁଆଲରେ ହାଜର ହୋଇ ପକ୍ଷ ରଖିଥିଲେ। ଗତ ୭ ତାରିଖରେ ହାତୀମୃତ୍ୟୁ ହୋଇଥିବା ବେଳେ ୯ ତାରିଖ ଯାଏ କିପରି ପିସିସିଏଫ୍ ଓ ଜେଟିଏଫ୍ ସଦସ୍ୟମାନେ ଜାଣିପାରିଲେ ନାହିଁ ବୋଲି ହାଇକୋର୍ଟ ପ୍ରଶ୍ନ କରିଥିଲେ। ତେବେ ଜେଟିଏଫ୍ ମୁଖ୍ୟ ନାୟାର ଉତ୍ତର ରଖି ମାନବ ସମ୍ବଳ ଓ ଟେକ୍ନୋଲୋଜିର ଅଭାବ ଆଦି ସମ୍ପର୍କରେ ଦର୍ଶାଇଥିଲେ। ଏନେଇ ବ୍ୟବସ୍ଥା କରିବା ନିମନ୍ତେ ରାଜ୍ୟ ସରକାରଙ୍କୁ ଜଣାଇ ଭିତ୍ତିଭୂମି ସୁଦୃଢ଼ କରିବାକୁ ହାଇକୋର୍ଟ କହିବା ସହ ହାତୀମୃତ୍ୟୁ ରୋକିବା ସୁନିଶ୍ଚିତ ହେବା ଦରକାର ବୋଲି ନିର୍ଦ୍ଦେଶ ଦେଇଥିଲେ। ହାତୀ ମୃତ୍ୟୁ ଜଣାଯିବା ପରେ ବନ କର୍ମଚାରୀମାନେ ପ୍ରମାଣ ନଷ୍ଟ ପାଇଁ ଉକ୍ତ ହାତୀକୁ ପୋଡ଼ି ଦେଇ ଅବଶେଷାଂଶକୁ ନଈପାଣିରେ ଭସାଇ ଦେଇଥିବା ଜେଟିଏଫ୍ ମୁଖ୍ୟ ନାୟାର ହାଇକୋର୍ଟଙ୍କ ନିକଟରେ ସ୍ୱୀକାର କରିଛନ୍ତି।

ସୂଚନାଥାଉ କି, ହାତୀମୃତ୍ୟୁ ନେଇ ମାମଲା ହାଇକୋର୍ଟରେ ଚାଲିଥିବାବେଳେ ଆଗାମୀ ଶୁଣାଣି ଜାନୁୟାରୀ ୧୮ କୁ ନିର୍ଦ୍ଧାରିତ ଥିଲା। କିନ୍ତୁ ଶିମିଳିପାଳ ଘଟଣାକୁ ନେଇ ହାଇକୋର୍ଟ ମଙ୍ଗଳବାର ଶୁଣାଣି କରିଛନ୍ତି। ଆସନ୍ତା ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାତୀଙ୍କ ସୁରକ୍ଷା କରିଡର ପାଇଁ କ'ଣ ସବୁ ପଦକ୍ଷେପ ନିଆଯାଇଛି ତଥା ସେମାନଙ୍କୁ ଶିକାରୀଙ୍କ କବଳରୁ ବଞ୍ଚାଇବା ପାଇଁ କ'ଣ ପଦକ୍ଷେପ ନିଆଯାଉଛି, ସେ ନେଇ ଜଣାଇବାକୁ ବନ ବିଭାଗକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ୩ ନିଲମ୍ବିତ ବନ କର୍ମଚାରୀଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ବନ ବିଭାଗ କହିଛି।

ଅପରପକ୍ଷେ ହାଇକୋର୍ଟରେ ବନ ବିଭାଗକୁ କଡ଼ା ଭାଷାରେ ଭର୍ତ୍ସନା କରାଯିବା ଘଟଣା ସୁଦୂରପ୍ରସାରୀ ପ୍ରଭାବ ପକେଇବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କାରଣ ଆଗରୁ ଅନେକ ଘଟଣାରେ ବନ ବିଭାଗ ଚାଲାକି କରି ଅଭିଯୁକ୍ତ କର୍ମଚାରୀଙ୍କ ବିରୋଧରେ ପ୍ରମାଣ ନଷ୍ଟ କରିବା ଭଳି ଆଇପିସିର ଧାରା ୨୦୧ ଭଳି ସଙ୍ଗିନ ଦଫା ଲଗେଇ ନାହିଁ। ଖାଲି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନେଇ ବନ ବିଭାଗ ମାମଲାକୁ ଚାପି ଦେଇଛି। ଫଳରେ ମାମଲା ସବୁ କୋର୍ଟରେ ଦୁର୍ବଳ ହୋଇଯାଉଛି। ସରକାରୀ କର୍ମଚାରୀ ହୋଇ କର୍ତ୍ତବ୍ୟରେ ଅବହେଳା କରିବା ମଧ୍ୟ ଏକ ଗୁରୁତର ଅପରାଧ। ହେଲେ ତା' ପାଇଁ ମଧ୍ୟ ଆବଶ୍ୟକ ଦଫା ବନ ବିଭାଗ ଲଗେଇ ନାହିଁ। ଫଳରେ ଆଠଗଡ଼ରେ ଜଣେ ଫରେଷ୍ଟର ଥିବା ବେଳେ ହାତୀକୁ ପେଟ୍ରୋଲ ଢାଳି ପୋଡ଼ିବା ବେଳେ ଧରାପଡ଼ି ଗିରଫ ହେଲେ ଏବଂ ନିଲମ୍ବିତ ହେଲେ ସତ। କିନ୍ତୁ ପୁଣି ପଦୋନ୍ନତି ପାଇ ସେହି ଡିଭିଜନରେ ରେଞ୍ଜର ହୋଇପାରିଲେ। ଜୁନ ମାସରେ ଆଉଥରେ ହାତୀ ମୃତଦେହକୁ ଲୁଚେଇବା ଅପରାଧରେ ସମ୍ପୃକ୍ତ ହେବାରୁ ପୁଣି ନିଲମ୍ବନରେ ଅଛନ୍ତି।

ସେପଟେ ହାଇକୋର୍ଟଙ୍କ ଆଦେଶ ପରେ ଏବର୍ଷର କିଛି ଚର୍ଚ୍ଚିତ ମାମଲାରେ ନୂଆ ମୋଡ଼ ନେବାର ସମ୍ଭାବନା ଦେଖା ଦେଇଛି। ନରସିଂହପୁର ୱେଷ୍ଟ ରେଞ୍ଜର ବାରାଶିଙ୍ଗା ବିଟ୍‌ରେ ହାତୀକୁ ଜେସିବି ଲଗେଇ ମାଟି ଖୋଳି ପୋତିବା ଅପରାଧରେ ତତ୍କାଳୀନ ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡଙ୍କୁ କେବଳ ନିଲମ୍ବନ କରାଯାଇଥିଲା। ଯଦି ହାଇକୋର୍ଟଙ୍କ ଆଦେଶ ଠିକରେ କାର୍ଯ୍ୟକାରୀ ହୁଏ, ତେବେ ସେହି ତିନି ଜଣ ମଧ୍ୟ ଗିରଫ ହେବେ। କାରଣ ସେମାନେ ସମସ୍ତେ ସରକାରୀ କର୍ମଚାରୀ ହୋଇ ମଧ୍ୟ ଏକ ଅପରାଧକୁ ଲୁଚାଇବାକୁ ଯାଇ ପ୍ରମାଣ ମଧ୍ୟ ନଷ୍ଟ କରିଥିଲେ। ସେହିପରି ସମ୍ବଲପୁର ଡିଭିଜନରେ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ ଯାଇ ଦୁଇ ଦୁଇଟି ହାତୀ କଙ୍କାଳ ପୋଡ଼ା ଘଟଣାର ପର୍ଦ୍ଦାଫାଶ କରିଥିଲା। କିନ୍ତୁ ୬ମାସ ବିତିବା ପରେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ। ହାଇକୋର୍ଟ ରାୟ ସମ୍ବଲପୁର ଘଟଣାରେ ମାମଲା ରୁଜୁ କରିବା ପାଇଁ ମଧ୍ୟ ବାଟ ଖୋଲିଦେଇଛି ବୋଲି କୁହାଯାଉଛି। ତେବେ ସ୍ଥାନୀୟ ଡିଏଫ୍‌ଓମାନଙ୍କୁ ତଦନ୍ତ ପ୍ରକ୍ରିୟାରୁ ବାଦ ଦେଇ ଏକ ନିରପେକ୍ଷ ତଦନ୍ତକାରୀ ସଂସ୍ଥା ଦ୍ୱାରା ତଦନ୍ତ କରେଇବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବି କରୁଛନ୍ତି। ଏ ନେଇ ବନ୍ୟପ୍ରାଣୀ ବିଶେଷଜ୍ଞ ବିଶ୍ୱଜିତ ମହାନ୍ତି କହିଛନ୍ତି, ନରସିଂହପୁର ମାମଲାରେ ଯେପରି କେବଳ ନିଲମ୍ବନ କରାଗଲା, ସେମିତି ବେଖାତିର ଭାବରେ ସମ୍ବଲପୁରରେ ଆଦୌ କିଛି କାର୍ଯ୍ୟାନୁଷ୍ଠାନ ହିଁ ନିଆଗଲା ନାହିଁ। ଖାଲି ନିଲମ୍ବନ କଲେ କିଛି ଲାଭ ହେବ ନାହିଁ। କାରଣ ବିଭାଗୀୟ କାର୍ଯ୍ୟାନୁଷ୍ଠାନ କେମିତି ହୁଏ ତାହା ସମସ୍ତଙ୍କୁ ଜଣା। କିଛି ଦିନ ଗଲେ ପୁଣି ସେମାନେ ନିଜ ସ୍ଥାନରେ ଅବସ୍ଥାପିତ ହେବା ସହ ପଦୋନ୍ନତି ମଧ୍ୟ ପାଇବେ। ଯେ ପର୍ଯ୍ୟନ୍ତ ବନ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରା ନ ଯିବ ସେ ପର୍ଯ୍ୟନ୍ତ ସେମାନଙ୍କର ଭୟ ରହିବ ନାହିଁ ଏବଂ ଏଭଳି ହାତୀ ମୃତ୍ୟୁ ଲୁଚେଇବା ଘଟଣା କମିବ ନହିଁ। ସେହିଭଳି ଶିମିଳିପାଳ ଘଟଣାରେ ନିଲମ୍ବିତ ଫରେଷ୍ଟର ଗୋଟିଏ ଅଞ୍ଚଳରେ ଦୀର୍ଘ ୧୧ ବର୍ଷ ଧରି ରେଞ୍ଜର ଚାର୍ଜରେ ରହିବା, ତାହା ପ୍ରମାଣ କରିଛି କି ତାଙ୍କର ଉଚ୍ଚ ଅଧିକାରୀମାନଙ୍କ ସହିତ ମଧୁର ସମ୍ପର୍କ ଥିଲା। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ହାଇକୋର୍ଟଙ୍କ ରାୟ ସାରା ରାଜ୍ୟ ପାଇଁ ପ୍ରଯୁଜ୍ୟ। ଆଠଗଡ଼ ଡିଭିଜନରେ ଅଳ୍ପ କିଛି କାର୍ଯ୍ୟାନୁଷ୍ଠାନ ନେଇଥିଲେ। ହେଲେ ସମ୍ବଲପୁର ଡିଏଫ୍‌ଓ କିଛି କାର୍ଯ୍ୟାନୁଷ୍ଠାନ ନେଇନାହାନ୍ତି। ସମ୍ବଲପୁର ଘଟଣା ଏବଂ ଶିମିଳିପାଳ ଘଟଣା ସମାନ ହୋଇଥିବାରୁ ସମ୍ବଲପୁର ମାମଲାକୁ ସ୍ୱତନ୍ତ୍ର ଭାବରେ ପରିଚାଳନା କରାଯାଉ ଏବଂ ସମ୍ବଲପୁର ଡିଏଫ୍‌ଓଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଉ।

## ଆସିଲା ଡିଏନ୍‌ଏ ପରୀକ୍ଷା ରିପୋର୍ଟ

**ବାରିପଦା ଅଫିସ,୧୩।୧୨:** ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ ଦନ୍ତା ହାତୀର ଶିକାର ଓ ପ୍ରମାଣ ନଷ୍ଟ ପାଇଁ ମୃତଦେହ ପୋଡ଼ି ଦିଆଯିବା ଘଟଣାକୁ ନେଇ ଚର୍ଚ୍ଚା ଥମୁନି। ମୃତହାତୀର ଦେହାବଶେଷ ଡିଏନ୍‌ଏ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ମଙ୍ଗଳବାର ରିପୋର୍ଟ ଆସିଛି। ମୃତ ହାତୀଟି ଏକ ବିଶାଳକାୟ ଦନ୍ତା ଥିଲା ବୋଲି ଓୟୁଏଟି ରିପୋର୍ଟରେ ଦର୍ଶାଇଛି। ଅନ୍ୟପକ୍ଷରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଟି.ଅଶୋକ କୁମାର କୁହନ୍ତି, ତଦନ୍ତକାରୀ ଅଧିକାରୀଙ୍କ ଦ୍ୱାରା ନିଲମ୍ବିତ ୩ ବନ କର୍ମଚାରୀଙ୍କ ବିରୋଧରେ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ମାମଲା ରୁଜୁ ହେବ। ପରବର୍ତ୍ତୀ ସମୟରେ ଥାନାରେ ସେମାନଙ୍କ ବିରୋଧରେ ଏତଲା ଦିଆଯିବ। ତେବେ ଘଟଣାରେ ଜଡ଼ିତ ଥିବା ଅନ୍ୟ କର୍ମଚାରୀଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶ୍ନରେ କ୍ଷେତ୍ର ନିର୍ଦ୍ଦେଶକ କୌଣସି ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ଗତ ୧୦ବର୍ଷ ମଧ୍ୟରେ ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଦ୍ୱାରା ହାତୀ ଶିକାର କରାଯାଇଥିବା ଘଟଣାରେ ଅଧିକାରୀମାନଙ୍କ ସମ୍ପୃକ୍ତି ରହିଛି ବୋଲି ସ୍ପଷ୍ଟ ହେବାରେ ଲାଗିଛି। କେବଳ ହାତୀ ନୁହେଁ ବରଂ ମହାବଳ ବାଘଙ୍କ ସଂଖ୍ୟା କମିବାରେ ଅଧିକାରୀଙ୍କ ସମ୍ପୃକ୍ତି ରହିଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ସାରା ରାଜ୍ୟବାସୀଙ୍କୁ ମର୍ମାହତ କରିଥିବା ବେଳେ ହାତୀ ଶିକାରରେ ଜଡ଼ିତ ଥିବା ଅନ୍ୟ କର୍ମଚାରୀଙ୍କୁ ଗିରଫ କରିବା ପାଇଁ ଭଞ୍ଜସେନା ପକ୍ଷରୁ ଦାବି ହୋଇଛି। ଅଭୟାରଣ୍ୟରେ ବନ୍ୟଜନ୍ତୁଙ୍କ ସଂଖ୍ୟା କମିବାରେ ଅଧିକାରୀମାନେ ମୁଖ୍ୟତଃ ଦାୟୀ। ଅଭୟାରଣ୍ୟର କୋର ଅଞ୍ଚଳରେ ଲାଗିଥିବା କ୍ୟାମେରାରେ କଏଦ୍ ହେଉଥିବା ଶିକାରୀଙ୍କୁ ଗିରଫ କରାଯାଉ ନ ଥିବାରୁ ଏହା ସେମାନଙ୍କୁ ଶିକାର ପାଇଁ ପ୍ରୋତ୍ସାହନ ଯୋଗାଉଛି ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସଂଯୁକ୍ତା ବସା କହିଛନ୍ତି। ଏହି ହାତୀ ମୃତ୍ୟୁ ଘଟଣାରେ ବିଚାର ବିଭାଗୀୟ ତଦନ୍ତ କରାଗଲେ ଶିକାରୀ ସାଜିଥିବା ଅଧିକାରୀଙ୍କ ଏକ ବଡ଼ ର୍‍ୟାକେଟର ପର୍ଦ୍ଦାଫାଶ ହୋଇପାରିବ ବୋଲି ପ୍ରାଣୀପ୍ରେମୀମାନେ ମତବ୍ୟକ୍ତ କରିଛନ୍ତି।



ମଙ୍ଗଳବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଘନ କୁହୁଡ଼ିର ଦୃଶ୍ୟ। (ଫଟୋ: ମନୋରଞ୍ଜନ)

# ୧୩ ଜିଲାରେ କୁହୁଡ଼ି ସମ୍ଭାବନା

**ଭୁବନେଶ୍ୱର,୧୩।୧୨(ବ୍ୟୁରୋ)**

ରାଜ୍ୟରେ ଶୀତର ପ୍ରକୋପ ହ୍ରାସ ପାଇଛି। ବାତ୍ୟା ମାଣ୍ଡୋସ ଯୋଗୁ ବାୟୁମଣ୍ଡଳରେ ଜଳୀୟ ବାଷ୍ପ ଭରି ରହିଛି। ଏଥିଯୋଗୁ ରାତ୍ରିର ତାପମାତ୍ରାରେ ୨ରୁ ୪ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଞ୍ଜାମ, ଗଜପତି, ପୁରୀ, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ସୋନପୁର, ବୌଦ୍ଧ, ଅନୁଗୋଳ, କଟକ ଓ ଢେଙ୍କାନାଳ ଜିଲାର କେତେକ ସ୍ଥାନରେ କୁହୁଡ଼ି ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ତେବେ ଗତ ଦୁଇ ଦିନର ମିଳିଥିବା ସୂଚନା ଅନୁଯାୟୀ କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୧୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଢେଙ୍କାନାଳ ୧୪.୨, କୋରାପୁଟ ୧୪.୮, ଝାରସୁଗୁଡ଼ା ୧୫, ବାରିପଦା ୧୫.୬, ବାଲେଶ୍ୱର ୧୫.୮, ଦାରିଙ୍ଗବାଡ଼ି ୧୬, ଫୁଲବାଣୀ ୧୭.୫, ଭଦ୍ରକ ୧୬, ବଲାଙ୍ଗୀର ୧୫.୮, ସୁନ୍ଦରଗଡ଼ ୧୩.୨, ଝାରସୁଗୁଡ଼ାରେ ୧୩.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଛି।

# ସତ ଲୁଚାଉଛନ୍ତି ସରକାର: କଂଗ୍ରେସ

### ତୱାଙ୍ଗରେ ଭାରତ-ଚାଇନା ସୈନ୍ୟ ସଂଘର୍ଷ ଘଟଣା

**ନୂଆଦିଲ୍ଲୀ,୧୩।୧୨**

ଅରୁଣାଚଳ ପ୍ରଦେଶର ତୱାଙ୍ଗରେ ଭାରତ-ଚାଇନା ସୈନ୍ୟ ସଂଘର୍ଷକୁ ନେଇ ମୋଦି ସରକାର ସତ ଲୁଚାଉଛନ୍ତି ବୋଲି ବିରୋଧୀ ଦଳଗୁଡ଼ିକ ମଙ୍ଗଳବାର ସାଂଘାତିକ ଅଭିଯୋଗ ଆଣିଛନ୍ତି। ଗତ ଶୁକ୍ରବାର ସଂଘର୍ଷ ଘଟିଥିବାବେଳେ ସରକାର ଏନେଇ ଦେଶବାସୀଙ୍କୁ ଅବଗତ କରାଇ ନ ଥିଲେ। ଏବେ ଗଣମାଧ୍ୟମରେ ପ୍ରକାଶିତ ଖବରରୁ ସବୁକଥା ସାମ୍ନାକୁ ଆସୁଛି ବୋଲି ବିରୋଧୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ତୱାଙ୍ଗରୁ ୩୫ କି.ମି. ଉତ୍ତର-ପୂର୍ବରେ ସମୁଦ୍ର ପତ୍ତନଠାରୁ ୧୭,୦୦୦ ଫୁଟ୍ ଉଚ୍ଚତାରେ ୟାଙ୍ଗସେ ଅବସ୍ଥିତ। ଗତ ୯ ତାରିଖରେ ଚାଇନା ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ପ୍ରାୟ ୩୦୦ ସୈନ୍ୟ ସୁପରିକଳ୍ପିତ ଷଡ଼ଯନ୍ତ୍ର ଅନୁଯାୟୀ ଏହି ପାର୍ବତ୍ୟ ଅଞ୍ଚଳର ଶିଖରକୁ ଆସି ଏହାକୁ ଦଖଲ ପାଇଁ ଉଦ୍ୟମ କରିଥିଲେ। ଭାରତୀୟ ଯବାନମାନେ ବିରୋଧ କରିବାରୁ ପିଏଲ୍‌ଏ ସୈନ୍ୟମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ୬ ଭାରତୀୟ ଯବାନ ଆହତ ହୋଇଛନ୍ତି। ସେମାନଙ୍କୁ ଗୁଆହାଟୀର ବଶିଷ୍ଠ ୧୫୧ ବେସ୍ ହସ୍ପିଟାଲକୁ ଏୟାରଲିଫ୍ଟ କରି ନିଆଯାଇ ଚିକିତ୍ସା କରାଯାଉଛି। ତୱାଙ୍ଗ ସଂଲଗ୍ନ ଅଞ୍ଚଳରେ ଚାଇନା ଅନେକ ଗ୍ରାମ ପ୍ରତିଷ୍ଠା କରିଛି। ଏପରି କି ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ସେପଟେ ରାସ୍ତା ମଧ୍ୟ ନିର୍ମାଣ କରିଛି। ୟାଙ୍ଗସେରୁ ଉଭୟ ପାର୍ଶ୍ୱ ସୀମାର ସାମରିକ ଅବସ୍ଥିତି ଦୃଶ୍ୟମାନ ହେଉଥିବାରୁ ଏହାକୁ ଚାଇନା ବାରମ୍ବାର ନିଜ କବ୍‌ଜାକୁ ନେବା ପାଇଁ ଉଦ୍ୟମ କରିଆସିଛି। ସଂଘର୍ଷ ଘଟଣା ସାମ୍ନାକୁ ଆସିବା ପରେ ଉପଗ୍ରହ ଚିତ୍ରରୁ ଏହି ବିଷୟ ଜଣାପଡ଼ିଥିବା ମଙ୍ଗଳବାର ଭାରତୀୟ ସେନା ପକ୍ଷରୁ କୁହାଯାଇଛି। ଭାରତର ତିନି ସେନା ମୁଖ୍ୟ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ)ଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ବୈଠକ କରି ସ୍ଥିତି ସମୀକ୍ଷା କରିଛନ୍ତି। ଇତିମଧ୍ୟରେ ଦୁଇଦେଶର ସଶସ୍ତ୍ର ବଳ ମଧ୍ୟରେ ହୋଇଥିବା ସଂଘର୍ଷକୁ ନେଇ ଚାଇନା ପକ୍ଷରୁ ବିବୃତି ଜାରି କରାଯାଇଛି। ଭାରତ ପକ୍ଷରୁ ବେଜିଂ ଆଗରେ ଏଲ୍‌ଏସି ସଂଘର୍ଷ ପ୍ରସଙ୍ଗ ଉଠାଯିବା ପରେ ସୀମାରେ ସ୍ଥିତି ସ୍ଥିର ରହିଥିବା ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ୱାନ୍ ୱେନ୍‌ବିନ୍ କହିଛନ୍ତି। ଚାଇନା ବାୟୁସେନାର ଯୁଦ୍ଧବିମାନ ଏଲ୍‌ଏସି ବାୟୁସୀମା ଉଲ୍ଲଂଘନ କରିପାରେ ବୋଲି ଆଶଙ୍କା କରି ଭାରତୀୟ ବାୟୁସେନା ଅରୁଣାଚଳ ସୀମାନ୍ତ ଆକାଶରେ ଯୁଦ୍ଧବିମାନ ଉଡ଼ାଇ ପାଟ୍ରୋଲିଂ କରିଛି।



ମଲ୍ଲିକାର୍ଜୁନ ଖାର୍ଗେ

ତୱାଙ୍ଗ ସଂଘର୍ଷକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପାର୍ଲାମେଣ୍ଟର ଉଭୟ ଗୃହରେ ବିବୃତି ରଖିଥିଲେ। କିନ୍ତୁ ତାଙ୍କ ମନ୍ତବ୍ୟ ବିରୋଧୀଙ୍କୁ ସନ୍ତୁଷ୍ଟ କରିପାରି ନ ଥିଲା। ଏହା ଉପରେ ସ୍ପଷ୍ଟୀକରଣ ଦାବି କରି ବିରୋଧୀ ସଦସ୍ୟମାନେ କକ୍ଷତ୍ୟାଗ କରିଥିଲେ। କଂଗ୍ରେସ ଏହି ପ୍ରସଙ୍ଗକୁ ନେଇ ସଂସଦ ବାହାରେ ମଧ୍ୟ କେନ୍ଦ୍ର ସରକାରଙ୍କୁ ଘେରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ଚାଇନାର ଅତିକ୍ରମଣ ପ୍ରସଙ୍ଗରେ ଆମେ ଦେଶ ସହ ଅଛୁ ଏବଂ ଏହାକୁ ନେଇ ରାଜନୀତି କରାଯିବ ନାହିଁ। କିନ୍ତୁ ମୋଦି ସରକାର ଚାଇନା ଅତିକ୍ରମଣ ବିଷୟରେ ସଙ୍କୋଚ ହେବା ଉଚିତ। ୨୦୨୦ ଏପ୍ରିଲ ପରଠାରୁ ସୀମାରେ ଯାହା ସବୁ ନିର୍ମାଣ ହୋଇଛି ସେନେଇ ସରକାର ସତ କୁହନ୍ତୁ। ସେହିପରି କଂଗ୍ରେସ ମୁଖପାତ୍ର ସୌରଭ ଗୋଗୋଇ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧୀନରେ ଭାରତ ଦକ୍ଷିଣ-ପୂର୍ବ ଏସିଆରେ ନିଜ ପୂର୍ବ ସ୍ଥିତିକୁ ହରାଇଦେଇଛି। ଯେତେବେଳେ ବି ଜାତୀୟ ସୁରକ୍ଷା ପ୍ରସଙ୍ଗ ସାମ୍ନାକୁ ଆସିଥାଏ ପ୍ରଧାନମନ୍ତ୍ରୀ ନିଜ ମନ୍ତ୍ରୀମାନଙ୍କ ପଛରେ ଲୁଚିଥାଆନ୍ତି। ଅନ୍ୟପକ୍ଷେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ରାଜୀବ ଗାନ୍ଧୀ ଫାଉଣ୍ଡେଶନ ଚାଇନାଠାରୁ ପାଣ୍ଠି ନେଇଥିବା ବିଷୟରେ ଗୃହରେ ବିତର୍କ ହେବାକୁ ଥିବାବେଳେ କଂଗ୍ରେସ ତୱାଙ୍ଗ ପ୍ରସଙ୍ଗ ଉଠାଇଥିବା ସମାଲୋଚନା କରିଛନ୍ତି।

ପ୍ରକାଶ ଯେ, ୨୦୨୦ ଜୁନ୍‌ରେ ପୂର୍ବ ଲଦାଖର ଗଲୱାନ୍ ଉପତ୍ୟକାରେ ଭାରତୀୟ ଯବାନ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ୨୦ ଯବାନ ଶହୀଦ ହୋଇଥିବାବେଳେ ପିଏଲ୍‌ଏର କେତେଜଣ ସୈନ୍ୟ ମୃତାହତ ହୋଇଥିଲେ ସେନେଇ ଚାଇନା ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନ ଥିଲା। ସେହିବର୍ଷ ଲଦାଖର ରିଞ୍ଚେନ୍ ଲାରେ ଦୁଇପକ୍ଷ ପୁଣି ମୁହାଁମୁହିଁ ହୋଇଥିଲେ। ସେହିପରି ଗତବର୍ଷ ଅକ୍ଟୋବରରେ ୟାଙ୍ଗସେରେ ଭାରତ-ଚାଇନା ସଶସ୍ତ୍ର ବଳ ମଧ୍ୟରେ ବିବାଦ ହୋଇଥିଲା। ଦୁଇଦେଶର କମାଣ୍ଡରସ୍ତରୀୟ ଆଲୋଚନା ପରେ ଏହାର ସମାଧାନ ହୋଇଥିଲା।

## ୧୫ ଆଇନଜୀବୀ...

ସୋମବାର ବିଳମ୍ବିତ ରାତିରେ କ୍ଷେତରାଜପୁରର ପ୍ରମୋଦ ସରାଫ, ଧନୁପାଲିର ପ୍ରଦ୍ୟୁତ କୁମାର ଶର୍ମା, ମହମ୍ମଦ ମୁସ୍ତାକ ଅନ୍‌ସାରି, ବିଜୟ କୁମାର ପ୍ରଧାନ, ଅଇଁଠାପାଲିର ଦୀପକ କୁମାର କୁଅଁର, ମହାଦେବ ବଢ଼େଇ, ସାକ୍ଷୀପଡ଼ାର ପ୍ରବୀଣ କୁମାର ସିଂଦେଓ, ପଟ୍ଟନାୟକପଡ଼ାର ବିମଳକାନ୍ତ ମହାପାତ୍ର, ଶାସନର ରତନଲାଲା ଅଗ୍ରୱାଲଙ୍କୁ ପୋଲିସ ଗିରଫ କରିଥିଲା। ମଙ୍ଗଳବାର ସୁରଜ ବିଶ୍ୱାଳ, ଆସଫ ଅର୍ଜୁନ, ମଧୁସୂଦନ ମିତ୍ର, ଶଶାଙ୍କ ଷଡ଼ଙ୍ଗୀ, ବିଦ୍ୟାଧର ପଣ୍ଡାଙ୍କ ସମେତ ମହିଳା ଓକିଲ ସୁରଞ୍ଜିନୀ ବାରିକଙ୍କୁ ଗିରଫ କରାଯାଇଛି।

ମଙ୍ଗଳବାର କଡ଼ା ସୁରକ୍ଷା ବଳୟରେ କୋର୍ଟ କାର୍ଯ୍ୟ ଚାଲିଥିଲା। କଚେରି ଛକରୁ କୋର୍ଟ ପର୍ଯ୍ୟନ୍ତ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ରହିଥିଲା। ୧୪୪ ଧାରା ଲାଗୁ କରାଯାଇଥିଲା। ନିକଟସ୍ଥ ଫ୍ଲାଇ ଓଭରବ୍ରିଜ୍‌କୁ ମଧ୍ୟ ପୋଲିସ ସିଲ୍ କରିଦେଇଥିଲା। ସୁରକ୍ଷା ପାଇଁ ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ୨୧ ପ୍ଲାଟୁନ ପୋଲିସ ଫୋର୍ସ ମୁତାୟନ ରହିଛନ୍ତି। ଇତିମଧ୍ୟରେ ଜିଲା ଓକିଲ ସଂଘ ୨୯ ଜଣ ଓକିଲଙ୍କ ଲାଇସେନ୍ସ ୧୮ ମାସ ପର୍ଯ୍ୟନ୍ତ ବାତିଲ କରିବା ସହ ବାର୍‌ର ସମସ୍ତ ଆଇନଜୀବୀଙ୍କୁ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ନିଲମ୍ବନ କରିଛି।

ସୋମବାର କଚେରି ଛକରେ ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ଆନ୍ଦୋଳନ ହୋଇଥିଲା। ୫ ହଜାରରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ଏଥିରେ ସାମିଲ ହୋଇଥିଲେ। ପୋଲିସ ନିଜ ହେପାଜତରେ ବିଚାରପତିମାନଙ୍କୁ କୋର୍ଟ ଭିତରେ ପ୍ରବେଶ କରାଇ ଦେଇଥିଲା। ଏହା ଜାଣିବା ପରେ ଆନ୍ଦୋଳନକାରୀମାନେ କୋର୍ଟ ପରିସରକୁ ଧସେଇ ପଶିଥିଲେ। ଫଳରେ ପୋଲିସ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏଥିସହିତ କୋର୍ଟ ଭିତରକୁ ପଶି ଆନ୍ଦୋଳନକାରୀମାନେ ଭଙ୍ଗାରୁଜା କରିବା, ଗାଳିଗୁଲଜ କରିବା ସହ ବିଚାରପତିମାନଙ୍କୁ କୋର୍ଟ ଭିତରୁ ବାହାର କରି ଦେଇଥିଲେ। କୋର୍ଟ ବାହାରେ ହାଇକୋର୍ଟ ଆଡଭୋକେଟ ଜେନେରାଲ ଅଶୋକ ପରିଜାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଏହି ଘଟଣାକୁ ନେଇ ସୁପ୍ରିମକୋର୍ଟ ରାଜ୍ୟ ସରକାର ଓ ରାଜ୍ୟ ପୋଲିସକୁ କାର୍ଯ୍ୟାନୁଷ୍ଠାନ ନେବାକୁ କଡା ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ସୁପ୍ରିମକୋର୍ଟରେ ହାଜର ହୋଇ ତଥ୍ୟ ଦେବାକୁ ଡିଜିପି, ସମ୍ବଲପୁର ଏସ୍‌ପି ଓ ବାର୍ କାଉନ୍‌ସିଲ ଅଫ୍ ଇଣ୍ଡିଆଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାରେ ଜିଲା ଓକିଲ ସଂଘ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ପ୍ରଦୀପ ବହିଦାର କହିଛନ୍ତି, ସୋମବାର ଯାହା ଘଟିଲା ସେଥିପାଇଁ ପୋଲିସ ଦାୟୀ। ପୋଲିସ ପ୍ରତିକ୍ରିୟାଶୀଳର ଏହା ପ୍ରତିଫଳନ। ଏଥିପାଇଁ ଦୁଃଖ ପ୍ରକାଶ କରୁଛି ସଂଘ। ବିଶୃଙ୍ଖଳିତ ଆଚରଣକୁ ଓକିଲ ସଂଘ ପ୍ରଶ୍ରୟ ଦିଏ ନାହିଁ। ବୁଧବାର ଆନ୍ଦୋଳନ ସ୍ଥଗିତ କରାଯାଇଛି। ପୁଣି ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ସୁପ୍ରିମକୋର୍ଟଙ୍କ ନିକଟରେ ହାଇକୋର୍ଟ ଆଡଭୋକେଟ ଜେନେରାଲ ଏକତରଫା ଭାବେ ପକ୍ଷ ରଖିଥିଲେ, ଯାହାକି ନ୍ୟାୟସଙ୍ଗତ ନୁହେଁ ବୋଲି ବହିଦାର କହିଥିଲେ।

## ଓକିଲଙ୍କ ଆନ୍ଦୋଳନ...

ବୋଲି କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ସମ୍ପାଦକ ଏବଂ ପଶ୍ଚିମ ଓଡ଼ିଶାର ସମସ୍ତ ଓକିଲ ସଂଘର ସଂଯୋଜକ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ସୂଚନାଯୋଗ୍ୟ, ସୋମବାର ଆନ୍ଦୋଳନରତ ଆଇନଜୀବୀଙ୍କ ଉପରେ ସୁପ୍ରିମକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବାବେଳେ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ସମ୍ବଲପୁର ବାର୍ ଆସୋସିଏଶନର ୨୯ ଆଇନ୍‌ଜୀବୀଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ସେହିପରି ଆନ୍ଦୋଳନ ସମୟରେ କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହ ଭଙ୍ଗାରୁଜା ଘଟଣାରେ ସମ୍ପୃକ୍ତ ୧୬ ଆଇନଜୀବୀଙ୍କୁ ପୋଲିସ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ମଙ୍ଗଳବାର ଗିରଫ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଚନ୍ଦ୍ର ଓ ବୃହସ୍ପତିଙ୍କ ଷଡ଼ାଷ୍ଟକ ସ୍ଥିତି କାରଣରୁ ଆପଣଙ୍କ କାମରେ ପରିବାରର ସହମତି ମିଳିବ ନାହିଁ। କର୍ମକ୍ଷେତ୍ରରେ କେତେକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡ଼ିପାରେ। ଭଲ କହୁଥିବା ଲୋକଟି ପଛରେ ବିଭିନ୍ନ ପ୍ରକାରର କଥା କହୁଥିବାର ଶୁଣିବାକୁ ପାଇବେ। ବିଳମ୍ବିତ ସମୟରେ ଲକ୍ଷ୍ୟସ୍ଥଳକୁ ଯିବା ସମ୍ଭବ ହୋଇପାରେ।

**ବୃଷ**
ସ୍ଥଗିତ କାମ ସମାପନ ସକାଶେ ସହକର୍ମୀ ସହଯୋଗ କରିବେ। ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତ ଯୋଗୁ କେତେକ କାମ ଠିକ୍ ସମୟରେ କରିପାରିବେ ନାହିଁ। ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ମାତ୍ର ଘରୋଇ କ୍ଷେତ୍ରରେ ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ନିଜର ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ।

**ମିଥୁନ**
ରାସ୍ତାରେ କୌଣସି ବ୍ୟକ୍ତିଙ୍କୁ ଅପ୍ରିୟ କଟୁସତ୍ୟ କହି ତିକ୍ତତା ଅର୍ଜନ କରିବେ। ସକାଳୁ ସକାଳୁ ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ମିଳିବ। ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**
ବ୍ୟବହାରରେ ସଂଯମତା ଅଭାବରୁ ଅଯଥା କଳହର ସମ୍ମୁଖୀନ ହେବାକୁ ପଡ଼ିବ। ସଭାସମିତିରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇପାରେ। କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ପ୍ରତିଯୋଗିତାରେ ସଫଳତା ଅର୍ଜନ କରିବେ।

**ସିଂହ**
ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ କରିପାରନ୍ତି, ମାତ୍ର ଫଳ ପାଇବେ ଓଲଟା। କ୍ରୀଡ଼ା, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ସମସ୍ୟାଗୁଡ଼ିକର ସରଳ ସମାଧାନ କରିବାରେ ସଫଳ ହେବେ। ନୂତନ କର୍ମାରମ୍ଭରେ ପରିବାରବର୍ଗଙ୍କ ସହାୟତା ପାଇବେ ଓ ଆନନ୍ଦିତ ହେବେ।

**କନ୍ୟା**
ଆଜି ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ଆଳସ୍ୟ ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି। କୌଣସି ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଧର୍ମଚର୍ଚ୍ଚା ଦିଗକୁ ମୁହାଁଇପାରନ୍ତି। ଅତିପ୍ରିୟ ବନ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ଖବରଟିଏ ପାଇ ଖୁସି ଅନୁଭବ କରିବେ।

**ତୁଳା**
ବିଭିନ୍ନ ପ୍ରକାରର ଚିନ୍ତା ଓ କଳ୍ପନା କରି କେବଳ ଭାବି ଭାବି ସମୟ କଟାଇବେ। ଗତ କେତେଦିନ ହେଲା ପ୍ରତିଶ୍ରୁତି ଦେଇଥିବା କୌଣସି ବନ୍ଧୁଙ୍କୁ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରିପାରିବେନି। ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିବ। ସହକର୍ମୀଙ୍କ ସହ ବିବାଦ ବୃଦ୍ଧି ହେବ, ମାତ୍ର ଆପଣଙ୍କୁ ଅନ୍ୟମାନେ ସାହାଯ୍ୟ କରିବେ।

**ବିଛା**
ଯାହା ଦୀର୍ଘଦିନ ହେଲା ହୋଇପାରି ନ ଥିଲା ଆଜି ଜଣେ ବନ୍ଧୁଙ୍କ ସାହାଯ୍ୟରୁ ଆକସ୍ମିକ ଭାବରେ ତାହା ହୋଇଯିବ। ପରିବହନ, ଶିଳ୍ପ, ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବାରେ ସମର୍ଥ ହେବେ। ପଡ଼ୋଶୀଙ୍କ ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ**
କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ କର୍ମ କ୍ଷେତ୍ରକୁ ବିଶୃଙ୍ଖଳିତ କରିପାରେ। ପିଲାଙ୍କ ଶିକ୍ଷା ଓ ଅନ୍ୟାନ୍ୟ ସଫଳତାରେ ଆନନ୍ଦ ଅନୁଭବ କରିବେ। ଯିବା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇବ। ଆପଣଙ୍କ ଉଦ୍ଦେଶ୍ୟରେ ଗୋପନ କଥାକୁ କେନ୍ଦ୍ରକରି ବନ୍ଧୁ ଗହଣରେ ଚୁପ୍ ଚାପ୍ କଥା ଶୁଣି ମନରେ ଛନକା ପଶିପାରେ।

**ମକର**
କର୍ମକ୍ଷେତ୍ରରେ ଉପରିସ୍ଥମାନେ କାମହାସଲ ସକାଶେ ଆପଣଙ୍କ ସହଯୋଗ ଲୋଡ଼ିପାରନ୍ତି। ଶତ୍ରୁମାନେ ବିଭିନ୍ନ ଝମେଲା ସୃଷ୍ଟି କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତି, ଲେଖାପଢ଼ା ପ୍ରଭୃତିରୁ ସୁଫଳ ପାଇବେ। ଅସାବଧାନତା ହେତୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ।

**କୁମ୍ଭ**
ତର୍କବିତର୍କ କାରଣରୁ ସାଧାରଣ କଥାକୁ କେନ୍ଦ୍ରକରି କଳହ ଲାଗିରହିବ। ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁଙ୍କ ସାହାଯ୍ୟ ଭିକ୍ଷା କରିପାରନ୍ତି। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**
କର୍ମ କ୍ଷେତ୍ରରେ ଉଚ୍ଚ ଅଫିସରଙ୍କ ସହ ସମ୍ପର୍କ ହାନି ଚିନ୍ତାର କାରଣ ହେବ। ରେବତୀ ନକ୍ଷତ୍ର ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ, ନଚେତ୍ ସମସ୍ୟା ଉପୁଜିପାରେ।

ଆଜି ଡିସେମ୍ବର ୧୪ ତାରିଖ, ଜାତୀୟ ଶକ୍ତି ସଂରକ୍ଷଣ ଦିବସ, ପୌଷ କୃଷ୍ଣ ଷଷ୍ଠୀ ବୁଧବାର, ରାଶିନକ୍ଷତ୍ର-ମଘା/ସିଂହ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ମଘା ନକ୍ଷତ୍ରେ ବିବାହ ପାଣିଗ୍ରହଣ। ସକାଳ ଘ.୦୬.୧୬ମି. ଗତେ ଘ.୦୮.୨୬ମି. ମଧ୍ୟେ, ଘ.୧୦.୩୬ମି. ଗତେ ଘ.୧୧.୪୧ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୧୧.୪୧ମି. ଗତେ ଘ.୦୧.୦୨ମି. ମଧ୍ୟେ ରାହୁ କାଳ।

# ଅର୍ଚ୍ଚନାଙ୍କୁ ଗିରଫ ଦର୍ଶାଇ ପୁଣି ରିମାଣ୍ଡରେ ଆଣିଲା ଇଡି

**ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)**

ହନିଟ୍ରାପ୍‌ର ମାୟାଜାଲରେ ଫସାଇ ବିପୁଳ ଅର୍ଥ ହଡ଼ପ ଅଭିଯୋଗରେ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ପୁଣିଥରେ ଗିରଫ ହୋଇଛନ୍ତି। ବେଆଇନ ଅର୍ଥ କାରବାର ମାମଲାରେ ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ) ଆବଶ୍ୟକ ପ୍ରମାଣ ପାଇବା ପରେ ମଙ୍ଗଳବାର ଅର୍ଚ୍ଚନାଙ୍କୁ ଗିରଫ କରିଛି। ଏଥିସହ ୭ ଦିନିଆ ରିମାଣ୍ଡ ଅବଧି ସରିବା ପରେ ମଙ୍ଗଳବାର ଇଡି ଅର୍ଚ୍ଚନାଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟ (ପିଏମ୍‌ଏଲ୍‌ଏ)ରେ ହାଜର କରିଥିଲା। ସେପଟେ ଝାରପଡ଼ା ଜେଲରେ ଥିବା ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦ ମଧ୍ୟ କୋର୍ଟରେ ହାଜର ହୋଇଥିଲେ। ହେଲେ ଗଣମାଧ୍ୟମର ପ୍ରଶ୍ନରେ ନାଗ-ଚାନ୍ଦ ଦମ୍ପତି ଚୁପ୍ ରହିଥିଲେ। ଅନ୍ୟପଟେ ଅର୍ଚ୍ଚନାଙ୍କୁ ୭ ଦିନ ଓ ଜଗବନ୍ଧୁଙ୍କୁ ୧୫ ଦିନ ପାଇଁ ରିମାଣ୍ଡରେ ନେବାକୁ ଇଡି କୋର୍ଟରେ ଆବେଦନ କରିଥିଲା। କୋର୍ଟ ଏହି ଆବେଦନକୁ ଗ୍ରହଣ କରି ଜଗବନ୍ଧୁଙ୍କୁ ୯ଦିନ ଓ ଅର୍ଚ୍ଚନାଙ୍କୁ ୬ ଦିନ ରିମାଣ୍ଡରେ ନେବାକୁ ଅନୁମତି ଦେଇଥିଲେ। ଏହାପରେ ଇଡି ଅର୍ଚ୍ଚନାଙ୍କୁ କୋର୍ଟରୁ ସିଧାସଳଖ ରିମାଣ୍ଡରେ ଆଣି ଜେରା ପ୍ରକ୍ରିୟା ଆରମ୍ଭ କରିଛି। ତେବେ ଜଗବନ୍ଧୁ ଜେଲକୁ ଫେରିଯାଇଥିବାବେଳେ ବୁଧବାରଠାରୁ ରିମାଣ୍ଡରେ ଆଣି ମୁହାଁମୁହିଁ ଜେରା କରିବାକୁ ଯୋଜନା କରିଛି। ଗତ ନଭେମ୍ବର ୬ରେ

## ମୁହାଁମୁହିଁ ଜେରା ହେବେ ନାଗ-ଚାନ୍ଦ ଦମ୍ପତି

■ **ଆଜିଠୁ ୯ ଦିନିଆ ରିମାଣ୍ଡରେ ଆସିବେ ଜଗବନ୍ଧୁ**

■ **ଜମି ବିକ୍ରି କରି ଝିଅକୁ ଟଙ୍କା ଦେଇଛି: ଅର୍ଚ୍ଚନାଙ୍କ ବାପା**

ଅର୍ଚ୍ଚନାଙ୍କୁ ଜେଲରୁ କୋର୍ଟକୁ ନେବା ସମୟରେ ଓ ପ୍ରଥମ ୭ଦିନିଆ ରିମାଣ୍ଡରେ ଇଡି କାର୍ଯ୍ୟାଳୟକୁ ଅଣାଯିବାବେଳେ ସେ ବିସ୍ଫୋରକ ବୟାନ ଦେଇଥିଲେ। 'ମୁଁ ମୁହଁ ଖୋଲିଲେ ରାଜ୍ୟ ଦୋହଲିଯିବ। ଇଡିକୁ ଅପେକ୍ଷା କରିଥିଲି, ଏବେ ମୁହଁ ଖୋଲିବାକୁ ସୁଯୋଗ ମିଳିବ। ମୋତେ ୩୦ ମିନିଟ୍ ଦିଆଯାଉ। ନେତା, ମନ୍ତ୍ରୀ ଆଉ କିଏ ସବୁ ସମ୍ପୃକ୍ତ ଅଛନ୍ତି ସବୁ ପ୍ରମାଣ ଦେଖାଇଦେବି।' ଏହି ବୟାନ ପରେ ହନିଟ୍ରାପ୍, ବ୍ଲାକ୍‌ମେଲିଂ ଓ ଠକେଇ ସାମ୍ରାଜ୍ୟରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆଙ୍କ ନାଁ ଅର୍ଚ୍ଚନା କହିବେ ବୋଲି ଆଶା କରାଯାଉଥିଲା। ହେଲେ ତାଙ୍କଠାରୁ ବିସ୍ଫୋରଣ କଲାଭଳି ସେଭଳି ଗୁମର କିମ୍ବା ନୂଆ ତଥ୍ୟ ଇଡି ଅଧିକାରୀମାନେ ପାଇପାରିନାହାନ୍ତି। ତେଣୁ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ମୁହଁରୁ ସେମାନଙ୍କ କଳାସାମ୍ରାଜ୍ୟର ଗୁମର ନ ଖୋଲିଲେ ହନିଟ୍ରାପ୍‌ର ମୋହରା ସାଜିଥିବା ଶ୍ରଦ୍ଧାଞ୍ଜଳି ଓ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ



ମଧ୍ୟ ଡକାଇ ଇଡି ଚତୁର୍ମୁଖୀ ଜେରା କରିପାରେ ବୋଲି ଆଶଙ୍କା କରାଯାଉଛି। ତେବେ ଇଡିକୁ ଅର୍ଚ୍ଚନା ପୂର୍ଣ୍ଣ ସହଯୋଗ କରୁଥିବା ତାଙ୍କ ଓକିଲ ଜୟଦୀପ ପାଲ କହିଛନ୍ତି। ଅନ୍ୟପଟେ ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଥ ପ୍ରଥମଥର ପାଇଁ ଗଣମାଧ୍ୟମ ସାମ୍ନାରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ମୁଁ ଜମି ବିକ୍ରି କରି ଝିଅକୁ ୫୦-୬୦ ଲକ୍ଷ ଟଙ୍କା ଦେଇଛି। ମୋ ସ୍ତ୍ରୀ ବି ଚାକିରି କରୁଛି। ଝିଅ ମଧ୍ୟ ବ୍ୟବସାୟ କରୁଥିଲା। ମୋ ଝିଅ ନିର୍ଦ୍ଦୋଷ। ଶ୍ରଦ୍ଧାଞ୍ଜଳି ଓ ପ୍ରଯୋଜକ ପରିଜା ମୋ ଝିଅକୁ ଫସାଇଛନ୍ତି ବୋଲି ସୁରେନ୍ଦ୍ର କହିଛନ୍ତି।

### ଅଜାଙ୍କ ସହ ଇଡି ଅଫିସରେ ମା' ଅର୍ଚ୍ଚନାଙ୍କୁ ଭେଟିଲେ ୫ବର୍ଷର ପୁଅ

ଅର୍ଚ୍ଚନାଙ୍କର ୫ବର୍ଷ ବୟସର ଏକମାତ୍ର ନାବାଳକ ପୁଅ ଅଛନ୍ତି। ଅର୍ଚ୍ଚନା ଗିରଫ ହୋଇ ଜେଲରେ ରହିବା ପରେ ତାଙ୍କ ପୁଅ ମା'ଙ୍କୁ ଝୁରି ହେଉଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ ସେ ଅଜା ତଥା ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ରଙ୍କ ସହ ଇଡି ଅଫିସକୁ ଆସିଥିଲେ। ତେବେ ସେଠାରେ ଉଭୟଙ୍କ ଭେଟ ସମୟରେ ଭାବବିହ୍ୱଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଅକୁ ଦେଖି ମା' ଅର୍ଚ୍ଚନା କୋଳାଇ ନେବା ସହ ସ୍ନେହ ଦେଇଥିଲେ। ଏହି ସମୟରେ ତାଙ୍କ ଆଖିରେ ଖୁସି ଓ ଦୁଃଖର ଲୁହ ଗଡ଼ି ପଡିଥିଲା। ମା'କୁ ପାଇ ପୁଅ ମଧ୍ୟ ଭାରି ଖୁସି ହୋଇଥିଲେ। ଏପରିକି ଏଠି କାହିଁକି ରହିଛୁ, ଘରକୁ କେବେ ଯିବୁ ବୋଲି କୁଆଡେ ପଚାରିଥିଲେ। ମା'ପୁଅଙ୍କ ମଧ୍ୟରେ କିଛି ସମୟ କଥାବାର୍ତ୍ତା ପରେ ଅଜା ସୁରେନ୍ଦ୍ର ପୁଣି ନାତିକୁ ଧରି ଇଡି କାର୍ଯ୍ୟାଳୟରୁ ବାହାରି ଆସିଥିଲେ।




## ହାତୀଦାନ୍ତ ଜବତ: ୨ ଗିରଫ

**ଦେବଗଡ଼, ୧୩।୧୨(ଡି.ଏନ୍.ଏ.)**

ଦେବଗଡ଼ ଜିଲା ରିଆମାଳ ଥାନା ପୋଲିସ ଗୋହିରା ଡ୍ୟାମ୍ ନିକଟରେ ଚଢ଼ାଉକରି ହାତୀଦାନ୍ତ ବିକ୍ରି ଉଦ୍ୟମବେଳେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତିଲେଇବଣି ବ୍ଲକ ଡିମିରିକୁଦା ଗ୍ରାମର ପିଟର ଟିଗା(୪୩) ଏବଂ ବିଲେଇଘଟି ଗ୍ରାମର ଫଗୁଆ ଟ୍ରିଓବାସ୍ନ(୨୭)। ମଙ୍ଗଳବାର ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦେବଗଡ଼ ଏସ୍‌ପି ପ୍ରମୋଦ କୁମାର ରଥ ଏନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି, ହାତୀଦାନ୍ତ ବିକ୍ରି ଯୋଜନା ଚାଲିଥିବା ବିଶେଷ ସୂତ୍ରରୁ ଖବରପାଇ ପୋଲିସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ପ୍ରାୟ ୧୧.୧୬୪ କିଲୋ ଓଜନର ଦୁଇଟି ହାତୀଦାନ୍ତକୁ ୬ଖଣ୍ଡ କରି ବିକ୍ରି ପାଇଁ ଉଦ୍ୟମ ଚାଲିଥିଲା। ପୋଲିସ ଟିମ୍ ଉକ୍ତ ଦୁଇ ଜଣଙ୍କୁ ଗିରଫ କରିବା ସହ ହାତୀଦାନ୍ତ, ୨ଟି ବାଇକ୍ ଓ ମୋବାଇଲ ଫୋନ ଜବତ କରିଛି। ଏହି ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି ସେନେଇ ଅଧିକ ତଦନ୍ତ କରାଯାଉଛି। ହାତୀକୁ କେଉଁ ଜଙ୍ଗଲରୁ ମରାଯାଇଥିଲା ଏବଂ ଗିରଫ ବ୍ୟକ୍ତିମାନେ ହାତୀକୁ ହତ୍ୟା କରିଥିଲେ ନା ଅନ୍ୟମାନେ ସାମିଲ ଥିଲେ ସେନେଇ ବନ ବିଭାଗ ମଧ୍ୟ ଅଧିକ ତଦନ୍ତ କରିବ ବୋଲି ଏସ୍‌ପି ରଥ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଡିଆଇଜି ଡିଏସ୍‌ପି ପ୍ରଦୀପ କେରକେଟା, ରିଆମାଳ ଥାନା ଅଧିକାରୀ ଲଳିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସରଳ ହେଲା ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

■ **ଆବେଦନକାରୀଙ୍କୁ ଦେବାକୁ ପଡ଼ିବନି ଜିଆଇଏସ୍ ଓ ଗ୍ୟାପ୍ ଆନାଲିସିସ୍ ତଥ୍ୟ**

■ **୨୦୨୩-୨୪ ଶିକ୍ଷାବର୍ଷରୁ ଲାଗୁହେବ ନୂଆ ନିୟମ**

ରାଜ୍ୟରେ ଉଚ୍ଚ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଏବଂ ଏ କ୍ଷେତ୍ରରେ ଘରୋଇ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ନୋ-ଅବ୍‌ଜେକ୍‌ସନ(ଏନ୍‌ଓସି) ପ୍ରମାଣପତ୍ର ପ୍ରଦାନ ପ୍ରକ୍ରିୟାକୁ ଅଧିକ ସହଜ ଓ ସରଳ କରିଛନ୍ତି। ଏନେଇ ମଙ୍ଗଳବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ସ୍ୱତନ୍ତ୍ର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଭାଗୀୟ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ପ୍ରଚଳିତ ବ୍ୟବସ୍ଥା ସମ୍ବନ୍ଧରେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ହୋଇଥିଲା। ବିଭିନ୍ନ ସ୍ତରରୁ ମିଳିଥିବା ମତାମତକୁ ନେଇ କମିଟି ପୁଙ୍ଖାନୁପୁଙ୍ଖ ତର୍ଜମା କରିଥିଲେ। ନିଷ୍ପତ୍ତି ଅନୁସାରେ ୨୦୨୩-୨୪ ଶିକ୍ଷା ବର୍ଷଠାରୁ ନୂଆ ନର୍ସିଂ, ଡି. ଫାର୍ମା, ବି. ଫାର୍ମା, ଏମ୍. ଫାର୍ମା, ଡିଏମ୍‌ଏଲ୍‌ଟି, ଡିଏମ୍‌ଆର୍‌ଟି, ଫିଜିଓଥେରାପି, ଅକ୍ୟୁପେଶନାଲ୍ ଥେରାପି ଓ ଆନୁଷଙ୍ଗିକ ବିଜ୍ଞାନ ପାଠ୍ୟକ୍ରମ ପ୍ରଦାନ ପାଇଁ ଶିକ୍ଷା ଅନୁଷ୍ଠାନ ପ୍ରତିଷ୍ଠା କରିବାକୁ ଚାହୁଁଥିବା ଆବେଦନକାରୀଙ୍କୁ ଜିଆଇଏସ୍ ଏବଂ ଗ୍ୟାପ୍ ଆନାଲିସିସ୍ ତଥ୍ୟ ଦେବାକୁ ପଡ଼ିବ ନାହିଁ। ରାଜ୍ୟରେ ଉଚ୍ଚମାନର ତଥା ସ୍ଥାୟୀ ସ୍ୱାସ୍ଥ୍ୟସେବା ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରି ନର୍ସିଂ, ଫାର୍ମାସି ଏବଂ ଆନୁଷଙ୍ଗିକ ବିଜ୍ଞାନ ବିଷୟଭିତ୍ତିକ ପାଠ୍ୟକ୍ରମରେ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବା ପାଇଁ ଘରୋଇ ଉଦ୍ୟୋଗୀଙ୍କୁ ଉତ୍ସାହିତ କରାଯିବ। ତେବେ ସେବା ପହଞ୍ଚିପାରୁ ନ ଥିବା ଅଞ୍ଚଳରେ ସରକାରୀ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେବେ। ଏ ପ୍ରକାର ଅନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଓ ଦକ୍ଷତା ଆକଳନରେ ଏଣିକି ଜିଲାପାଳ, ଅତିରିକ୍ତ ଜିଲାପାଳ, ବିଡିଓ, ତହସିଲଦାରଙ୍କ ସମ୍ପୃକ୍ତି ଦରକାର ହେବନାହିଁ। ଏହି ଆକଳନ ମେଡିକାଲ, ପାରାମେଡିକାଲ, ନର୍ସିଂ କିମ୍ବା ଆନୁଷଙ୍ଗିକ ବିଜ୍ଞାନ ବିଷୟରେ ଥିବା ବିଶେଷଜ୍ଞ କମିଟି ଦ୍ୱାରା କରାଯିବ। ଆକଳନରେ ଏହି ନୂଆ ବ୍ୟବସ୍ଥା ଦ୍ୱାରା ରାଜ୍ୟରେ ଅଧିକ ଗୁଣାତ୍ମକମାନର ସ୍ୱାସ୍ଥ୍ୟ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବା ସହ ସ୍ୱାସ୍ଥ୍ୟସେବା ନିମନ୍ତେ ତାଲିମପ୍ରାପ୍ତ ଓ କୁଶଳୀ ମାନବସମ୍ବଳ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ଯଦି କୌଣସି ଶିକ୍ଷାନୁଷ୍ଠାନ ଗୁଣବତ୍ତାର ଶିକ୍ଷା ପ୍ରଦାନ କରିବାରେ କିମ୍ବା ସମ୍ପୃକ୍ତ ପରିଷଦ ଦ୍ୱାରା ଜାରି କରାଯାଇଥିବା ସର୍ବନିମ୍ନ ମାନକ ଆବଶ୍ୟକତାକୁ ପୂରଣ ନ କରନ୍ତି, ତେବେ ସେମାନଙ୍କ ଏନ୍‌ଓସିକୁ ପ୍ରତ୍ୟାହାର କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।




## କୋରାପୁଟରେ ହେବ ଓଡ଼ିଶା ପରିବେଶ କଂଗ୍ରେସ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**

**ପଦ୍ମଶ୍ରୀ ରାଧାମୋହନଙ୍କ ନାମରେ ଗ୍ରୀନ୍ ଆମ୍ବାସଡ଼ର, ଅବସର ବେଉରିଆଙ୍କ ନାମରେ ଯୁବ ପରିବେଶବିତ୍ ଓ ପଦ୍ମଶ୍ରୀ ଅଜୟ ପରିଡ଼ାଙ୍କ ନାମରେ ଯୁବ ବିଜ୍ଞାନୀ ପୁରସ୍କାର ଦିଆଯିବ**

ଓଡ଼ିଶା ପରିବେଶ କଂଗ୍ରେସର ୧୩ତମ ଅଧିବେଶନ ଆସନ୍ତା ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। 'ପରିବେଶ ଓ ଆଦିବାସୀ' ବିଷୟବସ୍ତୁ ଉପରେ ଆଧାରିତ ଏହି ଅଧିବେଶନରେ ଓଡିଶା ଓ ବାହାରୁ ୭୪ଜଣ ଗବେଷକ, ପରିବେଶବିତ୍, ସାମାଜିକ କର୍ମୀ ପ୍ରବନ୍ଧ ଉପସ୍ଥାପନ କରିବେ। ଏହି ପରିବେଶ କଂଗ୍ରେସକୁ ସଫଳ କରିବା ପାଇଁ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପ୍ରାକୃତିକ ସଂଗ୍ରହାଳୟରେ ଏକ ବୈଠକ ବସିଥିଲା। ବିଶିଷ୍ଟ ଲେଖକ ତଥା ନିର୍ବାଚନ କମିଶନ୍‌ର ପୂର୍ବତନ ଉପଦେଷ୍ଟା ଭଗବାନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପରିବେଶ କଂଗ୍ରେସର ଉପଦେଷ୍ଟା ଅବସର ବେଉରିଆଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ୨୦୧୦ରେ ପରିବେଶ କଂଗ୍ରେସ ଆରମ୍ଭ ଦିନରୁ ବେଉରିଆ ଏହାର ଉପଦେଷ୍ଟା ରହିଆସିଥିଲେ। ତେଣୁ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତ ବର୍ଷଠାରୁ 'ଯୁବ ପରିବେଶବିତ୍ ସମ୍ମାନ' ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ସେହିପରି ପଦ୍ମଶ୍ରୀ ରାଧାମୋହନଙ୍କ ନାମରେ 'ଗ୍ରୀନ୍ ଆମ୍ବାସଡର୍' ଓ ପଦ୍ମଶ୍ରୀ ଅଜୟ ପରିଡ଼ାଙ୍କ ନାମରେ 'ଯୁବ ବିଜ୍ଞାନୀ ପୁରସ୍କାର' ପ୍ରଦାନ କରାଯିବ। ୨୨ ତାରିଖରେ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପରିବେଶ ସୁରକ୍ଷା ପ୍ରତି ଆଗ୍ରହ ସୃଷ୍ଟି ପାଇଁ ପିଲାଙ୍କ ପରିବେଶ କଂଗ୍ରେସ ମଧ୍ୟ ଆୟୋଜିତ ହେବ। ସମ୍ମିଳନୀ ପୂର୍ବରୁ କୋରାପୁଟରେ ୧୫ ତାରିଖରେ ଏକ ସାଇକେଲ ଶୋଭାଯାତ୍ରା ଓ ୨୦ ତାରିଖରେ ଦେଓମାଳିଠାରେ କବି ସମ୍ମିଳନୀ ଆୟୋଜନ କରାଯିବ। ଏହି ବୈଠକରେ ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଜୟକୃଷ୍ଣ ପାଣିଗ୍ରାହୀ, ବିନାୟକ ରଥ, ଏସ୍.ଏନ୍. ପତ୍ର, ପ୍ରଫୁଲ୍ଲ କୁମାର ସାହୁ, ପ୍ରେମାନନ୍ଦ ପଣ୍ଡା, ବିଜୟ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

## ଆନ୍ଦୋଳନକୁ ଓହ୍ଲାଇବେ ଡିପ୍ଲୋମା ଇଞ୍ଜିନିୟର

**ଭୁବନେଶ୍ୱର, ୧୩।୧୨ (ବ୍ୟୁରୋ)**

ରାଜ୍ୟ ସରକାରଙ୍କ ୨୦୨୨ ଠିକା ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତିରେ ୨୦୦୩ରୁ ନିଯୁକ୍ତ ଠିକା ଡିପ୍ଲୋମା ଇଞ୍ଜିନିୟରମାନେ ବାଦ୍ ପଡିଛନ୍ତି। ଏହାଦ୍ୱାରା ବରିଷ୍ଠ ଓ କନିଷ୍ଠ ମଧ୍ୟରେ ବେତନ ହାରରେ ଏବଂ ସାମାଜିକ ପ୍ରତିଷ୍ଠାରେ ମଧ୍ୟ ଅସନ୍ତୁଳନ ଘଟିବାକୁ ଯାଉଛି। ଅପରପକ୍ଷେ ରାଜ୍ୟରେ କାର୍ଯ୍ୟରତ ୮ ହଜାରରୁ ଉର୍ଦ୍ଧ୍ୱ ଡିପ୍ଲୋମା ଇଞ୍ଜିନିୟର ଦୀର୍ଘଦିନ ହେବ ସେମାନଙ୍କ ଦାବି ଉପସ୍ଥାପନ କରି ଆସୁଛନ୍ତି। ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ ବି ଏହାର ସମାଧାନ କରାଯାଉ ନାହିଁ। ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦେଇ ସଂଘର ବିଭିନ୍ନ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର୍ସ ସେବା ସଂଘ ନିଷ୍ପତ୍ତି ନେଇଛି। ଏନେଇ ସଂଘ ପକ୍ଷରୁ ବୈଠକ ବସି ଦାବି ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସଂଘୀୟ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୪ ତାରିଖରେ ଦ୍ୱିତୀୟ ସାଧାରଣ ପରିଷଦ ବୈଠକରେ ସାରା ରାଜ୍ୟର ୪୬ଟି ଶାଖାର ପଦାଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରାଯାଇ ପରବର୍ତ୍ତୀ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ସ୍ଥିର କରାଯିବ ବୋଲି ସଭାପତି ଶ୍ରୀକାନ୍ତ ମହାପାତ୍ର ସୂଚନା ଦେଇଛନ୍ତି। ୨୦୦୩ରେ ସରକାରଙ୍କ ନିକଟରେ ଡିଏଫ୍‌ଆଇଡିର କଟକଣା ଥିବା ସମୟରେ ରାଜ୍ୟର ବିକାଶଧାରାକୁ ଜାରି ରଖିବା ନିମନ୍ତେ ସରକାରଙ୍କ ଦ୍ୱାରା ଡିପ୍ଲୋମା ଇଞ୍ଜିନିୟରଙ୍କୁ ବିଭିନ୍ନ ବିଭାଗରେ ମାସିକ ୪ହଜାର ଟଙ୍କାରେ ଚୁକ୍ତିଭିତ୍ତିକ ଚାକିରି ପ୍ରଦାନ କରାଯାଇଥିଲା। ମାତ୍ର ସରକାର ଠିକା ନିଯୁକ୍ତି ପ୍ରଥା ଉଠାଇଥିବାବେଳେ ଏହି କର୍ମଚାରୀଙ୍କୁ ଅଣଦେଖା କରିଛନ୍ତି। ତେଣୁ ଠିକା ନିଯୁକ୍ତି ଉଚ୍ଛେଦରେ ଏହି କର୍ମଚାରୀଙ୍କୁ ସାମିଲ କରିବା ସହ ସବୁ ବର୍ଗର କର୍ମଚାରୀଙ୍କୁ ପୁରୁଣା ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମସ୍ତ ଇଞ୍ଜିନିୟରିଂ ବିଭାଗରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କ ପାଇଁ ଏକକ କ୍ୟାଡର ରୁଲ୍ (ସମାନ ଚାକିରି ସର୍ତ୍ତାବଳୀ)ର ପ୍ରଚଳନ, ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି କ୍ଷେତ୍ରରେ ପ୍ରଚଳିତ ହାର ଶତକଡ଼ା ୪୦ରୁ ୫୦ ଭାଗକୁ ବୃଦ୍ଧି କରିବା ଆଦି ୭ ଦଫା ଦାବି ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି।



ଧରିତ୍ରୀ
DHARITRI
ବୁଧବାର, ୧୪ ଡିସେମ୍ବର, ୨୦୨୨

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା



# ପୁଣି ଚାଇନା

ଡିସେମ୍ବର ୧ରେ ଭାରତ ଜି୨୦ ଅଧ୍ୟକ୍ଷତା ଦାୟିତ୍ୱ ଗ୍ରହଣ କରିବା ପରେ ଦେଶବାସୀଙ୍କ ପାଇଁ ଏହା ଗର୍ବ ଆଣିଦେଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ କେନ୍ଦ୍ର ସରକାରଙ୍କ ଅନ୍ୟ ବରିଷ୍ଠ ମନ୍ତ୍ରୀମାନେ କହିଆସିଛନ୍ତି। ଭାରତ ଏହାଦ୍ୱାରା ଅନ୍ତର୍ଜାତୀୟ ସ୍ତରରେ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିବାରେ ସକ୍ଷମ ହୋଇଥିବା ଦାବିକରି ସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିପାଇଁ କରଦାତାଙ୍କ ପ୍ରଚୁର ଅର୍ଥ ଖର୍ଚ୍ଚ କରାଯାଉଛି। ବିଶ୍ୱର ବଡ଼ ରାଷ୍ଟ୍ରଗୁଡ଼ିକର ଏହି ଗ୍ରୁପର ସଦସ୍ୟ ଥିବାରୁ ଭାରତ ପ୍ରତି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ହେଉଥାଇପାରେ। ଅନ୍ୟପକ୍ଷରେ ଏହି ଖୁସିକୁ ଏକ ପକ୍ଷ ଯାଇ ନ ଥିବା ବେଳେ ଅରୁଣାଚଳ ପ୍ରଦେଶ ଅନ୍ତର୍ଗତ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍ଏସି) ନିକଟ ତାୱାଙ୍ଗ ସେକ୍ଟରରେ ୯ ଡିସେମ୍ବରରେ ଚାଇନା ଓ ଭାରତୀୟ ସେନା ମଧ୍ୟରେ ସଂଘର୍ଷ ହୋଇଥିବା ବିଷୟ ୧୨ ଡିସେମ୍ବରରେ ପ୍ରକାଶ ପାଇଥିଲା। ଏହି ଘଟଣା ୩ ଦିନ ବିଳମ୍ବରେ କାହିଁକି ପଦାକୁ ଆସିଲା ହେଉଛି ପ୍ରଥମ ପ୍ରଶ୍ନ। କୁହାଯାଉଛି ଭାରତ ପକ୍ଷରୁ ୨୦ ଜଣ ଯବାନ ଆହତ ହୋଇଥିବା ବେଳେ ଚାଇନାର କିଛି ସୈନ୍ୟ ଆହତ ମଧ୍ୟ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୯ ତାରିଖରେ ଚାଇନାର ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍ଏ)ର ସୈନ୍ୟମାନେ ତାୱାଙ୍ଗ ସେକ୍ଟରର ୟାଙ୍ଗସିରେ ପହଞ୍ଚିବା ପରେ ଭାରତୀୟ ସେନା ବିରୋଧ କରିଥିଲା। ସୂଚନା ଦିଆଯାଇପାରେ ଯେ, ତାୱାଙ୍ଗ କ୍ଷେତ୍ରର କେତେକ ଅଞ୍ଚଳକୁ ଉଭୟ ଦେଶ ନିଜର ବୋଲି ଦାବି କରୁଛନ୍ତି। କୁହାଯାଉଛି ଏଲ୍ଏସିର ୟାଙ୍ଗସିଠାରେ ଭାରତ ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ଲାଗି ନେଇଥିବା ପଦକ୍ଷେପକୁ ବେଜିଂ ବିରୋଧ କରିଛି। ଫଳରେ ଦୁଇ ଦେଶ ମୁହାଁମୁହିଁ ହୋଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୨୦ରେ ଜମ୍ମୁ ଓ କଶ୍ମୀରର ଗଲୱାନ କ୍ଷେତ୍ର ମଧ୍ୟକୁ ଚାଇନା ପ୍ରବେଶ କରିବାରୁ ସଂଘର୍ଷ ଘଟିଥିଲା। ସେଥିରେ ୨୦ ଜଣ ଭାରତୀୟ ସୈନିକଙ୍କ ପ୍ରାଣହାନି ଘଟିଥିବା ବେଳେ ଚାଇନା ପକ୍ଷରୁ କେତେ କ୍ଷତି ଘଟିଥିଲା ତାହା ଆଜି ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଏଥିରୁ ବୁଝିବାକୁ ହେବ ଯେ, ଆକ୍ରମଣକାରୀ ଭାବେ ଚାଇନା ପ୍ରସ୍ତୁତ ହୋଇ ଆସୁଥିବାରୁ ସବୁବେଳେ ତା'ର କୌଣସି ସୈନ୍ୟ ଖଣ୍ଡିଆଖାବରା କିମ୍ବା ମଟ୍ଟୁନାହାନ୍ତି।

ଏଲ୍ଏସି ନିକଟରେ ଚାଇନା ବାରମ୍ବାର ପ୍ରବେଶ କରି ଅପ୍ରୀତିକର ସ୍ଥିତି ସୃଷ୍ଟି କରିବା ପଛର କାରଣ ହେଉଛି ଭାରତର ସ୍ପଷ୍ଟ ବୈଦେଶିକ ନୀତିର ଅଭାବ। ନିରାପତ୍ତା କ୍ଷେତ୍ରରେ ଭାରତ ପଛରେ ପଡ଼ିଯାଇଥିବା ଦେଖାଯାଉଛି। ପାର୍ଲାମେଣ୍ଟରେ ବିରୋଧୀ ଦଳ ସରକାରଙ୍କୁ ସମାଲୋଚନା କରି ୧୩ ଡିସେମ୍ବରରେ ପ୍ରଶ୍ନୋତ୍ତର କାର୍ଯ୍ୟକୁ ଚାଲିବାକୁ ଦେଇ ନ ଥିଲେ। ବାସ୍ତବରେ ଯେତେବେଳେ ଦେଶର ସୁରକ୍ଷା ବିପନ୍ନ ହୋଇଛି, ସେତେବେଳେ ସରକାର ଜାଗ୍ରତ ରହିବା ଦରକାର। କେବେ ଦେଖାଯାଉ ନାହିଁ ଅସ୍ୱାଭାବିକ ସ୍ଥିତି ଉପୁଜିବା ପୂର୍ବରୁ ଭାରତୀୟ ଗୋଇନ୍ଦା ସବୁକିଛି ତଉରାଇ ଶତ୍ରୁ ପକ୍ଷର ଗତିରୋଧ କରିଥିବାର। ଓଡ଼ିଆରେ ଢଗ ଅଛି-'ଚୋର ପଳାଇବା ପରେ ବୁଦ୍ଧି ବାହାରେ'। ଏବେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାର୍ଲାମେଣ୍ଟରେ ଭାରତ-ଚାଇନା ସଂଘର୍ଷକୁ ନେଇ ସ୍ପଷ୍ଟୀକରଣ ଦେଇ କହିଛନ୍ତି, ମୋଦି ସରକାର ଥିବା ପର୍ଯ୍ୟନ୍ତ ଭାରତ ଭୂଖଣ୍ଡର ଇଞ୍ଚେ ଜାଗା କେହି ମାଡ଼ିବସି ପାରିବେ ନାହିଁ ବୋଲି କହିଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ କଥାକୁ ସମ୍ପୂର୍ଣ୍ଣ ଭାବେ ବିଶ୍ୱାସ କରାଯିବା କଥା। କିନ୍ତୁ ବାସ୍ତବତା ଭିନ୍ନ ଚିତ୍ର ଦେଖାଉଛି। କାରଣ ଚାଇନା ବାରମ୍ବାର ଭାରତ ଭିତରକୁ ପ୍ରବେଶ କରିବା ଓ ଧମକ ଦେଉଥିବା ବେଳେ ଦେଶର ନେତୃତ୍ୱ 'ଆମେ ଦୃଢ଼ ଅଛୁ' କହିବା ହାସ୍ୟାସ୍ପଦ ସ୍ଥିତି ସୃଷ୍ଟି କରୁଛି। କେବଳ ଅନ୍ତର୍ଜାତୀୟ ମଞ୍ଚରେ ବାହାବା ଦେଖାଇଲେ ଦେଶର ନିରାପତ୍ତା ସୁଦୃଢ଼ ହୋଇ ନ ଥାଏ।

# ଇନ୍ଧନ ଡ୍ରାମା

ମଣିଷ ହେଉଛି ଏଭଳି ଏକମାତ୍ର ଜୀବ ଯିଏ ତାହାର ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଇନ୍ଧନ ବ୍ୟବହାର କରିଥାଏ। ସେଥିପାଇଁ ବିନା ଇନ୍ଧନରେ ବଞ୍ଚିବା ହୁଏତ ମଣିଷ ପାଇଁ ଅସମ୍ଭବ ହୋଇପାରେ। ବିଶ୍ୱବ୍ୟାପୀ ଏବେ ଫସିଲ ଫୁଏଲ ବା ଜୀବାଶ୍ମ ଇନ୍ଧନ ବ୍ୟବହାରକୁ ହ୍ରାସ କରାଯିବାର ଆଲୋଚନା ଚାଲୁଥିବାବେଳେ ଆମ ଦେଶରେ ଏକ ଭିନ୍ନ ପର୍ଯ୍ୟାଲୋଚନା ଚାଲିଛି। ଭାରତର ଶକ୍ତି ଉତ୍ପାଦନ କ୍ଷେତ୍ରରେ କୋଇଲା, ଯାହାକି ଏକ ଜୀବାଶ୍ମ ଇନ୍ଧନ, ତାହା ଉପରେ ଅତ୍ୟଧିକ ମାତ୍ରାରେ ନିର୍ଭରଶୀଳ। ଅନ୍ତର୍ଜାତୀୟ ସ୍ତରରେ କେବଳ ଧନୀରାଷ୍ଟ୍ରମାନଙ୍କଠାରୁ ଅର୍ଥ ଆଣିବା ବ୍ୟତୀତ ଭାରତ ସରକାର ଅନ୍ୟ କୌଣସି ଦିଗ୍‌ଦର୍ଶନ ଦେବାରେ ଆଜି ପର୍ଯ୍ୟନ୍ତ ବିଫଳ ହୋଇଛନ୍ତି। ଏଭଳି ପରିସ୍ଥିତିରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଏକ ହାସ୍ୟାସ୍ପଦ ମତ ଦେଇଛନ୍ତି। ଗତ ୨୦୨୧ ଅଗଷ୍ଟରେ କହିଥିଲେ ଯେ, ସେ ପାଇଲଟ ପ୍ରୋଜେକ୍ଟ ପାଇଁ ଫରିଦାବାଦ ଅଏଲ୍ ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ନିର୍ମିତ ଏକ ସବୁଜ ଉଦ୍‌ଜାନ ଚାଳିତ କାର୍ କିଣିଛନ୍ତି ଏବଂ ତାହା ପାଣି ଓ ବର୍ଜ୍ୟରୁ ପ୍ରସ୍ତୁତ ସବୁଜ ଉଦଜାନ୍‌ରେ ଚାଲିବ। ସ୍ୱରେଜ ପାଣି ଓ କଠିନ ବର୍ଜ୍ୟରୁ ଉଦ୍‌ଜାନ ପ୍ରସ୍ତୁତ କରାଯାଇ ସେଥିରେ ବସ୍, ଟ୍ରକ୍ ଓ କାର୍ ଚଳାଇବାର ଯୋଜନା କରାଯାଉଛି ଓ ଆଗାମୀ ଦିନରେ ଏହା ସବୁଠୁ ଶକ୍ତିଶାଳୀ ଇନ୍ଧନ ହେବ ବୋଲି ଗଡ଼କରୀ ଜୋର୍ ଦେଇଥିଲେ। ଏହି ଘୋଷଣାକୁ ଆଧାର କରି କେନ୍ଦ୍ର ସରକାରଙ୍କ ତରଫରୁ ଚଳିତ ମାସ ୧୨ତାରିଖରେ ବାୟୋମାସ, ଇଥାନଲ ଓ ସବୁଜ ଉଦ୍‌ଜାନ ଆଦି ଅଣ–ଜୀବାଶ୍ମ ଇନ୍ଧନ ବ୍ୟବହାର ବଢ଼ାଇବାକୁ ଶକ୍ତି ସଂରକ୍ଷଣ(ସଂଶୋଧନ) ବିଲ୍ ୨୦୨୨ ରାଜ୍ୟ ସଭାରେ ଅନୁମୋଦନ ଲାଭ କରିଛି। ନୂଆ ଓ ନବୀକରଣୀୟ ଶକ୍ତି ମନ୍ତ୍ରୀ ଆର୍.କେ. ସିଂ କହିଛନ୍ତି ଯେ ଏହି ବିଲ୍ ପରିବେଶ ଅନୁକୂଳ। ଆଇନ ଉଲ୍ଲଂଘନ କଲେ ଶିଳ୍ପସଂସ୍ଥାଗୁଡ଼ିକ ଦଣ୍ଡିତ ହେବାର ବ୍ୟବସ୍ଥା ରହିଛି। ସ୍ୱୀକାର କରିବାକୁ ହେବ ଯେ, ଏହି ସରକାର ପ୍ରତ୍ୟେକ କଥାରେ ନାଗରିକମାନଙ୍କୁ ଧମକାଇବା ପାଇଁ ଆଗେଇ ଆସୁଛି। ଗଡ଼କରୀ ଯେତେବେଳେ ମୋଟର ଗାଡ଼ି ପ୍ରଦୂଷଣ କଥା କହୁଛନ୍ତି ସେତେବେଳେ ଆମେ ବୁଝିବା ଦରକାର ଯେ, ଭାରତରେ ସୃଷ୍ଟି ହେଉଥିବା ପ୍ରଦୂଷଣର ବିରାଟ ଭାଗ କୋଇଲା ବ୍ୟବହାରରୁ ସୃଷ୍ଟି ହେଉଛି। ଆର କେ ସିଂଙ୍କ ଉଚ୍ଚାରଣରୁ ଏହି କଥା ସ୍ପଷ୍ଟ ଭାବେ ବୁଝାପଡୁନାହିଁ। କାରଣ ମନ୍ତ୍ରୀ ଜାଣିଛନ୍ତି ଯେ,ତାଙ୍କରି ମନ୍ତ୍ରଣାଳୟ ତରଫରୁ ଏବେ ମଧ୍ୟ କୋଇଲା ପରିଚାଳିତ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ପାଇଁ ଅନୁମତି ଦିଆଚାଲିଛି। ସେଥିପାଇଁ ଶିଳ୍ପାନୁଷ୍ଠାନଗୁଡ଼ିକୁ ଧମକାଇବା ପରିବର୍ତ୍ତେ ମନ୍ତ୍ରୀ ଆର୍.କେ. ସିଂ ପ୍ରଥମେ ନିଜ ମନ୍ତ୍ରଣାଳୟରେ ପରିବର୍ତ୍ତନ ଆଣିବାର ଚେଷ୍ଟା କରିପାରନ୍ତେ। ତାହାର କୌଣସି ଲକ୍ଷଣ ଏ ପର୍ଯ୍ୟନ୍ତ ଦେଖାଯାଇନାହିଁ। କିନ୍ତୁ ସାଧାରଣଲୋକଙ୍କୁ ସରକାରରେ ଥିବା ବଡ଼ ବଡ଼ିଆ ସବୁବେଳେ ଧମକାଇ ଚାଲିଛନ୍ତି। ସେହିଭଳି ନୀତିନ ଗଡ଼କରୀ ମଧ୍ୟ ସ୍ୱେରେଜ ବା ନର୍ଦ୍ଦମା ଜଳରୁ ଇନ୍ଧନ ପ୍ରସ୍ତୁତ କଥା କହିବାବେଳକୁ ତାଙ୍କରି ମନ୍ତ୍ରଣାଳୟ ତରଫରୁ ପ୍ରଦୂଷଣ ବିରୋଧୀ କୌଣସି ପଦକ୍ଷେପ ନିଆଯାଉଥିବା ଦେଖାଯାଉନାହିଁ। କେବଳ ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ିର ଜୀବନକାଳ ନିର୍ଣ୍ଣୟ କରିବା ବ୍ୟତୀତ ଗଡ଼କରୀଙ୍କ ମନ୍ତ୍ରଣାଳୟର ଅନ୍ୟ କୌଣସି କାର୍ଯ୍ୟ ଥିବା ଭଳି ଓଡ଼ିଶାବାସୀ ଜାଣି ପାରୁନାହାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ସବୁଜ ଉଦ୍‌ଜାନ ଭାବେ ପରିଚିତ ହାଇଡ୍ରୋଜେନ ଗ୍ୟାସର ଉତ୍ପାଦନ ଏବେ ମଧ୍ୟ ଭାରତରେ ସମ୍ଭବପର ହେଉନାହିଁ। ହାଇଡ୍ରୋଜେନ ତିଆରି କରିବା ପାଇଁ ଆବଶ୍ୟକ ଜ୍ଞାନକୌଶଳ, ଅର୍ଥ ଏବଂ ଭିତ୍ତିଭୂମି ପ୍ରସ୍ତୁତ କରିବା ନିମନ୍ତେ ଭାରତ ଏପର୍ଯ୍ୟନ୍ତ ସକ୍ଷମ ନୁହେଁ ବୋଲି ମନେହେଉଛି। ଜର୍ମାନୀ ସହିତ ମିଶିଲେ ମଧ୍ୟ ହାଇଡ୍ରୋଜେନକୁ ଏକ ସାଧାରଣ ଇନ୍ଧନ ଭାବରେ ବ୍ୟବହାର କରିବାକୁ ହେଲେ ଯେତିକି ପରିମାଣର ଗ୍ୟାସର ଆବଶ୍ୟକତା ରହିଛି ତାକୁ ପ୍ରସ୍ତୁତ କରିବା ପାଇଁ ଭାରତ ପାଖରେ ସମ୍ବଳ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ଗଲେ ୨୦୨୧ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ନ୍ୟାଶନାଲ ହାଇଡ୍ରୋଜେନ ଏନର୍ଜି ମିଶନ ଘୋଷଣା କରି ମାତ୍ର ୮୦୦ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ସେହି ଅର୍ଥ ଯେ ଅତ୍ୟନ୍ତ ଗୌଣ ସେଥିରେ କାହାରି ସନ୍ଦେହ କରିବା ଉଚିତ ନୁହେଁ। ଅନ୍ୟପଟେ ଘୋଷଣା ହୋଇଥିବା ୮୦୦ କୋଟି ଟଙ୍କାର କୌଣସି ସୁଫଳ ଦେଶବାସୀ ଏପର୍ଯ୍ୟନ୍ତ ଦେଖିନାହାନ୍ତି। କିଛି ବର୍ଷ ପୂର୍ବେ ସୌରଶକ୍ତି ବ୍ୟବହାର କରି ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବା ପାଇଁ ଘରୋଇ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଥିଲା। ଅନେକ ଘରେ ଏବେ ମଧ୍ୟ ସଫଳତାର ସହିତ ସେହି ସବୁ ଯନ୍ତ୍ରପାତି ଚାଲିଛି। କିନ୍ତୁ ଉଚ୍ଚମାନର ସୋଲାର ପ୍ୟାନେଲ ଆଜି ପର୍ଯ୍ୟନ୍ତ ଭାରତବର୍ଷରେ ପ୍ରସ୍ତୁତ କରାଯାଇପାରୁନାହିଁ। ସେଥିରେ ବ୍ୟବହାର ହେଉଥିବା ବ୍ୟାଟେରି ଯେଉଁଥିରେ ଉତ୍ପାଦିତ ଶକ୍ତିକୁ ରଖାଯାଇପାରିବ ସେଗୁଡ଼ିକ ମଧ୍ୟ ଅତି ନିମ୍ନମାନର ମିଳୁଛି। ଏହା ବ୍ୟତୀତ ଅକାମୀ ହୋଇପଡ଼ିଥିବା ସୋଲାର ପ୍ୟାନେଲଗୁଡ଼ିକୁ କେଉଁଠାରେ ଓ କେମିତି ପୁନଃ ବିନିଯୋଗ କରାଯାଇପାରିବ ସେ ସମ୍ପର୍କରେ ଭାରତ ସରକାରଙ୍କ ଦ୍ୱାରା କୌଣସି ଅନୁଧ୍ୟାନ କରାଯାଉନାହିଁ। କୋଇଲା ପୋଡ଼ି ଏବଂ ପ୍ରଦୂଷଣ ସୃଷ୍ଟି କରି ବିଦ୍ୟୁତ ଶକ୍ତି ଯୋଗାଣ କ୍ଷେତ୍ରରେ ସରକାର ଯେତିକି ଅର୍ଥ ବ୍ୟୟ କରୁଛନ୍ତି ସେତିକି କିମ୍ବା ତା'ଠାରୁ ହୁଏତ କମ୍ ଖର୍ଚ୍ଚ କରି ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ସୌରଶକ୍ତି ବିଦ୍ୟୁତ୍ ଯୋଗାଣ କରାଯାଇପାରନ୍ତା।

ଅନ୍ୟ ଏକ ପ୍ରସଙ୍ଗକୁ ଦେଖିଲେ ବ୍ରାଜିଲ ହେଉଛି ଏଭଳି ଏକ ଦକ୍ଷିଣ ଆମେରିକୀୟ ଦେଶ ଯିଏ କି ତାହାର ଅଧିକାଂଶ ଶକ୍ତି ଚାହିଦା ମେଣ୍ଟାଇବାରେ ଇଥାନଲ ବ୍ୟବହାର କରୁଛି। ଏପରିକି ୧୦୦ ପ୍ରତିଶତ ମୋଟର ଗାଡ଼ି, ବସ, ଟ୍ରକ ଇତ୍ୟାଦି ସବୁ ଇଥାନଲ ଦ୍ୱାରା ଚଳାଉଛି। ଏହି ଇଥାନଲ ମୁଖ୍ୟତଃ ଆଖୁରୁ ପ୍ରସ୍ତୁତ ହୋଇଥାଏ। ଆଖୁ ଉତ୍ପାଦନ କରିବା ଫଳରେ ବ୍ରାଜିଲର ଚାଷୀ ଆକର୍ଷଣୀୟ ଲାଭ ପାଇପାରୁଛନ୍ତି। ଆଖୁରୁ ତିଆରି ହେଉଥିବା ଚିନିର ବିପୁଳ ଉତ୍ପାଦନ ହେଉଥିବାରୁ ବ୍ରାଜିଲ ଏକ ବଡ଼ ଚିନି ଉତ୍ପାଦନକାରୀ ଦେଶ ହୋଇପାରିଛି। ଚିନିକଳରେ ନିଯୁକ୍ତିର ସୁଯୋଗ ବୃଦ୍ଧି ପାଇଛି ଓ ସେହିସବୁ ଚିନିକଳରେ ଇଥାନଲ ପ୍ରସ୍ତୁତ ହେଉଥିବାରୁ ଚିନି ଶିଳ୍ପର ଅଭିବୃଦ୍ଧି ଘଟୁଛି। ଶେଷରେ ଇଥାନଲ ବ୍ୟବହାର ଯୋଗୁ ପରିବେଶ ନିର୍ମଳ ରହୁଛି। ଏହାକୁ କୁହାଯାଏ କମ୍ପ୍ରେହେନସିଭ ବା ସବୁ ଦିଗକୁ ଅନିଶା କରି ନୀତି ନିର୍ଦ୍ଧାରଣ। ଉଲେଖଯୋଗ୍ୟ ଯେ,ଭାରତ ହେଉଛି ଏକ କୃଷିପ୍ରଧାନ ଦେଶ। ଏଠାରେ ଜର୍ମାନୀ କିମ୍ବା ଗୁଜରାଟ ପରିବର୍ତ୍ତେ ବ୍ରାଜିଲର ମଡେଲକୁ ବ୍ୟବହାର କରି ନୀତି ସୃଷ୍ଟି କଲେ ଭବିଷ୍ୟତରେ ତାହା ଉପାଦେୟ ହୋଇପାରିବ। ଏଭଳି ନୀତି ଚିନ୍ତା କରି କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାରଙ୍କର ଇଚ୍ଛା ଅଛି ବୋଲି ଏପର୍ଯ୍ୟନ୍ତ ପ୍ରମାଣ ମିଳିନାହିଁ।

# ବିଜ୍ଞାନରେ ଟେଲିପାଥି



ଡ. ନରେନ୍ଦ୍ର ସେଠୀ

ପ୍ରାଚୀନ ପୌରାଣିକ ଯୁଗରେ ମୁନି ଋଷିମାନେ ଅନ୍ୟର ମନକୁ ପଢ଼ିପାରୁଥିଲେ ଓ ନିଜକୁ ଗୋଟିଏ ସ୍ଥାନରୁ ଅନ୍ୟ ଜାଗାକୁ ଯିବାକୁ ହେଲେ ଅନାୟାସରେ ଅଦୃଶ୍ୟ ହେଇ ଆବିର୍ଭାବ ହୋଇପାରୁଥିଲେ। ଆଧୁନିକ ବିଜ୍ଞାନରେ ଏହାକୁ ଟେଲିପାଥି କୁହାଯାଏ। ବିଜ୍ଞାନ ଏବେ ଏ ସବୁରେ ସଫଳତା ପାଇଁ ପ୍ରୟାସ ଆରମ୍ଭ କରିଛି। ଅନ୍ୟର ମନ ଭିତରେ କ'ଣ ଅଛି ତାହା ଯଦି ଜାଣିହୁଅନ୍ତା ତେବେ ସମାଜରୁ ଅନେକ ଭୁଲ୍ ବୁଝାମଣା ଦୂରେଇଯିବ। ଯେକୌଣସି ଜିନିଷ ଛୁଇଁବା, ସ୍ୱାଦକୁ ଚାଖିବା କିମ୍ବା ସୁଖଦୁଃଖ ଇତ୍ୟାଦିକୁ ଅନୁଭବ ଆମେ ମସ୍ତିଷ୍କ ସାହାଯ୍ୟରେ କରିଥାଉ। ନିମିଷକ ମଧ୍ୟରେ ଆମ ଶରୀରର ସ୍ନାୟୁ ତନ୍ତ୍ର ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗ ସାହାଯ୍ୟରେ ମସ୍ତିଷ୍କକୁ ଏ ବିଷୟରେ ଖବର ଦିଏ ଓ ମସ୍ତିଷ୍କ ଶରୀରକୁ ଅବଗତ କରାଇଥାଏ। ଅର୍ଥାତ୍ ମଣିଷ ମସ୍ତିଷ୍କ ଭିତରେ ଥିବା ସେଇ ବିଦ୍ୟୁତ୍ ଚୁମ୍ବକୀୟ ତରଙ୍ଗକୁ ଯଦି ପଢ଼ିହେଲା ତା'ହାଲେ ଜଣେ ମଣିଷ କ'ଣ ଭାବୁଛି ସହଜରେ ଜାଣିହେବ। ଏହା ହିଁ ଟେଲିପାଥି ବା ମାନସିକ ଦୂରସଂଚାର । ଟେଲିପାଥି ବର୍ତ୍ତମାନ ଅନେକ ବିଶ୍ୱବିଦ୍ୟାଳୟରେ ଅନୁସନ୍ଧାନର ବିଷୟ ପାଲଟିଛି, ଯେଉଁଠାରେ ବୈଜ୍ଞାନିକମାନେ ଉନ୍ନତ ସେନ୍ସର ବ୍ୟବହାର କରି ମଣିଷ ମସ୍ତିଷ୍କରେ ତିଆରି ହେଉଥିବା ଶବ୍ଦ, ଚିତ୍ର ଏବଂ ଚିନ୍ତାଧାରାକୁ ପଢ଼ିବା ପାଇଁ ସକ୍ଷମ ହୋଇସାରିଛନ୍ତି। ଏହି ଯୁଗାନ୍ତକାରୀ ସଫଳତା ହୃଦ୍‌ଘାତ କିମ୍ବା ଦୁର୍ଘଟଣାର ଶିକାର ହୋଇ କେବଳ ମସ୍ତିଷ୍କ ଛଡ଼ା ସବୁ ଅଚଳ ହୋଇଥିବା ଲୋକଙ୍କ ପାଇଁ ବରଦାନ ପାଲଟିବ। ସେମାନେ ମନରେ ଭାବି ଆମ ସହ ସ୍ପଷ୍ଟ ଭାବରେ ଭାବର ଆଦାନପ୍ରଦାନ କରିପାରିବେ। କେବଳ ଏତିକି ନୁହେଁ, ଟେଲିପାଥି ଯୋଗୁ କମ୍ପ୍ୟୁଟର ସହିତ ଆମର ଚିରାଚରିତ ମାଉସ୍ ଓ ସ୍ୱର ନିର୍ଦ୍ଦେଶ ବଦଳରେ ଆମେ ମାନସିକ ଭାବେ ନିର୍ଦ୍ଦେଶ ପ୍ରଦାନ କରିପାରିବା। ଏହାର ଅର୍ଥ ହେଉଛି ଫୋନ୍ କରି ଲୋକଙ୍କୁ ଡାକିବା, କ୍ରେଡିଟ୍ କାର୍ଡରେ ବିଲ୍ ପୈଠ କରିବା, କାର୍ ଚଳାଇବା, ମିଟିଂ ପାଇଁ ସମୟ ଚିଠା ପ୍ରସ୍ତୁତ କରିବା, ସଂଗୀତ ତିଆରି କରିବା ଇତ୍ୟାଦି ସବୁ କାର୍ଯ୍ୟ କମ୍ପ୍ୟୁଟର ସହିତ ମନର ଶକ୍ତି ବ୍ୟବହାର କରି ସମ୍ଭବ ହୋଇପାରିବ।

ମସ୍ତିଷ୍କ ଭିତରେ ଭାବର ଆଦାନପ୍ରଦାନ କରିବା ପାଇଁ ସ୍ନାୟୁ ତନ୍ତ୍ରିକା ଇଲେକ୍ଟ୍ରୋନ୍‌ର ଗତି କରିବା ଯୋଗୁ ତିଆରି ହେଉଥିବା ରେଡିଓ ତରଙ୍ଗ ଦ୍ୱାରା ଆମେ ବିଭିନ୍ନ ଜିନିଷ ଅନୁଭବ କରିଥାଉ। କିନ୍ତୁ ମସ୍ତିଷ୍କ ଭିତରେ ସୃଷ୍ଟି ହେଉଥିବା ଏହି ବିଦ୍ୟୁତ୍ ତରଙ୍ଗ ଏତେ ନଗଣ୍ୟ ଯେ ଏହାକୁ ମାପିବା କଷ୍ଟକର। ଏଥିପାଇଁ ବୈଜ୍ଞାନିକମାନେ ଏବେ ଅତି ଆଧୁନିକ ଇସିଜି ମେଶିନ ବ୍ୟବହାର କରି ଜଣେ ବ୍ୟକ୍ତି ମନ ଭିତରେ କ'ଣ କଳ୍ପନା କରୁଛି ତା'ର ପାଖାପାଖି ଅନୁମାନ ଲଗେଇବାରେ ସକ୍ଷମ ହୋଇଛନ୍ତି। ଠିକ୍ ଏକ କାଳ୍ପନିକ ସିନେମାର ବିଷୟବସ୍ତୁ ଭଳି ଜଣେ ମଣିଷକୁ ସେନ୍ସର ଥିବା ଏକ ହେଲମେଣ୍ଟ ପିନ୍ଧାଇ ତା'ର କଳ୍ପନା ଶକ୍ତି ସହ ତାଳ ଦେଇ ସୃଷ୍ଟି ହେଉଥିବା ଇସିଜି ଚିତ୍ର ଏହି ବୈପ୍ଳବିକ ଦୁନିଆର ଚାବି ମଣିଷ ହାତରେ ଧରେଇ ଦେଇଛି। ହେଲମେଣ୍ଟ ପିନ୍ଧିଥିବା ବ୍ୟକ୍ତି ଜଣକ ମନରେ ଏକ ନିର୍ଦ୍ଦିଷ୍ଟ ଦ୍ରବ୍ୟର କଳ୍ପନା କଲାବେଳେ ତିଆରି ହେଉଥିବା ଇସିଜି ଚିତ୍ରକୁ ତୁଳନା କରି ମଣିଷ ମନ ସହ ସଂଯୋଗ ସ୍ଥାପନ କରାଯାଇପାରୁଛି। ଏହି ଟେଲିପାଥି ବିଷୟରେ ସବୁଠୁ ବେଶି ଗବେଷଣା ଆମେରିକାର କାଲିଫର୍ନିଆ ବିଶ୍ୱବିଦ୍ୟାଳୟରେ ଚାଲିଛି, ଯୋଉଠି ବୈଜ୍ଞାନିକମାନେ ମଣିଷ ମନର ଭିଡିଓ ଚିତ୍ର ଉତ୍ତୋଳନ କରିବାରେ ସକ୍ଷମ ହୋଇସାରିଲେଣି। ଅର୍ଥାତ୍ ମଣିଷ ମନକୁ ପଢ଼ି ଚିତ୍ର ଆକାରରେ ପ୍ରକାଶ କରିବାର ଅପୂର୍ବ ସଫଳତା ଏକ ଯୁଗାନ୍ତକାରୀ ଘଟଣା କହିଲେ ଭୁଲ୍ ହେବନି। ଏହି ପଦ୍ଧତିରେ ଜଣେ ସ୍ୱେଚ୍ଛାସେବୀଙ୍କୁ ଶୁଆଇଦେଇ ଏମ୍‌ଆର୍‌ଆଇ ମେଶିନ ଭିତରକୁ ପୂରେଇ ଦିଆଯାଏ ଓ ତାକୁ ବିଭିନ୍ନ ପ୍ରକାରର ସିନେମା କ୍ଲିପ୍, ଚିତ୍ର ଦେଖିବାକୁ ଦିଆଯାଏ। ଲୋକ ଜଣକ ଘଣ୍ଟା ଘଣ୍ଟା ହଲ୍‌ଚଲ ନ ହୋଇ ସ୍ଥିର ଭାବେ ସେ ଚିତ୍ର ଓ ଭିଡିଓ କ୍ଲିପ୍ ଦେଖେ। ଏହି ସମୟରେ ଶୋଇଥିବା ଲୋକର ମସ୍ତିଷ୍କ ଭିତରେ ରକ୍ତ ସଞ୍ଚାଳନର ଥ୍ରୀ ଡି ଚିତ୍ର ଏମ୍‌ଆର୍‌ଆଇ ମେଶିନ ସାହାଯ୍ୟରେ ରେକର୍ଡ କରାଯାଏ। ଭିଡିଓ ଓ ଚିତ୍ର ଦେଖିବା ବେଳେ ମସ୍ତିଷ୍କ ଭିତରେ ହେଉଥିବା ପ୍ରତିକ୍ରିୟାକୁ ଏମ୍‌ଆର୍‌ଆଇ ମେଶିନ ଚିତ୍ର ଆକାରରେ ରେକର୍ଡ କରି ରଖେ ଓ ଏହାକୁ ବୈଜ୍ଞାନିକମାନେ ଏକ ଗାଣିତିକ ସମୀକରଣ ସାହାଯ୍ୟରେ ପଢ଼ି ପାରିବାରେ ସକ୍ଷମ ହୋଇପାରିଛନ୍ତି। ଫଳରେ ଜଣେ ମଣିଷ ମନରେ ଅଚାନକ ତିଆରି ହେଉଥିବା ଚିତ୍ରକୁ ମଧ୍ୟ ଠାବ କରାଯାଇପାରୁଛି।



ଜଣେ ମଣିଷ କ'ଣ ଭାବୁଛି ତାହା ପଢ଼ିବା ପାଇଁ ମଣିଷ ଖପୁରିର ଏକ ଅଂଶ କାଢ଼ି ତା' ଭିତରେ ଇଲେକ୍ଟ୍ରୋଡ୍‌କୁ ରଖାଯାଏ, ଯାହା ମସ୍ତିଷ୍କରେ ତିଆରି ହେଉଥିବା ବିଦ୍ୟୁତ୍ ତରଙ୍ଗଗୁଡ଼ିକୁ ସିଧାସଳଖ ମାପିପାରେ। ଏହିସବୁ ଗବେଷଣାର ଅନେକ ସୁଫଳ ସମାଜକୁ ମିଳିବ। ଆମେ ଡାକ୍ତରଖାନା ଗଲେ ରକ୍ତର ରାସାୟନିକ ବିଶ୍ଳେଷଣ କରି ଡାକ୍ତର ଶରୀରର ସ୍ୱାସ୍ଥ୍ୟ ଏବଂ ସମ୍ଭାବ୍ୟ ରୋଗ ଚିହ୍ନଟ କରିଥାନ୍ତି। ଯଦି ରକ୍ତରେ ଚର୍ବିର ମାତ୍ରା ଅଧିକ ମିଳେ ତା'ହାଲେ ହୃଦ୍‌ଘାତର ସମ୍ଭାବନା ଥାଏ ଓ ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଡାକ୍ତର ପରାମର୍ଶ ଦିଅନ୍ତି। ଠିକ୍ ସେହିପରି ମସ୍ତିଷ୍କର ବିଦ୍ୟୁତ୍ ତରଙ୍ଗକୁ ଅଧ୍ୟୟନ କରି କିଛି ମିନିଟ୍ ମଧ୍ୟରେ ଅନେକ ଦୁରାରୋଗ୍ୟକୁ ଚିହ୍ନଟ କରିହେବ। ଜଣେ ମଣିଷ କ'ଣ ଭାବୁଛି ତାହା ଜାଣିଲା ପରେ ବୈଜ୍ଞାନିକମାନେ ଅନେକ କିଛି କରିପାରିବେ। ବ୍ୟକ୍ତି ଜଣକ ଆତ୍ମହତ୍ୟା, ଚୋରି କିମ୍ବା କିଛି ଅଘଟଣ କରିବାକୁ ଚାହୁଁଛି ତାହା ମଧ୍ୟ ଜଣାପଡ଼େ। ତେଣୁ ଅନ୍ୟର ମସ୍ତିଷ୍କ ପଢ଼ି ଆତ୍ମହତ୍ୟା ଭଳି ଘୃଣ୍ୟ କାମକୁ ଅଟକାଇହେବ। ଏହାଦ୍ୱାରା ଭବିଷ୍ୟତରେ ମାନସିକ ରୋଗରେ ପୀଡ଼ିତ ଲୋକଙ୍କ ସଫଳ ଚିକିତ୍ସା ମଧ୍ୟ କରିହେବ। କାରଣ ବର୍ତ୍ତମାନ ଏହାର ସଫଳ ଚିକିତ୍ସା ନାହିଁ କହିଲେ ଚଳେ। ବିନା କିଛି ଔଷଧରେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିର ମସ୍ତିଷ୍କକୁ ବୈଦ୍ୟୁତିକ ତରଙ୍ଗ ସାହାଯ୍ୟରେ ଚିକିତ୍ସା କରିହେବ। ଅର୍ଥାତ୍ ଭବିଷ୍ୟତରେ ଆମ ଆଗରେ ଛିଡ଼ା ହୋଇଥିବା ମଣିଷକୁ ଅନେଇବା ମାତ୍ରେ ସେ କ'ଣ ଭାବୁଛି, କ'ଣ କରିବାକୁ ଯାଉଛି ଓ ତା'ର ରୁଚି କ'ଣ ଆମେ ନିମିଷକେ ଜାଣିପାରିବା। ତା'ମାନେ ଅପରାଧ ଓ ଆପରାଧିକତା ମାନସିକତା ଉପରେ ଅଙ୍କୁଶ ଆପେ ଆପେ ଲାଗିବ। ଏହି ଜ୍ଞାନକୌଶଳର ବ୍ୟାପକ ବ୍ୟବହାର ଆମ୍ଭର ନିତିଦିନିଆ ଜୀବନରେ ହେବାକୁ ଯାଉଛି। ପ୍ରଚଣ୍ଡ ସମ୍ଭାବନା ଥିବା ଏହି ଜ୍ଞାନକୌଶଳ ଉପରେ ଗବେଷଣା କରିବାକୁ ଏବେ ଅନେକ ଘରୋଇ ପ୍ରତିଷ୍ଠାନ ଆଗେଇ ଆସିଲେଣି। ନିକଟରେ ସାମାଜିକ ଗଣମାଧ୍ୟମ ସଂସ୍ଥା ଫେସ୍‌ବୁକ୍ ମଧ୍ୟ ଏହି ଗବେଷଣା ଉପରେ ବିପୁଳ ଅର୍ଥ ବିନିଯୋଗ କରିବାକୁ ଘୋଷଣା କରିଛି। ପିନ୍ଧିବା ଭଳି ଏକ ଯନ୍ତ୍ର, ଯାହାକୁ ପିନ୍ଧିଲା ମାତ୍ରକେ ଭାବନାକୁ ଶବ୍ଦରେ ପ୍ରକାଶ କରିହେବ ବୋଲି କମ୍ପାନୀ ଲକ୍ଷ୍ୟ ରଖିଛି।

ଯାଦୁଗୁଡ଼ା, ପୂର୍ବ ସିଂଭୂମି, ଝାଡ଼ଖଣ୍ଡ
ମୋ: ୦୭୦୦୪୦୬୮୧୧୦

# ଅଳପ ଧନ ବିକଳ ମନ



ଯଦୁମଣି ପାଣିଗ୍ରାହୀ

ଧନ ପ୍ରତି କାହା ମନରେ ଲୋଭ କି ଲାଳସା ନାହିଁ କହିଲେ। ଆଜିକାଲି ତ ଧନ ଅର୍ଜନ କରିବାକୁ ଯିଏ ଯେଉଁ ବାଟକୁ ପାରୁଛି ଆପଣେଇ ନେଉଛି। ବାଟ ଅବାଟ ଯାହା ହେଉ ପଛେ ଧନ ଠୁଳେଇବାର ଅଛି ଆଉ ଧନ ବଳରେ ମାନ, ପ୍ରତିଷ୍ଠା ଆଦି ଅର୍ଜନ କରିବାର ଅଛି। କହିଲା ଭଳିଆ ପାରିବୃତ୍ତି କଥା। ଯିଏ ପାରିଲା ସିଏ ପାରଙ୍ଗମ ଆଉ ଯିଏ ନ ପାରିଲା ଅପାରଗ ଖାତାରେ ଗଣାହେଲା। ଏଇ ଆଧାରରେ ଆଜିକାଲି ଧନୀ ବ୍ୟକ୍ତିଙ୍କ ତାଲିକା ଦିନକୁ ଦିନ ବଢ଼ିବାରେ ଲାଗିଛି। ବିଶ୍ୱରେ ବା ଆମ ଦେଶରେ ଦିନକୁ କାହାର ଆୟ କେତେ ଓ କିଏ ସବୁଠାରୁ ଧନୀ ତା'ର ହିସାବ ବି ହେଉଛି। ଏଥିପାଇଁ ପ୍ରତିଯୋଗିତା ବି ହେଉଛି। ବଡ଼ ବଡ଼ ଶିଳ୍ପପତି ଆଉ ପୁଞ୍ଜିପତିମାନେ ଏହି ଦୌଡ଼ରେ ସାମିଲ ହେଉଛନ୍ତି। ନିଜର ଶ୍ରେଷ୍ଠତା ସାଧାରଣରେ ପ୍ରଦର୍ଶନ କରୁଛନ୍ତି। ହେଲେ ବିଚରା ଅଳପ ଧନବାଲା ଖାଲି ଯାହା ହାଇଁପାଇଁ ହେଉଛନ୍ତି। ଆଜିର ସମୟରେ ଏଭଳି ଅଳପ ଧନ ବାଲାଙ୍କ ସଂଖ୍ୟା ଢେର ଅଧିକ। ଯେତେ ଯେଉଁଠୁ ରୋଜଗାର କଲେ ମଧ୍ୟ ପରିବାର ଚଳାଇ ହେଉନି। ମାପଚୁପ ଭିତରେ ଜୀବନଟା ଧକେଇ ଧକେଇ ଗଡୁଛି। ସୀମିତ ରୋଜଗାର ଭିତରେ ପିଲାଙ୍କ ପଢ଼ା ଖର୍ଚ୍ଚ, ତେଲଲୁଣ ଖର୍ଚ୍ଚ, ଲୁଗାପଟା, ଔଷଧ ଆଉ ବନ୍ଧୁବାନ୍ଧବ ଆଦିଙ୍କ ପାଇଁ ଖର୍ଚ୍ଚ ତୁଲାଇବା କ'ଣ ସହଜ କଥା। ଆଜିକାଲି ଆମ ସମାଜରେ ଅଳପ ଧନ ଥିବା ଲୋକଙ୍କର ଇଏ ହେଉଛି ବିକଳ ଚିତ୍ର। ଚାଷ କରୁଥିବା, ଛୋଟକାଟିଆ ଚାକିରି କି ବ୍ୟବସାୟ କରୁଥିବା ଲୋକଙ୍କର କଷଣ କହିଲେ ନ ସରେ। ଗାଁ ଗହଳି କଥା ଛାଡ଼ିଦେଲେ ଯେଉଁମାନେ ପୁଣି ବାହାରେ ଘରଭଡ଼ା ନେଇ ରହୁଛନ୍ତି ସେମାନଙ୍କ ଜୀବନ ତ ଆହୁରି ଯନ୍ତ୍ରଣାଦାୟକ। ବଡ଼ ଶର୍ଟ କଟ୍ ଭିତରେ ଚଳିବାକୁ ପଡୁଛି। ଘରର ବଡ଼ମାନେ ସିନା ମନକୁ ବୁଝେଇ ଦେଇ ରହୁଛନ୍ତି ହେଲେ ପିଲାଏ କ'ଣ ବୁଝୁଛନ୍ତି। ଆଜି ଏଇଟା ଦରକାର କାଲି ସେଇଟା ଦରକାର, ନ ଦେଲେ ଚଳିବନି। ଧାର ଉଧାର କରିବା ଯାହା ସାର ହେଉଛି। ବଜାରରେ ଭଲ ଜିନିଷଟିଏ ଦେଖିଲେ ଇଚ୍ଛା ହେଉଛି ଘରକୁ ନେଇଯିବାକୁ। ଆଶା ହେଉଛି ମନଲାଖି ମାଛ କି ମାଂସ ଟିକେ ଖାଇବାକୁ। ଯାନିଯାତ୍ରା ଟିକେ ବୁଲିଯିବାକୁ। ପୂନେଇଁ ପରବରେ ମନପସନ୍ଦର ଖାଦ୍ୟପଦାର୍ଥ ତିଆରି କରିବାକୁ। ହେଲେ ହାତରେ ଧନ ଥିଲେ ସିନା ହେବ। ମନମାରି ରହିବାକୁ ହେଉଛି। ସେଥିପାଇଁ ବୋଧେ କେବେ କିଏ ଏମାନଙ୍କ ଉଦ୍ଦେଶ୍ୟରେ ହୁଏତ କହିଥିଲେ 'ଅଳପ ଧନ ବିକଳ ମନ'। ଅଳପ ଧନ ଥିବା ଲୋକେ ଯେ, ଅଧିକ ଧନକୁ ଆଶା ନ କରନ୍ତି ତାହା ନୁହେଁ ହେଲେ କର୍ମ ଦୋଷରୁ ହେଉ ଅବା ଭାଗ୍ୟଦୋଷରୁ ଏ ସୁଯୋଗ ହୁଏତ ଏମାନଙ୍କୁ ମିଳିପାରେନି। ଅତଏବ ଦୁଃଖକଷ୍ଟ ଓ



ହା'ହତାଶ ଭିତରେ ଜୀବନ କାଟିବାଟା ଥୟ।

ଗୋଟେ ଦୃଷ୍ଟିରୁ ଦେଖିବାକୁ ଗଲେ ଅଳପ ଧନ ଥିବା ଲୋକଙ୍କ ଉଦ୍ଦେଶ୍ୟରେ କୁହାଯାଇଥିବା ଉପରୋକ୍ତ କଥାଟି ପୂରାପୂରି ଯଥାର୍ଥ। ତେବେ ବିଡ଼ମ୍ବନାର ବିଷୟ ହେଉଛି ଉଭା ଓ ପୋତା ଉଭୟ ଧନରେ ଭରପୂର ଅଥଚ ଅଳପ ଧନ ବୋଲି ସର୍ବଦା ଦର୍ଶାଉଥିବା ଓ ପୁଣି ବାରଆଡ଼େ କହି ବୁଲୁଥିବା ଲୋକଙ୍କ କଥା ଦେଖୁନାହାନ୍ତି। ଅସୁମାରି ଲାଭ ଓ ଲୋଭ ଭିତରେ ବି ପୁଣି କିଛି ଧନ ପ୍ରାପ୍ତିର ଆଶା ସଦାବେଳେ ଏମାନଙ୍କୁ ବ୍ୟାକୁଳ କରାଉଛି। ଭଗବାନ୍ ଏମାନଙ୍କୁ ଯେତେ ଦେଇଥିଲେ ବି ଏମାନଙ୍କ ମନ ବୁଝୁନି ଯେ ପୁଣି ଧନ ପାଇଁ ଆକୁଳ ଓ ବିକଳ। ଦୁନିଆର ସବୁକିଛି ପ୍ରାପ୍ତି ଭିତରେ ବି ଆହୁରି କିଛି ଅପ୍ରାପ୍ତି ଏମାନଙ୍କ ପାଇଁ ରହିଯାଇଥାଏ। ଯାହାକୁ ନେଇ ଏମାନେ ଛଟପଟ ଓ ଡହଳବିକଳ। ଏମାନଙ୍କ ପାଟିରେ ସଦାସର୍ବଦା ନାହିଁ ନାହିଁର ସ୍ୱର। ସେଥିପାଇଁ ତ କୋଠାଘର, ଜମିବାଡ଼ି ଓ ଦୁଇଚକିଆ ଚାରିଚକିଆ ଥିବା ଲୋକ ରାଶନକାର୍ଡ ଖଣ୍ଡେ ହାତେଇ ନେବାକୁ କିମ୍ବା ଆବାସ ଯୋଜନାରେ ଘର ଖଣ୍ଡେ ମାରିନେବାକୁ ଆପଣାର ବୁଦ୍ଧିବିଦ୍ୟା ଲଗାଇ ଦେଇଥା'ନ୍ତି। ଗରିବଙ୍କ ହକ୍ ଉପରେ ଭାଗ ବସେଇବାକୁ ଆଗେଇ ଆସିଥା'ନ୍ତି। ଯେତେ ହେଲେ ବି ଏମାନଙ୍କୁ ନିଅଣ୍ଟ। ଏମାନଙ୍କ ନିତିଦିନିଆ ଚଳଣି ଦେଖିଲେ ଦୁଃଖ ଲାଗେ। ବଡ଼ ନିକୁଛିଆ ପ୍ରକୃତିର ଏମାନେ। ଖାଇବା ପିଇବାଠାରୁ ଆରମ୍ଭ କରି, କାମକାର୍ଯ୍ୟ ଓ ଉତ୍ସବ ଅନୁଷ୍ଠାନ ପାଳନରେ ଏମାନେ ଭାରି ମାପଚୁପ ହୋଇ ଚଳିଥା'ନ୍ତି। ବିବାହ, ବ୍ରତ ଉପଲକ୍ଷେ ଭୋଜିଭାତରେ ଏମାନେ ଆମନ୍ତ୍ରିତ ହୋଇ କୁଆଡ଼େ ଗଲେ ଉପହାର ଆକାରରେ ଯାହା କିଛି ଦିଅନ୍ତି ସେହି ଅନୁପାତରେ ଖାଦ୍ୟପେୟ ବି ଗ୍ରହଣ କରିବା ନେଇ ବେଶ୍ ସଚେତନ ଥା'ନ୍ତି। ବଜାରରୁ ପନିପରିବା, ଲୁଗାପଟା କିମ୍ବା ଅନ୍ୟାନ୍ୟ ଦ୍ରବ୍ୟାଦି କିଣାକିଣିରେ ଏମାନେ ସର୍ବଦା ମୂଲଚାଲ କରିଥା'ନ୍ତି। ପୂଜାପର୍ବ କି ଆନୁଷ୍ଠାନିକ କର୍ମ ଲାଗି ପ୍ରଦତ୍ତ ଚାନ୍ଦାଚପଟରେ ଏମାନେ କାର୍ପଣ୍ୟ ଭାବ ଦେଖାଇଥାନ୍ତି। ସୁଯୋଗ ବଶତଃ ମାଗଣା ଯୋଜନା କି ମାଗଣା ଭୋଜନ ଏମାନଙ୍କୁ ମିଳିଗଲା ତ ଏମାନଙ୍କର କଚେପୁଅ ବାର। କୁହାଯାଏ ଯାହାର ଯେତେ ଧନ, ତା'ର ସେତେ ଲୋଭ। ଧନ ପ୍ରାପ୍ତି ଲାଗି ଏମାନେ ଭାଇକୁ ଭଗାରି, ମିତ୍ରକୁ ଶତ୍ରୁ, ଆପଣାକୁ ପର, ଧଳାକୁ କଳା ଓ ସତକୁ ମିଛ କରିବାକୁ ଜମାରୁ କୁଣ୍ଠାବୋଧ କରନ୍ତିନି। ଆବଶ୍ୟକତାଠାରୁ ଅଧିକ ଆଶା କରିବା ଭଲ ନୁହେଁ କି ଲୋଭର ବଶବର୍ତ୍ତୀ ହେବା ଗ୍ରହଣୀୟ ନୁହେଁ। ଲୋଭ ମଣିଷକୁ ଅବାଟକୁ ନେଇଯାଏ। ଅବାଟରେ ଗଲେ ଏହାର କୁପରିଣାମ ବି ଭୋଗିବାକୁ ପଡ଼ିବ। ବଡ଼ଲୋକ ହେବା ନିଶାରେ ମଣିଷ ଆଜି କ'ଣ ନାହିଁ କ'ଣ କରିବସୁଛି। ଧନ ପାଇଁ ଏତେ ବିକଳ ଆଉ ବ୍ୟାକୁଳ କାହିଁକି ? ବରଂ ଯେତିକି ଅଛି ସେତକକୁ ନେଇ ଖୁସିରେ ରହିବା ବୁଦ୍ଧିମାନର କାର୍ଯ୍ୟ। ଅଳପ ଧନ ଥିବା ଲୋକେ ବିକଳ ହେବା ସ୍ୱାଭାବିକ କଥା। ହେଲେ ଧନ ଥିବା ଲୋକେ ଆହୁରି ଅଧିକ ଧନ ଆଶା କରିବା ଓ ଏଥିଲାଗି ବିକଳ ହେବା ନିହାତି ପରିତାପର ବିଷୟ।

ଶଙ୍ଖୁଡା, ତିହିଡ଼ି, ଭଦ୍ରକ
ମୋ–୯୯୩୭୫୬୫୫୨୭

## ଏଇ ଭାରତରେ

କାନପୁରରେ ଖୁସି ବାଣ୍ଟୁଛି ଉଦ୍ଦେଶ୍ୟ ସଚାନଙ୍କ ଗୁରୁକୁଳମ୍। ଏହାକୁ 'ଖୁସିର ସ୍କୁଲ' ଭାବେ ଲୋକେ ଜାଣନ୍ତି। ଏହା ଏକପ୍ରକାର ମୁକ୍ତ ସ୍କୁଲ ; ଯେଉଁଠି ଗଣିତ ଓ ଅନ୍ୟାନ୍ୟ ବିଷୟ ଶିକ୍ଷା ଦିଆଯିବା ସହ ଜୀବନରେ ପିଲାମାନେ କେମିତି ସଫଳ ହେବେ ସେହି କୌଶଳ ମଧ୍ୟ ପ୍ରଦାନ କରାଯାଉଛି। ଅସହାୟ ବସ୍ତି ପିଲାମାନଙ୍କୁ ସେ ମାଗଣାରେ ପଢ଼ାଉଛନ୍ତି। ଏବେ ୧୫୦ ପିଲା ସ୍କୁଲକୁ ଆସୁଛନ୍ତି। ସ୍କୁଲରେ ୪୦୦ ପର୍ଯ୍ୟନ୍ତ ପିଲାଙ୍କୁ ଶିକ୍ଷା ଦେବାର ବ୍ୟବସ୍ଥା କରିଛନ୍ତି ସଚାନ। ଏଥିପାଇଁ ୩ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରିଛନ୍ତି। ଲୋକଙ୍କ ଅନୁଦାନରେ ଚାଲିଛି ଏହି ସ୍କୁଲ। ସଚାନ ପିଲାଦିନ କଟିଥିଲା କାନପୁରରେ। ସେ ଦର୍ଶନଶାସ୍ତ୍ରରେ ଡିଗ୍ରୀ ହାସଲ କରିଛନ୍ତି। ଗରିବ ପିଲାମାନେ ପାଠରୁ ବଞ୍ଚିତ ନ ହୁଅନ୍ତୁ, ସେଥିପାଇଁ ସଚାନ ୨୦୧୯ରେ ପ୍ରତିଷ୍ଠା କରିଥିଲେ ଗୁରୁକୁଳ, ଯାହା ଏବେ ତାଙ୍କ ଉଦ୍ଦେଶ୍ୟ ପୂରଣ କରିବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୪ ଡିସେମ୍ବର ୧୯୯୭

- ଉତ୍ତର ପ୍ରଦେଶର ମିରଜାପୁର ଜିଲାରେ ଗଙ୍ଗା ନଦୀରେ ଏକ ନୌକା ଦୁର୍ଘଟଣା ଯୋଗୁ ୨୫ ଯାତ୍ରୀ ନିଖୋଜ।
- ଓଡ଼ିଶା ରାଜ୍ୟ ବିଧାନସଭାର ବିରୋଧୀଦଳ ନେତା ପଦରୁ ଅଶୋକ ଦାସଙ୍କ ଇସ୍ତଫା।

## ଚିରନ୍ତନୀ

ଚୂତର ମୁକୁଳ ବାସେ ଆଗମନୀ ଆସିଲା
ଆସିଲା ସେ ପଥେ ଘାଟେ ପବନେ
ପୁଲକାଇ ଉଲସାଇ ଚରାଚର ବିଶ୍ୱ
ଆସିଲା ମୋ ଜରାଗତ ଜୀବନେ !
ଧରଣୀର ଧୂଳିରାଶି ହକିଲା ସହସା
ଶୋଭେ ଦିଶ କୁସୁମିତ ବସନେ।
–(ଜୀବନ–ଦୋଳି)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | 5 | | | | | | | 2 |
| 2 | | | | 8 | 1 | | | |
| | | 4 | 2 | | | | | 6 |
| | | | | 1 | 7 | | | 8 |
| | | 9 | | | | 7 | | |
| | | | 8 | 3 | | | | |
| | 9 | | | | | | | 1 |
| | | | 9 | | | | | 3 |
| | | 3 | | | | 8 | 2 | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 5 | 1 | 7 | 6 | 9 | 8 | 4 | 3 |
| 3 | 9 | 8 | 5 | 4 | 1 | 6 | 2 | 7 |
| 6 | 7 | 4 | 8 | 3 | 2 | 5 | 9 | 1 |
| 8 | 1 | 6 | 3 | 9 | 7 | 2 | 5 | 4 |
| 5 | 2 | 9 | 4 | 1 | 8 | 3 | 7 | 6 |
| 4 | 3 | 7 | 6 | 2 | 5 | 1 | 8 | 9 |
| 7 | 4 | 3 | 2 | 5 | 6 | 9 | 1 | 8 |
| 9 | 6 | 2 | 1 | 8 | 4 | 7 | 3 | 5 |
| 1 | 8 | 5 | 9 | 7 | 3 | 4 | 6 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପ୍ଲାଷ୍ଟିକ ନିଷିଦ୍ଧ କରାଯାଉ

ମହାଶୟ, ଦେଶ ତଥା ରାଜ୍ୟରେ ପ୍ଲାଷ୍ଟିକ ବ୍ୟବହାରକୁ ରୋକାଯାଉ। ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି। ଏପରିକି ନିଃଶ୍ୱାସପ୍ରଶ୍ୱାସରେ ବାୟୁରେ ରାସାୟନିକ ପଦାର୍ଥ ମିଶୁଛି। ସେହିପରି ମାଟି, ପାଣି ଓ ପବନ ଆଦୌ ସ୍ୱଚ୍ଛ ନୁହେଁ। ମାଟିରେ ପ୍ଲାଷ୍ଟିକ ମିଶିବାରୁ ତାହା ଖାଦ୍ୟରେ ମିଶୁଛି। ଏହାଦ୍ୱାରା କର୍କଟ ରୋଗ ବ୍ୟାପୁଛି। ଏବେଠାରୁ ପ୍ରତିକାର ନ କଲେ ଭୟଙ୍କର ପରିସ୍ଥିତି ଉପୁଜିବ।

–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ବେଆଇନ ମଦ କାରବାରରେ ଜଣେ ଗିରଫ**

ସିନାପାଲି,(ଡି.ଏନ.ଏ.): ନୂଆପଡା ଜିଲା ସିନାପାଲି ଥାନା ଯୋଗିବାହାଲ ଗ୍ରାମରେ ବେଆଇନ ମଦ କାରବାରରେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ବିପୁଳ ବିଦେଶୀ ମଦ ସହ ତିନି ଲିଟର ନକଲି ମଦ ଜବତ କରାଯାଇଛି। ଗିରଫ ଜଣକ ଯୋଗିବାହାଲ ଗ୍ରାମର ମହାଦେବ ମେହେର (୩୮)। ବିଶେଷ ସୂତ୍ରରୁ ଖବର ପାଇ ଖଡିଆଲ ଓ ସିନାପାଲି ଅବକାରୀ ବିଭାଗ ମିଳିତ ଭାବେ ଯୋଗିବାହାଲ ଗ୍ରାମର ମହାଦେବଙ୍କ ଘରେ ଚଢ଼ାଉ କରାଯାଇଥିଲା। ଘର ପଛପଟୁ ବେଆଇନ ଭାବେ ବିକ୍ରି ହେଉଥିବା ବିଦେଶୀ ମଦ ଅବକାରୀ ବିଭାଗ ଜବତ କରିଥିଲା।

# ପ୍ରତିଶ୍ରୁତି ଦେଇ ଭୁଲିଯାଉଛି କମ୍ପାନୀ

## ଉତ୍କଳ ଆଲୁମିନା ବିରୋଧରେ ୧୨୦ କି.ମି. ପଦଯାତ୍ରା

**ଭବାନୀପାଟଣା,୧୩।୧୨(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଆଦିବାସୀ ଅଧ୍ୟୁଷିତ ଥୁଆମୂଳ ରାମପୁର ବ୍ଲକର ବଫଳାମାଲି ପର୍ବତରେ ବହୁ ରାଷ୍ଟ୍ରୀୟ କମ୍ପାନୀ ଖଣି ଖନନ କରୁଛି। ହେଲେ ଜମି ହରାଇଥିବା ହିତାଧିକାରଙ୍କୁ ଦେଇଥିବା ପ୍ରତିଶ୍ରୁତି ସତେ କେମିତି ଭୁଲି ଯାଇଛନ୍ତି କମ୍ପାନୀ କର୍ତ୍ତୃପକ୍ଷ। ଖଣି ଖନନ ଆରମ୍ଭକୁ ଆଜକୁ ଦୀର୍ଘ ୧୨ ବର୍ଷ ବିତିଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବିସ୍ଥାପିତଙ୍କ ସମସ୍ୟା ବୁଝିବାରେ ଅବହେଳା କରିଛି ଉତ୍କଳ ଆଲୁମିନା କମ୍ପାନୀ। ଅଭିଯୋଗ ଅନୁଯାୟୀ ଥୁଆମୂଳ ରାମପୁର ବ୍ଲକର ବଫଳାମାଲି ପର୍ବତ ଶିଖରରେ ଥିବା ଅଡ୍ରି, ଗୋପୀନାଥପୁର ଓ ମାଳିଗାଁ ପଞ୍ଚାୟତ ୧୦ରୁ ଉର୍ଦ୍ଧ୍ୱ ଗାଁ ଲୋକଙ୍କୁ ବିସ୍ଥାପିତ କରିବା ସହ ଖଣି ଖନନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗ୍ରାମ ସଭାରେ ଦେଇଥିବା ପ୍ରତିଶ୍ରୁତିକୁ କମ୍ପାନୀ କର୍ତ୍ତୃପକ୍ଷ ପୂରଣ ନ କରିବାରୁ କଳାହାଣ୍ଡି ଜିଲା କଂଗ୍ରେସ ପକ୍ଷରୁ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଗତ ୧୧ ତାରିଖରୁ ଥୁଆମୂଳ ରାମପୁର ବ୍ଲକ ଗୋପୀନାଥପୁରଠାରୁ ୩ଟି


କଂଗ୍ରେସର ପଦଯାତ୍ରା।

ପଞ୍ଚାୟତବାସୀଙ୍କୁ ନେଇ ଜିଲା କଂଗ୍ରେସ ପକ୍ଷରୁ ଦୀର୍ଘ ୧୨୦ କି.ମି. ପଦଯାତ୍ରା ହୋଇଥିଲା। ମଙ୍ଗଳବାର ଏହି ପଦଯାତ୍ରା ଭବାନୀପାଟଣାଠାରେ ପହଞ୍ଚିବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭକ୍ତ ଚରଣ ଦାସ, ଜିଲା ସଭାପତି ଭାରତ ଭୂଷଣ ବେମାଲ, ଜିଲା ଉପସଭାପତି ପରମା ନନ୍ଦ ମାଝି, ରାଜ୍ୟ ଯୁବ କଂଗ୍ରେସ ଉପସଭାପତି ମହମ୍ମଦ ସାହେବ, ସାଧାରଣ ସମ୍ପାଦକ ତ୍ରିଲୋଚନ ପାଣିଗ୍ରାହୀ, ରାଜ୍ୟ ମହିଳା କଂଗ୍ରେସ ଦ୍ରୋପଦି ମାଝି, ସ୍ଥାନୀୟ ବ୍ଲକ ସଭାପତି ମନ ରଞ୍ଜନ ନାଏକ, ମୁରଲୀ ଧର ନାଏକ, ରବି ପଟ୍ଟଯୋଶୀ, ତୁଲେଶର ନାଏକ, ଜିଲା ଉପସଭାନେତ୍ରୀ ମନ୍ଦାକିନି ବାଣୁଆ ପ୍ରମୁଖ ଉପସ୍ଥିତ ରହି କମ୍ପାନୀ ବିରୋଧରେ ଗର୍ଜିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟୱାର୍କ, କମ୍ପାନୀରେ ନିଯୁକ୍ତି, ସମସ୍ତ ପ୍ରଭାବିତ ପରିବାରକୁ ଆର୍ଥିକ ସହାୟତା ଆଦି ପ୍ରଦାନ ଦାବି କରଯାଇଛି। ଏ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ନ ଦେଲ ଆଗାମୀ ଦିନରେ ଭୟାବହ ଆନ୍ଦୋଳନ ହେବା ନେଇ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ପ୍ରକାଶ


@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପରୀକ୍ଷା ଖାତା ମୂଲ୍ୟାଙ୍କନ ବେଳେ ହୃଦ୍‌ଘାତ, ପ୍ରଧାନଶିକ୍ଷକ ମୃତ

**ବଲାଙ୍ଗୀର ଅଫିସ, ୧୩।୧୨**

ବଲାଙ୍ଗୀର ବାଳିକା ଉଚ୍ଚବିଦ୍ୟାଳୟରେ ଦଶମ ଶ୍ରେଣୀ ସମ୍ମେଟିଭ ଖାତା ମୂଲ୍ୟାଙ୍କନ ଚାଲିଥିଲା। ମୂଲ୍ୟାଙ୍କନ କରୁଥିବାବେଳେ କୁଡାସିଂହା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶ୍ୱିନୀ କୁମାର ମିଶ୍ର ଅସୁସ୍ଥ (୫୭) ହୋଇପଡିଥିଲେ। ସେଠାରୁ ତାଙ୍କୁ ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲ ନିଆଯାଇଥିଲା। ସେଠାରେ ହୃଦ୍‌ଘାତ ଆଶଙ୍କା କରି ତାଙ୍କୁ ବୁର୍ଲା ପଠାଯାଇଥିଲା। ବୁର୍ଲା ମେଡିକାଲ ହସ୍ପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରୁଥିବାବେଳେ ତାଙ୍କର ହୃଦ୍‌ଘାତ ହେବାରୁ ସେ ସେଠାରେ ଟଳି ପଡିଥିଲେ। ତାଙ୍କ ସ୍ତ୍ରୀ ଚନ୍ଦ୍ରମା ମିଶ୍ର, ଏକମାତ୍ର ପୁତ୍ର ଆଦେଶ କୁମାର ମିଶ୍ର, ତିନି ଭାଇ, ବାପା ଅଛନ୍ତି। ବୁଧବାର ବଲାଙ୍ଗୀରରେ ତାଙ୍କର ଅନ୍ତିମ ସତ୍କାର କରାଯିବ ବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

## ରେଗଡ଼ା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**କର୍ଲାମୁଣ୍ଡା,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗଡା ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଜ୍ଞାଦିପ୍ତ ରଥଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ନର୍ଲା ବିଧାୟକ ଭୂପିନ୍ଦର ସିଂ, ମୁଖ୍ୟବକ୍ତା ଭାବେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡା ନପରାଜ ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଅଧ୍ୟକ୍ଷା କୁନି ସାହୁ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସୋନାଲି ମେହେର ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟକ୍ଷ ରଥ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରୁଚିସ୍ମିତା ଗହୀର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସେବାନିଧି ସମ୍ମାନରେ ସୁରେନ୍ଦ୍ର ଭୋଇ, ଶିକ୍ଷାଜ୍ୟୋତି ସମ୍ମାନ କୃଷ୍ଣଚନ୍ଦ୍ର ପାତ୍ର, ଶିକ୍ଷାଭାରତୀ ସମ୍ମାନରେ ଡା. ଅଜିତ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଘୁମୁରା ଓ ଦାଣ୍ଡିଆ ନୃତ୍ୟରେ ମଞ୍ଚ ଦୁଲୁକି ଉଠିଥିଲା। ଦୋଳଗୋବିନ୍ଦ ହରିଜନ, ସୋନାଲି ମେହେର, ମୁକେଶ ଥପା, ପ୍ରଗତି ମହାନ୍ତି, ରାଜକିଶୋର ନାଗ, ରୁଚିସ୍ମିତା ଗହୀର ଓ ପ୍ରଦୀପ ପଧାନ ମଞ୍ଚ ପରିଚାଳନା କରିଥିଲେ ଦିପିକା ମଞ୍ଜରୀ ସାହୁ, ଶରତ ଚନ୍ଦ୍ର ଗଡତିଆ, ଆଶିଷ ଭୋଇ, ଶିବପ୍ରସାଦ ସାହୁ, ଦେବାର୍ଚ୍ଚନ ଭୋଇ, ଧର୍ମେନ୍ଦ୍ର ବାଗ ପ୍ରମୁଖ ସହଯୋଗ କରିଥିଲେ। ଆଦର୍ଶ ବିଦ୍ୟାଳୟରେ ୫ବର୍ଷ ପରେ ମଧ୍ୟ ହଷ୍ଟେଲ ସୁବିଧା ନ ଥିବାରୁ ବହୁ ଖର୍ଚ୍ଚାନ୍ତରେ ଛାତ୍ରୀଛାତ୍ର ଯାତାୟାତ କରୁଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି।

## ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ କ୍ରୀଡ଼ା

**କୋକସରା,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଲଡୁଗାଁ ସରସ୍ୱତୀ ଶିଶୁ ମନ୍ଦିରରେ ସଙ୍କୁଳସ୍ତରୀୟ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ନକୁଳ ନାଏକ, ସମ୍ମାନିତ ଅତିଥି ଭାବେ ସଂକୁଳ ସଂଯୋଜକ ବିଶ ଜୀବନ ପାଢ଼ୀ, ପରିଚାଳନା ସମିତି ସମ୍ପାଦକ ରାଜେନ୍ଦ୍ର ନାରାୟଣ ଦାସ, କୋଷାଧକ୍ଷ ସୁରେଶ ଶର୍ମା, ସଭାପତି ଗରୁଡ଼ ବାଗ, ପୂର୍ବତନ ଯୁଗ୍ମ ସମ୍ପାଦକ ରବି ଦାସ, ପ୍ରଧାନ ଆଚାର୍ଯ୍ୟ ପର୍ଶୁରାମ ଦୁର୍ଗା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା ଜିତେନ୍ଦ୍ର ନାଏକ କରିଥିବା ବେଳେ ସଙ୍କୁଳସ୍ତରୀୟ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଗୁରୁଜୀ ଗୁରୁମା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ବିଆରସିସି ତୋଫାନ ମାଝି, ମୁଖ୍ୟବକ୍ତା ହାଇସ୍କୁଲ ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାସ, ସଙ୍କୁଳ ପ୍ରମୁଖ ଶ୍ରୀବଲ୍ଲଭ ନାଏକ ଉପସ୍ଥିତ ରହିଥିଲେ। ମଞ୍ଚ ପରିଚଳନା ଜିତେନ୍ଦ୍ର ନାଏକ କରିଥିବା ବେଳେ ଉପସଭାପତି ଶ୍ରୀମନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ତିନିଦିନ ଧରି ଅନୁଷ୍ଠିତ ହେବ ତୋଷାଳି ମହୋତ୍ସବ

**ଗୁଡଭେଲା,୧୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରାରେ ଦ୍ୱିତିୟବର୍ଷ ତୋଷାଳୀ ମହୋତ୍ସବ ତିନିଦିନ ଧରି ପାଳନ କରାଯିବ। ଏ ନେଇ ମଙ୍ଗଳବାର ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜକ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଜାନୁଆରୀ ୨୯, ୩୦, ୩୧ ତାରିଖ ତିନିଦିନ ଧରି ମହୋତ୍ସବ ଅନୁଷ୍ଠିତ ହେବ। ସ୍ଥାନୀୟ ସଂସ୍କୃତି, କଳା ଓ ସାହିତ୍ୟକୁ ବିଶେଷ ଦୃଷ୍ଟିରେ ରଖାଯିବ ବୋଲି କମିଟି ପକ୍ଷରୁ ପ୍ରକାଶ କରାଯାଇଛି। ଡ଼ିସେମ୍ବର ୨୦ରେ ତୋଷାଳି ମହୋତ୍ସବର ଲୋଗୋ ବିଭିନ୍ନ ସହରରେ ଏକା ସାଙ୍ଗରେ ଉନ୍ମୋଚନ ହେବ ବୋଲି ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ ଉପଦେଷ୍ଟା କମିଟି ସଭାପତି ସୁରେଶ ସାହୁ, ମହୋତ୍ସବ କମିଟି ସଭାପତି ବ୍ରହ୍ମାନନ୍ଦ ପାଣ୍ଡିଆ, ଉପସଭାପତି ଦେବବ୍ରତ ପାଣିଗ୍ରାହୀ, ସମ୍ପାଦକ ଜିତେନ୍ଦ୍ର ମହାପାତ୍ର, ଯୁଥ ଆକ୍ସନ କମିଟି ସଭାପତି ଲିସନ ପ୍ରଧାନ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି

### ପ୍ରଚାର ପ୍ରସାର କମିଟି ପକ୍ଷରୁ ଉତ୍ସବ ଲୋଗୋ ଉନ୍ମୋଚିତ

**ଧର୍ମଗଡ଼,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡଠାରେ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୩ ପାଳନ ପାଇଁ ସୋମବାର ବ୍ଲକ ସମ୍ମିଳନୀ କକ୍ଷରେ କଳାହାଣ୍ଡି ଉତ୍ସବ କମିଟି ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ କମିଟି, ମଞ୍ଚ ପ୍ରସ୍ତୁତି କମିଟି ଓ ପ୍ରଣାମ କଳାହାଣ୍ଡି କମିଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବିଡିଓ ଶରତ କୁମାର ସେଠିଙ୍କ ଅଧକ୍ଷତାରେ ତହସିଲଦାର ହରେକୃଷ୍ଣ ବରିହା, ସହକାରୀ ଜିଲାପାଳ ଚିନ୍ମୟ ନାୟକ, ଗ୍ରାଉଣ୍ଡ ମ୍ୟାନେଜମେଣ୍ଟ କମିଟି ଅଧକ୍ଷ ସୁରେନ୍ଦ୍ର କୁମାର ମୁନି, ମଞ୍ଚ ପ୍ରସ୍ତୁତି କମିଟି ଅଧକ୍ଷ ହଳଧର ନିଆଲ, ପ୍ରଣାମ କଳାହାଣ୍ଡି ଅଧକ୍ଷ ବିଦ୍ୟାଧର ସାହୁ, ପ୍ରଚାର ପ୍ରସାର କମିଟି ଅଧକ୍ଷ ବିରଞ୍ଚି ନାରାୟଣ ଜାଲଙ୍କ ସମେତ ହୃଷୀକେଶ ମିଶ୍ର, ବୈଦ୍ୟନାଥ ବେହେରା, ଇଙ୍ଗିତ କୁମାର ପଣ୍ଡା, ଲିଙ୍ଗରାଜ ପାତ୍ର, ଗୋବିନ୍ଦ ଚନ୍ଦ୍ର ସାହୁ, ରାଜେନ୍ଦ୍ର ମୁନି, ମାଧବ ଲହଜଲ, ଶ୍ରବଣ କୁମାର ଅଗ୍ରୱାଲ, ବିକାଶ ଭାରତୀ ସାହୁ, ସଞ୍ଜୟ ବେହେରା ପ୍ରମୁଖ ଉପସ୍ଥିତ ରହି ଉତ୍ସବ ସମ୍ପର୍କିତ ବିଭିନ୍ନ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଚାର ପ୍ରସାର କମିଟି ପକ୍ଷରୁ କଳାହାଣ୍ଡି ଉତ୍ସବ ଲୋଗୋ ଉନ୍ମୋଚନ ହୋଇଥିଲା। ସ୍ଥାନୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସିଂ ଧନ୍ୟବାଦ ଦେଇଥିଲେ।

## ଜାନୁୟାରୀ ୮ରୁ ମଠଖାଇ ମହୋତ୍ସବ

**ବଲାଙ୍ଗୀର ଅଫିସ, ୧୩।୧୨**

ସର୍ବଭାରତୀୟ ବହୁଭାଷୀ ନାଟକ ଉତ୍ସବ ମଠଖାଇ ମହୋତ୍ସବ ଆସନ୍ତା ଜାନୁୟାରୀ ୮୨ରୁ ଆରମ୍ଭ ହେବ। ମଠଖାଇ ମହୋତ୍ସବ କମିଟି ଏବଂ ଭୂମିକା ପକ୍ଷରୁ ମଙ୍ଗଳବାର ଅପରାହ୍ଣରେ ଏକ ବୈଠକ କରାଯାଇ ଆଗାମୀ ମଠଖାଇ ମହୋତ୍ସବ ଆୟୋଜନ ସମ୍ପର୍କରେ ସୂଚନା ଦିଆଯାଇଥିଲା। ବୈଠକରେ ମଠଖାଇ ମହୋତ୍ସବ ଆୟୋଜନ କମିଟି ଅଧକ୍ଷ ତଥା ବିଧାୟକ ନରସିଂହ ମିଶ୍ର, ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି, ଭୂମିକା ସଭାପତି ବ୍ୟାସଦେବ ନନ୍ଦ ମଞ୍ଚାସୀନ ଥିଲେ। ସଭାକୁ ବରିଷ୍ଠ ସଦସ୍ୟ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ। କୋଭିଡ କାରଣରୁ ଦୁଇବର୍ଷ ହେଲା ମଠଖାଇ ମହୋତ୍ସବ ବନ୍ଦ ରହିଥିଲା। ଦୁଇବର୍ଷ ପରେ ପୁଣି ଥରେ ମହୋତ୍ସବ ଆୟୋଜନ କରାଯାଉଥିବାରୁ ଏଥିରେ ସମସ୍ତଙ୍କୁ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଅଧକ୍ଷ ବିଧାୟକ ମିଶ୍ର ଏହି ମହୋତ୍ସବରେ ଅଧିକ ସଚେତନତା ଧର୍ମୀ ନାଟକ ପରିବେଷଣ ସହ ଅଧିକ ଲୋକଙ୍କୁ ସାମିଲ କରାଯିବା ଏବଂ ବ୍ୟାପକ ପ୍ରଚାର ପ୍ରସାର କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ଉପଦେଷ୍ଟା ପ୍ରଫେସର ପତି ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ବାଦ୍ ଅନ୍ୟ ସମୟରେ ମଧ୍ୟ ଆଲୋଚନାଚକ୍ର କରି ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ଏହି ସଭାରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି, କଳାକାର, ବିଭିନ୍ନ ସଙ୍ଗଠନ ପ୍ରତିନିଧି ଉପସ୍ଥିତ ଥିଲେ।

## ତପନ ଗଉଡ଼ ମାର୍ସାଲ ଆର୍ଟସ ଗଟ ଟ୍ୟାଲେଣ୍ଟ ୱାର୍ଲ୍ଡ ଚାମ୍ପିୟନ

### ଅନ୍ତର୍ଜାତୀୟସ୍ତରରେ ଗର୍ବିତ କଲେ କଳାହାଣ୍ଡିର ପୁଅ

**ଭବାନୀପାଟଣା,୧୩।୧୨(ସ୍ୱ.ପ୍ର.)**



ଚାମ୍ପିୟନ ହୋଇଥିବା ତପନ।

ଅହମଦାବାଦର ଗ୍ଲୋବାଲ ଇଣ୍ଡିଆନ ଇଣ୍ଟରନ୍ୟାଶନାଲ ସ୍କୁଲଠାରେ ଇଣ୍ଟରନ୍ୟାଶନାଲ ମାର୍ସାଲ ଆର୍ଟସ ହଲ ଅଫ ଫେମ' ପ୍ରତିଯୋଗିତାରେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅନ୍ତର୍ଗତ ବୁଢ଼ୀପଦର ଗ୍ରାମର ତପନ ଗଉଡ 'ମାର୍ସାଲ ଆର୍ଟସ ଗଟ ଟ୍ୟାଲେଣ୍ଟ ୱାର୍ଲ୍ଡ ଚାମ୍ପିୟନ' ହୋଇଛନ୍ତି। ଭାରତୀୟ ଯୁଦ୍ଧ କଳା ପ୍ରାଧିକରଣ (ମାର୍ସାଲ ଆର୍ଟସ ଅଥରିଟି ଅଫ ଇଣ୍ଡିଆ) ସହ ଅନୁବନ୍ଧିତ ଡବ୍ଲୁକେଏଫଆଇ ଉସୁ କୁଙ୍ଗଫୁ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଭାରତ ସମେତ ବିଭିନ୍ନ ଦେଶର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ପୁରାତନ ଯୁଦ୍ଧ କଳା ଭୋଲାଇନୋରେ ଅଭୂତପୂର୍ବ ପ୍ରଦର୍ଶନ କରି ତପନ ଗଉଡ 'ମାର୍ସାଲ ଆର୍ଟସ ଗଟ ଟ୍ୟାଲେଣ୍ଟ ୱାର୍ଲ୍ଡ ଚାମ୍ପିୟନ' ହୋଇ ଓଡିଶା ତଥା ଦେଶ ପାଇଁ ଗୌରବ ଆଣି ଦେଇଛନ୍ତି। ନର୍ଲା ବ୍ଲକ ବୁଢ଼ୀପଦର ଗ୍ରାମର ସଞ୍ଜୁ ଗଉଡ଼ ଓ ସ୍ୱର୍ଗତ ଭୁରି ଗଉଡ଼ଙ୍କ ପୁତ୍ର ୨୪ ବର୍ଷିୟ ତପନଙ୍କ ଜୀବନ ଅନେକ ଝଡଝଞ୍ଝା ମଧ୍ୟଦେଇ ଗତି କରିଛି। ଲାଞ୍ଜିଗଡ଼ ରୋଡ ଜୁନିୟର କଲେଜରେ ଯୁକ୍ତ ୨ ପାସ କରିବା ପରେ ସେ ପେଟପାଟଣା ପାଇଁ ଗୁଜରାଟର ରାଜକୋଟ ଚାଲି ଯାଇଥିଲେ। ୨୦୧୮ରେ ରାଜକୋଟ ରାଜନଗର ଛକ ଶ୍ୟାମନଗର ନିବାସୀ ସେଠ ହରେଶ ଭାଇ ଏମ ଧୋକିଆଙ୍କ ପାଖରେ ରହି କାମ କରିଥିଲେ ତପନ। ଦେବତୁଲ୍ୟ ମଣିଷ ହରେଶ ଭାଇ ଯୁବକ ତପନଙ୍କ ପାଖରେ ଲୁକ୍କାୟିତ ହୋଇ ରହିଥିବା ପ୍ରତିଭା ବିଷୟରେ ଜାଣି ତାଙ୍କୁ ସମସ୍ତ ପ୍ରକାର ସହଯୋଗ କରିଥିଲେ। ନିକଟରେ ତପନ ସର୍ବଭାରତୀୟ ଦ୍ୱିତୀୟ ଭର୍ସାଟାଇଲ କପ କରୋଟେ ଚାମ୍ପିୟନଶିପରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ବର୍ତ୍ତମାନ 'ମାର୍ସାଲ ଆର୍ଟସ ଗଟ ଟ୍ୟାଲେଣ୍ଟ ୱାର୍ଲ୍ଡ ଚାମ୍ପିୟନ' ହୋଇ ପାରିଛନ୍ତି। ସେ ଏସବୁର ଶ୍ରେୟ ନିଜ ପିତାମାତା, କରୁଆଁ ବଂଶର ଦେବୀ ଦେବତା, ଜନ୍ମମାଟି ବୁଢ଼ୀପଦର ଓ ସେଠ ହରେଶ ଭାଇ, ଏମ ଧୋକିଆଙ୍କୁ ଦେଇଛନ୍ତି। ତାଙ୍କର ଏହି ସଫଳତା ପରେ ଜିଲାର ଅନେକ ଅନୁଷ୍ଠାନ ଓ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22,
10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ :
୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
• Fixed + Variable Pay
• Incentives + Foreign Trips
• Rewards + Recognisations
• Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

## ସଂକ୍ଷେପରେ

### ବ୍ୟାସଦେବଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଳିତ

**ରାଉରକେଲା ଅଫିସ,୧୩।୧୨:** ରାଉରକେଲା ବେଦବ୍ୟାସ ପୀଠରେ ମହାଭାରତର ରଚୟିତା ମହର୍ଷି ବ୍ୟାସଦେବଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବ ବେଦବ୍ୟାସ ଟ୍ରଷ୍ଟ ଓ କଲ୍ୟାଣୀ ମେମୋରିଆଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ଏହି ଅବସରରେ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଷୋଡ଼ଷ ଉପଚାର ପୂଜା, ପାର୍ଶ୍ୱ ଦେବାଦେବୀ ପୂଜା କରାଯାଇଥିଲା। ପରେ ୧୦୮ ଜଣ ମହିଳା ବେଦବ୍ୟାସ ଗୁରୁକୁଳ ସେବାଶ୍ରମରୁ ତ୍ରିସଙ୍ଗମ ପୀଠକୁ ପାଣି ଆଣିବା ପାଇଁ କଳସ ଯାତ୍ରାରେ ଯାଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପଣ୍ଡିତ ପଦ୍ମନାଭ ମହାପାତ୍ର, ବାସୁଦେବ ମହାପାତ୍ର, ଜଗନ୍ନାଥ ମିଶ୍ର, ସରୋଜ ମିଶ୍ର, ଅମ୍ବିବାବାଙ୍କ ଉପସ୍ଥିତିରେ ତ୍ରିବେଣୀ ସଙ୍ଗମପୀଠରେ ବୈଦିକ ରୀତିରେ ପୂଜାପାଠ କରି କଳସରେ ପାଣି ନେଇ ବ୍ୟାସଗିରି ଚତୁଃପାର୍ଶ୍ୱ ପରିକ୍ରମା କରାଯାଇଥିଲା। ପରିକ୍ରମା ପରେ ବ୍ୟାସଗିରି ପୀଠରେ ଯଜ୍ଞକୁଣ୍ଡ ପରିସରରେ ଘଟ ସ୍ଥାପନା ହୋଇଥିଲା। ଏହି ଅବସରରେ ୩ ଦିନିଆ ବିଶ୍ୱଶାନ୍ତି ଯଜ୍ଞର ଆୟୋଜନ ହୋଇଛି। ଏଥିରେ କର୍ତ୍ତା ଭାବେ ପୀଠର ମୁଖ୍ୟ ପୂଜକ ଅଜିତ ଦାସ ଯୋଗଦେଇ ହୋମ କାର୍ଯ୍ୟ ପରିଚାଳନା କରିଥିଲେ। ଏଠାରେ ଏକ ବ୍ୟାସଝୁଲା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ପ୍ରସ୍ତାବ ଦେବେ ବୋଲି ସୂଚନା ଦେଇଥିଲେ। ସାମାଜିକ କର୍ମୀ ହରିହର ରାଉତରାୟ, ଦେବବ୍ୟାସ ଟ୍ରଷ୍ଟର ସଦସ୍ୟ ଗୋଲାପ କୌଶିକ, ସୁମିତ୍ରା ସ୍ୱାଇଁ, ବିଷ୍ଣୁପ୍ରିୟା ନାୟକ, ବାସନ୍ତୀ ମହାନ୍ତି, ରେଖା କୋଠାରୀ, ଇତିଶ୍ରୀ ସାହୁ, ସରସ୍ୱତୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।

### ଦନ୍ତା ହାତୀ ଭାଙ୍ଗିଲା ଘର, ଅଳ୍ପକେ ବର୍ତ୍ତିଲେ ପରିବାର

**ଟେନ୍‌ସା,୧୩।୧୨(ଡ଼ି.ଏନ୍.ଏ.):** ଗୋଠଛଡ଼ା ଦନ୍ତା ହାତୀକୁ ଟ୍ରାଙ୍କୁଲାଇଜ କରୁନାହାନ୍ତି ବଣାଇ ବନବିଭାଗ। ଦିନରାତି ଗାଁରେ ଆତଙ୍କ ଚଳାଉଛି ଗୋଠଛଡ଼ା ଦନ୍ତା ହାତୀ। ହାତୀ ଗାଁଗାଁ ବୁଲୁଛି। ଲୋକେ ଭୟଭୀତରେ କାଳାତିପାତ କରୁଛନ୍ତି। ଘରେ ରହିଲେ ଦନ୍ତାହାତୀ ଘର ଭାଙ୍ଗି ମଣିଷ ମାରୁଛି। ସ୍ଥାନୀୟ ଲୋକେ ଦଳ ହୋଇ ହାତୀକୁ ଘଉଡାଉଛନ୍ତି। ଏହିପରି ଏକ କରୁଣର ଦୃଶ୍ୟ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ରେଙ୍ଗମା ଗ୍ରାମରେ ଗୋଠଛଡା ଦନ୍ତାହାତୀର ଆତଙ୍କ। ପୂର୍ବ ରାତିରେ ଗୋଠଛଡା ଦନ୍ତାହାତୀ ରେଙ୍ଗମା ଗ୍ରାମକୁ ପ୍ରବେଶ କରି ପ୍ରଥମେ ଚୈତନ୍ୟ ନାଏକ ଓ ଅପୂର୍ବ ନାଏକଙ୍କ ଘରକୁ ଭାଙ୍ଗିଥିବା ଅଭିଯୋଗ ହୋଇଛି। ପରିବାର ସଦସ୍ୟ ଘରେ ଶୋଇଥିବାବେଳେ ହାତୀ ଘର ଭାଙ୍ଗିଥିଲା। ଘର ଭାଙ୍ଗିବା ଶବ୍ଦ ଶୁଣି ଜୀବନ ବିକଳେ ପରିବାର ଲୋକେ ଘର ଛାଡ଼ି ଦୌଡ଼ି ପଳାଇଥିଲେ। ଫଳରେ ଦୁଇଟି ପରିବାର ସଦସ୍ୟ ହାତୀ ଆକ୍ରମଣରୁ ବର୍ତ୍ତି ଯାଇଥିଲେ। ଏପଟେ ହାତୀ ଘର ଭାଙ୍ଗିବା ପରେ ଖୋଲା ଆକାଶତଳେ ଦୁଇ ପରିବାର। ବନ ବିଭାଗ ତରଫରୁ ଦୁଇ ପରିବାରକୁ ସାହାଯ୍ୟ ପାଇଁ ଗ୍ରାମବାସୀଙ୍କ ତରଫରୁ ଦାବି ହେଉଛି।

# ଅଫ୍‌ଲାଇନ ଟିକେଟ ବ୍ୟବସ୍ଥାରେ ବିଳମ୍ବ

## ପୁରୁଷ ହକି ବିଶ୍ୱକପ୍

**ରାଉରକେଲା ଅଫିସ,୧୩।୧୨**



“ବର୍ତ୍ତମାନ ଅଫ୍‌ଲାଇନ ବ୍ୟବସ୍ଥା ଆସନ୍ତା ୨୨ରୁ ୨୬ ତାରିଖ ଭିତରେ ଆରମ୍ଭ ହେବାର ସମ୍ଭାବନା ରହିଛି। ତେଣୁ ଜିଲାବାସୀ କୌଣସି ଟିକେଟ ପାଇଁ ଚିନ୍ତା ନ କରି ଅଫ୍‌ଲାଇନ ବ୍ୟବସ୍ଥାକୁ ଅପେକ୍ଷା କରିବା ଉଚିତ। କାରଣ ଷ୍ଟାଡିୟମର ଚତୁଃପାର୍ଶ୍ୱରେ କିଛି ପେରିଫେରିଆଲ କାମ ଜାରି ରହିଛି। ଟିକେଟ କାଉଣ୍ଟର ତିଆରି ସୁବିଧା ହୋଇ ପାରି ନ ଥିବାରୁ ଅଫ୍‌ଲାଇନ ଟିକେଟ ବିକ୍ରି ହେବାକୁ ଡେରି ହେଉଛି। ଏଥିସହ ବର୍ତ୍ତମାନ ସୁଦ୍ଧା ଆହୁରି ପାଖାପାଖି ୪୦ ପ୍ରତିଶତ ଟିକେଟ ବିକ୍ରି ହେବାର ବ୍ୟବସ୍ଥା ରହିଛି। ତେଣୁ ପ୍ରତ୍ୟେକ ହକି କ୍ରୀଡ଼ାପ୍ରେମୀ ନିରାଶ ନ ହୋଇ ଅଫ୍‌ଲାଇନ ବ୍ୟବସ୍ଥାକୁ ଅପେକ୍ଷା କରିବା ଉଚିତ ବୋଲି ବେହେରା କହିଥିଲେ।

**ସୁଶାନ୍ତ ବେହେରା, ବରିଷ୍ଠ କ୍ରୀଡ଼ା ସମୀକ୍ଷକ**



“ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି (ଏଫ୍‌ଆଇଏଚ୍)ର ଗାଇଡ୍‌ଲାଇନ ଅନୁଯାୟୀ ହକି ଖେଳା ଯାଉଥିବା ଅଞ୍ଚଳରେ ଦର୍ଶକଙ୍କ ପାଇଁ ଅନ୍‌ଲାଇନ ଓ ଅଫ୍‌ଲାଇନ ବ୍ୟବସ୍ଥା ରହିଛି। ରାଉରକେଲାରେ ଖୁବ୍‌ଶୀଘ୍ର ଅଫ୍‌ଲାଇନ ବ୍ୟବସ୍ଥା ଆରମ୍ଭ ହେବ। ପ୍ରତ୍ୟେକ ଦର୍ଶକ କିଭଳି ଶାନ୍ତିଶୃଙ୍ଖଳା ସହ ବିଶ୍ୱକପ୍ ମ୍ୟାଚ୍‌କୁ ଉପଭୋଗ କରିପାରିବେ ସେ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ତେଣୁ ଅଫ୍‌ଲାଇନ ଟିକେଟ ନ ମିଳିବାକୁ ନେଇ କୌଣସି ମିଥ୍ୟା ପ୍ରଚାର ନ କରି ଏହାରୁ ସୁଯୋଗ ନେବା ପାଇଁ ଦର୍ଶକ ଅପେକ୍ଷା କରିବା ଉଚିତ ବୋଲି ମହାପାତ୍ର କହିଥିଲେ।

**ଡ. ଶୁଭଙ୍କର ମହାପାତ୍ର, ରାଉରକେଲା ଏଡିଏମ୍**

ରାଉରକେଲା ସହରରେ ପୁରୁଷ ହକି ବିଶ୍ୱକପ୍ ମ୍ୟାଚ୍ ଆରମ୍ଭ ହେବା ପାଇଁ ଆଉ ମାତ୍ର ୨୯ ଦିନ ବାକି ରହିଲା। ଏଥିପାଇଁ ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲାର ୧୭ଟି ବ୍ଲକ ଅଞ୍ଚଳର ହକି ଖେଳାଳିଙ୍କ ମନରେ ଉତ୍ସାହ ଦେଖିବାକୁ ମିଳିଛି। ତେବେ ରାଉରକେଲାରେ ହେବାକୁ ଥିବା ବିଶ୍ୱସ୍ତରୀୟ ପୁରୁଷ ହକି ମ୍ୟାଚ୍‌କୁ ଷ୍ଟାଡିୟମ ଭିତରେ ଦେଖିବାକୁ ହୋଇଥିବା ଅଫ୍‌ଲାଇନ ଟିକେଟ ବ୍ୟବସ୍ଥାକୁ ନେଇ ଦର୍ଶକ ଚିନ୍ତିତ ଅଛନ୍ତି।

ହକି ବିଶ୍ୱକପ୍‌ର ମୋଟ୍ ୪୪ଟି ମ୍ୟାଚ୍‌ରୁ ଭୁବନେଶ୍ୱରରେ ୨୪ଟି ଏବଂ ରାଉରକେଲାରେ ୨୦ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହିସବୁ ମ୍ୟାଚ୍ ଦେଖିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଅଫ୍‌ଲାଇନ ଟିକେଟ ବ୍ୟବସ୍ଥା କରାଯାଇ ନ ଥିବାରୁ ଜିଲାର ବିଭିନ୍ନ ବ୍ଲକରୁ ବହୁ ହକି ପ୍ରେମୀ ଟିକେଟ ପାଇବାରୁ ବଞ୍ଚିତ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସହରବାସୀଙ୍କ ପାଇଁ ଅନ୍‌ଲାଇନ୍‌ରେ ନଭେମ୍ବର ୨୪ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହୋଇ ୩୦ ତାରିଖରେ ଶେଷ ହୋଇଥିଲା। ଅନ୍‌ଲାଇନ୍ ଟିକେଟ୍ ବିକ୍ରି ବ୍ୟବସ୍ଥା ଯୋଗୁ ବହୁ ଦର୍ଶକ ଏଥିରୁ ବଞ୍ଚିତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଗତ ୧୨ରୁ ୧୫ ତାରିଖ ଭିତରେ ବିର୍ସାମୁଣ୍ଡା ହକି ଷ୍ଟାଡିୟମରେ ଅଫ୍‌ଲାଇନ ଟିକେଟ ପାଇଁ କିଛି କାଉଣ୍ଟର ଖୋଲିବ ବୋଲି ଆଲୋଚନା ହୋଇଥିଲା। ମାତ୍ର ଉକ୍ତ ଷ୍ଟାଡିୟମର ଆଖପାଖ ସ୍ଥାନରେ କାମ ଚାଲିଥିବାରୁ ବର୍ତ୍ତମାନ ସୁଦ୍ଧା କୌଣସି ଅଫ୍‌ଲାଇନ ଟିକେଟ ବ୍ୟବସ୍ଥା ହୋଇନାହିଁ। ଫଳରେ ଜନସାଧାରଣ ଟିକେଟ୍ ପାଇବା ନେଇ ଆଶଙ୍କାରେ ରହିଛନ୍ତି।

## ଏସ୍‌ଏନ୍‌ପି କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ




ଅତିଥିମାନଙ୍କ ଗହଣରେ ଉପସ୍ଥିତ ଖେଳାଳିବୃନ୍ଦ।

**ରାଉରକେଲା ଅଫିସ,୧୩।୧୨**

ରାଉରକେଲା ସେକ୍ଟର-୨୦ ସ୍ଥିତ ରାଇଜିଂ ଖେଳ ପଡିଆରେ ରୋଟ୍ରାକ୍ଟ କ୍ଲବ ଅଫ୍ ରାଉରକେଲା ଷ୍ଟିଲସିଟି ଓ ରିମ୍ସ କଲେଜର ମିଳିତ ଆନୁକୂଲ୍ୟରେ ୯ମ ଏସ୍‌ଏନ୍‌ପି ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ରୋଟାରିଆନ ଡ. ଅଞ୍ଜନା ମୈତ୍ର ଓ ରିମ୍ସ ନିର୍ଦ୍ଦେଶକ କରୁଣାକର ପାତ୍ର ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପିତୁଲ ରାହୁଲ, ସିଦ୍ଧାର୍ଥ ଶଙ୍କର ପ୍ରଧାନ, ଅର୍ଚ୍ଚନା ମହାନ୍ତି, ସଞ୍ଜୟ ମହାନ୍ତି ଓ ସଞ୍ଜିତ ଛୋଟରାୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ରୋଟ୍ରାକ୍ଟ କ୍ଲବ ରିମ୍ସର ସଭାପତି ଦିବାଂଶୁ ଦାସ ଅତିଥି ପରିଚୟ ସହ ମଞ୍ଚ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ ରାଉରକେଲାର ୧୦ଟି ସ୍କୁଲ ଓ କଲେଜ ଅଂଶଗ୍ରହଣ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଦୀପିକା ଇଂରାଜୀ ମିଡିୟମ ସ୍କୁଲ ଓ ଲରୋଟୋ ଇଂରାଜୀ ସ୍କୁଲ ମଧ୍ୟରେ ଖେଳା ଯାଇଥିଲା। ଦୀପିକା ସ୍କୁଲ ଟସ୍ ଜିତି ବ୍ୟାଟିଂ କରିବାର ନିଷ୍ପତ୍ତି ନେଇ ୧୬୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ଦିଲା ସର୍ବାଧିକ ୪୭ ରନ ସଂଗ୍ରହ କରିଥିଲେ। ପିୟୂଷ ପାଣିଗ୍ରାହୀ ୪ ଓଭର ବୋଲିଂ କରି ମାତ୍ର ୧୩ ରନ ଦେଇ ସର୍ବାଧିକ ୪ ଉଇକେଟ୍ ନେଇଥବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷିତ କରାଯାଇଥିଲା। ଏହି ରନ୍ ଲକ୍ଷ୍ୟ ନେଇ ଲରୋଟୋ ଇଂରାଜୀ ସ୍କୁଲ ମାତ୍ର ୮୬ ରନ୍ କରି ପରାଜିତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ କଲ୍ୟାଣୀ ରାୟ ମହାବିଦ୍ୟାଳୟ ଓ ୟୁଜିଏମ୍ ମହାବିଦ୍ୟାଳୟ ମଧ୍ୟରେ ହୋଇଥିଲା। ଏଥିରେ ୟୁଜିଏମ୍ ମହାବିଦ୍ୟାଳୟ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। କଲ୍ୟାଣୀ ମହାବିଦ୍ୟାଳୟ ଦଳ ପ୍ରଥମେ ବ୍ୟାଟିଂ କରି ୧୫୨ ରନ କରିଥିଲା। ଏହି ରନ୍ ଲକ୍ଷ୍ୟ ନେଇ ୟୁଜିଏମ ଦଳ ପରାଜୟ ହୋଇଥିଲା। ମାନସ ମହାନ୍ତି ଓ ମନୋରଞ୍ଜନ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିଲେ।

## ହାଇୱା ଧକ୍କାରେ ରେଳ କର୍ମଚାରୀଙ୍କ ମୃତ୍ୟୁ

**ଝାରସୁଗୁଡ଼ା ଅଫିସ୍, ୧୩।୧୨**

-ଦକ୍ଷିଣ-ପୂର୍ବ ରେଳପଥ ଝାରସୁଗୁଡ଼ା ରେଳଷ୍ଟେଶନର ଅନତି ଦୂରରେ ରହିଥିବା ବାଲିଯୋରୀ ରେଳଫାଟକରେ କାର୍ଯ୍ୟରତ କର୍ମଚାରୀଙ୍କୁ ଏକ ହାଇୱା ଧକ୍କା ଦେବା ଫଳରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ମୃତ କର୍ମଚାରୀ ଜଣଙ୍କ ହେଲେ ଲଇକେରା ଥାନା ଅନ୍ତର୍ଗତ ସାରସମାଲ ଗ୍ରାମ କହଁରପଡ଼ାର ଟେକଚରଣ ପାନ (୫୪)। ଖବରପାଇ ଝାରସୁଗୁଡ଼ା ଜିଆର୍‌ପି ପୋଲିସ ଘଟଣାସ୍ଥଳରେ ପହଁଞ୍ଚି କର୍ମଚାରୀଙ୍କ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଝାରସୁଗୁଡ଼ା ଜିଆର୍‌ପି ପୋଲିସ୍ ଏକ ମାମଲା (ନଂ.୧୦୦/୨୨) ରୁଜୁକରି ତଦନ୍ତ ଚଳାଇଛି। ଦୁର୍ଘଟଣା ଘଟାଇଥିବା ଓଡ଼ି ୧୬ବି ୮୧୩୯ ନଂ. ହାଇୱାକୁ ପୋଲିସ ଜବତ କରିବା ସହ ଚାଳକ ବିନୋଦ ପାଶୱାନଙ୍କୁ ଗିରଫ କରିଛି। ସୂଚନାଯୋଗ୍ୟ ଏହି ରେଳପଥ ଦେଇ ଏକ ଟ୍ରେନ୍ ଆସୁଥିବାବେଳେ ବାଲିଯୋରୀ ରେଳଫାଟକରେ କର୍ମଚାରୀ ଟେକେଚରଣ ଫାଟକ ପକାଉଥିଲେ। ଏହି ସମୟରେ ଏକ ହାଇୱା ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ତାଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ପ୍ରକାଶ



@ ପ୍ରଦୀପ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫୁଟ୍‌ବଲ ଚାମ୍ପିୟନଶିପ୍: ଆର୍‌ଏସ୍‌ପି ଉପବିଜେତା

**ରାଉରକେଲା ଅଫିସ,୧୩।୧୨**

ଆର୍‌ଏସ୍‌ପି ସ୍ୱର୍ଣ୍ଣ ଜୟନ୍ତୀ ଫୁଟବଲ ଚାମ୍ପିୟନସିପ୍‌ରେ ଉପବିଜେତା ହୋଇଛି। ଏହି ଚାମ୍ପିୟନସିପ୍ ବର୍ଣ୍ଣପୁର ଇସ୍କୋ ଷ୍ଟିଲପ୍ଲାଣ୍ଟରେ ଆୟୋଜିତ ହୋଇଥିଲା। ଆର୍‌ଏସ୍‌ପି ଦଳ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଡିଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ବି. ପି ସିଂହଙ୍କ ଠାରୁ ରନର୍ସ ଟ୍ରଫି ଗ୍ରହଣ କରିଥିଲା। ଆର୍‌ଏସ୍‌ପି ଓ ବୋକାରୋ ଇସ୍ପାତ କାରଖାନା ମଧ୍ୟରେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆରଏସ୍‌ପି ୩-୦ ଗୋଲରେ ପରାସ୍ତ ହୋଇଥିଲା। ଏହା ପୂର୍ବରୁ ଲିଗ୍ ମ୍ୟାଚରେ ଆରଏସ୍‌ପି ଦୁର୍ଗାପୁର ଷ୍ଟିଲ, ଭିଲାଇ ଷ୍ଟିଲ ପ୍ଲାଣ୍ଟ, ବୋକାରୋ ଷ୍ଟିଲ ପ୍ଲାଣ୍ଟକୁ ହରାଇଥିଲା। ଏହି ଚାମ୍ପିୟନସିପ୍‌ରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ।

## ବିଧାନସଭା ଗୃହ ସବ୍ କମିଟିର ଆର୍‌ଏସ୍‌ପି ଗସ୍ତ



ବିଧାନସଭା ଗୃହ ସବ୍ କମିଟି ସଦସ୍ୟମାନେ ଆର୍‌ଏସ୍‌ପି ପରିଦର୍ଶନ କରୁଛନ୍ତି।

**ରାଉରକେଲା ଅଫିସ,୧୩।୧୨**

ଓଡିଶା ବିଧାନସଭା ପରିବେଶ ସଂକ୍ରାନ୍ତ ଗୃହ ସବ୍ କମିଟି-୩ର ସଦସ୍ୟମାନେ ମଙ୍ଗଳବାର ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ପରିଦର୍ଶନ କରିଛନ୍ତି। କମିଟିର ଅଧ୍ୟକ୍ଷ ବଦ୍ରି ନାରାୟଣ ପାତ୍ର, ପ୍ରଶାନ୍ତ କୁମାର ମୁଦୁଲି, ସାରଦା ପ୍ରସାଦ ନାୟକ ଓ ମୀନାକ୍ଷୀ ମହାନ୍ତ ସୋମବାର ସନ୍ଧ୍ୟାରେ ରାଉରକେଲା ହାଉସ୍‌ରେ ପହଞ୍ଚିଥିଲେ। ସେମାନଙ୍କୁ ଆର୍‌ଏସ୍‌ପି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନିକ ବିଭାଗର ନିର୍ଦ୍ଦେଶକ ପି. କେ. ଶତପଥୀ, ସହର ପ୍ରଶାସନ ଓ ସିଏସ୍‌ଆର ବିଭାଗର ସିଜିଏମ୍ ଅଜୟ କୁମାର ନାୟକ ପ୍ରମୁଖ ସମ୍ବର୍ଦ୍ଧନା ଜଣାଇଥିଲେ। ଗୃହ କମିଟିର ସଦସ୍ୟମାନେ ମଙ୍ଗଳବାର ଅପରାହ୍ନରେ ଆର୍‌ଏସ୍‌ପି ପରିଦର୍ଶନ କରିଥିଲେ। ସେମାନଙ୍କ ସହ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା, ରାଉରକେଲା ତହସିଲଦାର ଚନ୍ଦ୍ରକାନ୍ତ ମଲ୍ଲିକ, ପାନପୋଷ ଉପଜିଲାପାଳ ଅଭିମନ୍ୟୁ ମାଝୀ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଯୋଗଦେବେ ଝାରସୁଗୁଡ଼ା ଛାତ୍ରୀ

**ଝାରସୁଗୁଡ଼ା ଅଫିସ୍,୧୩।୧୨**

### ଝାରସୁଗୁଡ଼ା ଡିଏଭି ଷଷ୍ଠ ଶ୍ରେଣୀ ଛାତ୍ରୀ ରିତିକାଙ୍କ କୃତିତ୍ୱ



କୃତିତ୍ୱ ହାସଲ କରିଥିବା ଛାତ୍ରୀ ରିତିକା।

ଭାରତ ସରକାରଙ୍କ ଜାତୀୟ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପରିଷଦ ଦ୍ୱାରା ଆୟୋଜିତ ହୋଇଥିବା ୩୦ତମ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲର ଷଷ୍ଠ ଶ୍ରେଣୀ ଛାତ୍ରୀ ରିତିକା ବେଦୁଲା ନିଜ ବିଚକ୍ଷଣତା ପ୍ରଦର୍ଶନ ପୂର୍ବକ ଶିଶୁ ବିଜ୍ଞାନ ଓ ଗବେଷଣା ସମ୍ବନ୍ଧୀୟ ଚମକପ୍ରଦ ତଥ୍ୟ ଉପସ୍ଥାପନା କରି ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଯୋଗ ଦେବା ଲାଗି ମନୋନୀତ ହୋଇଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଜିଲାସ୍ତରୀୟ ପ୍ରତିନିଧି ସ୍ୱରୂପ ରିତିକା ବେଦୁଲା ସହପାଠିନୀ ମଲ୍ଲିସ୍କା ତିୱାରୀଙ୍କ ସହଯୋଗରେ ଗବେଷଣାମୂଳକ ତଥ୍ୟ ‘ଏକ୍ସପ୍ଲୋରିଂ ବାୟୋ ପେଷ୍ଟିସାଇଡ୍‌ସ ଅଗେନଷ୍ଟ ମୀଲିବଗ’ ଉପରେ ସମ୍ପୂର୍ଣ୍ଣ ପ୍ରସ୍ତୁତି କରି ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ଅଂଶଗ୍ରହଣ ପୂର୍ବକ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ରିତିକାଙ୍କ ଦ୍ୱାରା ଉପସ୍ଥାପିତ ସନ୍ଦର୍ଭଟି ମନୋନୟନ କର୍ତ୍ତାଙ୍କ ଦ୍ୱାରା ଚୟନ ହୋଇ ସର୍ବଶ୍ରେଷ୍ଠ ପ୍ରଦର୍ଶକ ଭାବେ ତାଲିକାଭୁକ୍ତ ହୋଇପାରିଛି। ସେ ଜାନୁଆରୀରେ ଅହମ୍ମଦାବାଦଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ଜାତୀୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସରେ ରାଜ୍ୟସ୍ତରୀୟ ପ୍ରତିନିଧି ସ୍ୱରୂପ ଅଂଶଗ୍ରହଣ ପୂର୍ବକ ନିଜ ଗବେଷଣାତ୍ମକ ତଥ୍ୟ ଉପସ୍ଥାପନ କରିବେ। ବିଜ୍ଞାନ ଶିକ୍ଷୟିତ୍ରୀ ନୀଳିମା ପଟେଲ, ଶିକ୍ଷକ ଆଶିଷ କୁମାର ପୂଜାରୀ, ସୁଶୋଭନ ଭୌମିକ ଓ ସୁଜାତା ତ୍ରିପାଠୀ ରିତିକାଙ୍କୁ ତଥ୍ୟ ସଂଗ୍ରହ ଓ ଉପସ୍ଥାପନାରେ ମାର୍ଗଦର୍ଶନ କରିଆସୁଛନ୍ତି। ତାଙ୍କ ସଫଳତା ପାଇଁ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ଜାତୀୟ ସ୍ତରରେ ସୁନାମ ଆଣିବା ଲାଗି ଉତ୍ସାହିତ କରିଛନ୍ତି। ରିତିକା ଔରଙ୍ଗାବାଦସ୍ଥିତ ଷ୍ଟାରଲାଇଟ କମ୍ପାନୀ ମ୍ୟାନେଜର ରବିଶଙ୍କର ବେଦୁଲା ଓ ଝାରସୁଗୁଡ଼ା ଡିଏଭିରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ ଡ. ମଞ୍ଜୁଶ୍ରୀ ବେଦୁଲାଙ୍କ ସୁପୁତ୍ରୀ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WALK-IN-INTERVIEW
On 16 & 18 Dec. 22, 10 AM to 2 PM
B.E/Dip- Civil Engineer- 3-5 Yrs
B.E-Electrical/IT/ECE/MCA-6-7 Yrs
Venue- Hotel Divine Inn
Sishupalgarh, Bhubaneswar-2
Mob:9437444968
CV to cmecbbsr@rediffmail.com

ଆବଶ୍ୟକ
ଭୁବନେଶ୍ୱର ଉତ୍କଳ ହାଇଟ୍ସରେ ଘରୋଇ କାର୍ଯ୍ୟ କରିବା ନିମନ୍ତେ ମହିଳା/ଝିଅ ପ୍ରାର୍ଥୀ ଆବଶ୍ୟକ (ଏକୁଟିଆ ହୋଇଥିବେ) ମାସିକ ୫୦୦୦/- ସହିତ ଖାଇବା ସମ୍ପୂର୍ଣ୍ଣ ବିବରଣୀ ସହିତ ଯୋଗାଯୋଗ : ୯୨୩୮୪୯୯୧୦୯

APPOINTMENT
ପୁରୀର ଏକ କାଫେ ରେ କଣ୍ଟିନେଣ୍ଟାଲ୍ ରୋଷେୟା ଏବଂ ୱେଟର ଆବଶ୍ୟକ। ଇଚ୍ଛୁକ ବ୍ୟକ୍ତିବିଶେଷ ତା ୧୦.୧୨.୨୦୨୨ ରିଖ ରୁ ତା ୧୭.୧୨.୨୦୨୨ ରିଖ ମଧ୍ୟରେ ଯୋଗାଯୋଗ କରନ୍ତୁ।
Mob : 9040472499
ସ୍ଥାନୀୟ ବାସିନ୍ଦାଙ୍କୁ ଅଗ୍ରାଧିକାର ଦିଆଯିବ।

SHIVGAN INFRASTRUCTURE PRIVATE LIMITED
Plot No. - 2132/5124, Nageswar Tangi, Lewis Road, BBSR, Odisha - 751002
CIN: U45201OR2010PTC011671
REQUIRED
WALK-IN-INTERVIEW
• 1 No. of MANAGER : Salary: Rs.12,000/- (Incentive Extra) Qualification: MBA (Male/Female)
• 1 No. of SUPERVISOR : Salary: Rs.8,000/- (Incentive Extra) Qualification: Graduation (Applicant only Male)
Date of Interview: 20.12.2022 (Tuesday) & 25.12.2022 (Sunday)
Time: 11.00 A.M. to 1.00 P.M.
Contact No.: 9437040150 | 8984256009
(Time: 11.00 A.M. to 6.00 P.M.)

JOIN AS PARTNER
• Fixed + Variable Pay
• Incentives + Foreign Trips
• Rewards + Recognisations
• Insurance Cover + Guaranteed Benefits
Contact: 8249253959

See Career Appointment on every Wednesday & Saturday

SWARNA Mahindra
WALK IN INTERVIEW
SWARNA AUTOMOBILES PVT. LTD.
( Truck & Bus Division )
♦ General Manager (Sales)
♦ AGM (Sales) - 4nos.
♦ Sr.Marketing Officer- 4nos.
♦ Manager(Sales) - 12 nos.
♦ Business Development Officer - 20nos.
♦ Service Manager - 2nos.
♦ DTP Operator/Accountant
Sales Executive/ Receptionist
DATE OF INTERVIEW
10th, 11th, 17th & 18th Decemeber 2022
At :- Hotel Park Premium 7, Tosali Apartment, Near Durga Mandap, Satyanagar, Bhubaneswar, Mail ID-hrswarnamahindra@gmail.com

**ବିନା ସୁରକ୍ଷାରେ କାମ କରୁଛନ୍ତି ଶ୍ରମିକ**



ଖଡ଼ିଆଳ,(ଡି.ଏନ.ଏ.): ନୂଆପଡା ଜିଲା ଖଡ଼ିଆଳ ଉପଖଣ୍ଡ ଚିକିତ୍ସାଳୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଚିକିତ୍ସାଳୟର କର୍ମଚାରୀ ରହିବା ପାଇଁ ଘର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ହେଲେ ଶ୍ରମିକ ଚାରି ମହଲାରୁ ବିଲ୍ଡିଂ ଉପରେ ବିନା ସିକ୍ୟୁରିଟି ବେଲ୍ଟରେ ବିପଦକୁ ନିମନ୍ତ୍ରଣ କରି କାର୍ଯ୍ୟ କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀ ଧ୍ୟାନ ଦେଉ ନ ଥିବାରୁ ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ ଅଧିକାରୀ ଶ୍ରମିକଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ଦାବି ହେଉଛି।

## ସଂକ୍ଷେପରେ

### ଆବର୍ଜନା ବୁହା ଗାଡ଼ି ଲୋକାର୍ପିତ



**ଖଡ଼ିଆଳ,୧୩।୧୨(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ଏନ୍ଏସି ପକ୍ଷରୁ ୨ଟି ଆବର୍ଜନା ବୁହା ଗାଡି ଲୋକାର୍ପଣ କରାଯାଇଛି। ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଏହାର ଉଦ୍‌ଘାଟନ କରିଥିବା ବେଳେ ଏନ୍ଏସିର ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଦିନକୁ ଦିନ ସହରରେ ଆବର୍ଜନା ବଢି ଚାଲିଥିବା ବେଳେ ଛୋଟ ଛୋଟ ଆବର୍ଜନା ବୁହା ଗାଡ଼ିରେ ବୁହା ହେଉଥିବା ବେଳେ ଦୁଇଟି ବଡ ଆବର୍ଜନା ଗାଡି ଲୋକାର୍ପଣ କରିଥିବାରୁ କମ ସମୟ ମଧ୍ୟରେ ସହର ସଫା ହେଇ ପାରିବ ବୋଲି ପ୍ରକାଶ କରିଥିଲେ।

### ମହାଲକ୍ଷ୍ମୀଙ୍କ ଉପଲକ୍ଷେ ୧୬ପ୍ରହର ନାମଯଜ୍ଞ

**ପଲମ,୧୩।୧୨(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ସମାଜୁଡିପଡାଠାରେ ୧୨ ବର୍ଷ ହେଲା ମା' ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଆସୁଛି। ଏହି ଅବସରରେ ମହାଲକ୍ଷ୍ମୀଙ୍କ ମନ୍ଦିରରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ମଙ୍ଗଳବାର ସମାପନ ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ କ୍ଷିରମଣି ରଣା ଓ ବାଲମତୀ ରଣା ରହିଥିବା ବେଳେ ନାମଯଜ୍ଞ କର୍ତ୍ତା ଭାବେ କୌରବ ରଣା ଓ କୁନ୍ତି ରଣା ରହିଥିଲେ। ସପ୍ତଋଷି ଭାବେ ରାଜେନ୍ଦ୍ର ରଣା, ତୁମେଶ୍ୱର ରଣା, ଚକ୍ର ସାହୁ, କୁମରମଣି ରଣା, ଉପେନ୍ଦ୍ର ଭୋଇ, ରବିଚନ୍ଦ୍ର ରଣା, କ୍ଷିରଧର ରଣା ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜକ ଭାବେ ଭୋଳାଶଙ୍କର ମିଶ୍ର ଓ ଜପକ ଭାବେ ପ୍ରମୋଦ କୁମାର ଗୁରୁ ଏବଂ ପାଚକ ଭାବେ ରବିଚନ୍ଦ୍ର ଗୁରୁ କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା କମିଟି ସଭାପତି ଗଜପତି ରଣା ଓ ସମ୍ପାଦକ ଲୋଚନ ରଣା ଏବଂ କମିଟି ସଦସ୍ୟ ଜନତା ମାଝି, ନରେନ୍ଦ୍ର ରଣାଙ୍କ ସହିତ ଅନେକ ଭକ୍ତ ସହଯୋଗ କରିଥିଲେ।

### ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଧର୍ମଗଡ଼,୧୩।୧୨(ଡି.ଏନ.ଏ.):**



କଲହାଣ୍ଡି ଜିଲା ଧର୍ମଗଡ଼ର ଅବସରପ୍ରାପ୍ତ ଛାତ୍ରବତ୍ସଳ ଶିକ୍ଷକ ସନ୍ତୋଷ କୁମାର ମିଶ୍ରଙ୍କ ମଙ୍ଗଳବାର ସକାଳେ ହୃଦଘାତରେ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୬୨ ବର୍ଷ ହୋଇଥିଲା। ସକାଳେ ପ୍ରାତଃ ଭ୍ରମଣ ପରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଧର୍ମଗଡ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ମିଶ୍ର କିଛି ମାସ ତଳେ ଧର୍ମଗଡ ବ୍ଲକ ଗମ୍ଭାରୀଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରି ଓ ଛାତ୍ରବତ୍ସଳ ଶିକ୍ଷକ ଥିଲେ। ବିଶେଷ କରି ଧର୍ମଗଡଠାରେ ପ୍ରଥମ ଥର ପାଇଁ ଜିଲାସ୍ତରୀୟ କଳାହାଣ୍ଡି ଉତ୍ସବ ପାଳନ ସମୟରେ ତାଙ୍କର ଭୂମିକା ଅବିସ୍ମରଣୀୟ। ଏକ ମାତ୍ର ପୁଅ ଭିକୁ ମିଶ୍ର ମୁଖାଗ୍ନି ଦେଇଥିଲେ। ତାଙ୍କର ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ମାଲଗାଡ଼ିରେ ବେଆଇନ ଭାବେ ଲୋଡିଂ

**ଜୁନାଗଡ ରୋଡ୍ ରେଳ ଷ୍ଟେଶନ**

- ପ୍ରତିବାଦ କରିବାରୁ ଆରପିଏଫ୍‌ଙ୍କୁ ହତ୍ୟା ଧମକ
- ସନ୍ଦେହରେ ଷ୍ଟେଶନ ମାଷ୍ଟରଙ୍କ ଭୂମିକା

**ଭବାନୀପାଟଣା,୧୩।୧୨(ସ୍ୱ.ପ୍ର.)**




ଜୁନାଗଡ଼ ରେଲୱେ ଷ୍ଟେଶନ।

କଳାହାଣ୍ଡି ଜିଲା ଜୁନାଗଡ ରୋଡ ରେଳ ଷ୍ଟେଶନରେ ମାଲଗାଡିରେ ଲୋଡିଂ ଶେଷ ସମୟ ପରେ ବି ଜଣେ ଠିକାଦାର ଓ ରେଳ କର୍ମଚାରୀ ସଲାସୁତ୍ରରା ହୋଇ ଘଣ୍ଟା ଘଣ୍ଟା ଧରି ବେଆଇନ ଭାବେ ମାଲଗାଡି ରଖି ଲୋଡିଂ କରୁଥିବା ଅଭିଯୋଗ ହୋଇଛି। ଏଥିପାଇଁ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ହେଉଥିବାବେଳେ ଏହି ଟଙ୍କା ଜଣେ ମକା ଠିକାଦାର ଓ ଦାୟିତ୍ୱରେ ଥିବା ରେଳ କର୍ମଚାରୀଙ୍କ ପକେଟକୁ ଯାଉଛି। ଏପରିକି ଏହି ଘଟଣାକୁ ପ୍ରତିବାଦ କରିଥିବା ଜଣେ ଆରପିଏଫ୍‌ଙ୍କୁ ହତ୍ୟା ଧମକ ମଧ୍ୟ ଦିଆଯାଇଥିବା ଜଣାପଡିଛି। ଏ ନେଇ ଆରପିଏଫ୍ ଜଣକ ଟିଟିଲାଗଡ ଜିଆରପିଏସ ଥାନାରେ ଅଭିଯୋଗ କରିବା ପରେ ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ଅଭିଯୋଗ ଅନୁଯାୟୀ, ଜୁନାଗଡ ରୋଡ ରେଳ ଷ୍ଟେଶନରେ ଆରପିଏଫ୍ (ରେଲୱେ ସୁରକ୍ଷା ବଳ) ଭାବେ ତପନ କୁମାର ପଟ୍ଟନାୟକ କାର୍ଯ୍ୟରତ ଥିଲେ। ଗତ ୭ ତାରିଖରେ ଏଠାରେ ଏକ ମାଲଗାଡି ଲାଗିଥିଲା। ଏହି ସମୟରେ ଡ୍ୟୁଟିରେ ଥିବା ତପନ ରାତି ୧୦ଟା ୩୫ରେ କାର୍ଯ୍ୟରତ ଥିବା ଷ୍ଟେଶନ ମାଷ୍ଟରଙ୍କୁ ମାଲଗାଡିରେ ଲୋଡିଂ ସମ୍ପୂର୍ଣ୍ଣ ହେଲା କି ବୋଲି ପଚାରିବାରୁ ଲୋଡିଂ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି କହିଥିଲେ। ଏହାପରେ ଆଉଜଣେ ଷ୍ଟେଶନ ମାଷ୍ଟର ଡ୍ୟୁଟିକୁ ଆସିଥିଲେ। ପୁଣିଥରେ ତପନ ଦାୟିତ୍ୱରେ ଥିବା ଷ୍ଟେଶନ ମାଷ୍ଟରଙ୍କୁ ଲୋଡିଂ ସମ୍ପୂର୍ଣ୍ଣ ହେଲାକି ବୋଲି ପଚାରିବାରୁ ୯ଟା ୩୫ରୁ ଲୋଡିଂ ସମ୍ପୂର୍ଣ୍ଣ ହୋଇଥିବା କହିଥିଲେ। ତେବେ ୨ଜଣ ଷ୍ଟେଶନ ମାଷ୍ଟରଙ୍କ କଥାରେ ତାଳମେଳ ରହୁ ନ ଥିବାରୁ ତପନଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ଘଟଣାର ସତ୍ୟତା ଜାଣିବା ପାଇଁ ତପନ ରାତି ୧୨.୨୦ରେ ମାଲଗାଡି ଥିବା ପ୍ଲାଟଫର୍ମକୁ ଯାଇଥିଲେ। ହେଲେ ଉକ୍ତ ସମୟରେ ବି ମାଲଗାଡିରେ ଲୋଡିଂ ହେଉଥିବା ଦେଖିବାକୁ ପାଇଥିଲେ। ତେବେ ଲୋଡିଂ ଶେଷ ପରେ ବି କ'ଣ ଲୋଡିଂ ହେଉଛି ବୋଲି ପଚାରିବାରୁ ସେଠାରେ ଉପସ୍ଥିତ ଥିବା ସୁପରଭାଇଜର ଓ ତାଙ୍କ ସହ ୬ଜଣ ବ୍ୟକ୍ତି ଉତ୍ତ୍ୟକ୍ତ ହୋଇ ଆମେ ମନଇଚ୍ଛା କାରବାର କରିବୁ ବୋଲି କହିବା ସହ ତାଙ୍କୁ ଟଣାଓଟରା କରିବା ହତ୍ୟା ଧମକ ଦେଇଥିଲେ। ପରେ ତପନ ନ୍ୟାୟ ସହ ରେଲୱେ ବିଭାଗ ସୁରକ୍ଷା ପାଇଁ ବ୍ୟବସ୍ଥା କରିବାକୁ ସେ ଟିଟିଲାଗଡ ଜିଆରପିଏସରେ ଲିଖିତ ଅଭିଯୋଗ ଦେଇଥିବା ଜଣାପଡିଛି। ଲୋଡିଂ ଶେଷ ହେବା ପରେ ବି ବେଆଇନ ଭାବେ ଅଧିକ ସମୟ ଷ୍ଟେଶନରେ ମାଲଗାଡି ଠିଆ ହୋଇ ଅଧିକ ମକା ଲୋଡିଂ ହେଉଥିଲା। ଏହାପୁଣି ଷ୍ଟେଶନ ମାଷ୍ଟରଙ୍କ ଜାଣତରେ ହେଉଥିବାରୁ ଏହି ଘଟଣାରେ ସେ ଲିପ୍ତ ଥିବା ତପନ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ରେଳ ବିଭାଗ ଏକ ଉଚ୍ଚସ୍ତରୀୟ କମିଟି ଯାଞ୍ଚ କରିବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଏଠାରେ କୌଣସି ସିସିଟିଭିର ବ୍ୟବସ୍ଥା ନ ଥିବାରୁ ଏପରି ବେଆଇନ କାମ ଚାଲିଥିବା ଜଣାପଡିଛି। ରେଲୱେ କର୍ତ୍ତୃପକ୍ଷ ଏଠାରେ ସିସିଟିଭି ଲଗାଇଲେ ଏପରି ବେଆଇନ କାମ ରୋକାଯାଇ ପାରନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଗତ ୨୦୧୮ରୁ ଏପରି ବେଆଇନ କାମ ଚାଲୁଥିବା ଅଭିଯୋଗ ହୋଇଥିବାବେଳେ ଏହି ଘଟଣା ପ୍ରତି ରେଳ ବିଭାଗ କିପରି ଦୃଷ୍ଟି ନ ଦେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବାଲ୍ୟବିବାହ ରୋକିବା ନେଇ ସଚେତନତା ରଥର ଶୁଭାରମ୍ଭ



ବାଲ୍ୟ ବିବାହ ସଚେତନତା ରଥକୁ ଶୁଭାରମ୍ଭ କରାଯାଉଛି।

**ନୂଆପଡ଼ା ଅଫିସ,୧୩।୧୨**

ନୂଆପଡା ଜିଲା ପ୍ରଶାସନ ପକ୍ଷରୁ ବାଲ୍ୟ ବିବାହ ଶିଶୁ ଓ ମହିଳା ହିଂସା ନିରାକରଣ ନେଇ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ସଚେତନତା ରଥ ଶୁଭାରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଯୋଗଦେଇ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ମନ କୁମାରୀ ଲମ୍ଭୁ, ଶିଶୁ ସୁରକ୍ଷା ଅଧିକାରୀ ଭୂପିନ୍ଦ୍ର ସିଂ, ଅତିରିକ୍ତ ଜିଲା ସମାଜ କଲ୍ୟାଣ ଅଧିକାରୀ ମିନତି ପତି, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ କୁମାର ପଟ୍ଟନାୟକ, ଜିଲା ବାଲ୍ୟ ବିବାହ ସଂଯୋଜକ ରଞ୍ଜନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜାତୀୟ ସ୍ୱାସ୍ଥ୍ୟ ପରିବାର ସର୍ବେକ୍ଷଣ ୫ ଅନୁଯାୟୀ ଜିଲାରେ ବାଲ୍ୟ ବିବାହ ହାର ୧୫.୬ ରହିଛି। ଭ୍ରାମ୍ୟମାଣ ସଚେତନତା ରଥ ଜିଲାର ସମ୍ବେଦନଶୀଳ ୧୦ଟି ପଞ୍ଚାୟତକୁ ୬ ଦିନ ପରିକ୍ରମା କରି ବାଲ୍ୟ ବିବାହ ରୋକିବା ଉପରେ ଲୋକଙ୍କୁ ସଚେତନ କରିବ। ସମ୍ବେଦନଶୀଳ ଗାଁକୁ ଯାଇ ବାଲ୍ୟ ବିବାହ ସମ୍ପର୍କରେ ଗାଁ ମୁଖିଆ, ସଙ୍ଗଠନ ନେତୃତ୍ୱ ନେଇଥିବା ବ୍ୟକ୍ତି, କିଶୋରୀ, କିଶୋର, ପୁରୋହିତ ଓ ଗ୍ରାମବାସୀଙ୍କ ମଧ୍ୟରେ ବାଲ୍ୟ ବିବାହ ସମ୍ପର୍କିତ ଆଇନ, ନୀୟମାବଳୀ ଓ ଦଣ୍ଡବିଧାନ ଉପରେ ସଚେତନ ସୃଷ୍ଟି କରିବେ।

# ବିଶ୍ୱନାଥପୁରରୁ ଗଡ଼ିଲା ମିଶନ ସୂର୍ଯ୍ୟୋଦୟ ରଥ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଜିଲାପାଳଙ୍କ ସହ ଅନ୍ୟମାନେ।

**ଉଦ୍‌ଘାଟନ କଲେ ଜିଲାପାଳ**

**ଲାଞ୍ଜିଗଡ,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟଠାରେ ବ୍ଲକ ପ୍ରଶାସନ ତଥା ଲାଞ୍ଜିଗଡ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ କଳ୍ପନା ପ୍ରସୂତ ନିଜସ୍ୱ କାର୍ଯ୍ୟକ୍ରମ ମିଶନ ସୂର୍ଯ୍ୟୋଦୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ମିଶନ ସୂର୍ଯ୍ୟୋଦୟ ରଥ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପାୱାର ସଚିନ ପ୍ରକାଶ, ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ତହସିଲଦାର ମୁନୀନ୍ଦ୍ର ହୋନାଗା, ବ୍ଲକ ଅଧ୍ୟକ୍ଷା କମଳା ପାତ୍ର, ଉପାଧ୍ୟକ୍ଷ ସଞ୍ଜୀବ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏମ୍‌ଜିଏନ୍‌ଆରଇଜିଏସ୍ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜିତ କୁମାର ପରିଡା ପରିଚାଳନା କରିଥିଲେ। ବ୍ଲକର ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା। ଜିଲାପାଳଙ୍କ ସମେତ ଅତିଥିମାନେ ବ୍ଲକର ୨୬ଟି ପଞ୍ଚାୟତ ପାଇଁ ପ୍ରସ୍ତୁତ ହୋଇଥିବା ୨୬ଟି ସୁସଜ୍ଜିତ ମିଶନ ସୂର୍ଯ୍ୟୋଦୟ ରଥ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ୨୬ଟି ପଞ୍ଚାୟତର ସମସ୍ତ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମରୋଜଗାର ସେବକ, ଗାଁସାଥୀ ଓ ବହୁସଂଖ୍ୟାରେ ଶ୍ରମିକମାନେ ସାମିଲ ହୋଇଥିଲେ। ଏହା ସହିତ କମ୍ପୁପାଣି ସିଂହ, ବାମଣା ମାଝି, ଶୁକ୍ରୁ ମାଝି, ନରେନ୍ଦ୍ର ବେହେରା, ମଧୁସୂଦନ ବାଗ, ଶଙ୍କର ଦଣ୍ଡସେନା ପ୍ରମୁଖଙ୍କ ନେତୃତ୍ୱରେ ଏକ ସାଂସ୍କୃତିକ ଦଳ ମିଶନ ସୂର୍ଯ୍ୟୋଦୟ ତଥା ଏମ୍‌ଜିଏନ୍‌ଆରଇଜିଏସ୍ ସମ୍ପର୍କରେ ନୃତ୍ୟ, ଗୀତ ଓ ଅଭିନୟ ମାଧ୍ୟମରେ ସଚେତନ କରିବେ। ସାଂସ୍କୃତିକ ଦଳ ମିଶନ ସୂର୍ଯ୍ୟୋଦୟ ରଥ ସହିତ ବିଭିନ୍ନ ଅଞ୍ଚଳ ପରିକ୍ରମା କରିବେ ବୋଲି ଜଣାପଡିଛି।

# ସ୍ଥାନ ପାଇଲା ମୋହନ ବିଶିଙ୍କ ପ୍ରବନ୍ଧ ପୁସ୍ତକ 'ତାରୁଣ୍ୟର ଅଭିଷେକ'

**ରାଜ୍ୟସ୍ତରୀୟ ପୁସ୍ତକ ମେଳା**

**କୋକସରା,୧୩।୧୨(ଡି.ଏନ.ଏ.)**

ରାଜ୍ୟସ୍ତରୀୟ ଓଡିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ୪ର୍ଥ ଓଡ଼ିଆ ରାଜ୍ୟ ପୁସ୍ତକ ମହୋତ୍ସବ ଅକ୍ଷର ଗତ ୯ ତାରିଖଠାରୁ ଭୁବନେଶ୍ୱରସ୍ଥିତ ୟୁନିଟ ୩ ପ୍ରଦର୍ଶନୀ ପଡିଆରେ ଚାଲିଛି। ଏଥିରେ ପଶ୍ଚିମା ପବ୍ଲିକେଶନ ଦ୍ୱାରା ପ୍ରକାଶିତ କଳାହାଣ୍ଡି ଜିଲା କୋକସରା ଗ୍ରାମପଞ୍ଚାୟତ ଗଡରାମାଲ ଗ୍ରାମର ଅଧ୍ୟାପକ ମୋହନ ଚରଣ ବିଶିଙ୍କ ୨ୟ ପ୍ରବନ୍ଧ ସଂକଳନ 'ତାରୁଣ୍ୟର ଅଭିଷେକ ଓ ଅନ୍ୟାନ୍ୟ ପ୍ରସଙ୍ଗ' ଏହି ମେଳାରେ ସ୍ଥାନିତ ହୋଇଛି। ମୋହନ ଚରଣ ବିଶି ଧର୍ମଗଡ଼ ବ୍ଲକ ବେହେରା ମହାବିଦ୍ୟାଳୟରେ ଅଧ୍ୟାପକ ଭାବେ ଅବସ୍ଥାପିତ ଅଛନ୍ତି। ପେସାରେ ଅଧ୍ୟାପକ ହୋଇଥିଲେ ମଧ୍ୟ ସେ ଜଣେ ସୁସାହିତ୍ୟିକ, ଓଡିଶାରୁ ପ୍ରକାଶିତ ହେଉଥିବା ବିଭିନ୍ନ ଖବରକାଗଜରେ ତାଙ୍କ ଲିଖିତ ପ୍ରବନ୍ଧ ଓଡିଶାର ଅନେକ ପାଠକଙ୍କ ମଧ୍ୟରେ ଆଦୃତ ହୋଇପାରିଛି। ସେ ୟୁଥ ରେଡ଼କ୍ରସର ଜଣେ ଆଜୀବନ ସଦସ୍ୟ ଓ ପରାମର୍ଶଦାତା। ସେ ସେବା ମନୋଭାବ ନେଇ ୪୯ଥର ରକ୍ତ ଦାନ କରିଛନ୍ତି। ବର୍ତ୍ତମାନ ସେ କଳାହାଣ୍ଡି ଜିଲାର ବିଭିନ୍ନ ଲୋକବାଦ୍ୟ ନୃତ୍ୟ ଗବେଷଣା କରୁଥିବା ଜଣାପଡିଛି। ନିକଟ ଭବିଷ୍ୟତରେ କଳାହାଣ୍ଡି ଜିଲାର ଉପାନ୍ତ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ଜୀବନଚର୍ଯ୍ୟା ଓ ସମସ୍ୟା ଉପରେ ପର୍ଯ୍ୟବେସିତ ଉପନ୍ୟାସ 'ଫନ୍ଦି' ଆମ୍ ପ୍ରକାଶ ପାଇବା ନେଇ ସୂଚନା ଦେଇଛନ୍ତି। ପ୍ରବନ୍ଧ ପୁସ୍ତକ ତାରୁଣ୍ୟର ଅଭିଷେକ ଓ ଅନ୍ୟାନ୍ୟ ପ୍ରସଙ୍ଗ ଯୁବ ବର୍ଗଙ୍କୁ ଆକର୍ଷିତ କରିବା ନେଇ ପ୍ରାବନ୍ଧିକ ମୋହନ ଚରଣ ବିଶି ପ୍ରକାଶ କରିଛନ୍ତି।

# ଆମପାଣି ପଞ୍ଚାୟତରେ ମିଶନଶକ୍ତି ଗୃହ ଉଦ୍‌ଘାଟିତ

**କୋକସରା,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ପଞ୍ଚାୟତଠାରେ ମିଶନଶକ୍ତି ଗୃହ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରୁକ୍ମିଣୀ ବଣୁଆ, ସମିତି ସଭ୍ୟା ନର୍ତ୍ତକୀ ଦଣ୍ଡସେନା, ନାଏବ ସରପଞ୍ଚ ଭବାନୀ ଶଙ୍କର ପୁରୋହିତ ଏବଂ ମହିଳା ମିଶନଶକ୍ତି କର୍ମକର୍ତ୍ତା ସଭାପତି କୁନ୍ତୀ ନାୟକ ସମ୍ପାଦିକା କ୍ଷୀର ଚଲାନ, ମିଶନ ଶକ୍ତି ସିଆର୍‌ପି ମମତା ମାଝି, ଯୁଗ୍ମି ମାଝି, ମାଳତୀ ମାଝି, ଗୀତାଞ୍ଜଳି ନାୟକ, ଭାଗ୍ୟଶ୍ରୀ ତାଣ୍ଡି, ତବୁ ଖମାରୀ, ଏମବିକେ ଭୂମିସୂତା ସୁନା, ଇସି ମେମ୍ବର ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ରହିଥିଲେ।

# ଜାନୁୟାରୀ ୭ରୁ ବ୍ଲକ, ଏନ୍ଏସିସ୍ତରୀୟ କଳାହାଣ୍ଡି ଉତ୍ସବ



ଜୁନାଗଡ଼ରେ କଳାହାଣ୍ଡି ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ।

**ଜୁନାଗଡ଼,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଓ ଏନ୍ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମରା-୨୦୨୩ ପାଇଁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ବ୍ଲକ ସଭା ଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସବିତା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ନଗରପାଳ ମୁକେଶ ଅଗ୍ରୱାଲ, ବିଡିଓ ଦୁଲାରାମ ମାରାଣ୍ଡି, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଏନ୍ଏସି ଉପାଧ୍ୟକ୍ଷା ହିମାଦ୍ରୀ ନାଏକ, କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଶ୍ୱମ୍ବର ମିଶ୍ର, ଥାନାଧିକାରୀ ଉତ୍ତମ ସାହୁ, ଡବ୍ଲୁଇଓ ସୁମନ୍ତ ମାଝି ଓ ବ୍ଲକ ଓ ଏନ୍ଏସି ଅଧିକାରୀ ମଞ୍ଚାସୀନ ଥିଲେ। ସର୍ବସମ୍ମତିକ୍ରମେ ଆସନ୍ତା ଜାନୁୟାରୀ ୭, ୮ ଓ ୯ ତାରିଖରେ ସ୍ଥାନୀୟ ଲଙ୍କେଶ୍ୱରୀ ମଞ୍ଚଠାରେ ଉତ୍ସବ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଥିଲା। ଏ ନେଇ ବିଭିନ୍ନ ବିଭାଗ ଓ କାର୍ଯ୍ୟକ୍ରମ ପାଇଁ ହିମାଂଶୁ ଶେଖର ବରାଡ଼, ସନ୍ତୋଷ ସିଂଦେଓ, ଅଶୋକ ପଟ୍ଟନାୟକ, ପ୍ରଭାକର ସେଠି, ମନୋରଞ୍ଜନ ମିଶ୍ର, ଖଗେଶ୍ୱର ଧଙ୍ଗଡାମାଝି, ପ୍ରିୟବ୍ରତ ବାଣୁଆ ପ୍ରମୁଖ ନିଜର ମତାମତ ରଖିଥିଲେ। ଯାତ୍ରା ଶୃଙ୍ଖଳିତ କରିବା ପାଇଁ ବିଭିନ୍ନ କମିଟି ଗଠିତ ହୋଇଥିଲା। ସେହିପରି ଉତ୍ସବ ଆକର୍ଷଣୀୟ କରିବା ପାଇଁ ସ୍ଥାନୀୟ, ଜିଲା ତଥା ବାହାରୁ ସାଂସ୍କୃତିକ ଦଳକୁ ଆମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥାକୁ ଅଗ୍ରାଧିକାର ଦିଆଯିବ ବୋଲି ବିଶେଷ ଭାବେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବ୍ଲକ ଅଞ୍ଚଳରୁ ସରପଞ୍ଚ, ସମିତି ସଭ୍ୟ, ଏନ୍ଏସି କାଉନସିଲର, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା, ଜନସାଧାରଣ ଉପସ୍ଥିତ ଥିଲେ। ବିଏସଏସଓ ତୁଷାର ରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ।

# ରାଜପୁତ କ୍ଷତ୍ରିୟ ପାଇକ ସମାଜର ବୈଠକ

**କୋକସରା,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରାଠାରେ ପଶ୍ଚିମ ମଣ୍ଡଳ ଭଇଁରିଗୁଡା ରାଜପୁତ କ୍ଷତ୍ରିୟ ପାଇକ ସମାଜର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ପଲ୍ଲୀ ସଭାପତି ଭୁଜରାଜ ମାଝିଙ୍କ ସଭାପତିତ୍ୱରେ ସ୍ୱାଗତ ସମ୍ବର୍ଦ୍ଧନା ଓ ଅଭିଭାଷଣ ସହ ବୈଠକ ଆରମ୍ଭ ହୋଇଥିଲା। କ୍ଷତ୍ରିୟ ରାଜପୁତ ସମାଜ କୁଳାଧିପତି ରଜନୀ କାନ୍ତ ବିଶି ଓ ଜିଲା ସମ୍ପାଦକ ଲକ୍ଷ୍ମୀ ନାରାୟଣ ବାଣୁଆଙ୍କ ତତ୍ତ୍ୱାବଧାନରେ କୋକସରା ପଲ୍ଲିର ଉପମଣ୍ଡଳ ଗଠନ ହୋଇ କର୍ମକର୍ତ୍ତା ମନୋନୀତ କରାଯାଇଛି। ସର୍ବସମ୍ମତିକ୍ରମେ ଉପମଣ୍ଡଳ ସଭାପତି ଭାବେ ଇନ୍ଦ୍ରମଣି ଧଙ୍ଗଡା ମାଝି ଓ ସମ୍ପାଦକ ଭାବେ ନରେନ୍ଦ୍ର କୁମାର ନାଏକ ଚୟନ ହୋଇଛନ୍ତି। କୋକସରା ପଲ୍ଲୀ କମିଟି ସମ୍ପାଦକ କୈଳାଶ ଚନ୍ଦ୍ର ଚିନ୍ଦା, ସୀମାଞ୍ଚଳ ବେହେରା, ନିମାଇଁ ଧଙ୍ଗଡା ମାଝି, ମିତ୍ରଭାନୁ ଭଞ୍ଜ, ତ୍ରିଭୁବନ ନାଏକ, କେଦାର ଚନ୍ଦ୍ର ବେହେରା, କୃପାସିନ୍ଧୁ ପାତ୍ର, ଲକ୍ଷ୍ମୀ ନାରାୟଣ ନାଏକ, ଜ୍ୟୋତି ପାତ୍ର ପ୍ରମୁଖ କର୍ମକର୍ତ୍ତା ସାମାଜିକ କାର୍ଯ୍ୟକ୍ରମ ରୂପରେଖ ଉପରେ ଆଲୋଚନା କରିଥିଲେ।

# ବ୍ଲକସ୍ତରୀୟ ବିଜ୍ଞାନମେଳାରେ ୮୨ ପ୍ରକଳ୍ପ ପ୍ରଦର୍ଶିତ

**ଲାଞ୍ଜିଗଡ଼,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱନାଥପୁର ଧଅଁରାଭଟାସ୍ଥିତ ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସର ଡା. ନିହାରରଞ୍ଜନ ସାହୁ ଯୋଗଦେଇ ବିଜ୍ଞାନମେଳା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡ. ନିମାଇଁ ହରିଚରଣ ଗହୀର, ବିଜ୍ଞାନମେଳା ଆୟୋଜନ କମିଟି ସମ୍ପାଦିକା ତଥା ଗୋପବନ୍ଧୁ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସୁଜାତା ମଲ୍ଲିକ ଏବଂ ଆୟୋଜନ କମିଟି ସହସମ୍ପାଦକ ତଥା ଓ ଆଦର୍ଶ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ କ୍ଷୀରେଶ୍ୱର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ବିଚାରକ ଭାବେ ବିଜ୍ଞାନଶିକ୍ଷକ ସନ୍ତୋଷ କୁମାର କର, କୁବେରଚନ୍ଦ୍ର ନାୟକ, ଅର୍ଜୁନ କୁମାର ଜେନା, ପ୍ରମୋଦ କୁମାର ରଥ ପ୍ରମୁଖ ଯୋଗଦେଇଥିଲେ। ଗୋବର୍ଦ୍ଧନପୁର ସିଆରସିସି ତପନ କୁମାର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ବିଭିନ୍ନ ଅଞ୍ଚଳରୁ କନିଷ୍ଠ ବର୍ଗରେ ୪୧ଟି ସ୍କୁଲରୁ ୫୨ଟି, ବରିଷ୍ଠ ବର୍ଗରେ ୨୧ଟି ହାଇସ୍କୁଲରୁ ୩୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। କନିଷ୍ଠ ବର୍ଗରେ ଗୋବର୍ଦ୍ଧନପୁର କ୍ଲଷ୍ଟର ଅନ୍ତର୍ଗତ ଜାମଗୁ ୟୁପି ସ୍କୁଲ ଓ ରାମଚନ୍ଦ୍ରପୁର ୟୁପି ସ୍କୁଲ, ବରିଷ୍ଠ ବର୍ଗରେ କମର୍ଦ୍ଧା ହାଇସ୍କୁଲ, ଭୁର୍ତିଗ ହାଇସ୍କୁଲ, ଧଅଁରାଭଟା ଓ ଆଦର୍ଶ ବିଦ୍ୟାଳୟ, କାନକୁଟ୍ରୁ ହାଇସ୍କୁଲ ଓ ଲାଞ୍ଜିଗଡ଼ ଡିଏଭି ବେଦାନ୍ତ ଇଣ୍ଟରନ୍ୟାଶାଲ ସ୍କୁଲ ଜିଲାସ୍ତରୀୟ ବିଜ୍ଞାନମେଳାକୁ ଯୋଗ୍ୟତା ହାସଲ କରିଛନ୍ତି। ବିଜ୍ଞାନ କୁଇଜରେ ଆଦର୍ଶ ବିଦ୍ୟାଳୟ ଦୁଇଜଣ ଛାତ୍ର ଜିଲାସ୍ତରୀୟକୁ ମନୋନୀତ ହୋଇଛନ୍ତି। ବିଦ୍ୟାଳୟ ଶିକ୍ଷକ ସୌମ୍ୟରଞ୍ଜନ ବାରିକ, ସନ୍ତୋଷ ମେହେର, ଦିନେଶ କୁମାର ଶବର, ଭବାନୀଶଙ୍କର ମିଶ୍ର, ଗୋପୀନାଥ ସାହୁଙ୍କ ସମେତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ଏବଂ ବିଭିନ୍ନ ସ୍କୁଲରୁ ଆସିଥିବା ଗାଇଡ ଶିକ୍ଷକଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା

**ଜିଲାପାଳଙ୍କୁ ଦାବିପତ୍ର**

**ନୂଆପଡ଼ା ଅଫିସ,୧୩।୧୨**




ଜିଲାପାଳଙ୍କୁ ଦାବିପତ୍ର ଦେଇ ଫେରୁଛନ୍ତି।

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ କୁସୁମଜୋର ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଜିଲାପାଳ ହେମାକାନ୍ତ ସାଏଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାପ୍ତ ସୂଚନା ମତେ ସିନାପାଲି ବ୍ଲକ କୁସୁମଜୋର ପଞ୍ଚାୟତରେ ଅଙ୍ଗନୱାଡି କର୍ମୀ ପଦବୀ ପାଇଁ ଉକ୍ତ ଗାଁର ବିଳାସ ମାଝି ଓ ଦୀପାଞ୍ଜଳି ମାଝି ୨ଜଣ ପ୍ରାର୍ଥୀନୀ ଆବେଦନ କରିଥିଲେ। ବିଳାସଙ୍କ ମାର୍କ ୩୩୪ ଥିବା ବେଳେ ଦୀପାଞ୍ଜଳିଙ୍କ ମାର୍କ ୩୮୨ ରହିଛି। ୨ଜଣଙ୍କ ମଧ୍ୟରୁ ଦୀପାଞ୍ଜଳିଙ୍କ ମାର୍କ ଅଧିକ ଥିବାରୁ ଅଙ୍ଗନୱାଡି କର୍ମୀ ପାଇଁ ଚୟନ ହୋଇଛନ୍ତି। ହେଲେ ଏହା ସବୁ ଫରଜରି କରାଯାଇଛି ବୋଲି ବିଳାସ ଅଭିଯୋଗ ଆଣିଛନ୍ତି। ବିଳାସଙ୍କ କହିବାମୁତାବକ ଆମେ ୨ଜଣ ଗୋଟିଏ ଶ୍ରେଣୀରେ ପଢୁଥିଲୁ। ଦୀପାଞ୍ଜଳି ମାଟ୍ରିକରେ ମୋଟ ୨୮୨ ମାର୍କ ରଖିଥିଲେ। ଅଙ୍ଗନୱାଡି କର୍ମୀ ଫର୍ମ ଆବେଦନ କରିବା ବେଳକୁ ମାର୍କ ୩୮୨ ହୋଇଯାଇଛି। ସନ୍ଦେହ କରି ବିଳାସ ସୂଚନା ଅଧିକାର ଆଇନର ସାହାରା ନେଇଥିଲେ। ସୂଚନା ଅଧିକାର ଆଇନରେ ଆବେଦନ କରି ଜିଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ଭରୁଆମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କଠାରୁ ପାଇଥିବା ସାର୍ଟିଫିକେଟରୁ ଜଣାପଡିଲା ଯେ ଦୀପାଞ୍ଜଳିଙ୍କ ମାର୍କ ସାର୍ଟିଫିକେଟରେ ୨୮୨ ମାର୍କ ରହିଛି। ସେ ଫର୍ଜରି କରି ୨୮୨ ସ୍ଥାନରେ ୩୮୨ ମାର୍କ କରି ଅଙ୍ଗନୱାଡି କର୍ମୀ ଚୟନ ହୋଇଛନ୍ତି। ସେ ନକଲି ସାର୍ଟିଫିକେଟ ଦେଇ ଅଙ୍ଗନୱାଡି କର୍ମୀ ଚୟନ ହୋଇଛନ୍ତି। ନୂଆପଡା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବାକର, ଜିଲା ସମାଜ କଲ୍ୟାଣ ଅଧିକାରୀ ମନ କୁମାରୀ ଲମ୍ଭୁଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହାର ବିଧିବଦ୍ଧ ତଦନ୍ତ କରି ଯୋଗ୍ୟ ପ୍ରାର୍ଥୀଙ୍କୁ ଚୟନ କରି ଅସାଧୁ ଉପାୟ ଅବଲମ୍ବନ କରିଥିବା ବ୍ୟକ୍ତିଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଳାସ ମାଝି, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ଜେମାମଣି ଧରୁଆ, ନୂଆପଡା ଆଦିବାସୀ କଲ୍ୟାଣ ସଂଘ ଜିଲା ସମ୍ପାଦକ ବାଳକୃଷ୍ଣ ଶବର, ମେମସିଂ ମାଝି, ହିରାସିଂ ମାଝି, ଉଦେରାମ ମାଝି, ଭକ୍ତବନ୍ଧୁ ଧରୁଆ, ଲକ୍ଷ୍ମଣ ଶବର ପ୍ରମୁଖ ଦାବି କରିଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବୌଦ୍ଧ,(ସ୍ୱ.ପ୍ର.): ବୌଦ୍ଧ ବ୍ଲକ ମୁଣ୍ଡାପଡା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ପାଇଁ ମଙ୍ଗଳବାର ଅଭିଭାବକମାନେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଉକ୍ତ ବିଦ୍ୟାଳୟରେ ୧୨୨ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି । ପ୍ରଧାନ ଶିକ୍ଷକଙ୍କ ସମେତ ୩ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଅଛନ୍ତି । ଫଳରେ ଶିକ୍ଷାଦାନରେ ବ୍ୟାଘାତ ସୃଷ୍ଟି ହେଉଛି । ଗତ ନଭେମ୍ବର ୧୦ରେ ଏ ବିଷୟରେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଯାଇଥିଲା ।ହେଲେ ସମସ୍ୟା ସମାଧାନ ନ ହେବାରୁ ନୂତନ ଶିକ୍ଷକ ନିଯୁକ୍ତି କରିବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ

ବିନିକା,୧୩।୧୨(ଡି. ଏନ. ଏ.): ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅରିଗାଁ ମୁରମୁରି ଜୋର ନିକଟରେ ମଙ୍ଗଳବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗୁଲୁଣ୍ଡା ଗ୍ରାମର ଅରବିନ୍ଦ ସେଠୀ(୩୯)। ଏଥିରେ ମଣିଗାଁର ଅନୀଲ ଭୋଇ ଆହତ ହୋଇଛନ୍ତି। ତାଙ୍କୁ ବିନିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁଘଟଣା ପରେ ଗାଡିକୁ ନେଇ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛି। ସନ୍ଧ୍ୟାରେ ଅରବିନ୍ଦ ଏକ ବାଇକରେ ଯାଉଥିବା ବେଳେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲେ। ଏଥିରେ ସେ ରାସ୍ତାରେ ଛିଟିକି ପଡିଥିଲେ। ଏହି ସମୟରେ ସେହି ବାଟରେ ଚାଲି କରି ଯାଉଥିବା ଅନୀଲ ମଧ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବିନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ହେଲେ ସେଠାରେ ଡାକ୍ତର ଅରବିନ୍ଦଙ୍କୁ ମୃତ ଘୋଷଣା କରିଥିଲେ ।

### କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

ଡୁଙ୍ଗୁରିପାଲି, ୧୩।୧୨(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଏବିଓ ଗଞ୍ଜୁଲୁ ମିର୍ଦ୍ଧା, ସମ୍ମାନୀତ ଅତିଥିଭାବେ ଡୁଙ୍ଗୁରିପାଲି ସେବା ଫାଉଣ୍ଡେସନ ପ୍ରତିଷ୍ଠାତା ବିବୁଦତ୍ତ ବିଶ୍ୱାଳ, ସ୍କୁଲ ପରିଚାଳନା କମିଟି ସଭାପତି ଶମ୍ଭୁ ପାଣ୍ଡେ, ସିଆରସିସି ଥବିର ଦୋରା ଯୋଗଦେଇ ଥିଲେ। ୫୦ମିଟର, ୧୦୦ମିଟର ଦୌଡ, ମ୍ୟୁଜିକ ଚେୟାର, ପୁଚିଖେଳ ଆଦି ପ୍ରତିଯୋଗିତାରେ ଛାତ୍ରୀଛାତ୍ରମାନେ ଭାଗ ନେଇଥିଲେ। କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ପଦ୍ମିନୀ ସାହୁ ଓ ଅନୁପ୍ରିୟା ମିଶ୍ର ଖେଳ ପରିଚାଳନା କରିଥିଲେ।

### ଅମରପାଲି କ୍ରିକେଟ୍ କପ୍ ପ୍ରସ୍ତୁତି ବୈଠକ

ଅମରପାଲି,୧୩।୧୨(ଡି.ଏନ.ଏ): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ଫ୍ରେଣ୍ଡସ କ୍ଲବ ଓ ଜେମସ ଷ୍ଟାର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଭଗବାନ ସାହୁ ଗ୍ରାଉଣ୍ଡରେ ଅମରପାଲି କ୍ରିକେଟ କପର ଚଳିତ ବର୍ଷ ୩୦ତମ ସଂସ୍କରଣ। ଡିସେମ୍ବର ୧୫ରେ ଏହାର ଉଦ୍‌ଘାଟନ ହେବ। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରୁଛନ୍ତି। ଏନେଇ ପ୍ରସ୍ତୁତି ଚୂଡାନ୍ତ ହୋଇଛି। ଟୁର୍ନାମେଣ୍ଟ ପରିଚାଳନା ପାଇଁ ସର୍ବସମ୍ମତିକ୍ରମେ ଏକ କମିଟି ଗଠନ କରାଯାଇଛି। ପୀତାମ୍ବର ସାହୁଙ୍କୁ ସଭାପତି ଭାବେ ଚୟନ କରାଯାଇଛି। ଜୟ ପ୍ରକାଶ ସାହୁ ସମ୍ପାଦକ, ଶ୍ରୀତମ ପଧାନ ଉପସଭାପତି, ସୀତାରାମ ରାଜହଂସ ସହ ସମ୍ପାଦକ ଓ ତଥାଗତ ସାହୁଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଏହା ସହିତ ବିମ୍ବାଧର ସାହୁ, ପ୍ରାଣବନ୍ଧୁ ସାହୁ, କହ୍ନେଇ ଚରଣ ପଧାନ, ଅଜିତ ସାହୁ, ଚନ୍ଦ୍ର ଶେଖର ପତି, ଅଶୋକ କୁମାର ସାହୁ, ଭବାନୀ ଶଙ୍କର ସାହୁ, ସୁରେଶ ବିଶି ଉପଦେଷ୍ଟା ଭାବେ ମନୋନୀତ ହୋଇଛନ୍ତି। ଟୁର୍ନାମେଣ୍ଟ ।ତ ଦିନ ଧରି ହେବ। ଡିସେମ୍ବର ୨୦ରେ ଏହାର ଫାଇନାଲ ମ୍ୟାଚ ହେବ।

### ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ବାଉଁଶୁଣୀ,୧୩।୧୨(ଡି.ଏନ.ଏ.): ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ଅନ୍ତର୍ଗତ କୁମୁରସିଙ୍ଗାସ୍ଥିତ ଆର୍ଯ୍ୟନ ଏକାଡେମୀ ଆବାସିକ ବିଦ୍ୟାଳୟର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ୨୦୨୨ ବୁରକଟା ଗଦବସା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନରେ ସକାଳୁ ଛାତ୍ରମାନେ ଜଗତି ନିକଟସ୍ଥ ଐତିହାସିକ ଗନ୍ଧରାଡି ମନ୍ଦିରରୁ କ୍ରୀଡ଼ା ଜ୍ୟୋତି ଆଣିଥିବା ବେଳେ ମୁଖ୍ୟଅତିଥିଙ୍କ ଦ୍ୱାରା ପଡିଆରେ ସ୍ଥାପନ କରାଯାଇଥିଲା। ଏହି ଉପଲକ୍ଷେ ପ୍ରଧାନଶିକ୍ଷକ ସୁଜିତ କୁମାର ନାଏକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଶାରୀରିକ ନିରୀକ୍ଷକ ଆନନ୍ଦ ବେହେରା ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଖୁଣ୍ଟବନ୍ଧ ସିଆରସିସି ସନତ ବାରିକ ଯୋଗଦେଇ ପାଠ ପଢ଼ିବା ସହିତ ଖେଳ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ । ଖେଳ ଦ୍ୱାରା ଶାରୀରିକ, ମାନସିକ ଓ ବୌଦ୍ଧିକ ଶକ୍ତିର ବିକାଶ ହୋଇଥାଏ। ତେଣୁ ଦୈନିକ ଖେଳିଲେ ମନ, ଦେହ ସୁସ୍ଥ ରହିବ। ଶିକ୍ଷକ ଅସିତ ହୋତା ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷକ ପ୍ରଦୀପ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ମୁଖ୍ୟଅତିଥି ୧୦୦ ମିଟର ବାଳକ ଓ ବାଳିକାଙ୍କ ଦୌଡ଼ ପ୍ରତିଯୋଗିତାକୁ କ୍ରୀଡ଼ା ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହାପରେ ବିଭିନ୍ନ ଖେଳ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଖେଳକୁ ଶାରୀରିକ ଶିକ୍ଷକ ଅମ୍ବରୀଶ ପ୍ରଧାନ, ରଞ୍ଜିତ ରଞ୍ଜନ ଚାନ୍ଦ ଓ ଦିବାକର ପ୍ରଧାନ ପରିଚାଳନା କରିଥିଲେ।

# ୧୪୮୦ କେନ୍ଦ୍ରରେ ତାଲା ଝୁଲୁଛି

**ସୁବର୍ଣ୍ଣପୁର ଜିଲା**
- ୩ ସପ୍ତାହ ହେଲା ଆନ୍ଦୋଳନରେ ଅଙ୍ଗନୱାଡି କର୍ମୀ
- ପ୍ରାକ୍ ଶିକ୍ଷାରୁ ବଞ୍ଚିତ ୨୨ ହଜାରରୁ ଅଧିକ ଶିଶୁ
- ଗର୍ଭବତୀ ମହିଳା ଓ ଶିଶୁଙ୍କୁ ପୁଷ୍ଟିକର ଖାଦ୍ୟ ବଣ୍ଟନ ବାଧାପ୍ରାପ୍ତ

ସୋନପୁର,୧୩।୧୨(ନି.ପ୍ର.)


ସୋନପୁରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଧାରଣାରେ ବସିଛନ୍ତି ।

ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ଅଲ୍ ଓଡିଶା ଲେଡିଜ୍ ୱାର୍କର୍ସ ଆସୋସିଏଶନ ଡାକରାରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ରାଜ୍ୟବ୍ୟାପୀ ହରତାଳ ଜାରି ରଖିଛନ୍ତି। ଏହିକ୍ରମରେ ସୁବର୍ଣ୍ଣପୁର ଜିଲାର ଅଧିକାଂଶ ଅଙ୍ଗନୱାଡି କର୍ମୀ ଓ ସହାୟିକା ଗତ ନଭେମ୍ବର ୨୧ ତାରିଖରୁ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏଥିଯୋଗୁଁ ଜିଲାରେ ୧୪୮୦ ଅଙ୍ଗନୱାଡି କେନ୍ଦ୍ରରେ ତାଲା ଝୁଲୁଛି। କୁନିକୁନି ପିଲାମାନଙ୍କର ପ୍ରାକ୍ ଶିକ୍ଷା କାର୍ଯ୍ୟକ୍ରମ ବନ୍ଦ ରହିଛି। ସେହିପରି ସରକାରଙ୍କ ରନ୍ଧାଖାଦ୍ୟ ବନ୍ଦ ଥିବାରୁ ଅଣ୍ଡା ଭଳି ପୁଷ୍ଟିକର ଖାଦ୍ୟରୁ ଶିଶୁମାନେ ବଞ୍ଚିତ ଥିବା ଅଭିଯୋଗ ହୋଇଛି।

ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ସୁବର୍ଣ୍ଣପୁର ଜିଲାରେ ୧୫୫୬ ଅଙ୍ଗନୱାଡି କେନ୍ଦ୍ର ରହିଛି। ଜିଲାର ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ବୀରମହାରାଜପୁର ଓ ଉଲୁଣ୍ଡା ବ୍ଲକର ଅଧିକାଂଶ ଅଙ୍ଗନୱାଡି କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଅଙ୍ଗନୱାଡି କର୍ମୀ ଓ ସହାୟିକା ସମ୍ପୃକ୍ତ ସିଡିପିଓ ଅଫିସ ସମ୍ମୁଖରେ ଧାରଣା ଦେଉଛନ୍ତି। ଜିଲାରେ କେବଳ ୭୬ଜଣ ଅଙ୍ଗନୱାଡି କର୍ମୀ ଏହି ଆନ୍ଦୋଳନରେ ସାମିଲ ହୋଇନାହାନ୍ତି। ସେହି ସବୁ ଅଙ୍ଗନୱାଡି କେନ୍ଦ୍ର ଓ ସେମାନଙ୍କୁ ଦିଆଯାଇଥିବା କାର୍ଯ୍ୟ ସୂଚାରୁରୂପେ ଚାଲିଛି। ସୂଚନା ଅନୁଯାୟୀ ବିନିକା ବ୍ଲକରେ କେବଳ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଖୋଲା ଥିବା ବେଳେ ବାକି ସବୁ କେନ୍ଦ୍ରରେ ତାଲା ଝୁଲୁଛି। ରାଜ୍ୟ ସରକାର ଅଙ୍ଗନୱାଡି କର୍ମଚାରୀଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବା, ବହିଷ୍କୃତ ଅଙ୍ଗନୱାଡି କର୍ମୀଙ୍କୁ ପୁନଃ ନିଯୁକ୍ତି, ମିନି ଅଙ୍ଗନୱାଡି ଉଚ୍ଛେଦ କରି ମିନି ଅଙ୍ଗନୱାଡି କର୍ମୀଙ୍କୁ ମୁଖ୍ୟ ଅଙ୍ଗନୱାଡି କର୍ମୀର ମାନ୍ୟତା ପ୍ରଦାନ, ଅବସରକାଳୀନ ସହାୟତା ରାଶି ୫ଲକ୍ଷ ଟଙ୍କା, ପେନସନ ମାସିକ ୫ ହଜାର ଟଙ୍କା ଓ ୨୦୧୮ରେ ଘୋଷଣା କରାଯାଇଥିବା ଗ୍ରୀଷ୍ମ ଅବକାଶକୁ ଲାଗୁ କରିବା ଦାବିରେ ଅଙ୍ଗନୱାଡି କର୍ମୀମାନେ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ସରକାରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକ ସମ୍ବନ୍ଧିତ ଶିଶୁ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ସୁପରଭାଇଜର, ସିଆରପି ଓ ଏମ୍‌ବିକେ ଘରକୁ ଘର ବୁଲି ହିତାଧିକାରୀ, ଶିଶୁଙ୍କୁ ଛତୁଆ ଓ ଅଣ୍ଡା ବଣ୍ଟନ କରୁଥିବା ଜିଲା ସମାଜ ମଙ୍ଗଳ କାର୍ଯ୍ୟାଳୟର କାର୍ଯ୍ୟକ୍ରମ ଅଧିକାରୀ ଅନିତା ଗୁରୁ କହିଛନ୍ତି। ଜିଲାର ୬ଟି ବ୍ଲକରେ ଶିଶୁ ବିକାଶ ଅଧିନରେ ଜନ୍ମରୁ ୫ ବର୍ଷ ପର୍ଯ୍ୟନ୍ତ ୪୮ ହଜାର ୧୨୮ ଶିଶୁ ରହିଛନ୍ତି। ସେଥିରୁ ୩ରୁ ୬ ବର୍ଷ ପର୍ଯ୍ୟନ୍ତ ୨୫ ହଜାର ୭୩ ଜଣ ଶିଶୁ ଅଛନ୍ତି। ମୋଟ ୨୨ ହଜାର ୨୯୯ ଶିଶୁ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି । ଯାହା କର୍ମୀଙ୍କ ଆନ୍ଦୋଳନ ପାଇଁ ଏବେ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ୨୨ ଦିନ ହେଲା କର୍ମୀମାନେ ସିଡିପିଓ ଅଫିସ ସମ୍ମୁଖରେ ଧାରଣାରେ ବସି ରହିଛନ୍ତି। ଫଳରେ ମା ଓ ଶିଶୁଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସଚେତନତା ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ବନ୍ଦ ରହିଛି। ଅଙ୍ଗନୱଡି କର୍ମୀଙ୍କ ଦ୍ୱାରା କରା ଯାଉଥିବା ମମତା ଯୋଜନା, ଭତ୍ତା ଯୋଜନା, ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ, ଭୋଟର ତାଲିକାରେ ନାମ ପଞ୍ଜୀକରଣ ଓ ସଂଶୋଧନ, ଆଧାର ଲିଙ୍କ୍ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡିଛି। ଏବେ ଗ୍ରାମାଞ୍ଚଳରେ ଏହି ସମସ୍ୟା ସାଧାରଣ ଜନତାଙ୍କୁ ବହୁଳ ଭାବରେ ପ୍ରଭାବିତ କରିଥିବା ବେଳେ ତୁରନ୍ତ ସରକାର ତଥା ପ୍ରଶାସନ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

### କାଇସକନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି, ୧୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କାଇସକନ୍ଦା ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅଶ୍ୱିନୀ ପଧାନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସିଆରସିସି ନରେନ୍ଦ୍ର ପୁରୋହିତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ପୁଚି, ଚାମଚ ବାଟି, ବସ୍ତାଦୌଡ଼, ଦଉଡି ଡିଆଁ, ଶଟପୁଟ, ମ୍ୟୁଜିକ ଚେୟାର, ଏକ ଶହ ମିଟର ଦୌଡ଼, ରଙ୍ଗୋଲି ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ । ଚାମଚ ବାଟି ବାଳିକା ବର୍ଗରେ ରିୟା ପଧାନ ଓ ବାଳକ ବର୍ଗରେ ସତ୍ୟମ ପଧାନ, ବସ୍ତାଦୌଡ଼ରେ କଳ୍ପନା ସୁନା ଓ ବିବୁଲ କଅଁର, ପୁଚି ଖେଳରେ ରିୟା ପଧାନ, ଦଉଡ଼ି ଡିଆଁରେ ସାନିଆ ନାଏକ ଓ ବିବୁଲ କଅଁର, ୧୦୦ମିଟର ଦୌଡ଼ରେ ରୋଜା ନାଗ ଓ ବିବୁଲ କଅଁର, ସଟପୁଟରେ ରୋଜା ନାଗ ଓ ମାନବ ପଧାନ, ଝୋଟିରେ ରିୟା ପଧାନ, ମ୍ୟୁଜିକ ଚେୟାରରେ ସମର୍ପିତା ପଧାନ ଓ ରାଜ ବାଦୀ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସହକାରୀ ଶିକ୍ଷକ ଗୋକୁଳାନନ୍ଦ ସାହୁ ଖେଳ ପରିଚାଳନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଚୁମକି ବିଶି ଧନ୍ୟବାଦ ଅର୍ପଣ କରିଥିଲେ ।

## କଠିନ ପରିଶ୍ରମ କରି ସଫଳ ହୁଅ



ବୀରମହାରାଜପୁର କଲେଜରେ ସ୍ୱାଗତ ସମାରୋହରେ ମଞ୍ଚାସୀନ ଅତିଥି ।

**ବୀରମହାରାଜପୁର କଲେଜର ବିଜ୍ଞାନ ବିଭାଗ ସ୍ୱାଗତ ସମାରୋହ**

ଅମରପାଲି,୧୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜ ବିଜ୍ଞାନ ବିଭାଗରେ ସ୍ୱାଗତ ସମାରୋହ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ସୁଦାମ ଚରଣ ସାହୁ ମୁଖ୍ୟ ଅତିଥି ଏବଂ ଅଧ୍ୟାପକ ବଳରାମ ଶତପଥୀ, ସୁପ୍ରଭା ନନ୍ଦ,ବିରଞ୍ଚି ମିଶ୍ର, ସାଗରିକା ବିଶି, ସୁନୀଲ ତ୍ରିପାଠୀ, ମାଧବ ପଧାନ, ଜିତେନ୍ଦ୍ର ସାହୁ, ଦୀପକ ଟପ୍ପୋ, ନିତାରାଣୀ ପଧାନ, ପ୍ରେମାନନ୍ଦ ତ୍ରିପାଠୀ ଓ ସିଦ୍ଧେଶ୍ୱର ତ୍ରିପାଠୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଥିଲେ। ମାନସ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିମାନେ ନିଜ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ କଠିନ ଅଧ୍ୟବସାୟ କରି ସଫଳତା ହାସଲ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ କଲେଜର ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର ଏବଂ ଅଧ୍ୟାପିକା ଓ ଅଧ୍ୟାପକ ଉପସ୍ଥିତ ଥିଲେ।

## ଡୁମାଲ ପରିଷଦ ଜିଲାସ୍ତରୀୟ କମିଟି ଗଠନ

**ଅଶ୍ୱିନୀ ସଭାପତି, ଉମେଶ ସମ୍ପାଦକ**

ଅମରପାଲି, ୧୩।୧୨ (ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତ ଟିଠିପାଲି ରାଧାକୃଷ୍ଣ ମଠ ପରିସରରେ ଜିଲା ଡୁମାଲ ଜାତି ପରିଷଦର ଜିଲାସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଛି। ଡୁମାଲ ପରିଷଦ ବରିଷ୍ଠ ସଭ୍ୟ ଭୂଷଣ ପାତ୍ରଙ୍କ ଅଧକ୍ଷତାରେ ଆନୁଷ୍ଠିତ ବୈଠକରେ ମୀନକେତନ ମହାକୁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈଠକରେ ସମସ୍ତ ବ୍ଲକ ଡୁମାଲ ପରିଷଦ ସଭ୍ୟ ଯୋଗଦେଇଥିଲେ। ଉକ୍ତ ବୈଠକରେ ଜିଲାର ବିଭିନ୍ନ ପଦାଧିକାରୀ ଚୟନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତିଭାବେ ଅଶ୍ୱିନୀ ମହାକୁରଙ୍କୁ ଚୟନ କରାଯାଇଛି। ନିରାକାର ଦେହୁରି ଓ ସାଧୁଚରଣ ପଧାନ ଉପସଭାପତି, ଉମେଶଚନ୍ଦ୍ର ପଧାନ ସମ୍ପାଦକ, ଅର୍ଜ୍ଜୁନ ପଧାନ ଓ ମନରଞ୍ଜନ ପଧାନ ସହସମ୍ପାଦକ ଏବଂ ହୃଷିକେଶ ପଧାନଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଜାନକିରାମ ଦେହେରି, ମୀନକେତନ ମହାକୁର, ଶ୍ୟାମସୁନ୍ଦର ପଧାନ ଓ ବାସୁଦେବ ଭୋଇଙ୍କୁ କାର୍ଯ୍ୟକାରୀ ସଦସ୍ୟଭାବେ ମନୋନୀତ ହୋଇଛନ୍ତି। କମିଟିର ରାଜ୍ୟ ପ୍ରତିନିଧିଭାବେ ସନାତନ କର୍ମୀ, ଦେବାର୍ଚ୍ଚନ ଚାଉଳିଆ, ଭୂଷଣ ପାତ୍ର, ବିଜୟ ମହାକୁର, ଲୋକନାଥ ମାହାର, ଦେବଜାନି ମେସୁଆ ଏବଂ ଆଇନ ପରାମର୍ଶଦାତା ଭାବେ ପଞ୍ଚାନନ ଦନ୍ତାଙ୍କୁ ଜିଲାସ୍ତରୀୟ କମିଟିରେ ମନୋନୀତ କରାଯାଇଛି।

## ୧୦ ଦିନ ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

**ପୂର୍ବତନ ନଗରପାଳଙ୍କ ସ୍ତ୍ରୀଙ୍କୁ ଗୁଳିମାଡ ଘଟଣା**

ତରଭା,୧୩।୧୨(ଡି.ଏନ.ଏ)

ବୁର୍ଲା ଭୀମସାରରେ ଚିକିତ୍ସିତ ହେଉଥିବା ସମୟରେ ସୁବର୍ଣ୍ଣପୁର ଜିଲା ତରଭା ଏନ୍‌ଏସିର ପୂର୍ବତନ ନଗରପାଳ ପଞ୍ଚାନନ ମହାପାତ୍ରଙ୍କ ସ୍ତ୍ରୀ ଅନିମା(୫୫)ଙ୍କ ମଙ୍ଗଳବାର ମୃତ୍ୟୁ ଘଟିଛି। ବ୍ୟବଚ୍ଛେଦ ପରେ ବୁର୍ଲା ପୋଲିସ ଅନିମାଙ୍କ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏକ ଶୋକାକୁଳ ପରିବେଶରେ ତରଭା ଶ୍ମଶାନରେ ତାଙ୍କ ଶବସତ୍କାର କରାଯାଇଛି। ବଡପୁଅ ଦୀପକ ମହାପାତ୍ର ମୁଖାଗ୍ନି ଦେଇଛନ୍ତି। ତରଭା ପୋଲିସ ଏ ସମ୍ପର୍କରେ ଏକ ହତ୍ୟା ମାମଲା ରୁଜୁ କରିଛି। ପ୍ରକାଶ ଯେ, ଅନିମାଙ୍କୁ ଗତ ୪ ତାରିଖ ରବିବାର ଗୁଳିମାଡ ହୋଇଥିଲା। ସେ ତରଭା ସହର ପଦରପଡା ସ୍ଥିତ ବାସଭବନରେ ଥିବା ସମୟରେ ପୁତୁରା ଦେବପ୍ରକାଶ ମହାପାତ୍ର(୩୪) ଗୁଳିମାଡ କରିଥିଲେ। ତାଙ୍କ ବାମ ପଟ ଅଣ୍ଟା ଉପରେ ଗୁଳି ବାଜିବା ପରେ ସେ ତଳେ ପଡି ଯାଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଅନିମାଙ୍କୁ ଭୀମଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାରେ ଅନିମାଙ୍କ ସ୍ୱାମୀ ପଞ୍ଚାନନଙ୍କ ଅଭିଯୋଗକୁ ଭିତ୍ତି କରି ତରଭା ଥାନାରେ ମାମଲା ରୁଜୁ ହୋଇଥିଲା। ପୋଲିସ ତନାଘନା କରି ଫେରାର ଥିବା ଅଭିଯୁକ୍ତ ଦେବପ୍ରକାଶଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ବ୍ୟବହୃତ ଦେଶୀ ପିସ୍ତଲ ଓ ତିନୋଟି ଅଫୁଟା ଗୁଳି ଜବତ ହୋଇଥିଲା।

## ଶ୍ରୀରାମ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପାଠଚକ୍ର



ପାଠଚକ୍ରରେ ମଞ୍ଚାସୀନ ଅତିଥି।

ସୋନପୁର/ଏସ.ରାମପୁର, ୧୩।୧୨(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ରାମପୁରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଏକଦିବାସୀୟ ପାଠଚକ୍ର ଅଧକ୍ଷ ତରଣୀସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଚୁକ୍ତିଅଧିନିୟମ ୧୮୭୨ ଶୀର୍ଷକ ପାଠଚକ୍ରରେ ଅଧ୍ୟାପକ ଲୋକନାଥ ମାଝି ପ୍ରବନ୍ଧ ପାଠ କରିଥିଲେ। ପରିଚାଳନା ପରିଷଦ ସଭାପତି ରମେଶ ଚନ୍ଦ୍ର ପୂଜାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଅଧିନିୟମର କାର୍ଯ୍ୟକାରିତା ଉପରେ ଆଲୋଚନା କରିଥିଲେ। ସଂପାନ ପ୍ରଭାରୀ ଅଧ୍ୟାପିକା ମୋନାଲିସା ମହାନ୍ତି ସଭାର ଆଭିମୁଖ୍ୟ ପ୍ରଦାନ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରମୋଦ କୁମାର ଭୋଇଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଛାତ୍ର ଆୟୁଷ ଅଗ୍ରୱାଲ, ଟିଙ୍କି ବୁଡ଼େକ, ସଞ୍ଜୀବ ଯୁଆଡ଼ି, ଛାତ୍ରୀ ନିଶା ଅଗ୍ରୱାଲ, ସ୍ୱାଗତିକା ନାୟକ ଆଲୋଚନାରେ ଭାଗ ନେଇଥିଲେ। ଅଧ୍ୟାପକ ଟିଙ୍କୁ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରଷ୍ଟଫଣ୍ଡ୍ କଲେଜରେ ସ୍ୱାଗତ ସମାରୋହ



ଟ୍ରଷ୍ଟଫଣ୍ଡ୍ କଲେଜରେ ସ୍ୱାଗତ ସମାରୋହ।

ବରଗଡ଼ ଅଫିସ୍,୧୩।୧୨

ବରଗଡ଼ ଟ୍ରଷ୍ଟଫଣ୍ଡ୍ କଲେଜରେ ବିଭିନ୍ନ ବିଭାଗର ସ୍ୱାଗତ ସମାରୋହ ତଥା ପ୍ରବେଶ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡଃ ସରୋଜ କୁମାର ଦେବତା ଏହାକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟାପିକା ସୁଷମା ପଣ୍ଡା, ଅଧ୍ୟାପକ ଚେତନ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସୁନିଲ କୁମାର ଅଗସ୍ତି, ମାଳବିକା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ସଙ୍ଗୀତା ଦାଶ, ଅଧ୍ୟାପକ ମାନସ କୁମାର ସେଠ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କଲେଜର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜୋତା, ଶୀତବସ୍ତ୍ର ବଣ୍ଟନ

ବାଉଁଶୁଣୀ,୧୩।୧୨(ଡି.ଏନ.ଏ.)

ମଙ୍ଗଳବାର ଅପରାହ୍ନରେ ବୌଦ୍ଧ ବ୍ଲକ ରକ୍ସା ଗ୍ରାମର ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀରଘୁନାଥ ନାଟ୍ୟ ସଂସଦ ପକ୍ଷରୁ ଗରିବ ଓ ଅସହାୟ ଶ୍ରେଣୀର ବୃଦ୍ଧାବୃଦ୍ଧ ଓ ଶିଶୁମାନଙ୍କୁ ଶୀତ ବସ୍ତ୍ର ସାଙ୍ଗକୁ ଜୋତା ବଣ୍ଟନ କରାଯାଇଛି । ଏହି ସେବା କାର୍ଯ୍ୟରେ ପରମେଶ୍ୱର ମେହେର, ଦିଲୀପ ମେହେର, ହେମନ୍ତ ମେହେର, ମହେନ୍ଦ୍ର, ତରଣି, ପାଳସ୍ତି ,ରାଧେଶ୍ୟାମ,ବାବୁଲାଲ ଲଳିତ, ସଞ୍ଜୟ, ଖଗେଶ୍ୱର, ବିବେକା, ଦେବରାଜ ସୁଦାମ ପ୍ରମୁଖ ସହଯୋଗର ହାତ ବଢାଇଥିଲେ । ପ୍ରକାଶଥାଉ କି, ଏହି ଅନୁଷ୍ଠାନ ପକ୍ଷରୁ ବର୍ଷର ଭିନ୍ନ ଭିନ୍ନ ସମୟରେ ରକ୍ସା ତଥା ପଞ୍ଚାୟତର ବିଭିନ୍ନ ଗ୍ରାମରେ ସେବା କାର୍ଯ୍ୟ କରାଯାଇଥାଏ । ଗ୍ରାମର ଯୁବଗୋଷ୍ଠୀ ଶ୍ରୀରାମଙ୍କ ଆଦର୍ଶକୁ ଅନୁସରଣ କରି ପ୍ରତିବର୍ଷ ରାମ ମହୋତ୍ସବ ମହାସମାରୋହରେ ପାଳନ କରିଥାନ୍ତି । ଏହି ଅବସରରେ ଅସହାୟ ଲୋକଙ୍କୁ ସହାୟତା କରିଥାନ୍ତି । ଏହାଛଡା କେତେବେଳେ ରକ୍ତଦାନ,କେତେବେଳେ ସଫେଇ କାର୍ଯ୍ୟରେ ସାମିଲ ହୋଇ ଥାନ୍ତି।

ଅସହାୟ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ପ୍ରଦାନ କରାଯାଉଛି ।


## ନାଟକ 'ବଂଶୀ ବିଳପିଲା ଯମୁନା ତଟେ' ମଞ୍ଚସ୍ଥ

**ବୌଦ୍ଧ ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟା**

ବୌଦ୍ଧ,୧୩।୧୨(ସ୍ୱ.ପ୍ର.)


ବୌଦ୍ଧ ଧନୁଯାତ୍ରାର ଏକ ଦୃଶ୍ୟ ।

ବୌଦ୍ଧ ମଦନମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଭୈରବୀ ପଡିଆଠାରେ ଚାଲିଥିବା ଧନୁଯାତ୍ରାର ମଙ୍ଗଳବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ଅବସରରେ ନାଟକ ବଂଶୀ ବିଳପିଲା ଯମୁନା ତଟେ ମଞ୍ଚସ୍ଥ ହୋଇଥିଲା। ନାଟକ ପୂର୍ବରୁ ନିର୍ବାକ ନୃତ୍ୟ ନାଟିକା ଦକ୍ଷ ଯଜ୍ଞ ପରିବେଷିତ ହୋଇଥିଲା। ଯାତ୍ରା ପଡିଆରେ ଏକ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ କରାଯାଇ କୃଷ୍ଣଙ୍କର କାଳୀୟ ଦଳନ, ଯୌବନରେ ପଦାର୍ପଣ, ବ୍ରହ୍ମାଙ୍କ ଠାରୁ ମୋହନ ବଂଶୀ ପ୍ରାପ୍ତି, ଗୋପୀଙ୍କ ବସ୍ତ୍ର ହରଣ, ଯମୁନା ନଦୀରେ ନାବକେଳି, ଗୋବର୍ଦ୍ଧନ ଗିରି ଉତ୍ତୋଳନ ପ୍ରଭୃତି ମଞ୍ଚସ୍ଥ ହୋଇଥିଲା। ନାଟକ ଦେଖିବା ପାଇଁ ସନ୍ଧ୍ୟାରେ ଦର୍ଶକଙ୍କ ଗହଳି ଦେଖିବାକୁ ମିଳିଥିଲା । ନାଟକ ସହିତ ମୀନା ବଜାରର ମଜା ଉଠାଇଥିଲେ ଦର୍ଶକ। ହୃଦାନନ୍ଦ ମେହେର, ନାରାୟଣ ରଣା,ବସନ୍ତ ମହାକୁଡ, ରାକେଶ ଆଚାର୍ଯ୍ୟ, ଚନ୍ଦନ ବେହେରା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସାଜସଜ୍ଜା ସୁଦର୍ଶନ ହୋତା ଓ ନାଟ୍ୟ ପରିଚାଳକ ବିଶ୍ୱ ରଞ୍ଜନ ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଅନୁଷ୍ଠାନର ଛୋଟବଡ କଳାକାରମାନଙ୍କର ନିଖୁଣ ଅଭିନୟ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

## ସଂକ୍ଷେପରେ

### ହେମଗିର ଜଙ୍ଗଲରେ ମହାବଳ ବାଘ

ହେମଗିର/ସୁନ୍ଦରଗଡ଼,୧୩।୧୨(ଡି.ଏନ.ଏ ): ସୁନ୍ଦରଗଡ଼ ବନଖଣ୍ଡ ଅନ୍ତର୍ଗତ ହେମଗିର ବ୍ଲକର କଲାମେଘା ଜଙ୍ଗଲରେ ଏକ ମହାବଳ ବାଘ ବୁଲୁଥିବାର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଅଞ୍ଚଳର ଲୋକେ ସେହି ଅଞ୍ଚଳରେ ଏହି ମହାବଳ ବାଘଟି ବୁଲୁଥିବା ଦାବି କରୁଥିବା ବେଳେ ବନ ବିଭାଗ ପକ୍ଷରୁ ଏହାକୁ ଅସ୍ୱୀକାର କରାଯାଉଛି। ସୁନ୍ଦରଗଡ଼ ଡିଏଫ୍‌ଓ ପ୍ରଦୀପ ମିରାସେ ଏହାକୁ ଅସ୍ୱୀକାର କରିଛନ୍ତି। ତଥାପି ଭାଇରାଲ ଭିଡିଓ ଆଧାରରେ ତଥା ଲୋକଙ୍କ କଥାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ବନ ବିଭାଗ ପକ୍ଷରୁ ୧୦ଟି ସ୍ଥାନରେ ସିସିଟିଭି ଲଗାଯାଇଛି। ସିସିଟିଭି ମାଧମରେ ମହାବଳର ଗତିବିଧି ଉପରେ ଯାଞ୍ଚ କରାଯିବା ସହ ସ୍ୱତନ୍ତ୍ର ସ୍କ୍ୱାଡ୍ ମାଧମରେ ବାଘର ପାଦଚିହ୍ନ ଆଦି ପ୍ରାମାଣିକ ତଥ୍ୟ ସଗ୍ରହ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ଡିଏଫଓ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୨୦୧୮ରେ ହେମଗିର ଜଙ୍ଗଲରେ ଏକ କଳାବାଘ ଦେଖିବାକୁ ମିଳିଥିଲା। ସେତେବେଳେ ଏକ ମହାବଳ ବାଘର ପାଦ ଚିହ୍ନ ଦେଖିବାକୁ ମିଳିଥିଲା।

### ବଡ଼ଗାଁ ଅଞ୍ଚଳର ୨ପିଲା ମେଡିକାଲ ପାଇଲେ

ବଡ଼ଗାଁ, ୧୩।୧୨(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଅଞ୍ଚଳର ୨ଜଣ ବିଦ୍ୟାର୍ଥୀ ସର୍ବଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେମାନେ ହେଲେ ଡାକ କର୍ମଚାରୀ ବିଷ୍ଣୁ ପାଣିଗ୍ରାହୀଙ୍କ ପୁଅ ସତ୍ୟମ ଓ ଜରଙ୍ଗଲୋଇ ଗ୍ରାମର ଶିକ୍ଷକ ଧନଞ୍ଜୟ ନାଏକ ଓ ଶିକ୍ଷୟିତ୍ରୀ ସୁଲୋଚନା ବେହେରାଙ୍କ ଝିଅ କ୍ଷୀରମୟୀ। ସତ୍ୟମ ସର୍ବଭାରତୀୟ ର୍ୟାଙ୍କ ୨୩୦୦୦ରେ ରହିଥିଲେ। ସେ ଇତିମଧ୍ୟରେ ବାରିପଦାସ୍ଥିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ନାମ ଲେଖାଇଛନ୍ତି। ସେହିପରି କ୍ଷୀରମୟୀ ମେଡିକାଲ ପ୍ରବେଶିକା ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୧୮୨୯୦ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେଲେଙ୍ଗାନା ରାଜ୍ୟ ସାଙ୍ଗାରେଡି ମେଡିକାଲ କଲେଜରେ ସେ ସୋମବାର ନାମ ଲେଖାଇଛନ୍ତି। ବଡଗାଁ ଅଞ୍ଚଳର ଦୁଇଜଣ ପିଲା ମେଡିକାଲ ପାଇବା ପରେ ବୁଦ୍ଧିଜୀବୀ ମହଲରେ ଖୁସି ପ୍ରକଟ କରାଯାଇଛି।

### ରାଜଗାଙ୍ଗପୁରରେ ଲୁଟେରାଙ୍କ ଆତଙ୍କ

ରାଜଗାଙ୍ଗପୁର, ୧୩।୧୨ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ ମାତିଛନ୍ତି ଲୁଟେରା। ରାଜଗାଙ୍ଗପୁର ଅଞ୍ଚଳରେ କ୍ରମାଗତ ଭାବେ ଲୁଟେରାଙ୍କ ଆତଙ୍କ କିଛି ଦିନ ହେବ ଜାରି ରହିଛି। ଜଣେ ପ୍ରଧାନଶିକ୍ଷୟିତ୍ରୀଙ୍କ ଘରୁ ମୋବାଇଲ ଓ ଜରୁରୀ କାଗଜପତ୍ର ଲୁଟ,ଓସିଏଲ ମାର୍କେଟରେ ରହୁଥିବା ଜଣାଶୁଣା ବ୍ୟବସାୟୀ ନିଜ ଘରକୁ ଫେରୁଥିବା ବେଳେ ତାଙ୍କ ହାତରୁ ବ୍ୟାଗ ଲୁଟ ହୋଇଛି। ମଙ୍ଗଳବାର ଦିନ ଦ୍ୱିପ୍ରହର ସମୟରେ ଜାମଡିହି ନିବାସୀ ତଥା ଆଇଟିଆଇ ଛାତ୍ର ବସନ୍ତ ସିଂ ନିଜ ଘରକୁ ଫେରୁଥିବା ସମୟରେ ବନ୍ଧୁକ ଦେଖାଇ ତାଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟ୍ ହୋଇଛି। ସେହିପରି ବିରକେରା ଅଞ୍ଚଳର ରଞ୍ଜନ ତିର୍କୀ କୌଣସି ଏକ କାମରେ ରାଜଗାଙ୍ଗପୁର ଆସିଥିଲା ବେଳେ ଘୋଘର ରାସ୍ତାରେ ତାଙ୍କଠାରୁ ଲୁଟେରାମାନେ ବନ୍ଧୁକ ଦେଖାଇ ୨ଟି ମୋବାଇଲ ଲୁଟ କରି ଫେରାର ହୋଇଯାଇଥିଲେ। ଅଞ୍ଚଳରେ ବ୍ୟାପିଥିବା ଲୁଟ ଯୋଗୁ ଜନସାଧାରଣଙ୍କ ମଧରେ ବିଭିନ୍ନ ପ୍ରଶ୍ନ ଉଙ୍କି ମାରିଛି। ପୋଲିସ ପ୍ରଶାସନ ଏହି ପ୍ରକ୍ରିୟାକୁ ରୋକିବା ପାଇଁ କଠୋର ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ମହାଲକ୍ଷ୍ମୀଙ୍କ ଉପଲକ୍ଷେ ୧୬ପ୍ରହର ନାମଯଜ୍ଞ

ପଲମ,୧୩।୧୨(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ସମାଜୁଡିପଡାଠାରେ ୧୨ ବର୍ଷ ହେଲା ମା' ମହାଲକ୍ଷ୍ମୀଙ୍କ ପୂଜା ପାଳିତ ହୋଇଆସୁଛି। ଏହି ଅବସରରେ ମହାଲକ୍ଷ୍ମୀଙ୍କ ମନ୍ଦିରରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ମଙ୍ଗଳବାର ସମାପନ ହୋଇଯାଇଛି। ପୂଜାରେ କର୍ତ୍ତା ଭାବେ କ୍ଷିରମଣି ରଣା ଓ ବାଲମତୀ ରଣା ରହିଥିବା ବେଳେ ନାମଯଜ୍ଞ କର୍ତ୍ତା ଭାବେ କୌରବ ରଣା ଓ କୁନ୍ତି ରଣା ରହିଥିଲେ। ସପ୍ତଋଷି ଭାବେ ରାଜେନ୍ଦ୍ର ରଣା, ତୁମେଶ୍ୱର ରଣା, ଚକ୍ର ସାହୁ, କୁମରମଣି ରଣା, ଉପେନ୍ଦ୍ର ଭୋଇ, ରବିଚନ୍ଦ୍ର ରଣା, କ୍ଷିରଧର ରଣା ପ୍ରତ୍ୟେକ କାର୍ଯ୍ୟରେ ସହଯୋଗ କରିଥିଲେ। ପୂଜକ ଭାବେ ଭୋଲାଶଙ୍କର ମିଶ୍ର ଓ ଜପକ ଭାବେ ପ୍ରମୋଦ କୁମାର ଗୁରୁ ଏବଂ ପାଚକ ଭାବେ ରବିଚନ୍ଦ୍ର ଗୁରୁ କାର୍ଯ୍ୟ ସମ୍ପାଦନ କରିଥିଲେ।

# ୪ ଗିରଫ: ୨ଦେଶୀ ବନ୍ଧୁକ, ୪ଗୁଳି ଜବତ

ଝାରସୁଗୁଡ଼ା ଅଫିସ୍,୧୩।୧୨

ଝାରସୁଗୁଡା ସହରରେ ଗତ ୪ ତାରିଖ ରାତିରେ ବାପ, ପୁଅ ଗୁଳିକାଣ୍ଡ ଘଟାଇ ଆତଙ୍କ ଖେଳାଇ ଫେରାର୍ ହୋଇଯାଇଥିଲେ। ୧ ସପ୍ତାହ ପରେ ପୋଲିସ ଏହାର ପର୍ଦ୍ଦାଫାଶ୍ କରି ମାଳିମୁଣ୍ଡା ଷ୍ଟାଡିୟମ ନିକଟରେ ଚଢାଉ କରି ୪ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବେହେରାମାଲର ଦୀପକ ସାହୁ, ତାଙ୍କ ପୁଅ ଅର୍ଜ୍ଜୁନ ସାହୁ, ସହଯୋଗୀ ମୁନୁ ପାଣ୍ଡେ ଓ ବାବୁ ଖାନ୍। ସେମାନଙ୍କ ନିକଟରୁ ପୋଲିସ ୨ଦେଶୀ ବନ୍ଧୁକ, ୪ଅଫୁଟା ଗୁଳି, ୫ଖୋକା, ୪ ମୋବାଇଲ୍ ସହିତ ଓଡି ୦୨ଟି ୩୧୯୯ ସ୍କର୍ପିଓ ଜବତ କରିଛି। ଏନେଇ ଝାରସୁଗୁଡ଼ା ଏସ୍‌ପି ରାହୁଲ ଜୈନ ଟାଉନ ଥାନାରେ ଏକ ଖବରଦାତା ସମ୍ମିଳନୀରେ ସବିଶେଷ ସୂଚନା ପ୍ରଦାନ କରିଛନ୍ତି।


ଗୁଳିକାଣ୍ଡ ଘଟଣାରେ ଗିରଫ ୪ଅଭିଯୁକ୍ତ,।

ଗତ ୪ ତାରିଖ ରାତି ସାଢେ ୧୦ଟାରେ ଅର୍ଜ୍ଜୁନ, ମୁନୁ ଓ ସହଯୋଗୀମାନେ ବୁରୋମାଲର ରୋହିତ ଶାହାଙ୍କୁ ବସ୍‌ଷ୍ଟାଣ୍ଡକୁ ଡାକି ସେଠାରେ ତାଙ୍କୁ ଗାଳିଗୁଲଜ କରିଥିଲେ। ବନ୍ଧୁକ ଦେଖାଇ ଜୀବନରୁ ମାରିଦେବା ପାଇଁ ଗୋଡାଇଥିଲେ। ସେହିରାତି ସାଢେ ୧୧ଟାରେ ସହରର କଳିଙ୍ଗାବାର୍ ସମ୍ମୁଖରେ ଅର୍ଜ୍ଜୁନ ଓ ତାଙ୍କ ବାପା ଦୀପକ ପୁରୁଣାବସ୍ତିର ଛୋଟୁ ସିନ୍ଧିରିଆଙ୍କୁ ଗାଳିଗୁଲଜ କରିବା ସହ ତାଙ୍କ ଉପରକୁ ୬ ରୁ ୭ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରେ ଛୋଟୁଙ୍କ କୌଣସି କ୍ଷତି ହୋଇ ନ ଥିବାବେଳେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏନେଇ ରୋହିତ ଶାହାଙ୍କ ଅଭିଯୋଗକୁ ନେଇ ପୋଲିସ ଟାଉନ ଥାନାରେ ଏକ ମାମଲା (ନଂ.୭୧୪/୨୨) ରୁଜୁ କରିଛି। ସେହିପରି ଛୋଟୁ ସିନ୍ଧିରିଆଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଝାରସୁଗୁଡା ସଦର ଥାନାରେ ଏକ ମାମଲା (ନଂ. ୨୬୮/୨୨) ରୁଜୁ କରିଛି। ଫେରାର୍ ଅଭିଯୁକ୍ତଙ୍କୁ ଧରିବାପାଇଁ ଏସ୍‌ଡିପିଓ ନିର୍ମଳ ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା। ଏଥିରେ ଝାରସୁଗୁଡା ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ, ଏସ୍‌ଆଇ ଗୀତାଞ୍ଜଳି ମିର୍ଦ୍ଧା,ଏସ୍‌ଆଇ ସ୍ୱାଧୀନ କୁମାର ସେଠୀ,ଏସ୍‌ଆଇ ଦେବେନ୍ଦ୍ର କୁମାର ନାୟକ, ହାବିଲଦାର୍ ଶ୍ରୀକାନ୍ତ ନାୟକ, କନଷ୍ଟେବଳ ଅଜିତ ନାୟକ, ଲୋଚନା ସା ଓ ଆର୍ ରୋହିଦାସ ପ୍ରମୁଖ ସାମିଲ ହୋଇଥିଲେ। ଏହି ପୋଲିସ ଟିମ୍ ଟେକ୍ନିକାଲ ଇଣ୍ଟେଲିଜେନ୍ସ ଓ ସାଇବର୍ ସେଲ୍ ବିଭାଗର ସହଯୋଗରେ ବିଭିନ୍ନ ସ୍ଥାନରେ ଚଢାଉକରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି। ଏମାନଙ୍କ ନାମରେ ପୂର୍ବରୁ ଏକାଧିକ ମାମଲା ରହିଛି। ଏହା ଉପରେ ପୋଲିସ ତଦନ୍ତ କରି ଏମାନଙ୍କ ଉପରେ କଡା ନଜର ରଖିବ ବୋଲି ଏସ୍‌ପି କହିଛନ୍ତି।

# ଧାନମଣ୍ଡିରେ କଟ୍‌ନୀ ଛଟ୍‌ନୀ ବନ୍ଦ ଦାବି

## ଜିଲା ପ୍ରଶାସନକୁ ଭେଟିଲା ଅଖିଳ ଭାରତୀୟ କୃଷକ ସଭା


ଜିଲା ଯୋଗାଣ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସୁନ୍ଦରଗଡ଼,୧୩।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲାରେ ଆସନ୍ତା ଡିସେମ୍ବର ୧୫ ତାରିଖଠାରୁ ଖରିଫ ଧାନକିଣା ପ୍ରକ୍ରିୟା ଆରମ୍ଭ ହେଉଛି। ହେଲେ ଧାନ ମଣ୍ଡିରେ ମିଲର୍ସଙ୍କ ମର୍ଜିରେ ବିଭିନ୍ନ ଆଳଦେଖାଇ ବସ୍ତା ପିଛା ୩ରୁ ୫କେଜି ଲେଖାଏଁ ଧାନ କାଟି ଦେଉଛନ୍ତି। ଯାହାକୁ ନେଇ ଚାଷୀମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏନେଇ ଭାରତୀୟ କୃଷକ ସଭା, ସୁନ୍ଦରଗଡ଼ ଶାଖାର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ଜିଲା ଯୋଗାଣ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ କଟନୀ ଛଟନୀକୁ ବନ୍ଦ କରିବାକୁ ଦାବି କରାଯାଇଛି। ଭାରତୀୟ କୃଷକ ସଭାର ସୁନ୍ଦରଗଡ଼ ଶାଖାର ଆବାହକ ସୁନୀଲ ନାଏକ, ସନ୍ତୋଷ ଆଚାର୍ଯ୍ୟ,ରାଜେନ୍ଦ୍ର ନାଏକ ପ୍ରମୁଖ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ସମ୍ମିଳିତ ଆଦିବାସୀ ସମାଜ ପକ୍ଷରୁ ଲଇକେରାରେ ବିଜୟ ଉତ୍ସବ



ଆଦିବାସୀଙ୍କ ପାରମ୍ପରିକ ବିଜୟ ଶୋଭାଯାତ୍ରା।

ଝାରସୁଗୁଡ଼ା ଅଫିସ୍, ୧୩।୧୨

କେନ୍ଦ୍ର ସରକାରଙ୍କ ଆଦିବାସୀ ବ୍ୟାପର ବିଭାଗ ତରଫରୁ ଗତ ନଭେମ୍ବରରେ ଝାରସୁଗୁଡ଼ା ଜିଲାର ଲଇକେରା ଓ କିର୍ମିରା ବ୍ଲକ୍‌କୁ ଟିଏସ୍‌ପି ବ୍ଲକ୍‌ରେ ଅନ୍ତର୍ଭୁକ୍ତ କରି ଜିଲା ମୁଖ୍ୟାଳୟରେ ଆଟିଡିଏ ପ୍ରତିଷ୍ଠା କରିବା ପାଇଁ ବିଧିବଦ୍ଧ ଭାବେ ଘୋଷଣା କରାଯାଇଛି। ଏହା ଆଦିବାସୀଙ୍କ ଦୀର୍ଘ ବର୍ଷର ଦାବି ରହିଥିବାବେଳେ ବିଳମ୍ବରେ ହେଲେ ମଧ୍ୟ ପୂରଣ ହୋଇଛି। ଏହା ଆଦିବାସୀଙ୍କ ଐତିହାସିକ ବିଜୟ ହୋଇଛି। ଏହି ଅବସରରେ ସମ୍ମିଳିତ ଆଦିବାସୀ ସମାଜ ତରଫରୁ ଲଇକେରା ବ୍ଲକ୍‌ରେ ମଙ୍ଗଳବାର ଏକ ବିଜୟ ଉତ୍ସବ ପାଳନ କରାଯାଇଥିଲା। ଏନେଇ ହଜାର ହଜାର ଆଦିବାସୀ ଲଇକେରା କଲେଜ ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେଠାରୁ ଆଦିବାସୀମାନେ ନିଜର ପାରମ୍ପାରିକ ବେଶଭୂଷା, ଅସ୍ତ୍ରଶସ୍ତ୍ର, ବାଦ୍ୟ ଓ ନାଚଗୀତର ତାଳେତାଳେ ଝୁମି ଏକ ବିଶାଳ ଶୋଭାଯାତ୍ରାରେ ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ତା'ପରେ ମିନି ଷ୍ଟାଡିୟମରେ ବିଜୟ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗଠନ ସଭାପତି ମାଧବ ସିଂହ ନାୟକ, ଅଖିଳ ଭାରତୀୟ ଗୋଣ୍ଡୱାନ ଗୋଣ୍ଡ ମହାସଭା ଜିଲା ସଭାପତି ମହେନ୍ଦ୍ର ନାୟକ, ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, ବୁନ୍ଦେ ଧୁରୁଆ, ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ଡମ୍ବରୁଧର ନାୟକ, ଫକୀର ନାୟକ, ଶ୍ୟାମଲାଲ ନାୟକ, ବୀର ଧୁରୁଆ, ରୁଦ୍ର ପ୍ରତାପ ସିଂହ, ଦିଲୀପ ସିଂହ, ସଂଯୁକ୍ତା ଓରାମ, ସତ୍ୟଭାମା ଧୁରୁଆ, ରକ୍ମଣ ଧୁରୁଆ, ସଞ୍ଜୁକ୍ତା ବାର୍ଲା ପ୍ରମୁଖ ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ।

### ଘରୁ ସୁନାରୁପା, ନଗଦ ଟଙ୍କା ଚୋରି

ଲହୁଣୀପଡ଼ା,୧୩।୧୨(ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଶରଧାପୁରୁ ଗ୍ରାମରେ ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଘରେ କେହି ନ ଥିବାର ସୁଯୋଗ ନେଇ ଘର କବାଟ ଭାଙ୍ଗି ଓ ଗଡରେଜକୁ ଭାଙ୍ଗି ସୁନାରୁପା ଗହଣା ଓ ନଗଦ ଟଙ୍କା ଚୋରି ହୋଇଛି। ଶରଧାପୁରୁ ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଧନେଶ୍ୱର ମାହାନ୍ତଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ଦୁର୍ବୃତ୍ତମାନେ ପାଚେରୀ ଡେଇଁ ଘରର ମୁଖ୍ୟ କବାଟର ତାଲା ଭାଙ୍ଗି ଘର ଭିତରେ ପଶିଥିଲେ। ମଧ୍ୟାହ୍ନ ୧୨ ଟା ସମୟରେ ଧନେଶ୍ୱର ମାହାନ୍ତ ଘରକୁ ଆସି ଦେଖିଲା ପରେ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି। ଠିକ ସେହିଭଳି ରାଜାମୁଣ୍ଡା ଛକ ରେ ଥିବା ଏକ ଷ୍ଟିଲ ଫର୍ନିଚର ଦୋକାନରୁ ସୋମବାର ବିଳମ୍ବିତ ରାତ୍ରିରେ ଆଜବେଷ୍ଟର ଭାଙ୍ଗି ଦୁଇଟା ୱେଲଡିଂ ମେସିନ ଓ ଗୋଟିଏ ଗ୍ରାଇଣ୍ଡର ମେସିନ ଚୋରି ହୋଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଗୁରୁତର ସହ ବିଚାରକୁ ନେଇ ଘଟଣାର ତନାଘନା ଜାରି ରଖିଥିବା ଜଣାପଡିଛି।

# ଚିନ୍ମୟ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା

ଦେବଗଡ଼ ୧୩।୧୨: (ଡି.ଏନ୍.ଏ.)

ଦେବଗଡ଼ ଚିନ୍ମୟ ମିଶନ ଶାଖା ପକ୍ଷରୁ ଦୁଇଦିନ ଧରି ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ନିଗମାନନ୍ଦଜୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ 'ଗୀତା ପଢ଼ ଆଗେ ବଢ' ସନ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗରେ ମୋଟ ୧୫୦ ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ୧୪ଜଣ ବିଚାରକ ଭାବେ ଯୋଗଦେଇଥିଲେ। ଆଚାର୍ଯ୍ୟ ସ୍ୱାମିନୀ ତନିଷ୍ଠା ନନ୍ଦଜୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ପଦ୍ମନାଭ ସାହୁ, ଲକ୍ଷ୍ମୀଧର ସାହୁ, ସୁଜିତ ଠାକୁର ଓ ମିନାକ୍ଷୀ ମିଶ୍ର ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମସ୍ତଙ୍କୁ ସୁସ୍ଥ ଶରୀର ଓ ଶାନ୍ତ ମନ ପାଇଁ ସ୍ୱାମିନୀ ଶର୍ମିଷ୍ଠା ଭଗବାନଙ୍କ ପାଖରେ ପ୍ରାର୍ଥନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ।

# ହକି ବିଶ୍ୱକପ ଟ୍ରଫି ଯାତ୍ରାକୁ ସ୍ୱାଗତ ପାଇଁ ପ୍ରସ୍ତୁତି ବୈଠକ

ଝାରସୁଗୁଡ଼ା ଅଫିସ୍,୧୩।୧୨

ଝାରସୁଗୁଡ଼ା ଜିଲା ଦେଇ ଦେବଗଡ଼କୁ ଯିବାକୁ ଥିବା ହକି ବିଶ୍ୱକପର ଟ୍ରଫି ଯାତ୍ରାକୁ ସ୍ୱାଗତ ପାଇଁ ଏକ ପ୍ରସ୍ତୁତି ବୈଠକ ଡିଏମ୍‌ଏଫ୍ ସମ୍ମିଳନୀ ଗୃହରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ଜିଲାପାଳ ସରୋଜ କୁମାର ସାମଲ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଜାନୁଆରୀ ୧୩ ତାରିଖରୁ ଭୁବନେଶ୍ୱର ଓ ରାଉରକେଲାରେ ପୁରୁଷ ହକି ବିଶ୍ୱକପ ଆରମ୍ଭ ହେବ। ଏହାର ଉଦ୍‌ଘାଟନୀ ଉତ୍ସବ ସାରା ରାଜ୍ୟରେ ପାଳନ କରିବାକୁ ସରକାର ଯୋଜନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲାରେ ହକି ବିଶ୍ୱକପ ଉତ୍ସବ ଧୁମଧାମ୍‌ରେ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଝାରସୁଗୁଡା ସହରକୁ ସୌନ୍ଦର୍ଯ୍ୟକରଣ କରିବା, ସହରର ପ୍ରବେଶପଥ ଓ ପ୍ରସ୍ଥାନ ପଥରେ ସ୍ୱତନ୍ତ୍ର ସାଜସଜା କରାଯିବା ସହ ହକିର ବ୍ରାଣ୍ଡିଂକୁ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଦର୍ଶନ ପାଇଁ ସ୍ଥିର କରାଯାଇଛି। ହକି ବିଶ୍ୱକପର ଟ୍ରଫିଯାତ୍ରା ଆସନ୍ତା ୪ ତାରିଖ ୨ଟାରେ ସ୍ଥାନୀୟ ଖେରୁଆଲ ବ୍ରିଜଠାରେ ପହଞ୍ଚିବ। ଏହାକୁ ସ୍ୱାଗତ କରି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମାଧ୍ୟମରେ ମନମୋହନ ସ୍କୁଲ ପଡ଼ିଆକୁ ଅଣାଯାଇ ସେଠାରୁ ସହର ମଧ୍ୟଦେଇ ଯାତ୍ରା କରିବ। ଏହି ସମୟରେ ବିଭିନ୍ନ ଅନୁଷ୍ଠାନ ତରଫରୁ ସ୍ୱାଗତ କରାଯିବ। ଏହି ଉତ୍ସବ କାର୍ଯ୍ୟକୁ ଯେପରି ଆକର୍ଷଣ ହେବ ସେଥିପାଇଁ ଜିଲାପାଳ ଗୁରୁତ୍ୱ ଦେଇଛନ୍ତି। ହକି ସେଲିବ୍ରିଟି ଏହି ୪ତାରିଖ ଉତ୍ସବରେ ଯୋଗଦେବେ। ସହରର ବିଭିନ୍ନ ରାସ୍ତାର ନବୀକରଣ, ମରାମତି, ରଙ୍ଗୀନ କରିବା ଆଦି କାର୍ଯ୍ୟକ୍ରମ ରହିଛି। ପଞ୍ଚାୟତସ୍ତରରେ କ୍ରୀଡା ପ୍ରତିଯୋଗିତା ଫୁଟବଲ, ହକି, କବାଡି, ଖୋଖୋ, କ୍ରିକେଟ ହେବା ସହିତ ଜିଲାସ୍ତରରେ ବିଶ୍ୱକପ ହକି ମ୍ୟାଚ ସମୟରେ ଜିଲାର ସଦର ମହକୁମାରେ ଜିଲାସ୍ତରୀୟ ମ୍ୟାଚ ଅନୁଷ୍ଠିତ ହେବ। ଏହି ବୈଠକରେ ପିଡି ତପିରାମ ମାଝି,ଏଡିଏମ୍ ଲଙ୍ଗେଶ୍ୱର ଅମାତ, ଜିଲା ଶିକ୍ଷା ଅଧିକାରୀ ପୁଷ୍ପା ମିଞ୍ଜ, ଝାରସୁଗୁଡା ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋଜ ତାଣ୍ଡି, ଜିଲା କ୍ରୀଡା ଅଧିକାରୀ ସୁଶିଲ କୁମାର ମିଶ୍ର, ଜିଲା କ୍ରୀଡା ସଂସଦର ସମ୍ପାଦକ ତାପସରାୟ ଚୌଧୁରୀ, ହକି ଆସୋସିଏଶନ ଓଡ଼ିଶା ଉପସଭାପତି ଜୀବନ ମହାନ୍ତି, ଜିଲା କ୍ରିକେଟ ଆସୋସିଏଶନର ସଭାପତି ପ୍ରଜ୍ଜଳ କୁମାର ପଟେଲ, ଜିଲା ସଂସ୍କୃତି ଅଧିକାରୀ ଅନିଲ କେର୍କେଟା, ଜିଲାର ୫ଟି ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବ୍ରଜରାଜନଗର, ବେଲପାହାଡର ପୌରପରିଷଦ ଅଧିକାରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଏଡିଏମ୍ ଲଙ୍ଗେଶ୍ୱର ଅମାତ ଧନ୍ୟବାଦ ଦେଇଥିଲେ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀ ବୃନ୍ଦ।

# ମାନସିକ ଭିନ୍ନକ୍ଷମ ଯୁବତୀଙ୍କୁ ପୋଲିସ ଉଦ୍ଧାର କରି ଟ୍ରେନରେ ପଠାଇଦେଇଥିବା ଅଭିଯୋଗ

ବଡ଼ଗାଁ, ୧୩।୧୨(ଡି.ଏନ.ଏ.)

ଝିଅ ମାନସିକ ଭିନ୍ନକ୍ଷମ। ଗତମାସ ଘରୁ କୁଆଡ଼େ ଚାଲିଗଲେ। ସମ୍ବଲପୁର ଜିଲା ଗଡପୋଷ ଫାଣ୍ଡି ଅଞ୍ଚଳରୁ ପୋଲିସ ତାଙ୍କୁ ଉଦ୍ଧାର କଲା କିନ୍ତୁ ବୋଝ ଭାବି ରେଲୱେ ଷ୍ଟେସନକୁ ନେଇ କୌଣସି ଏକ ଟ୍ରେନରେ ବସାଇ ପଠାଇଦେଲେ। ବର୍ତ୍ତମାନ ମାନସିକ ଭିନ୍ନକ୍ଷମ ଝିଅର ବିପଦ ଆଶଙ୍କା କରି ତାଙ୍କ ବାପା ଘୋର ଚିନ୍ତିତ। ଘଟଣା ହେଲା ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ମହପଡା ଗ୍ରାମର ସତ୍ୟାନନ୍ଦ ମହାନନ୍ଦିଆଙ୍କ ମାନସିକ ଭିନ୍ନକ୍ଷମ ଝିଅ ଉର୍ମିଳା (୩୫) ଗତମାସ ୮ ତାରିଖ ଘରୁ କୁଆଡେ ଚାଲିଯାଇଥିଲେ। ଘର ଲୋକେ ଗଡପୋଷ ଅଞ୍ଚଳରେ ଖୋଜୁଥିଲାବେଳେ ଫିଙ୍ଗିବାହାଲ ଗ୍ରାମର ଲୋକେ ଗତମାସ ୮ ତାରିଖ ରାତି ୮ଟାରେ ଗାଁରେ ବୁଲୁଥିଲେ ବୋଲି କହିବା ସହିତ ଝିଅ ମାନସିକ ଭିନ୍ନକ୍ଷମ ହୋଇଥିବା ଜାଣି ଗାଁ ଲୋକେ ଗଡପୋଷ ପୋଲିସକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରୁ ଉଦ୍ଧାର କରି ଗଡପୋଷ ଫାଣ୍ଡିକୁ ନେଇଥିଲେ ବୋଲି କହିଥିଲେ। ରାତିସାରା ଫାଣ୍ଡିରେ ରଖିବା ପରେ ୯ ତାରିଖ ଗଡପୋଷ ରେଲୱେ ଷ୍ଟେସନକୁ ନେଇ ଜବରଦସ୍ତ ଟ୍ରେନରେ ବସାଇ ଦେଇଥିଲେ। ଏ ସମ୍ପର୍କରେ ନିତ୍ୟାନନ୍ଦ ସମ୍ବଲପୁର ଏସ୍‌ପିଙ୍କୁ ଲିଖିତ ଜଣାଇଛନ୍ତି। ଅଭିଯୋଗରେ ଦର୍ଶାଇଛନ୍ତି ଯେ, ପୋଲିସ ରାତିରେ ଉଦ୍ଧାର କରି ଆଣିଲା ପରେ ଏତେ ଶୀଘ୍ର କାହିଁକି ଟ୍ରେନରେ ବସାଇ ପଠାଇଦେଲେ। ସେ ମୋ ଝିଅକୁ ମୋତେ ଫେରାଇ ଦିଅନ୍ତୁ ସାର୍ ଲେଖି ଆକୁଳ ନିବେଦନ କରିଛନ୍ତି। ମଙ୍ଗଳବାର ଉର୍ମିଳାଙ୍କ ପରିବାର ପରିଜନ ଗଡପୋଷ ଫାଣ୍ଡିକୁ ଯାଇ ଝିଅକୁ କାହିଁକି ଟ୍ରେନରେ ପଠାଇଲେ ଆଣିକି ଦିଅନ୍ତୁ କହି ଅଡିବସିବାରୁ ପୋଲିସ ୮/୧୦ ଦିନ ମଧ୍ୟରେ ଖୋଜି ଆଣିଦେବେ କହିଥିବା ଉର୍ମିଳାଙ୍କ ବାପା ନିତ୍ୟାନନ୍ଦଙ୍କ ଠାରୁ ଜଣାପଡିଛି।

# ମାଗଣା ସିଲେଇ ତାଲିମ ଶିବିର ଉଦ୍‌ଘାଟିତ

ଦେବଗଡ଼, ୧୩।୧୨(ଡି.ଏନ୍.ଏ.)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧିନସ୍ଥ ନେହେରୁ ଯୁବ କେନ୍ଦ୍ର ଓ ରାଧାକୃଷ୍ଣ କ୍ଲବ ମିଳିତ ସହଯୋଗରେ ବାରକୋଟ ବ୍ଲକର ବିଜୟନଗର ଗ୍ରାମରେ ମାଗଣା ସିଲେଇ ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ରର ଜିଲା ଯୁବ କ୍ରୀଡା ଅଧିକାରୀ ପ୍ରଦୀପ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଜୟନଗର ପଞ୍ଚାୟତର ସରପଞ୍ଚ ଦୀପକ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏଲଏସପି ପୁଷ୍ପାଞ୍ଜଳୀ ସାହୁ, ଅଶାନ୍ତି ଶୁକ୍ଲା ପ୍ରମୁଖ ଉପସ୍ଥିତ ଥିଲେ । ନେହେରୁ ଯୁବ କେନ୍ଦ୍ରର ପ୍ରଦୀପ ବିଶ୍ୱାଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ରଣଜିତ ପ୍ରଧାନ ଓ ନର୍ମଦା ପ୍ରଧାନ ସହଯୋଗ କରିଥିଲେ।


ମାଗଣା ସିଲେଇ ତାଲିମ ଶିବିର ଉଦ୍‌ଘାଟନୀ ମୁହୂର୍ତ୍ତ।

# ମଞ୍ଚସ୍ଥ ହେଲା ବେଙ୍ଗଲୀ ନାଟକ 'ଏକାକୀ ଦ୍ୱର ଦିନୋଲିପି'

**ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ପଞ୍ଚମ ସନ୍ଧ୍ୟା**

ଦେବଗଡ଼, ୧୩।୧୨(ଡି.ଏନ୍.ଏ.)

ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ୧୮ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ମଙ୍ଗଳବାର ପଞ୍ଚମ ସନ୍ଧ୍ୟାରେ କୋଲକାତାର ତିଲଜଲା କଳ୍ପନ ନାଟ୍ୟଗୋଷ୍ଠୀର ବେଙ୍ଗଲୀ ନାଟକ 'ଏକାକୀ ଦ୍ୱର ଦିନୋଲିପି' ମଞ୍ଚସ୍ଥ ହୋଇଥିଲା। ଅନୁଷ୍ଠାନର ସଭାପତି ଅଶୋକ ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସମ୍ପାଦକ ସୁଜିତ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜନ୍ମେଜୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନର ଉପସଭାପତି ପ୍ରକାଶ ଚନ୍ଦ୍ର ଦେବତା ଧନ୍ୟବାଦ ଦେଇଥିଲେ। ଏହା ପରେ କୋଲକାତାର ତିଲଜଲା କଳ୍ପନ ନାଟ୍ୟଗୋଷ୍ଠୀର ଦେବେଶ ଠାକୁରଙ୍କ ରଚିତ ଏବଂ କଳ୍ପନା ବରୁଆଙ୍କ ନିର୍ଦ୍ଦେଶିତ ବେଙ୍ଗଲୀ ନାଟକ 'ଏକାକୀ ଦ୍ୱର ଦିନୋଲିପି' ମଞ୍ଚସ୍ଥ ହୋଇଥିଲା। ନାଟକର କଥାବସ୍ତୁ ଅନୁସାରେ, ମହାଭାରତରେ ନାରୀମାନଙ୍କ ବିଷୟରେ ଆଧାରିତ ଏବଂ ତାଙ୍କ ଉପରେ କୃଷ୍ଣଙ୍କ ପ୍ରଭାବ ସମ୍ପର୍କରେ ନାଟକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଛି। ଭଗବାନ ଶ୍ରୀକୃଷ୍ଣ ଯିଏ କି ତାଙ୍କର ମୃତ୍ୟୁକୁ ଜଣେ ଶିକାରୀ ଦ୍ୱାରା କରାଇଥିଲେ ଓ ପ୍ରମାଣ କରିଛନ୍ତି ଯେ, କର୍ମଫଳର ସୂତ୍ର ସମସ୍ତଙ୍କ ପାଇଁ ସମାନ ବୋଲି ନାଟକ ମାଧ୍ୟମରେ ଏକ ଭିନ୍ନ ଶୈଳୀରେ କଳାକାରମାନେ ନାଟକ ପ୍ରଦର୍ଶିତ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଚିତ୍ତରଂଜନ ଦାସ, ବଂଶୀଧର ସାହୁ, ଶିବାଶିଷ ଝାଙ୍କର, ରାକେଶ ଶତପଥି, ଶ୍ରବଣ ନାଏକ ସମେତ ଅନୁଷ୍ଠାନର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ ।




ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ପଞ୍ଚମ ସନ୍ଧ୍ୟାରେ ଅତିଥି ଓ ନାଟକର ଏକ ଦୃଶ୍ୟ।

## ଶିଶୁ ମନ୍ଦିର ପକ୍ଷରୁ ସ୍ୱଦେଶୀ ସପ୍ତାହ ପାଳିତ



ଲୋଇସିଂହା,(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସ୍ୱଦେଶୀ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଆଚାର୍ଯ୍ୟ ସନାତନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଛାତ୍ରୀଛାତ୍ରମାନେ ବସ୍ତି ପରିକ୍ରମା କରିଥିଲେ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରି ବିଦେଶୀ ଦ୍ରବ୍ୟ ବର୍ଜନ କରିବାକୁ ଲୋକଙ୍କୁ ସଚେତନତ କରାଯାଇଥିଲା। ଏହା ସହ ବିଦ୍ୟାଳୟରେ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ଝାଙ୍କ୍ରିପାଲି ଧନୁଯାତ୍ରା: ରଙ୍ଗସଭା ଆୟୋଜନ

**ଖପ୍ରାଖୋଲ,୧୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଝାଙ୍କ୍ରିପାଲି ଧନୁଯାତ୍ରାର ତୃତୀୟ ଦିବସ ସୋମବାର ପୁତନା ବଧ ଦୃଶ୍ୟ ମଞ୍ଚସ୍ଥ ହୋଇଥିଲା। ମର୍ମାହତ କଂସ ରଙ୍ଗସଭା ଆୟୋଜନ କରିଥିଲେ। ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ବିଡ଼ିଓ ରଶ୍ମି ରଞ୍ଜନ ରାଉତ, ସମ୍ମାନିତ ଅତିଥି ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, କଣ୍ଠଶିଳ୍ପୀ ରୁକୁ ସୁନା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଦାଦନ ସମସ୍ୟା ରୋକିବାକୁ ବ୍ଲକ ପ୍ରଶାସନ କି ପଦକ୍ଷେପ ନେଇଛି ବୋଲି ମହାରାଜ କଂସ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷକୁ ୩ ଶହ ଦିନ ର କାମ ଯୋଗାଯାଉଥିବା କହିଥିଲେ। ଆୟୋଜକ କମିଟି ତରଫରୁ କଣ୍ଠଶିଳ୍ପୀ ରୁକୁ ସୁନାଙ୍କୁ ମହାରାଜ କଂସ ସମ୍ବର୍ଦ୍ଧିତ କରିଥିଲେ। ପରେ ରୁକୁଙ୍କ ଗୀତର ଦର୍ଶକ ଝୁମିଥିଲେ। ଏହି ଅବସରରେ ଆୟୋଜକ କମିଟି ସଭାପତି ଯଶୋବନ୍ତ ସାହୁ, ଉପସଭାପତି ଜଳଧର ତାଣ୍ଡି, ଜ୍ୟୋତିଷ ସାହୁ, ରବି ଗଡତ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

### ସବୁଦିନ ଖୋଲୁ ସଂରକ୍ଷଣ ଟିକେଟ କାଉଣ୍ଟର

**ଲାଠୋର,୧୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ହରିଶଙ୍କର ରୋଡ ରେଳ ଷ୍ଟେଶନରେ ରବିବାର ସଂରକ୍ଷଣ ଟିକେଟ କାଉଣ୍ଟର ବନ୍ଦ ରହୁଛି। ଫଳରେ ଷ୍ଟେଶନକୁ ଟିକେଟ ପାଇଁ ଆସୁଥିବା ଯାତ୍ରୀ ଟିକେଟ ନ ପାଇ ସମ୍ମୁଖୀନ ହେଉଛନ୍ତି। ଏହି ଷ୍ଟେସନ ଦେଇ ଦେଶର ବିଭିନ୍ନ ରାଜ୍ୟକୁ ରେଳ ଯାତାୟତ କରୁଛି। ଏହି ରେଳ ଷ୍ଟେଶନ ଦେଇ ପାଟଣାଗଡ ଉପଖଣ୍ଡ ଓ ନୂଆପଡ଼ା ଜିଲା କୋମନା ବ୍ଲକ ଅଞ୍ଚଳର ଅଧିବାସୀ ନିର୍ଭର କରନ୍ତି। ଯାତ୍ରୀଙ୍କ ସୁବିଧା ଦୃଷ୍ଟିରୁ ଏଠାରେ ଏକ ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲିବା ସହ ଜଣେ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଛି। ସପ୍ତାହର ସୋମବାରଠାରୁ ଶନିବାର ପର୍ଯ୍ୟନ୍ତ ସଂରକ୍ଷଣ ଟିକେଟ କାଉଣ୍ଟର ଖୋଲା ଯାଉଥିବା ବେଳେ ରବିବାର ବନ୍ଦ ରହୁଛି। ଦୀର୍ଘଦିନରୁ କର୍ମଚାରୀ ନିଯୁକ୍ତି ଏବଂ ରବିବାର କାଉଣ୍ଟର ଖୋଲାଯିବା ଦାବି ହୋଇ ଆସୁଥିଲେ ମଧ ରେଳ ପ୍ରଶାସନ ଏହି ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଯୋଗୁଁ ସାଧାରଣ ଲୋକଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ହରିଶଙ୍କର ରୋଡ ରେଳ ଷ୍ଟେଶନ ମ୍ୟାନେଜର ଧର୍ମେନ୍ଦ୍ର କଶ୍ୟପଙ୍କୁ ପଚାରିବାରୁ ଲୋକଙ୍କ ଦାବିକୁ ନେଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି।

### ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଲୋଇସିଂହା,୧୩।୧୨(ଡି.ଏନ.ଏ):** ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ରାଣୀସର୍ଡା ପଞ୍ଚାୟତ କୁମୁଣ୍ଡେ ନାଗବାଚା ମନ୍ଦିର ପ୍ରତିଷ୍ଠା ଉତ୍ସବ ସୋମବାର ସମ୍ପନ୍ନ ହୋଇଛି। ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଉତ୍ସବ ଆୟୋଜିତ ହୋଇଥିଲା। ମନ୍ଦିର ପୂଜକ ଶମ୍ଭୁ ଷାଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଷ୍ଠା ସମାରୋହରେ ଶୁକଦେବ ଦାସ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଗ୍ରାମର ଚାରିଛକର ଏକ ଛପର ଘରେ ନାଗବାଚା ପୂଜା ପାଉଥିଲେ। ଜିଲା ପରିଷଦ ପାଣ୍ଠିରୁ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମନ୍ଦିର ନିର୍ମାଣ କରାଯାଇଛି ।

### ଅଷ୍ଟମ ତାରକା ସ୍ମାରକୀ ଫୁଟବଲ: ସେମିରେ ବୁର୍ଡା

**ମୁରିବାହାଲ,୧୩।୧୨(ଡି.ଏନ.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ଗ୍ରାମ ପଞ୍ଚାୟତ ବନବହାଲ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ୧୪ତମ ଅଷ୍ଟମ ତାରକା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ ଦିବସ। ବନବହାଲ ଖେଳ ପଡିଆରେ ଅନୁଷ୍ଠିତ ଖେଳରେ ବୁର୍ଡା(କଳାହାଣ୍ଡି) ଓ ଗୁଲମୀ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୨ଗୋଲରେ ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ଅତିଥିଭାବେ ଜିଲା ଓଷ୍ଟା ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ ପୁଟେଲ, ସମ୍ମାନୀତ ଅତିଥିଭାବେ ବିଶିଷ୍ଟ କ୍ରୀଡ଼ାବିତ ଲାଏବନ କୁଅଁର, ତ୍ରିନାଥ ବେହେରା, ଗଡି ମଲ୍ଲିକ, ହରିବନ୍ଧୁ ବାଗ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉକ୍ତ ମ୍ୟାଚକୁ ଶ୍ରୀବତ୍ସ ବେହେରା, ଆଶୀର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପ୍ରତାପ ଭୁକ୍ତା ପରିଚାଳନା କରିଥିଲେ। ଧାରା ବିବରଣୀ ପ୍ରଦାନ କରିଥିଲେ ଭରତ ମଲ୍ଲିକ, ମନୋଜ କୁମାର ଖମାରୀ। ବୁଧବାର ଆୟୋଜକ ବନବହାଲ ଓ ଚଲକି ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ।

# ନକଲି କଳାକାରଙ୍କୁ ହଟାଅ

**ବଲାଙ୍ଗୀର ଅଫିସ, ୧୩।୧୨**



କଳାକାର ସମନ୍ୱୟ ସମିତି ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀଙ୍କ ଅଫିସରେ ଦାବିପତ୍ର ଦିଆଯାଉଛି।

- ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର
- କଳାକାର ସହାୟତା ମାସିକ ୫ ହଜାର ଟଙ୍କା କର

ବଲାଙ୍ଗୀର ଜିଲା କଳାକାର ସମନ୍ୱୟ ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ସଂସ୍କୃତି ଅଧିକାରୀଙ୍କୁ ମଙ୍ଗଳବାର ୪ ଦଫା ଦାବିପତ୍ର ପ୍ରଦାନ କରାଯାଇଥିଲା। ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନାରେ ରାଜ୍ୟର ୫୦ ହଜାର କଳାକାରଙ୍କୁ ଯୋଜନା ନିୟମ ମୁତାବକ ସହାୟତା ଦେବା ଘୋଷଣା କରିଥିଲେ। ଏହି ଯୋଜନାରେ ବଲାଙ୍ଗୀର ଜିଲାର ସର୍ବମୋଟ ୧୮୦୮ ଜଣ କଳାକାର ସହାୟତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ପ୍ରଥମେ ୬୬୨ ଜଣ କଳାକାର ସହାୟତା ପାଇବାକୁ ଚୟନ କରାଯାଇଥିଲା। କିଛଇଦିନ ତଳେ ଅନ୍ୟ ୧୧୪୬ ଜଣ କଳାକାରଙ୍କୁ ଚୟନ କରାଯାଇଛି। ତେବେ ଏହି ଚୟନ ପ୍ରକ୍ରିୟାରେ ପ୍ରିୟାପ୍ରୀତି ତୋଷଣ କରାଯାଇଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲାର ହଜାର ହଜାର ଯୋଗ୍ୟ ଓ ଦକ୍ଷ କଳାକାର ସହାୟତା ପାଇବାକୁ ଚୟନ ହୋଇନଥିବାବେଳେ କେତେଜଣ ନକଲି କଳାକାର ସହାୟତା ପାଇଁ ମନୋନୀତ ହୋଇଥିବା ସମିତି ପକ୍ଷରୁ ଅଭିଯୋଗ କରାଯାଇଛି। ଏହି ୧୮୦୮ ଜଣ ମନୋନୀତ କଳାକାର ମଧ୍ୟରୁ ଅନେକ ନକଲି କଳାକାରଙ୍କୁ ସାମିଲ କରାଯାଇଥିବାରୁ ସେମାନଙ୍କ ସହାୟତା ବାବଦ ପ୍ରାପ୍ୟ ମାସିକ ୧୨୦୦ ଟଙ୍କା ଆତ୍ମସାତ୍ କରାଯାଇଥିବା ଯୋଜନା ହୋଇଥିବା ଅଭିଯୋଗ କରାଯାଇଛି। ଜିଲାର ପ୍ରତ୍ୟେକ ଯୋଗ୍ୟ କଳାକାରଙ୍କୁ ମୁଖ୍ୟମନ୍ତ୍ରୀ କଳାକାର ସହାୟକ ଯୋଜନାରେ ସାମିଲ କରାଯିବାକୁ ସମିତି ଦାବି କରିଛି। ମନୋନୀତ ୧୮୦୮ ଜଣ କଳାକାରଙ୍କ ମଧ୍ୟରୁ ନକଲି କଳାକାରଙ୍କୁ ତୁରନ୍ତ ଚିହ୍ନଟ କରାଯିବାକୁ ଦାବି କରାଯାଇଛି। ଯେଉଁମାନେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ସାମିଲ ହୋଇଛନ୍ତି ସେମାନଙ୍କୁ ମାସିକ ୧୨୦୦ ଟଙ୍କା ପ୍ରଦାନ କରାଯାଉଛି । ଏହି ସହାୟତା ରାଶିକୁ ମାସିକ ୫୦୦୦ ଟଙ୍କାକୁ ବୃଦ୍ଧି ଦାବି କରାଯାଇଛି। ସମିତି ପକ୍ଷରୁ ସଭାପତି ପରମାନନ୍ଦ ମାଝି, ସମ୍ପାଦକ ସତ୍ୟ ବନଛୋର, ସଂଯୋଜକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, କାଳିନ୍ଦ୍ରୀ ମାଝି, ପଞ୍ଚାନନ ଦାସ, ପ୍ରମୋଦ ନାଏକ, ଅଖିଳ ପଧାନ, ମଧୁ ମାଝି, ସୁବାସ ପଧାନ ତଥା ଜିଲା କଳାକାର ସମନ୍ୱୟ ସମିତିର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜେଲ୍ ଗଲେ କେଶରିଆ ହିନ୍ଦୁ ବାହିନୀ ପ୍ରଦେଶ ମନ୍ତ୍ରୀ

**ବଲାଙ୍ଗୀର ଅଫିସ/ଲୋଇସିଂହା, ୧୩।୧୨(ଡି.ଏନ.ଏ)**

**ଚାକିରି କରାଇ ଦେବା ନାଁରେ ଠକେଇ ମାମଲା**

ଚାକିରି କରାଇ ଦେବା ନାଁରେ ଟଙ୍କା ଠକେଇ ମାମଲାରେ ବଲାଙ୍ଗୀର ସାଇବର ପୋଲିସ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ କେଶରିଆ ହିନ୍ଦୁ ବାହିନୀର ପ୍ରଦେଶ ମନ୍ତ୍ରୀ ତଥା ବଲାଙ୍ଗୀର ସହର ଆଦର୍ଶପଡାର ସନ୍ତୋଷ କୁମାର ଭୋଲ। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ବଲାଙ୍ଗୀର ସାଇବର ଥାନାରେ ଅଭିଯୁକ୍ତଙ୍କ ବିରୋଧରେ ଦଫା ୪୨୦, ୫୦୬ରେ ଏକ ମାମଲା(୬୫/୨୨)ମାମଲା ରୁଜୁ ହୋଇଛି। ପ୍ରାୟ ଦୁଇବର୍ଷ ତଳେ ଅଞ୍ଚଳର କେତେକ ବ୍ୟକ୍ତିଙ୍କୁ ବଲାଙ୍ଗୀର ଉପକଣ୍ଠ ବରକାନିସ୍ଥିତ ଭାରତ ଗ୍ୟାସ ବଟଲିଂ ପ୍ଲାଣ୍ଟରେ ବିଭିନ୍ନ ପଦବୀରେ ସ୍ଥାୟୀ ଚାକିରି କରାଇ ଦେବା ପାଇଁ ସନ୍ତୋଷ ପ୍ରଲୋଭନ ଦେଖାଇଥିଲେ। ଏଥିପାଇଁ ଟଙ୍କା ଦେବାକୁ ପଡିବାକୁ ସେମାନଙ୍କୁ କହିଥିଲେ। ତାଙ୍କ କଥାରେ ପଡି ସୀତାରମ ପଧାନ, ରଘୁମଣୀ ନନ୍ଦ, ଅଜିତ କୁମାର ବେହେରା, ଜୟବିହାରୀ ବିଶ୍ୱାଳ, ବିଶ୍ୱ ସାହୁ, ଦୀନବନ୍ଧୁ ବିଶ୍ୱାଳ ପ୍ରମୁଖ ୫ ଲକ୍ଷରୁ ଅଧିକ ଟଙ୍କା ଦେଇଥିଲେ। ଟଙ୍କା ଦେଇ ଚାକିରି ନପାଇବାରୁ ଟଙ୍କା ଫେରସ୍ତ ପାଇଁ ସେମାନେ ସନ୍ତୋଷଙ୍କ ନିକଟରେ ଦାବି କରିଆସୁଥିଲେ। ବିଭିନ୍ନ କାରଣ ଦର୍ଶାଇ ସେ ଦିନ ଗଡାଇ ଚାଲିଥିଲେ। ଏପରିକି ପଦପଦବୀର ଭୟ ଦେଖାଇ ଟଙ୍କା ଫେରସ୍ତ ମାଗୁଥିବା ଯୁବକମାନଙ୍କୁ ଧମକଚମକ ଦେଇ ଭୟଭୀତ କରାଇ ଆସୁଥିଲେ । ଶେଷରେ ଠକେଇର ଶିକାର ଯୁବକମାନେ ବଲାଙ୍ଗୀର ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ ।

## ବ୍ୟବସାୟୀ ସଂଘ ଭବନ ଉଦ୍‌ଘାଟିତ



ଉଦ୍‌ଘାଟନ ଉପଲକ୍ଷେ ଅନୁଷ୍ଠିତ ସଭାରେ ମନ୍ତ୍ରୀ ଟୁକୁନି ସାହୁ ବକ୍ତବ୍ୟ ରଖୁଛନ୍ତି।

**ଟିଟିଲାଗଡ଼, ୧୩।୧୨(ଡି.ଏନ.ଏ)**

ଟିଟିଲାଗଡ ବ୍ୟବସାୟୀ ସଂଘର ନୂତନ ଭବନ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭବନକୁ ଉଦ୍‌ଘାଟନ କରିଥିଲେ। ସଭାପତି ଶମ୍ଭୁପ୍ରସାଦ ଗୋୟଲଙ୍କ ତତ୍ତ୍ୱାବଧାବରେ ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଭବନର ଆନୁସାଙ୍ଗିକ ବିକାଶମୂଳକ କାର୍ଯ୍ୟକ୍ରମ ନେଇ ତାଙ୍କ ବିଧାୟକ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ମନ୍ତ୍ରୀ ଘୋଷଣା କରିଥିଲେ। ଇଶ୍ୱର ଜୈନ ସଭା ପରିଚାଳନା କରିଥିଲେ। ଲାୟନ୍ସ କ୍ଲବର ବରିଷ୍ଠ ସଦସ୍ୟ ସଞ୍ଜୟ ସାହୁ, ପୂର୍ବତନ ବ୍ୟବସାୟୀ ସଂଘ ସଭାପତି ତ୍ରିନାଥ ସରାଫ, ପ୍ରେମ ଜୈନ, ସଂଘ କୋଷାଧ୍ୟକ୍ଷ ଶଶିକପୁର ଜୈନ ପ୍ରମୁଖ ମଞ୍ଚାସୀନ ଥିଲେ। ସଂଘ ସାଧାରଣ ସମ୍ପାଦକ ଗୋପାଳକ୍ରିଷ୍ଣ ଜୈନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅରୁଣ ମିଶ୍ର, ଟିଟିଲାଗଡ ପୌର ଉପାଧ୍ୟକ୍ଷା ପୁଷ୍ପାମଞ୍ଜରି ଜାଲ, ଜେସିଆଇ ସଭାପତି ଅତୁଲ ଜୈନ, ସମ୍ପାଦକ ତ୍ରିଲୋକ ଜୈନ ପ୍ରମୁଖ ଉପସ୍ଥିତ ଥିଲେ।

# ଚଉଁରିଆ ବୁଢ଼ାଙ୍କ ବାର୍ଷିକ ଯାତରା



ଯାତ୍ରାରେ ସାମିଲ ହେବା ପାଇଁ ଘୋଡାରେ ସବାର ହୋଇ ଗୌନ୍ତିଆ ଆସୁଛନ୍ତି।

**କୋକସରା,୧୩।୧୨(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୟପାଟଣା ବ୍ଲକ ଅଁଲାଭଟା ପଞ୍ଚାୟତ କୁକୁଡି ଗାଁରେ ବାବା ଚଉଁରିଆ ବୁଢ଼ାଙ୍କ ବାର୍ଷିକ ଯାତରା ପାଳିତ ହୋଇଯାଇଛି। ସୋମବାର ଅଞ୍ଚଳର ୧୨ଖଣ୍ଡ ମୌଜାର ଦେବଦେବୀଙ୍କ ଲାଠି କାଳିସୀ ଗୌନ୍ତିଆ ଧନଞ୍ଜୟ ନେଗୀଙ୍କ ଘର ସମ୍ମୁଖରେ ପହଞ୍ଚିବା ପରେ ସ୍ୱାଗତ କରାଯାଇଥିଲା। ଦେବଦେବୀ ଲାଠି କୁର୍ଚ୍ଚି ସହ, ଶତାଧିକ ଭକ୍ତଙ୍କ ଶହ ନିଜେ ଗୌନ୍ତିଆ ଧନଞ୍ଜୟ ମଧ ଲାଠି ଯାତ୍ରାରେ ସାମିଲ ହୋଇଥିବା ବେଳେ ତାଙ୍କ ପୁଅ ଗଜିନ୍ଦ୍ର ନେଗୀ ଘୋଡ଼ାରେ ବସି ମନ୍ଦିର ଅଭିମୁଖେ ବାହାରି ଥିଲେ। ଚଉଁରିଆ ବୁଢ଼ାଙ୍କ ପୂଜାର୍ଚ୍ଚନା ପରେ ଲାଠି ହଟା ପରିକ୍ରମା କରି, ଲାଖ ବିନ୍ଧିଥିଲେ। ପଡୋଶୀ ଅଞ୍ଚଳରୁ ଶତାଧିକ ଭକ୍ତ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଗ୍ରାମର ଗୌନ୍ତିଆ ଧନଞ୍ଜୟ ନେଗୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ଦେବ ମାଝି, ପୂର୍ବତନ ସରପଞ୍ଚ ଚୂଡ଼ାମଣି ନାଏକ, ଯୁଧିଷ୍ଠିର ପୂଝାରୀ, ପୂଜା କମିଟି ସଭାପତି ମଦନ ରାଉତ, ସମ୍ପାଦକ କିଶୋର ରାଉତ, କୋଷାଧ୍ୟକ୍ଷ କୃତିବାସ ପୂଝାରୀ, ରାମ ନାଏକ, ଡମ୍ବରୁ ନାଏକ, ରଣସାଏ ପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ସତନ୍ତ୍ର ଅତିଥି ଭାବେ ଇଂଜିନିୟର ଭୁପ କୁମାର ପାତ୍ର, ରତୁରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ବିରେଞ୍ଚିନ ନାୟକ, ନୀଳକଣ୍ଠ ନାଏକ ପରିଚାଳନା କରିଥିଲେ। ବାବା ଚାଉରିଆ ବୁଢା ଦଶରା କମିଟି ସଦସ୍ୟ ତଥା ଗ୍ରାମ ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

## ବିଭିନ୍ନ ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

**ସିନାପାଲି,୧୩।୧୨(ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ନୀଳଜୀ ସରସ୍ୱତୀ ଶିଶୁ ମନ୍ଦିରରେ ଚତୁର୍ଦ୍ଦଶ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ପରିଚାଳନା କମିଟି ସଭାପତି ସତ୍ୟବ୍ରତ ଗହୀର ସଭାପତିତ୍ୱ କରିଥିଲେ। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନୀଳମଣି ମେହେର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ପାକ ସଭାପତି ପରକ୍ଷିତ ପ୍ରଧାନ, ସମ୍ପାଦକ ତରାଚନ୍ଦ୍ର ପ୍ରଧାନ ଉପସ୍ଥିତ ଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ପ୍ରସାନନ୍ଦ କୁମ୍ଭାର ସଭା ପରିଚାଳନା କରିଥିଲେ। ବିଦ୍ୟାଳୟ ପ୍ରାୟ ୧୫୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ଖର୍ସେଲ ସରପଞ୍ଚ ବିରେନ୍ଦ୍ର ଖମାରୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଗିରଧାରୀ ତାଣ୍ଡି, ଦୀପକ ସା, ଭୀମସେନ ସା, କୈଳାସ ନିଆଲ, ମକର୍ଦ୍ଧ୍ୱଜ ପୁଞ୍ଜି ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବେଣୁଧର ନିଆଲ, ଅଖିଳେସ ପାଣ୍ଡେ, ମୀନକେତନ ହଂସ, ସୋନେଶ୍ୱର ପୁଞ୍ଜି, ଡୁମେରମତି ଗହୀର, କ୍ଷୀରାବଧୀ ସୁନାନୀ, ପ୍ୟାରୀ ସା ପ୍ରମୁଖ ସହଯୋଗ କରିଥିଲେ। ସରୋଜ ସୁନାନୀ ଧନ୍ୟବାଦ ଦେଇଥିଲେ। ସେହିପରି ଗଣ୍ଡାବାହାଲି ଶିଶୁ ମନ୍ଦିର ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗ୍ରାଫାଇଟ ମାଇନ୍ସ ପରିଚାଳକ ବିଜୟ ନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥି ସରପଞ୍ଚ କୌଶଲ୍ୟା ମେହେର, ପରିଚାଳନା କମିଟି ସଭାପତି ଦିବାକର ଖମାରୀ, ସଦସ୍ୟା ତାରାବତୀ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁନୀଲ ପୁରୋହିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ ଖେଳରେ ଶତାଧିକ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟ ଅଚାର୍ଯ୍ୟା ସହଯୋଗ କରିଥିଲେ।

## ଦିନରଘୁ ମେହେର ହାଇସ୍କୁଲର ବାର୍ଷିକ କ୍ରୀଡ଼ା



ଆଦର୍ଶ ବିଦ୍ୟାଳୟର ଜଣେ ଛାତ୍ରୀ ଉଚ୍ଚଡ଼ିଆଁ ମାରୁଛନ୍ତି।

**ବେଲପଡା,୧୩।୧୨(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ବେଲପଡା ସ୍ଥିତ ଦିନରଘୁ ମେହେର ଉଚ୍ଚ ବିଦ୍ୟାଳୟରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ଚିତରଞ୍ଜନ ପଣ୍ଡାଙ୍କ ସଭାପତିତ୍ୱ ଓ ସହକାରୀ ଶିକ୍ଷକ ପ୍ରଭାକର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବେଲପଡା ସରପଞ୍ଚ ହରିଶ୍ଚନ୍ଦ୍ର ବୁଡ଼େକ ଯୋଗଦେଇଥିଲେ। ପୂର୍ବତନ ପିଟି ଶିକ୍ଷକ କୁଶଧ୍ୱଜ ମେହେର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ୧୪୦ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଖେଳ ଶିକ୍ଷକ ନୀତେଶ ତାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଦଶମ ଶ୍ରେଣୀ ଛାତ୍ର ନବୀନ ସୁନା ଚାମ୍ପିୟନ ବିବେଚିତ ହୋଇଥିଲେ। ସମସ୍ତ ବିଜେତାମାନଙ୍କୁ ବିଦ୍ୟାଳୟର ବାର୍ଷିକୀ ଉତ୍ସବରେ ପୁରସ୍କୃତ କରାଯିବ ବୋଲି ପ୍ରଧାନଶିକ୍ଷକ ପଣ୍ଡା ଘୋଷଣା କରିଥିଲେ।

ସେହିପରି ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ତହସିଲଦାର ପ୍ରଶାନ୍ତି ପ୍ରଧାନ ଯୋଗଦେଇ ପ୍ରେତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଚକ୍ରଧର ଦୀପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ପ୍ରଧାନ ଛାତ୍ର ଜୀବନରେ ଖେଳକୁଦର ଆବଶ୍ୟକତା ଉପରେ କହିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବେଲପଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଟିନା କୁମ୍ଭାର, ଉପାଧ୍ୟକ୍ଷ ଦୁର୍ଯ୍ୟୋଧନ କୁମ୍ଭାର ଯୋଗଦେଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ଜେସିଆଇର କର୍ମକର୍ତ୍ତା ଅଧିଷ୍ଠାନ ଉତ୍ସବ

**ଟିଟିଲାଗଡ଼, ୧୩।୧୨(ଡି.ଏନ.ଏ.)**

ଟିଟିଲାଗଡ ଜେସିଆଇ ଶାଖାର ନୂତନ କର୍ମକର୍ତ୍ତା ଅଧିଷ୍ଠାନ ସ୍ଥାନୀୟ ଡିଏନ ରିସର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧିଷ୍ଠାନ ସମାରୋହରେ ନୂତନ ସଭାପତିଭାବେ ଇଂ ଅତୁଲ ଜୈନ, ସମ୍ପାଦକ ତ୍ରିଲୋକ ଜୈନ, କୋଷାଧ୍ୟକ୍ଷ ମହେଶ ଅଗ୍ରୱାଲ, ଉପସଭାପତି ଶୈଳେଶ ଗୋଏଲ, ଯୁଗ୍ମ ସମ୍ପାଦକ ଡ. ନରେନ୍ଦ୍ର ଅଗ୍ରୱାଲ, ଉମାଶଙ୍କର ଶର୍ମା, ସୁରେନ୍ଦ୍ର ଅଗ୍ରୱାଲ, ନିତେଶ ଜୈନ, ନିର୍ଦ୍ଦେଶକ ଦୀପକ ଜୈନ, ସତୀଶ ଅଗ୍ରୱାଲ, ମନୋଜ ଚୌଧୁରୀ ଦାୟିତ୍ୱ ଗ୍ରହଣ କରିଥିଲେ। ସମାଜସେବା ପ୍ରତି ତାଙ୍କ ଅନୁଷ୍ଠାନ କାର୍ଯ୍ୟ କରି ଚାଲିବ ବୋଲି ନୂତନ ସଭାପତି ଜୈନ କହିଥିଲେ। କାର୍ଯ୍ୟକ୍ରମରେ ଟିଟିଲାଗଡ ଏସ୍‌ଡିପିଓ ଅଙ୍କିତା କୁମ୍ଭାର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ଶାନ୍ତି ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଜେସିଆଇ ଜୋନ ସଭାପତି ସିଏ ଆକାଶ ସୁନ୍ଦରାନି, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ନିଲମ ସରାଫ, ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ମହେଶ ଅଗ୍ରୱାଲ, ପ୍ରତିଷ୍ଠାତା ସଭାପତି ଗୋପାଲ ଜୈନ, ପୂର୍ବତନ ସଭାପତି ମୁକେଶ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ନିଯୁକ୍ତି ପ୍ରକ୍ରିୟାରେ ବିଳମ୍ବ, ବଢୁଛି ଅସନ୍ତୋଷ

**ଲୋଇସିଂହା,୧୩।୧୨(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା କଲେଜରେ କେତେକ ପଦବୀ ନିଯୁକ୍ତି ପାଇଁ ଗତ ନଭେମ୍ବର ମାସରେ ଆଶାୟୀ ପ୍ରାର୍ଥୀଙ୍କ ସାକ୍ଷାତକାର (ପରୀକ୍ଷା) ଅନୁଷ୍ଠିତ ହୋଇଥିଲା। ହେଲେ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ଏହାକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ମଙ୍ଗଳବାର ଏହାକୁ ନେଇ କଲେଜ ଘେରିବାକୁ ସାମାଜିକ ଗଣମାଧ୍ୟରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଲୋଇସିଂହା କଲେଜ କର୍ତ୍ତୃପକ୍ଷ ଗତ ମାସରେ ଅଧ୍ୟାପକ, କନିଷ୍ଠ କିରାଣୀ, ଡିଇଓ, ପିଅନ ଓ ମହିଳା ପରିଚାରକ, ଲ୍ୟାବ ପରିଚାଳକ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ । ନଭେମ୍ବର ୧୩ରେ ଫିଜିକ୍ସ, କେମେଷ୍ଟ୍ରି, ବଟାନି, ଜୁଲୋଜି, ଆଇଟି, କମ୍ପ୍ୟୁଟର ସାଇନ୍ସ, ଗଣିତ, ଇତିହାସ, ଅର୍ଥନୀତି, ଶିକ୍ଷା, ଗୃହ ବିଜ୍ଞାନ ଓ ଓଡିଆ ଅଧ୍ୟାପକ ପଦବୀ ପାଇଁ ପରୀକ୍ଷା ହୋଇଥିଲା । ନଭେମ୍ବର ୧୪ରେ ଯୁକ୍ତ ୩ ଡିଇଓ, କନିଷ୍ଠ କିରାଣୀ, ପିଅନ ଓ ମହିଳା ପରିଚାରକ ପାଇଁ ସାକ୍ଷାତକାର କରାଯାଇଥିଲା । ବିଜ୍ଞାପନର ସୂଚନା ଅନୁଯାୟୀ ୨୦୨୩ ଜାନୁଆରୀ ୪ରେ ଯୁକ୍ତ ୩ କେମେଷ୍ଟ୍ରି ଲ୍ୟାବ ପରିଚାରକ ପାଇଁ ସାକ୍ଷାତକାର ପାଇଁ ଦିନ ଧାର୍ଯ୍ୟ ହୋଇଛି । ପ୍ରାୟ ୮୦ ରୁ ୯୦ ଆଶାୟୀ ପ୍ରାର୍ଥୀ ନଭେମ୍ବର ୧୩ ଓ ୧୪ରେ ସାକ୍ଷାତାର ଦେଇଥିଲେ। ଏଥିପାଇଁ ପ୍ରାର୍ଥୀ ପିଛା ୨ ଶହ ଟଙ୍କା ଫର୍ମ ବାବଦକୁ ନିଆଯାଇଥିଲା। ଇତିମଧ୍ୟରେ ଏକ ମାସ ବିତି ଯାଇଛି। ଚୟନ ତାଲିକା କଲେଜ କର୍ତ୍ତୃପକ୍ଷ ପ୍ରକାଶ କରିନାହାନ୍ତି। ପୂର୍ବରୁ ଥିବା ଅସ୍ଥାୟୀ କର୍ମଚାରୀଙ୍କୁ ସେହି ସ୍ଥାନରେ ଥଇଥାନ ପାଇଁ କୁଆଡେ ଯୋଜନା ଚାଲିଥିବା ଜଣାପଡିଛି।

# ଜାଗା ମିଶନରେ ସାମିଲ କର

**ରେଲୱେ ଜମିରୁ ଜବରଦଖଲ ଉଚ୍ଛେଦ ନୋଟିସ ପ୍ରସଙ୍ଗ**

- ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ବସ୍ତି ବାସିନ୍ଦା

**କଣ୍ଟାବାଞ୍ଜି,୧୩।୧୨(ଡି.ଏନ.ଏ.)**




ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଶୋଭାଯାତ୍ରା ଯାଉଛି।

କଣ୍ଟାବାଞ୍ଜିରେ ଥିବା ରେଳବାଇ ଜମିରେ ବର୍ଷବର୍ଷ ଧରି ଜବରଦଖଲ କରି କେତେକ ମାଟିକୁଡିଆ କରି ରହିଆସୁଛନ୍ତି। ସେମାନଙ୍କୁ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ରେଳ ପ୍ରଶାସନ ନୋଟିସ୍ ଜାରି କରିଛି। ଡିସେମ୍ବର ୨୮ତାରିଖ ମଧ୍ୟରେ ଜବରଦଖଲ ସ୍ଥାନରୁ ହଟିଯିବାକୁ ଦିନ ଧାର୍ଯ୍ୟ ହୋଇଛି। ଏହାର ପ୍ରତିବାଦ କରି ମଙ୍ଗଳବାର ଉଚ୍ଛେଦ ହେବାକୁ ଥିବା ବସ୍ତିବାସିନ୍ଦା ଜିଲା ଭାଜପା ସଭାପତି ଶିବାଜି ମହାନ୍ତି, ବରିଷ୍ଠ ନେତା ଲକ୍ଷ୍ମଣ ବାଗ, ଏମ୍‌ପି ପ୍ରତିନିଧି ବିଦେଶି ବେହେରା, ନଗର ସଭାପତି ବେଦବ୍ୟାସ ନାଗଙ୍କ ନେତୃତ୍ୱରେ ଚୈତନ୍ୟ ପ୍ରଧାନ ଛକରୁ ଏକ ଶୋଭାଯାତ୍ରାରେ ବାହାରି ତହସିଲ ଅଫିସ ନିକଟରେ ପହଞ୍ଚି ଥିଲା। ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାର ସମୀର ରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହାର ଏକ ନକଲ ଏମ୍‌ପି ସଙ୍ଗୀତ କୁମାରୀ ସିଂଦେଓ, ଡିଆରଏମ ପୂର୍ବତଟ ରେଲୱେ ସମ୍ବଲପୁରଙ୍କୁ ଦିଆଯାଇଛି। ଜାଗା ମିଶନରେ ସାମିଲ କରି ସରକାର ସେମାନଙ୍କୁ ଥଇଥାନ କରୁ ବୋଲି ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ସଂକ୍ଷେପରେ

### ଶିଶୁ ମନ୍ଦିରରେ ବାର୍ଷିକ କ୍ରୀଡ଼ୋତ୍ସବ

**ଜାମଟିକ୍ରା, ୧୩।୧୨(ଡି.ଏନ.ଏ.):** ଅତାବିରା ବ୍ଲକ ଅନ୍ତର୍ଗତ ଝିଲିମିଣ୍ଡା ସରସ୍ୱତୀ ଶିଶୁ ମନ୍ଦିରରେ ମଙ୍ଗଳବାର ଏକାଦଶ ବାର୍ଷିକ କ୍ରୀଡ଼ୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିନ୍ମୟ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସଞ୍ଜୟ କୁମାର ରଥ, ସ୍କୁଲ ପରିଚାଳନା କମିଟି ସଭାପତି ସଞ୍ଜୀବ କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ପ୍ରେମାନନ୍ଦ ମେହେର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ତରିଆ, ବୃନ୍ଦାବନ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ନକୁଳ ମହାରଣା ଅତିଥି ପରିଚୟ ପ୍ରଦାନ ଏବଂ ତାପସ ଭୋଇ, ବୈଶାଳୀ ଭୋଇ ଖେଳ ପରିଚାଳନା କରିଥିଲେ। ବିଭିନ୍ନ ପ୍ରକାରର ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଞ୍ଜୀବ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ଗୋରୁଙ୍କୁ ବ୍ୟାପୁଛି ଅଜଣା ରୋଗ

**ଜାମଟିକ୍ରା, ୧୩।୧୨(ଡି.ଏନ.ଏ.):** ବରଗଡ଼ ଜିଲା ଅତାବିରା ବ୍ଲକରେ ଏବେ ଗାଈଗୋରୁଙ୍କୁ ଅଜଣା ରୋଗ ହେଉଛି। ଗାଁକୁ ଗାଁ ଏହି ରୋଗ ବ୍ୟାପିବାରେ ଲାଗିଛି। ଅଜଣା ରୋଗ ଯୋଗୁ ବ୍ଲକ ଅଞ୍ଚଳରେ ଛେଳି ମେଣ୍ଢା, ଗାଈଗୋରୁଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ସଂକ୍ରମିତ ପ୍ରାଣୀଙ୍କ ଶରୀରର ବିଭିନ୍ନ ସ୍ଥାନ ଫୁଲିବା ସହ ଚର୍ମରେ ଗଣ୍ଠି ପଡିବା ଭଳି ଦିଶୁଛି ଓ ଘା' ହେଉଛି। ଗୋପାଳକମାନେ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶରେ ଔଷଧ ଦେଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଆକ୍ରାନ୍ତ ପ୍ରାଣୀଙ୍କଠାରୁ ଅନ୍ୟ ପ୍ରାଣୀଙ୍କୁ ଏହି ରୋଗ ବ୍ୟାପୁଛି। ରୋଗ ଯୋଗୁ ଗାଈ କ୍ଷୀର କମି ଯାଉଛି। ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ଔଷଧ ଯୋଗାଇଦେବା ସହିତ ନିମ୍ବ ଓ ହଳଦୀ ଲଗାଇବା ପାଇଁ ପରାମର୍ଶ ଦିଆଯାଉଛି। ଆକ୍ରାନ୍ତ ହୋଇ ନ ଥିବା ଗାଈଗୋରୁଙ୍କୁ ପ୍ରତିଷେଧକ ଟିକା ଦିଆଯାଉଥିବା ଅତାବିରା ପ୍ରାଣୀ ଚିକିତ୍ସାଧିକାରୀ ଜୟପ୍ରକାଶ ଭଞ୍ଜ ଜଣାଇଛନ୍ତି। ଅଜଣା ରୋଗରେ ଗାଈଗୋରୁଙ୍କ ମୃତ୍ୟୁ ହେଉଥିବାରୁ ଋଣକରି ଗାଈଗୋରୁ, ଛେଳି, ମେଣ୍ଢା କିଣିଥିବା ଲୋକେ କିପରି ଋଣ ସୁଝିବେ ସେହି ଚିନ୍ତାରେ ପଡିଛନ୍ତି।

### ବରପାଲିରେ ବ୍ଲକସ୍ତରୀୟ କ୍ରୀଡ଼ୋତ୍ସବ

**ବରପାଲି, ୧୩।୧୨(ଡି.ଏନ.ଏ.):** ବରପାଲିରେ ବ୍ଲକସ୍ତରୀୟ କ୍ରୀଡା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ବରପାଲି ନିକଟସ୍ଥ ଲେଣ୍ଡା ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରଗଡ଼ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରି ମୁଖ୍ୟଅତିଥି, ବରପାଲି ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଦୁର୍ଯ୍ୟୋଧନ ସିଂହ, ଲେଣ୍ଡା ସରପଞ୍ଚ ସୁଜାତା ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହିରାଧର ବିଶାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରପାଲି ଗୋଷ୍ଠୀ ଶିକ୍ଷାଧିକାରୀ ମୁକୁନ୍ଦ ମାହାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଲେଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସୁନିଲ କୁମାର ନାୟକ ବିବରଣୀ ପାଠ କରିଥିଲେ। ଏହି କ୍ରୀଡ଼ା ଉତ୍ସବରେ ଖୋଖୋ, କବାଡି, କ୍ରିକେଟ, ଫୁଟବଲ ଖେଳ ଆଦି ଅନୁଷ୍ଠିତ ହୋଇଥିଲା। ବ୍ଲକର ୩୪ଟି ସ୍କୁଲରୁ ୩୫୦ ଜଣ ଖେଳାଳି ଏଥିରେ ଭାଗ ନେଇଥିଲେ।

### ଶିକ୍ଷକ, ଅଭିଭାବକ ସଂଘ ବୈଠକ




**ବରଗଡ଼ ଅଫିସ୍, ୧୩।୧୨:** ବରଗଡ଼ ରାଣାପ୍ରତାପ ହାଇସ୍କୁଲରେ ଶିକ୍ଷକ, ଅଭିଭାବକ ସଂଘ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଶତାଧିକ ଅଭିଭାବକ, ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଉପସ୍ଥିତ ଥିଲେ। ସ୍ଥାନୀୟ ସିଆରସିସି ପାର୍ବତୀ ସାହୁ ପର୍ଯ୍ୟବେକ୍ଷକ ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟ ଗଠନରେ ଉଭୟ ଶିକ୍ଷକ, ଅଭିଭାବକଙ୍କ ଭୂମିକା ଉପରେ ସେ ଆଲୋକପାତ କରିଥିଲେ। ବରିଷ୍ଠ ଶିକ୍ଷକ ସୁଧାଂଶୁ ଶେଖର ସାହୁ ବିଦ୍ୟାଳୟର ପାଠ୍ୟଦାନ ସ୍ଥିତି ସମ୍ବନ୍ଧରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂତନ ପ୍ୟାକ୍ସ ଗଠନ ଦାବି, ଜିଲାପାଳଙ୍କୁ ଫେରାଦ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଭଟିଗାଁ ଏବଂ ଯୋଖିପାଲି ପଞ୍ଚାୟତକୁ ନେଇ ଏକ ନୂତନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଗଠନ ପାଇଁ ଦାବି ହୋଇଛି । ଏହି ଦାବିରେ ଉକ୍ତ ପଞ୍ଚାୟତବାସୀ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଫେରାଦ ହୋଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ଭଟିଗାଁ ପଞ୍ଚାୟତ ଅଧୀନରେ ଭଟିଗାଁ, ମାଝିପାଲି, ବାଦିପାଲି, ଫୁଲେଇପାଲି, ସନ୍ଧିବାହାଲି, ରେଙ୍ଗାଲପତ୍ରା, ଭାଟିବାହାଲି ଏବଂ ଯୋଖିପାଲି ପଞ୍ଚାୟତ ଅଧୀନରେ ଯୋଖିପାଲି, ପ୍ରଧାନମାଲ, ଲିଟିପାଲି, ଚାରପାଲି, ନୂଆପାଲି ଆଦି ଗ୍ରାମ ରହିଛି। ଉକ୍ତ ଗ୍ରାମଗୁଡ଼ିକର ଚାଷୀମାନେ ଲାଉମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଉପରେ ନିର୍ଭର କରୁଛନ୍ତି। ଲାଉମୁଣ୍ଡା ପ୍ରାଥମିକ କୃଷି ସମବାୟ ସମିତି ଉକ୍ତ ଗ୍ରାମଗୁଡ଼ିକରୁ ୧୫ରୁ ୧୭କି.ମି ଦୂରରେ ଥିବାରୁ ଅଞ୍ଚଳର ଚାଷୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ସେହିପରି ସେଠାକୁ ଯିବା ରାସ୍ତାରେ ଉଭାଲି ନଦୀ ଏବଂ ଅନେକ ନାଳ ପଡୁଛି। ଫଳରେ ବର୍ଷା ହେଲେ ସେଠାକୁ ଯାତାୟାତ ସମ୍ଭବ ହେଉ ନ ଥିବାବେଳେ ଅନ୍ୟଦିନରେ ମଧ୍ୟ ଚାଷୀଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ।

ଲାଉମୁଣ୍ଡା ସେବା ସମବାୟ ସମିତିରେ ଭଟିଗାଁ ଏବଂ ଯୋଖିପାଲି ପଞ୍ଚାୟତର ୩ ହଜାରରୁ ଅଧିକ ସଭ୍ୟାସଭ୍ୟ ଥିବା ଚାଷୀମାନେ କହିଛନ୍ତି। ଏହି ଦୃଷ୍ଟିରୁ ଉକ୍ତ ୨ପଞ୍ଚାୟତ ପାଇଁ ପାଖରେ ଏକ ନୂତନ ପ୍ୟାକ୍ସ ଖୋଲିବାକୁ ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ସୁନିତ କୁମାର ମହାପାତ୍ର, ସାମନ୍ତ ଚନ୍ଦ୍ର ସାହୁ, ଅରକ୍ଷିତ ସାହୁ, ସଦାନନ୍ଦ ସାହୁ, ବିଦ୍ୟାଧର ସାହୁଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସ ଆସିଥିଲେ।


ନୂତନ ପ୍ୟାକ୍ସ ଗଠନ ପାଇଁ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀବୃନ୍ଦ।

# ପ୍ରତିମୂର୍ତ୍ତି ସ୍ଥାପନ ଦାବିକଲା ବସ୍ ମାଲିକ ସଂଘ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ସହରର ଘରୋଇ ବସଷ୍ଟାଣ୍ଡ କେନାଲ ଛକକୁ ସ୍ୱର୍ଗତ ଦେବବ୍ରତ ମିଶ୍ର(ଟୁକୁ ବାବୁ)ଙ୍କ ନାମରେ ନାମିତ କରିବା ଏବଂ ଉକ୍ତ ଛକରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ହୋଇଛି । ଏହି ଦାବି ନେଇ ମଙ୍ଗଳବାର ବରଗଡ଼ ଘରୋଇ ବସ ମାଲିକ ସଂଘର ଏକ ପ୍ରତିନିଧି ଦଳ ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

ସ୍ୱର୍ଗତ ମିଶ୍ର ଘରୋଇ ବସ ମାଲିକ ସଂଘର ଉପଦେଷ୍ଟା ରହିଥିଲେ। ସମସ୍ତ ବସ ମାଲିକଙ୍କୁ ଏକତ୍ରିତ କରି ରାଜ୍ୟରେ ବସ ମାଲିକ ସଂଘକୁ ଅଗ୍ରଣୀ ସ୍ଥାନରେ ରଖିବାରେ ସ୍ୱର୍ଗତ ମିଶ୍ରଙ୍କ ପ୍ରମୁଖ ଭୂମିକା ରହିଥିଲା। ଫଳରେ ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଘରୋଇ ବସଷ୍ଟାଣ୍ଡ କେନାଲ ଛକକୁ ତାଙ୍କ ନାମରେ ନାମିତ କରିବା ସହିତ ସେଠାରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଗଲେ ତାହା ସ୍ୱର୍ଗତ ମିଶ୍ରଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ବସ ମାଲିକ ସଂଘ ମତପ୍ରକାଶ କରିଛି ଏବଂ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ପୌରାଧ୍ୟକ୍ଷାଙ୍କୁ ନିବେଦନ କରିଛି। ଘରୋଇ ବସ ମାଲିକ ସଂଘ ସଭାପତି ଭୀଷ୍ମଦେବ ଦୋରା, ସମ୍ପାଦକ ଶେକ୍ ନଜିମୁଦ୍ଦିନ, କାର୍ଯ୍ୟକାରୀ ସଭାପତି ସରୋଜ ମହାପାତ୍ର, ଉପସଭାପତି ମହମ୍ମଦ ଇଦ୍ରିଶଙ୍କ ନେତୃତ୍ୱରେ ସଂଘର ପ୍ରତିନିଧିମାନେ ପୌରାଧ୍ୟକ୍ଷାଙ୍କ କାର୍ଯ୍ୟାଳୟକୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ ।


ପୌରାଧ୍ୟକ୍ଷାଙ୍କୁ ଘରୋଇ ବସ ମାଲିକ ସଂଘ ପ୍ରତିନିଧି ଦଳ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

# ଶିକ୍ଷକ ନିଯୁକ୍ତି ଦାବିରେ ଡିଇଓଙ୍କୁ ଦାବିପତ୍ର ପ୍ରଦାନ

**ଜାମଟିକ୍ରା, ୧୩।୧୨(ଡି.ଏନ.ଏ.)**

ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲାଗି ସରକାର ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି। ସହର ଭଳି ଗ୍ରାମାଞ୍ଚଳରେ ଥିବା ବିଦ୍ୟାଳୟ ଗୁଡିକରେ କିଭଳି ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି ହୋଇପାରିବ ସେଥିପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ହେଲେ ଆବଶ୍ୟକ ଶିକ୍ଷକ ଅଭାବ ସରକାରଙ୍କ ଲକ୍ଷ୍ୟ ପୂରଣରେ ବାଧକ ସାଜିଛି। ବରଗଡ ଜିଲା ଅତାବିରା ବ୍ଲକ ମନାପଡା ପଞ୍ଚାୟତ ଅଧୀନ ଲୁରୁପାରି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏଭଳି ସମସ୍ୟା ଦେଖାଦେଇଛି। ଏହି ସ୍କୁଲରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୩୦ ଜଣ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର ୪ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଫଳରେ ପାଠପଢାରେ ଅସୁବିଧା ହେଉଛି। ଆଉ ଜଣେ ଶିକ୍ଷକ ନିଯୁକ୍ତି ପାଇଁ ପୂର୍ବରୁ ବ୍ଲକ ଶିକ୍ଷାଧିକାରୀଙ୍କୁ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ଲିଖିତ ଦାବିପତ୍ର ଦେଇଥିଲେ। କିନ୍ତୁ କିଛି ସୁଫଳ ନ ମିଳିବାରୁ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ମଙ୍ଗଳବାର ବରଗଡ ଜିଲା ଶିକ୍ଷାଧିକାରୀଙ୍କୁ ଏ ନେଇ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ଦେବା ସମୟରେ ସ୍କୁଲ ଚେୟାରମ୍ୟାନ ଜାହ୍ନବୀ ପଧାନ, ଭାସ୍କର ମେହେର, ଅରବିନ୍ଦ ମେହେର, ସୁଧାଂଶୁ ପଧାନ, ମଣ୍ଡି ସେଟ, ଜାନକୀ ଦୀପ, ବିଦ୍ୟାଧର ବେହେରା, ମନୋରଞ୍ଜନ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟବୃନ୍ଦ।

## ଚ୍ୟାଲେଞ୍ଜ ମୁକାବିଲା ପାଇଁ ନିଜକୁ ପ୍ରସ୍ତୁତ କର

**ପଦ୍ମପୁର, ୧୩।୧୨(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ନବକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସ୍ଥାନୀୟ କନଫରେନ୍ସ ହଲ୍‌ରେ ଏକ ସେମିନାର ଅନୁଷ୍ଠିତ ହୋଇଯାଇଛି। ସେମିନାରରେ ଉଦ୍ୟୋଗୀ ଅଜିତ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନୂତନ ଯୁବପିଢ଼ି ଆତ୍ମନିର୍ଭର ହେବା ସକାଶେ ଆହ୍ୱାନ ଦେଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ପ୍ରମୋଦ କୁମାର ପାଣିଗ୍ରାହୀ ବର୍ତ୍ତମାନ ସବୁପ୍ରକାର ଚାଲେଞ୍ଜକୁ ମୁକାବିଲା କରିବା ପାଇଁ ନିଜକୁ ପ୍ରସ୍ତୁତ କରିବା ଦରକାର ବୋଲି ମତ ରଖିଥିଲେ। ଅଧ୍ୟାପକ ବ୍ରଜ ସୁନା ଓ ଅଧ୍ୟାପକ ଦେବାଶିଷ ରାଉତ ଟ୍ରେନିଂ ଓ ସୋସିଆଲ ମିଡିଆ ଦ୍ୱାରା ବ୍ୟବସାୟ ଦକ୍ଷତା ବଢାଯାଇପାରିବ ବୋଲି କହିଥିଲେ। ଏହି ସେମିନାରରେ ଯୁକ୍ତ ୩ ଶେଷ ବର୍ଷ ଛାତ୍ରୀ ଯାଜ୍ଞସେନୀ ଦାସ ଓ ଛାତ୍ର ଆଦେଶ ଶର୍ମା 'ଏଣ୍ଟରପ୍ରିନ୍ୟୁରିଆଲ ସ୍କିଲ୍‌ସ' ସନ୍ଦର୍ଭ ପିପିଟି ମାଧ୍ୟମରେ ଉପସ୍ଥାପନ କରିଥିଲେ। ଏଥିରେ ଶତାଧିକ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ଆଦେଶ ସାହୁ, ନୀଳାମ୍ବର ସାହୁ, ଦମୟନ୍ତୀ ଲୁହାର ପ୍ରମୁଖ ସହଯୋଗ କରିଥିବାବେଳେ ସହ ସମ୍ପାଦକ କ୍ରୀଷ୍ଟା ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ଘୁଚାପାଲି ପ୍ରାଥମିକ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପିତ

**ପାଇକମାଲ, ୧୩।୧୨(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ଚେତଗାଁ ପଞ୍ଚାୟତ ଅନ୍ତର୍ଗତ ଘୁଚାପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଗିରିଧାରୀ କଲାରୀ ସଭାପତିତ୍ୱ କରିଥିଲେ। ଚେତଗାଁ ସରପଞ୍ଚ ବନିତା ମହାନନ୍ଦ ମୁଖ୍ୟ ଅତିଥି, ଏବିଇଓ ଶିବପ୍ରସାଦ ଯୋଶୀ ମୁଖ୍ୟବକ୍ତା, ଗୌରହରି କଲାରୀ, ଡୋଲାମଣି ମାହାର, ନିରଞ୍ଜନ ହରିଜନ, ଛବିଲାଲ ସାହୁ, ଗୋକୁଳାନନ୍ଦ କଲେତ, ଚମ୍ପୁଲାଲ ଲୁହାର, ଧନିରାମ କଲାରୀ, ହୀରାଲାଲ ପଟେଲ, ଗୁପ୍ତେଶ୍ୱର ପଟେଲ, ତୋଷବନ୍ତ ଲୁହାର, ସନ୍ତୋଷିନୀ ପଟେଲ, ସଚ୍ଚିଦାନନ୍ଦ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଭାସ୍କର ଲୁହାର ଧନ୍ୟବାଦ ଅର୍ପଣ କରିଥିଲେ । ସୁବର୍ଣ୍ଣ ଜୟନ୍ତୀ ଅବସରରେ ଦୁଇଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅପେରା ପରିବେଷଣ କରାଯାଇଥିଲା।


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ବୁଣାକାର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ


ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରାଯାଉଛି ।

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ହସ୍ତତନ୍ତ ଅଞ୍ଚଳ (ଜୋନ୍)ର ବୁଣାକାରଙ୍କ ପାଇଁ ମଙ୍ଗଳବାରରୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଉପନିର୍ଦ୍ଦେଶକ, ବୟନ ଶିଳ୍ପ, ବରଗଡ଼ଙ୍କ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କାର୍ଯ୍ୟକ୍ରମ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୁରିଜିମ ଆଣ୍ଡ ଟ୍ରାଭେଲ୍ସ ମ୍ୟାନେଜମେଣ୍ଟ(ଆଇଆଇଟିଟିଏମ) ଭୁବନେଶ୍ୱର ଦ୍ୱାରା ପରିଚାଳିତ ଏବଂ ରାଜ୍ୟ ହସ୍ତତନ୍ତ ପୁଞ୍ଜି ବିକାଶ ଅନୁଷ୍ଠାନ(ଏସ୍‌ଏଡିଏସ୍‌ଏସି) ଦ୍ୱାରା କାର୍ଯ୍ୟକାରୀ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବରଗଡ଼ ବୟନ ଶିଳ୍ପ ଉପନିର୍ଦ୍ଦେଶକ ଶିଶିର କୁମାର ନାଗ, ଆଇଆଇଟିଟିଏମ୍‌ର ସହକାରୀ ପ୍ରଫେସର ଡଃ ବି. ସ୍ୱଜନ, ପ୍ରୋଜେକ୍ଟ ଆସୋସିଏଟ୍ ଦେବବ୍ରତ ଘଡ଼େଇ ଉଦ୍‌ଘାଟନ କରିଥିଲେ। ଶରତଲାଲ ସିଂହ (ଏସ୍‌ଏଆର୍‌ସିଏସ୍) ମନୋଜ କୁମାର ଛତ୍ରିଆ(ସେକ୍ସନ ଅଫିସର), ମାୟାଧର ବେହେରା(ଟିଏ) ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବରଗଡ଼, ସମ୍ବଲପୁର ଜିଲା ହସ୍ତତନ୍ତ ପୁଞ୍ଜି ଏବଂ ସୁନ୍ଦରଗଡ଼ ଟସର ଶିଳ୍ପ ପାର୍କର ୨୨୦ଜଣ ଦକ୍ଷ ବୁଣାକାରଙ୍କୁ ୭ଟି ବ୍ୟାଚ୍‌ରେ ପ୍ରଶିକ୍ଷଣ ଦିଆଯିବାର କାର୍ଯ୍ୟକ୍ରମ ରହିଛି ।

## ଜୁଆ ଚଢାଉ, ୮ଗିରଫ

**ପଦ୍ମପୁର, ୧୩।୧୨(ଡି.ଏନ.ଏ.)**

ପଦ୍ମପୁର ଥାନା ଅଧୀନ ସର୍ଗୀଜୁରି ଗ୍ରାମରେ ବେଆଇନ ଭାବେ ଜୁଆ (ଘୁଡୁଘୁଡି ପଟ୍ଟି) ଖେଳ ଚାଲିଥିବା ବେଳେ ପୋଲିସ ମଙ୍ଗଳବାର ଚଢାଉ କରିଛି। ଏହି ଚଢାଉରେ ୮ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୬ଟି ମୋବାଇଲ, ୧୯,୯୦୦ ଟଙ୍କା, ଘୁଡୁଘୁଡି ପଟ୍ଟି, ଗୋଟି ଜବତ ହୋଇଛି। ଏ ନେଇ ଆଦର୍ଶ ଥାନାରେ ଏକ ମାମଲା (ନଂ. ୩୩୬/୨୨) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଜମିବାଡ଼ି ବିବାଦ, ଶ୍ୱଶୁରଙ୍କୁ ହାଣି ହତ୍ୟା କଲେ ଜ୍ୱାଇଁ

**ପଦ୍ମପୁର, ୧୩।୧୨(ଡି.ଏନ.ଏ.)**

ପଦ୍ମପୁର ଥାନା ଅଧୀନ ଲୋହାରପାଲି ଗ୍ରାମରେ ଜମିବାଡିକୁ ନେଇ ଜ୍ୱାଇଁ ନିଜ ଶ୍ୱଶୁରଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି। ମୃତକ ହେଲେ ଗୋପାଳ ଲଥରା(୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଅନ୍ୟପକ୍ଷେ ଘଟଣା ପରେ ଫେରାର ଥିବା ଅଭିଯୁକ୍ତ ଜ୍ୱାଇଁ ସରୋଜ ମର୍ହିଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି।

ପୋଲିସ ସୂଚନା ଅନୁସାରେ, ଗୋପାଳ ତାଙ୍କର ଏକମାତ୍ର ଝିଅକୁ ସେହି ଗାଁର ସରୋଜ ମର୍ହି (ଟିଆଁ)ଙ୍କ ସହ ବିବାହ ଦେଇଥିଲେ। ଗୋପାଳଙ୍କ ଉତ୍ତରାଧିକାରୀ କେବଳ ତାଙ୍କ ଝିଅଜ୍ୱାଇଁ ଥିଲେ। କିନ୍ତୁ ଝିଅଜ୍ୱାଇଁଙ୍କ ବିନା ପରାମର୍ଶରେ ଗୋପାଳ ଜମି ସବୁ ବିକ୍ରି କରି ଦେଉଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ସରୋଜ ସୋମବାର ରାତିରେ ଗୋପାଳଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଖବର ପାଇ ରାତି ୧୨ଟାରେ ଥାନାଧିକାରୀ ରାଜେନ୍ଦ୍ର ସିଅଲ ସଦଳବଳ ଲୋହାରପାଲି ଗାଁକୁ ଯାଇ ଅଭିଯୁକ୍ତଙ୍କ ଘର ତଲାସୀ କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

## କ୍ଲଷ୍ଟରସ୍ତରୀୟ କ୍ରୀଡା ମହୋତ୍ସବ

**ସୋନପୁର/ଏସ.ରାମପୁର, ୧୩।୧୨(ଡି.ଏନ.ଏ. ):** ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହୀ କ୍ଲଷ୍ଟରସ୍ତରୀୟ କ୍ରୀଡା ମହୋତ୍ସବ ଶ୍ରୀରାମ କଲେଜ ଖେଳ ପଡିଆରେ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ବିଇଓ ଗଣେଶ କିଶାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମାୟାବର୍ହୀ ସରପଞ୍ଚ ପ୍ରମୋଦିନୀ ଜୁଆଡି, ସିଆରସିସି ସୁରେଶ ପୂଜାରୀ ଯୋଗଦେଇଥିଲେ। ଏଥିରେ କ୍ଲଷ୍ଟର ଅଧୀନ ୧୦ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ତିନୋଟି ବର୍ଗରେ ବିଭକ୍ତ ହୋଇ ୧୧ଟି ପ୍ରତିଯୋଗିତାର ଭାଗ ନେଇଥିଲେ। ଶାରୀରିକ ପ୍ରଶିକ୍ଷକ ସାରଥୀ ଥପା, ଚୈତନ୍ୟ ବାରିକ, ସାନନ୍ଦ ବାରିକ ଖେଳ ପରିଚାଳନା କରିଥିଲେ। ସୁଶୀଲ ସାହୁ ମଞ୍ଚ ପରିଚାଳନା କରିଥିଲେ।

# ସିଆରସିସି, ଏବିଇଓଙ୍କୁ ପ୍ରଶିକ୍ଷଣ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ଜିଲାର ସମସ୍ତ ସିଆରସିସି, ଏବିଇଓଙ୍କୁ ନେଇ ପଞ୍ଚଦିବସୀୟ ପ୍ରଯୁକ୍ତି ବିଦ୍ୟା ଭିତ୍ତିକ ପ୍ରଶିକ୍ଷଣ ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷା ସୀମାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଅତାବିରା ବ୍ଲକ ଯୋଜନା ସଂଯୋଜକ ତଥା ମାଷ୍ଟର ଟ୍ରେନର ଭୀଷ୍ମ ସରାଫ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିବିରରେ ଜିଲାର ୧୨ ବ୍ଲକର ଏବିଇଓ, ସିଆରସିସି ଉପସ୍ଥିତ ରହି ପ୍ରଶିକ୍ଷଣ ନେଉଛନ୍ତି । ଅନୁଷ୍ଠାନର ଟିଚର ଏଜୁକେଟର ବେଣୁଧର ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ଶିକ୍ଷା ପ୍ରଶିକ୍ଷଣ ଅନୁଷ୍ଠାନରେ ଚାଲିଥିବା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ।

# ସାଂସ୍କୃତିକ କାର୍ଯ୍ୟକ୍ରମର ମାନ ବୃଦ୍ଧି କରାଯାଉ

**ବରଗଡ଼ ଅଫିସ୍, ୧୩।୧୨**

**ବରଗଡ଼ ଧନୁଯାତ୍ରା ମହୋତ୍ସବ**

ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ଆସନ୍ତା ୨୭ତାରିଖରୁ ଆରମ୍ଭ ହେବ। ଏଥର ଉକ୍ତ ମହୋତ୍ସବ ୭୫ବର୍ଷରେ ପଦାର୍ପଣ କରୁଛି। ଫଳରେ ଅନ୍ୟବର୍ଷ ତୁଳନାରେ ଏଥର ଧନୁଯାତ୍ରା ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡ଼ିକର ମାନ ଅଧିକ ବୃଦ୍ଧି କରିବାକୁ ବରଗଡ଼ ଜିଲା କଳାକାର ମଞ୍ଚ ଦାବି କରିଛି। ଏହି କ୍ରମରେ ମଞ୍ଚର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳ ମୋନିଷା ବାନାର୍ଜୀ ଏବଂ ଜିଲା ସଂସ୍କୃତି ଅଧିକାରୀ ସନ୍ତ୍ରାସ କୁମାର ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ମଞ୍ଚ ପକ୍ଷରୁ ୧୧ଦଫା ଦାବି ହୋଇଛି।

ରାଜଦରବାର ଏବଂ ରଙ୍ଗମହଲରେ ଯେଭଳି ନୃତ୍ୟଗୀତ ଚାଲିଆସୁଛି, ତାହା ଅପରିବର୍ତ୍ତିତ ରହୁ। ମାତ୍ର ରାଜଦରବାରରେ ଶାସ୍ତ୍ରୀୟ ନୃତ୍ୟ, ଗୀତକୁ ଅଧିକ ପ୍ରାଧାନ୍ୟ ଦିଆଯିବାକୁ ଦାବି ହୋଇଛି। ସେହିପରି କଂସ ମହାରାଜଙ୍କ ନଗର ପରିଭ୍ରମଣକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଗୋଟିଏ ହାତୀ ବଦଳରେ ୨ହାତୀ, ୬ଘୋଡ଼ା, ୧୦ଓଟ, ୩୦ଜଣଙ୍କୁ ନେଇ ପଦାତିକ ସୈନ୍ୟ, ଭଲବାଜା ଏବଂ ହାତୀପିଠିରେ ବସିଥିବା ମହାରାଜଙ୍କ ସଂଳାପ ପାଇଁ ଡାକବାଜି ବ୍ୟବସ୍ଥା କରିବାକୁ ଦାବି ହୋଇଛି।

ଧନୁଯାତ୍ରାରେ ସହରର ପ୍ରତ୍ୟେକ ୱାର୍ଡକୁ ରାଜ୍ୟ ଏବଂ ସେଠାକାର କାଉନସିଲରମାନଙ୍କୁ ସେହି ରାଜ୍ୟର ରାଜାଭାବେ ମନୋନୀତ କରାଯିବା, ରଙ୍ଗସଭା ଦିନ ଏକାସମୟରେ ପ୍ରତ୍ୟେକ ୱାର୍ଡରୁ ବିଭିନ୍ନ ଯାନବାହନରେ ଶୋଭାଯାତ୍ରାରେ ସେମାନଙ୍କୁ ମଞ୍ଚକୁ ଅଣାଯିବା ଏବଂ ଭଲ ପ୍ରଦର୍ଶନ କରିଥିବା ୱାର୍ଡକୁ ପୁରସ୍କାର ବ୍ୟବସ୍ଥା କରାଗଲେ ରଙ୍ଗସଭାର ମର୍ଯ୍ୟାଦା ପୂର୍ବାପେକ୍ଷା ଅଧିକ ବଢ଼ିବ ବୋଲି ମଞ୍ଚ ମତପ୍ରକାଶ କରିଛି। ଏହାସହିତ ସହରର ଚାରିକଡ଼ରେ ରହିଥିବା ପ୍ରବେଶ ପଥରେ ତୋରଣ, ଆଧୁନିକ ଆଲୋକ ସଜ୍ଜା, ରାସ୍ତାକଡରେ ଦର୍ଶକଙ୍କ ପାଇଁ ପରିଶ୍ରାଗାର, ଧନୁଯାତ୍ରାକୁ ବାହାରୁ ଆସୁଥିବା ଦର୍ଶକଙ୍କ ରହଣି ତଥା ସୁଲଭ ମୂଲ୍ୟରେ ସେମାନଙ୍କ ଭୋଜନ ବ୍ୟବସ୍ଥା, ସୂଚନା ଓ ଲୋକସମ୍ପର୍କ ଡାକବାଜି ଯନ୍ତ୍ରକୁ କେବଳ ମଞ୍ଚ ପାଖରେ ସୀମିତ ନ ରଖି ଏହାକୁ ସହରର ମୁଖ୍ୟଗଳିକୁ ପରିବ୍ୟାପ୍ତ କରିବାକୁ ଦାବି ହୋଇଛି। ମଞ୍ଚର କ୍ଷୀରେଶ୍ୱର ମହାନନ୍ଦ, ରବିନ୍ଦ୍ର ବାଗ, ସଞ୍ଜୟ କୁମାର ବେହେରା, ରବି କିଶୋର ବେହେରା ତଥା ମାଁ ସମଲେଇ ନୂପୁର କଳା ପରିଷଦ, କିଆ ଝରନ୍ ସାଂସ୍କୃତିକ ଅନୁଷ୍ଠାନ, ସମର୍ପଣ ନାଟ୍ୟ ଅନୁଷ୍ଠାନ, ମାଁ ଦିବ୍ୟାରୂପା କଳା ପରିଷଦ, ନାଟ୍ୟମ, ବଉଲଝୁପା, ମାଁ ସମଲେଶ୍ୱରୀ ଲୋକ ସଂସ୍କୃତି ଗବେଷଣା କେନ୍ଦ୍ର, ଢ଼ଲିଆ ଖୁସା, ଜେନିଥ୍ ଡ୍ୟାନ୍ସ ଏକାଡ଼େମୀ ଆଦି ଅନୁଷ୍ଠାନର ପ୍ରତିନିଧିମାନେ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।


ଜିଲା କଳାକାର ମଞ୍ଚର ପ୍ରତିନିଧିବୃନ୍ଦ ଜିଲା ସଂସ୍କୃତି ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

### ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ନାକଟିଦେଉଳ (ଡ଼ି.ଏନ.ଏ.): ନାକଟିଦେଉଳ ବ୍ଲକ ଜାମୁଯୋରୀ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ୧୫ଟି ବିଭାଗରେ ୧୩୧ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ୭ମ ଶ୍ରେଣୀ ଛାତ୍ର ହୁଏନ୍ସା ବେହେରା ଚାମ୍ପିୟନ ହୋଇଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଚନ୍ଦ୍ରମଣି ବେହେରା ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଜାମୁଯୋରୀ ସରପଞ୍ଚ ରାନା ବେହେରା, ମୁଖ୍ୟବକ୍ତା ପଙ୍କଜ ସାହୁ, ଅରକ୍ଷିତ ସାହୁ ଓ ଉମାକାନ୍ତ ସାହୁ ଯୋଗଦେଇଥିଲେ । କ୍ରୀଡ଼ା ଶିକ୍ଷକ ସିଦ୍ଧେଶ୍ୱର ପ୍ରଧାନ ଏବଂ ବିଷ୍ଣୁ ଚରଣ ବେହେରା ପ୍ରତିଯୋଗିତା ପରିଚାଳନା କରିଥିଲେ ।

### ଆଜି କ'ଣ କେଉଁଠି

ସମ୍ବଲପୁର

- ଗାଲାପ୍ରଦର୍ଶନୀ, ଗୁରୁନାନକ ପବ୍ଲିକ ସ୍କୁଲ, ପୂର୍ବାହ୍ନ ସାଢ଼େ ୯ଟା ।
- ଭାଗବତ ନନ୍ଦଙ୍କ ୮୬ତମ ଜୟନ୍ତୀ ସଭା, ଓଡିଶା ସାଂସ୍କୃତିକ ସମାଜ ଭବନ, ସନ୍ଧ୍ୟା ୬ଟା ।

### ସଂକ୍ଷେପରେ

#### ଫଳଦୋକାନରୁ ଚୋରି : ପୋଲିସ ହାତ ଖାଲି

ରେଢ଼ାଖୋଲ,୧୩।୧୨(ଡି.ଏନ.ଏ.): ରେଢ଼ାଖୋଲ ସହର ମିନି ଷ୍ଟାଡିୟମ ନିକଟରେ ଥିବା ଫଳ ଦୋକାନରୁ ସୋମବାର ରାତିରେ ଚୋରି ହୋଇଯାଇଛି। ଚୋରମାନେ ଦୋକାନର ଉପର ଆଜବେଷ୍ଟସ ଭାଙ୍ଗି ପ୍ରାୟ ୫୦ ହଜାର ଟଙ୍କାର ସେଓ, ଅଙ୍ଗୁର, କମଳା ସହ ଅନ୍ୟ ଫଳ ପେଟିଗୁଡିକ ଚୋରି କରି ନେଇଛନ୍ତି।ଦୋକାନ ମାଲିକ ସୁମନ୍ତ ଦାଶ ଏନେଇ ରେଢ଼ାଖୋଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡିଛି। ରେଢ଼ାଖୋଲ ସହରରେ ନିୟମିତ ବ୍ୟବଧାନରେ ଦୋକାନଗୁଡିକରୁ ଚୋରି ହେଉଥିବା ବେଳେ ପୋଲିସ ମାମଲା ରୁଜୁ କରି ଚୁପ ହୋଇ ରହୁଥିବା ଅଭିଯୋଗ ହେଉଛି। ଗତ କିଛି ଦିନ ତଳେ ବସଷ୍ଟାଣ୍ଡ ନିକଟ ପ୍ରଧାନ ଅଟୋ ପାର୍ଟ୍ସ ଦୋକାନର ଆଜବେଷ୍ଟସ ଭାଙ୍ଗି ୬୦ହଜାର ଟଙ୍କା ଚୋରି ହୋଇଥିଲା । ଏ ପର୍ଯ୍ୟନ୍ତ ପୋଲିସ ଚୋର ଧରିବାରେ ସକ୍ଷମ ହୋଇପାରିନାହିଁ।

#### ବାଳିକା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କୁଚିଣ୍ଡା,୧୩।୧୨(ଡି.ଏନ.ଏ.): କୁଚିଣ୍ଡା ବ୍ଲକ ଅର୍ଡାବାହାଲ ସରକାରୀ ବାଳିକା ହାଇସ୍କୁଲ (ଏସଏସଡି)ରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡା ଉଦ୍‌ଯାପିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଅନିତାରାଣୀ ଦାସଙ୍କ ଅଧକ୍ଷତାରେ ହୋଇଥିବା ଉଦ୍‌ଯାପନୀ ଉତ୍ସବରେ ବିରଞ୍ଚି ଦର୍ଶା ମୁଖ୍ୟଅତିଥି, ସମିତି ସଭ୍ୟା ଚମ୍ପାବତୀ ବେହେରା, ପୂର୍ବତନ ଚେୟାରମ୍ୟାନ ସରୋଜ କର୍ସେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବାର୍ଷିକ କ୍ରୀଡାର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ପିଇଟି ଚନ୍ଦନ ମାକରଙ୍କ ତତ୍ତ୍ୱାବଧାନରେ ସିନିୟର,ଜୁନିୟର ଓ ସବ୍ ଜୁନିୟର ବର୍ଗ ପାଇଁ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଶିକ୍ଷକ ରାଜେନ୍ଦ୍ର ସାହୁ, ହରିହର ନାଏକ, ବୀରେନ୍ଦ୍ର ନାଏକ, ଶିକ୍ଷୟିତ୍ରୀ ଝିଲି ପ୍ରଧାନ, ଶିବାନୀ ମରେଇ,ବୀଣାପାଣି ପଟ୍ଟନାୟକ,ସୁଷମା ପାଣି,ଦୀପିକା ନାୟକ, ଜେନାମଣି ନାଏକ, ଧରିତ୍ରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

#### ସ୍ଥାୟୀ ନିଯୁକ୍ତି, ଦରମା ବୃଦ୍ଧି ଦାବି

ସମ୍ବଲପୁର,୧୩।୧୨(ବ୍ୟୁରୋ): ସମ୍ବଲପୁର ମହାନଗର ନିଗମର ସ୍ୱଚ୍ଛ ସାଥୀ ଓ ସୁପରଭାଇଜରମାନେ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି ଦାବି ନେଇ କମିଶନର ପ୍ରଦୀପ କୁମାର ସାହୁଙ୍କୁ ମଙ୍ଗଳବାର ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ କ୍ରମେ ଦୀର୍ଘ ୪ ବର୍ଷ ହେଲା ସେମାନେ ଏସଏମସିରେ କାମ କରି ଆସୁଛନ୍ତି । ପ୍ରତି ଘରକୁ ଯାଇ ସର୍ଭେ କରୁଛନ୍ତି । ଓଦା ଓ ଶୁଖା ଅଳିଆ ସଂଗ୍ରହ ସମୟରେ ସହଯୋଗ କରୁଛନ୍ତି। ୟୁଜର ଫି ଆଦାୟ କରୁଛନ୍ତି । କୋଭିଡ ସମୟରେ କାମ କରୁଥିଲେ । ଗାରିମା ସର୍ଭେ କରୁଛନ୍ତି । ତେଣୁ କର୍ମଚାରୀ ମାନଙ୍କୁ ସ୍ଥାୟୀ ନିଯୁକ୍ତି ଓ ଦରମା ବୃଦ୍ଧି କରାଯାଉ ବୋଲି ଦାବି କରିଥିଲେ ।

# ପରୀକ୍ଷା ଫି' କମ୍ କରିବାକୁ ଆନ୍ଦୋଳନ

## ଗେଟରେ ତାଲା ପକାଇ ଦେଲେ ଛାତ୍ରୀଛାତ୍ର

ସମ୍ବଲପୁର,୧୩।୧୨(ବ୍ୟୁରୋ)

ପରୀକ୍ଷା ଫି' କମାଇବାକୁ ଦାବି କରି ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମୁଖ୍ୟ ଗେଟରେ ତାଲା ପକାଇ ଛାତ୍ରୀଛାତ୍ରମାନେ ମଙ୍ଗଳବାର ଆନ୍ଦୋଳନ କରିଥିଲେ । ଜିଏମୟୁ କର୍ତ୍ତୃପକ୍ଷ ଓ ପୋଲିସ ବୁଝାଶୁଝା କରିବା ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଗେଟ ସମ୍ମୁଖରେ ଧାରଣା ଦେବା ସହ ବିକ୍ଷୋଭ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ପରୀକ୍ଷା ଫି' ବୃଦ୍ଧି କରାଯାଇଛି। ଅନେକ ଗରିବ ଛାତ୍ରୀଛାତ୍ର ଅଛନ୍ତି ଏତେ ଟଙ୍କା ଦେବାକୁ ସମର୍ଥ ନୁହନ୍ତି। ତେଣୁ ଫି'କୁ କମ୍ କରାଯାଉ ବୋଲି ଜିଦ ଧରିଥିଲେ। ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି ଓ ଅନ୍ୟମାନେ ଆସି ଆଲୋଚନା କରିଥିଲେ। ଏହି ଦାବିକୁ ବିଚାରକୁ



ସମ୍ବଲପୁର ଜିଏମୟୁ ମୁଖ୍ୟ ଗେଟରେ ଆନ୍ଦୋଳନରତ ଛାତ୍ରୀଛାତ୍ର ।

ନିଆଯିବ । ଜେଏମୟୁ କର୍ତ୍ତୃପକ୍ଷ ଓ ଛାତ୍ରୀଛାତ୍ରମାନଙ୍କୁ ନେଇ କମିଟି ଗଠନ କରି ଆଲୋଚନା କରିବା ପରେ ସ୍ଥିର କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅପରାହ୍ନ ୩ ଟାରେ ଯୁକ୍ତ ୨ର ସେମିଷ୍ଟାର ପରୀକ୍ଷା ରହିଥିଲା । ତେଣୁ ଛାତୀଛାତ୍ରମାନେ ଆସି ଗେଟ ବାହାର ପଟ ସମ୍ମୁଖରେ ଛିଡା ହୋଇ ରହିଥିଲେ। ଗେଟ ଖୋଲିବା ପରେ ଯାଇ ପରୀକ୍ଷା ଦେଇ ପାରିଥିଲେ । ଅନ୍ୟପଟେ ଡେପୁଟି ରେଜିଷ୍ଟ୍ରାର ପତି କହିଛନ୍ତି ଯେ, ଗତବର୍ଷ ମଧ୍ୟ ଫି'କୁ ନେଇ ଆନ୍ଦୋଳନ ହୋଇଥିଲା। ସେ ସମୟରେ ରି ଆଡମିଶନ ଫି' ସହ ପରୀକ୍ଷା ଫି'କୁ ଅଲଗା କରି ଦେବାକୁ ଛାତ୍ରୀଛାତ୍ରମାନେ ଦାବି କରିଥିଲେ । ଏବେ ପରୀକ୍ଷା ସମୟରେ ଉକ୍ତ ଫି' ଦେବାକୁ କୁହାଯାଉଛି । ଦୀର୍ଘ ୫ ବର୍ଷ ହେଲା ଯାହା ଫି ରହିଥିଲା ତାହା ରହିଛି । ପ୍ରତି ପେପର ପିଛା ମାତ୍ର ୨ ଶହ ଟଙ୍କା ନିଆଯାଉଛି। ଫି'ବୃଦ୍ଧି କରାଯାଇ ନାହିଁ । ଯାହା ଫି ' ଅଛି କମାଇବାକୁ ଦାବି କରୁଛନ୍ତି ।

# ରାଜ୍ୟ ସରକାରଙ୍କୁ ଦାୟୀ କଲା ଜିଲା ଭାଜପା

## ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗ

ସମ୍ବଲପୁର,୧୩।୧୨(ବ୍ୟୁରୋ)

ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ନିହାତି ହାସ୍ୟାସ୍ପଦ ଓ ଚିନ୍ତାଜନକ ବୋଲି ସମ୍ବଲପୁର ଭାଜପା ପ୍ରତିକ୍ରିୟା ରଖିଛି। ସମ୍ବଲପୁର ଭାଜପା ଜିଲା ସଭାପତି ଗିରିଶ ପଟେଲ,ରେଙ୍ଗାଲି ବିଧାୟକ ନାଉରି ନାୟକ,ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ରାଜ୍ୟ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର ,ରାମଚନ୍ଦ୍ର ମେହେର କ୍ଷେତ୍ରିୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି, ଜିଲା ସାଧାରଣ ସମ୍ପାଦକ ଅନିଲ ବେହେରା, ଯୁବ ମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝୀ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ, କୃଷକ ମୋର୍ଚ୍ଚା ସଭାପତି ସମୀର ରଞ୍ଜନ ବାବୁ ଆନ୍ଦୋଳନ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି । ସେମାନେ କହିଛନ୍ତି ଯେ, କେନ୍ଦ୍ର ସରକାର ବାରମ୍ବାର ପତ୍ର ଲେଖି ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଲା ପରେ ମଧ୍ୟ ରାଜ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି। କେନ୍ଦ୍ର ବିଧି ଓ ନ୍ୟାୟ ମନ୍ତ୍ରୀ କିରଣ ରିଯିଜୁ ରାଜ୍ୟ ସରକାରଙ୍କୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ମାଗିଥିଲେ। ଏହାକୁ ଆଧାର କରି ପରେ ଗତ ମେ ମାସ ୨୮ ତାରିଖରେ ସି.ଏ.ସି ବୈଠକର ନିଷ୍ପତ୍ତି ଅନୁଯାୟୀ କେନ୍ଦ୍ରକୁ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ପଠାଇବା ନିମନ୍ତେ ଜୁନ ୩୦ ଯାଏଁ ରାଜ୍ୟ ସରକାରଙ୍କୁ ମହଲତ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ଜୁଲାଇ ୮ ତାରିଖରେ ଚେତାବନୀ ଦିବସ ପାଳନ କରି ପଶ୍ଚିମ ଓଡିଶା ଓକିଲ ସମୂହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ପୁଣି ସେପ୍ଟେମ୍ବର ୨୮ ତାରିଖରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଓକିଲମାନେ ଭୁବନେଶ୍ୱରରେ ଆନ୍ଦୋଳନ କରିଥିଲେ। ଦୀର୍ଘ ୫୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି ଆନ୍ଦୋଳନ ଓକିଲ ଆନ୍ଦୋଳନରୁ ଆଜି ଜନଆନ୍ଦୋଳନରେ ପରିଣତ ହୋଇ ସାରିଛି । ରାଜ୍ୟ ସରକାର ଯଦି ଠିକ ସମୟରେ ପୂର୍ଣ୍ଣାଙ୍ଗ ପ୍ରସ୍ତାବ ଆଗତ କରି ଦେଇଥାନ୍ତେ,ତାହେଲେ ଗତକାଲିର ଘଟଣା ଘଟିବାର କୌଣସି ସମ୍ଭାବନା ନ ଥିଲା ।

# କୁଚିଣ୍ଡାକୁ ଆଦିବାସୀ ଜିଲା ମାନ୍ୟତା ଦାବି ନେଇ ଆନ୍ଦୋଳନ ତେଜିଲା

## ବ୍ଲକ ସଭାଗୃହରେ ପ୍ରସ୍ତୁତି ବୈଠକ

ଜମନକିରା,୧୩।୧୨(ଡି.ଏନ.ଏ. )

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଦ୍ମପୁର ଉପଖଣ୍ଡ ଅଞ୍ଚଳକୁ ଜିଲା ଘୋଷଣା ପ୍ରତିଶ୍ରୁତି ଦେବା ପରେ କୁଚିଣ୍ଡା ଉପଖଣ୍ଡ ଅଞ୍ଚଳକୁ ଆଦିବାସୀ ଜିଲା ମାନ୍ୟତା ଦାବି ଜୋର ଧରିଛି। ମଙ୍ଗଳବାର କୁଚିଣ୍ଡା ବାର ଆସୋସିଏଶନ ଆବାହକତ୍ୱରେ ଜମନକିରା ପଞ୍ଚାୟତ ସମିତି ସଭା ଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜମନକିରା ପଞ୍ଚାୟତ ସମିତି ଅଧକ୍ଷା ଆଶ୍ରିତା ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗ ଦେଇଥିଲେ। ପ୍ରାରମ୍ଭରେ କୁଚିଣ୍ଡା ବାର ଆସୋସିଏଶନ ସଭାପତି ପ୍ରମୋଦ ଛୁରିଆ କୁଚିଣ୍ଡା ଉପଖଣ୍ଡ ଅଞ୍ଚଳକୁ ଆଦିବାସୀ ଜିଲା ମାନ୍ୟତା ଦେବା ପ୍ରସଙ୍ଗ ଉପରେ ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କୁଚିଣ୍ଡା ଉପଖଣ୍ଡ ରାଜନୈତିକ, ଅର୍ଥନୈତିକ, ବିକାଶ କ୍ଷେତ୍ରରେ ଅବହେଳିତ ରହିଥିବା ସେ କହିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସମୟରେ ରାଜ୍ୟରେ ୩୦ ଜିଲା ଘୋଷଣା ହୋଇଥିବା ବେଳେ କୁଚିଣ୍ଡା ଉପଖଣ୍ଡ ସେଥିରୁ ବଞ୍ଚିତ ହୋଇଥିଲା। ଏବେ ଅଞ୍ଚଳକୁ ଜିଲା ମାନ୍ୟତା ମିଳିଲେ ଜିଲାସ୍ତରୀୟ ସମସ୍ତ ବିଭାଗ, ସରକାରୀ ଅଫିସ, କୋର୍ଟ କଚେରୀ ଖୋଲିବ। ଏହାଦ୍ୱାରା ରାଜ୍ୟ ରାଜକୋଷରୁ ଜିଲାକୁ ପର୍ଯ୍ୟାପ୍ତ ଅନୁଦାନ ମିଳିବା ସହ ବିକାଶ ଧାରା ବୃଦ୍ଧି ପାଇବ। କୁଚିଣ୍ଡା ବାର ଆସୋସିଏଶନ ଏହାର ନେତୃତ୍ୱ ନେଉଥିବା ବେଳେ ଉପଖଣ୍ଡ ଅଞ୍ଚଳରେ ପ୍ରତି ପଞ୍ଚାୟତରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ହେଲେ ସମସ୍ତ ଜନସାଧାରଣଙ୍କ ସହଯୋଗ ଏକାନ୍ତ ଆବଶ୍ୟକ। ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ବ୍ଲକ ସ୍ତରରେ ଏକ କ୍ରିୟାନୁଷ୍ଠାନ କମିଟି ଗଠନ ହେଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ସରୋଜ ପଟ୍ଟନାୟକ ଆବାହକ , ବ୍ଲକ ଅଧକ୍ଷା ଆଶ୍ରିତା ଭୋଇ ସମ୍ପାଦିକା ଥିବା ବେଳେ ସାମ୍ବାଦିକ ବୃନ୍ଦ, ଜିଲା ପରିଷଦ ସଭ୍ୟ, ସମିତି ସଭ୍ୟ, ସରପଞ୍ଚ, ୱାର୍ଡ ସଭ୍ୟ ବୃନ୍ଦ, ବିଭିନ୍ନ ସାମାଜିକ ଅନୁଷ୍ଠାନର ସଭାପତି, କ୍ଲବ ସଭାପତି, ରାଜନୈତିକ ଦଳର ସଭାପତି କ୍ରିୟାନୁଷ୍ଠାନ କମିଟିର ସଭ୍ୟ ରହିବେ ବୋଲି ଘୋଷଣା କରାଯାଇଥିଲା। କୁଚିଣ୍ଡା ବିଧାୟକ ନାଏକ କହିଥିଲେ, ଜନସାଧାରଣ ଚାହିଁଲେ ଜିଲା ମାନ୍ୟତା ଆନ୍ଦୋଳନ ଆହୁରି ବ୍ୟାପକ ହେବ। ବରିଷ୍ଠ ସାମ୍ବାଦିକ ରବୀନ୍ଦ୍ର ଦାନୀ, ଆଇନଜୀବୀ ସଚ୍ଚିଦାନନ୍ଦ ଶର୍ମା, ହୃଦାନନ୍ଦ ଶର୍ମା, ବରିଷ୍ଠ ସାମ୍ବାଦିକ ଗଗନ ଶର୍ମା ପ୍ରମୁଖ ନିଜର ମତ ରଖିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟା ସୁଜାତା ଖୁଣ୍ଟିଆଙ୍କ ସମେତ ବ୍ଲକ ଅଞ୍ଚଳର ୨୧ ଗୋଟି ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସତ୍ୟପ୍ରିୟ ମହାପାତ୍ର, ଅକ୍ଷୟ ଦେହୁରୀ, ଲିପନ ନାଏକ, ଅମୂଲ୍ୟ ରଞ୍ଜନ ସ୍ୱାଇଁ, ସଚ୍ଚିକାନ୍ତ ସାହୁ, ରାଜେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୪ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

## ଶିକାରୀ ଗୁଳିରେ ଶିକାରୀ ମୃତ୍ୟୁ ଘଟଣା



ଗିରଫ ଅଭିଯୁକ୍ତମାନେ।

ଜମନକିରା,୧୩।୧୨(ଡି.ଏନ.ଏ.)

ସୋମବାର ସମ୍ବଲପୁର ଜିଲା ଜମନକିରା ଥାନା ଗୌଡପାଲି ଫାଣ୍ଡି ଅନ୍ତର୍ଗତ ମେଣ୍ଢାବାହାଲ ଗାଁରେ ଘଟିଥିବା ଶିକାରୀ ଗୁଳିରେ ଶିକାରୀ ମୃତ୍ୟୁ ଘଟଣାରେ ମଙ୍ଗଳବାର ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତିମାନେ ହେଲେ ବଦବାହାଲ ଗାଁର ଚୂଡ଼ାମଣି ମିର୍ଦ୍ଧା (୨୭), ପାଣପଡ଼ାର ଲବ ମାଝୀ (୩୩), ଗଡଟିଆପଡ଼ାର ଇନ୍ଦ୍ରମଣି କିଷାନ(୪୨) ଏବଂ ପଣପଡ଼ାର ରାଜେଶ କିଷାନ (୨୩) । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତମାନଙ୍କୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦେଇଥିବା ପୋଲିସ କହିଛି। ଅନ୍ୟପକ୍ଷରେ ପୋଲିସ ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗନ୍ ପାଉଡର, ଛେର୍ରା ଜବତ କରିଛି। ଏନେଇ ଜମନକିରା ଥାନାରେ ନଂ ୩୦୪/୩୪ ଆଇପିସି ୨୫/୨୭ ଆର୍ମସ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ସୂଚନାଯୋଗ୍ୟ, ଜମନକିରା ବ୍ଲକ କୁଚିଣ୍ଡା ଥାନା ଶିରିଡ଼ି ଗାଁର ରାଜେନ୍ଦ୍ର କିଷାନ(୨୭) ନିଜ ଶ୍ୱଶୁର ଘର ମେଣ୍ଢାବାହାଲ ଗାଁକୁ ଲକ୍ଷ୍ମୀ ଯାତ୍ରା ଦେଖିବା ପାଇଁ ଯାଇଥିଲେ। ଗତ ରବିବାର ଦିନ ୪ ଜଣ ଯୁବକଙ୍କ ସହ ମିଶି ରାଜେନ୍ଦ୍ର ଜନ୍ତୁ ଶିକାର ପାଇଁ ଜଙ୍ଗଲ ମଧ୍ୟକୁ ଯାଇଥିଲେ। ଏହି ସମୟରେ ଦେଶୀ ବନ୍ଧୁକ ଧରିଥିବା ସାଙ୍ଗ ଚୂଡ଼ାମଣି ଦୂରରେ ଥିବା ରାଜେନ୍ଦ୍ରଙ୍କୁ ଜନ୍ତୁ ଭାବି ବନ୍ଧୁକ ଫୁଟାଇ ଦେଇଥିଲେ। ରାଜେନ୍ଦ୍ରଙ୍କ ଦେହରେ ଗୁଳି ବାଜିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସକାଳେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଜାରି ରଖିଥିଲା ।

# ଭୀମ ଭୋଇ କଲେଜରେ ଆଲୋଚନାଚକ୍ର

ରେଢ଼ାଖୋଲ,୧୩।୧୨(ଡି.ଏନ.ଏ.)

ସ୍ଥାନୀୟ ଭୀମଭୋଇ କଲେଜରେ ଓଡିଆ ବିଭାଗ, ରାଜନୀତି ବିଜ୍ଞାନ ବିଭାଗ ଓ ଆଭ୍ୟନ୍ତରୀଣ ଗୁଣବତ୍ତା କମିଟିର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ଦିଲୀପ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ସଂଯୋଜନା କରିଥିଲେ। 'ସାମ୍ବାଦିକତା ଏକ ବୃତ୍ତି ନୁହେଁ ସେବା' ଶୀର୍ଷକ ଏହି ଆଲୋଚନାଚକ୍ରରେ ସାମ୍ବାଦିକ ରଞ୍ଜିତ ଦେହୁରୀ ଯୋଗଦେଇ ନିରପେକ୍ଷ ଖବର ପରିବେଷଣ ଉପରେ ଗୁରୁତ୍ୱାରୋପ କରିବା ସହ ସମାଜରେ ଏହାର ପ୍ରଭାବ ଉପରେ ଆଲୋଚନା



ଆଲୋଚନାଚକ୍ରରେ ଯୋଗ ଦେଇଥିବା ଆଲୋଚକମାନେ ।

କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ଅକ୍ଷୟ କୁମାର କର,ଡ. ମନୋରଞ୍ଜନ ମହନ୍ତ, ଦିବ୍ୟଲୋଚନ ରାଉତ, ଆଭ୍ୟନ୍ତରୀଣ ଗୁଣବତ୍ତା କମିଟିର ସଂଯୋଜକ ଡ.ରବିଚନ୍ଦ୍ର ସିଂ, ପୂର୍ବତନ ଅଧକ୍ଷ ଡ. ବାଲାଦିତ୍ୟ ଶ୍ରୀ ଚନ୍ଦନ ସିଂ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଛାତ୍ରୀଛାତ୍ର ଯଶଶ୍ରୀ ପ୍ରଧାନ, ଲିପସା ପ୍ରଧାନ, ବିବେକ ମହାପାତ୍ର ପ୍ରମୁଖ ସ୍ୱରଚିତ ସନ୍ଦର୍ଭ ଉପସ୍ଥାପନା କରିଥିଲେ। ଆଲୋଚନାଚକ୍ରରେ ସହରର ବହୁ ଖବରଦାତା ଯୋଗଦେଇ ଅଂଶଗ୍ରହଣ କରିଥିଲେ। ଡ. ଦିବ୍ୟଲୋଚନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମଲ୍ଟି ସ୍କିଲ୍ ଗୁରୁକୁଳର ୧୯ ଯୁବକ ନିଯୁକ୍ତି ପାଇଲେ

ରେଢ଼ାଖୋଲ,୧୩।୧୨(ଡି.ଏନ.ଏ.)

ଓଡିଶା ସରକାର ଓ ପାନ୍ ଆଇଆଇଟିର ମିଳିତ ସହଯୋଗରେ ରେଢ଼ାଖୋଲ ସହରରେ ଥିବା ମଲ୍ଟି ସ୍କିଲ୍ ଗୁରୁକୁଳରେ ପ୍ଲମ୍ବର ଫିଟିଙ୍ଗ ତାଲିମ ନେଇଥିବା ୧୯ ଜଣ ଯୁବକଙ୍କୁ ନିଯୁକ୍ତି ଦିଆଯାଇଛି। ଏହି ଯୁବକମାନେ ଏଲଏଣ୍ଡଟି କମ୍ପାନୀରେ ମଧ୍ୟପ୍ରଦେଶ ରାଜ୍ୟରେ କାର୍ଯ୍ୟ କରିବେ। ମଲ୍ଟି ସ୍କିଲ୍ ଗୁରୁକୁଳରେ ଏହି ଯୁବକମାନେ ମାଗଣାରେ ୭୦ ଦିନ ତାଲିମ ନେବା ପରେ ନିଯୁକ୍ତି



ଯୁବକମାନଙ୍କୁ ନିଯୁକ୍ତି ପତ୍ର ଦିଆଯାଉଛି ।

ପାଇଛନ୍ତି। ଗୁରୁକୁଳ ର ତାଲିମଦାତା ଏମଡି କଲାମ,ରମେଶଚନ୍ଦ୍ର ଜେନା ଓ ସାମୁଏଲ ସୁନା ପ୍ରମୁଖ ନିଯୁକ୍ତିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା

ସମ୍ବଲପୁର,୧୩।୧୨(ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ୨୫ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା ଚଳିତ ମାସ ୨୪ରୁ ୨୯ ତାରିଖ ପର୍ଯ୍ୟନ୍ତ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ହେବ।` ପ୍ରତିଯୋଗିତା ସକାଶେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ରାଜ୍ୟର ବିଭିନ୍ନ ଜିଲାରୁ ନାଟ୍ୟ ଦଳ ଭାଗ ନେବାକୁ ସମ୍ମତି ପ୍ରକାଶ କରିଛନ୍ତି । ପ୍ରତ୍ୟେକ ଦିନ ରାତି ୭ଟା ୧୫ ମିନିଟରୁ ନାଟକ ଆରମ୍ଭ ହୋଇ ୯ଟା ୪୫ ମିନିଟରେ ଶେଷ ହେବ । ୬ଦିନ ବ୍ୟାପି ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ୧୮ଟି ନାଟକ ମଞ୍ଚସ୍ଥ ହେବାକୁ ସ୍ଥିର ହୋଇଛି । ମଙ୍ଗଳବାର ରାତି ୭ଟାରେ ଝାଡୁଆପଡା ଆରଣ୍ୟକ ମଞ୍ଚଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନାଟକ ପ୍ରତିଯୋଗିତା ଆୟୋଜକ ଯୁବ ଉଦୟନ ଅନୁଷ୍ଠାନର ସଭାପତି ସଞ୍ଜୟ କୁମାର ମିଶ୍ର ଏହି ସୂଚନା ଦେଇଛନ୍ତି ।

ସେ ଆହୁରି କହିଥିଲେ ଯେ, ଚଳିତବର୍ଷ ପ୍ରତିଯୋଗିତା ରୌପ୍ୟ ଜୟନ୍ତୀ ଉତ୍ସବ




ସମ୍ବଲପୁରରେ ହେବାକୁ ଥିବା ରାଜ୍ୟସ୍ତରୀୟ ନାଟକ ବିଷୟରେ ଆୟୋଜକ ଯୁବ ଉଦୟନ କର୍ମକର୍ତ୍ତାମାନେ ସୂଚିତ କରୁଛନ୍ତି ।

- ୧୮ ନାଟକ ମଞ୍ଚସ୍ଥ ହେବ
- ଯୁବ ନାଟ୍ୟକାର ଅତିଶ ପାଇବେ ଉଦୟନ ନାଟ୍ୟ ସମ୍ମାନ

ପାଳନ କରିବ । ତେଣୁ ୨୫ବର୍ଷର ସ୍ମୃତିକୁ ରୋମନ୍ଥନ କରିବାକୁ ସ୍ୱତନ୍ତ୍ର ସ୍ମରଣିକା ପ୍ରକାଶ ପାଇବ। ଏଥିସହ ନାଟ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଯୁବ ନାଟ୍ୟକାର ଓ ନାଟ୍ୟ ନିର୍ଦ୍ଦେଶକ ଅତିଶ କୁମାର ଶତପଥୀଙ୍କୁ ଉଦୟନ ନାଟ୍ୟ ସମ୍ମାନ-୨୦୨୨ ପ୍ରଦାନ କରାଯିବାକୁ ସ୍ଥିର କରାଯାଇଛି । ସେହିପରି ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମକୁ ସ୍ମରଣୀୟ କରିବା ପାଇଁ ଡିସେମ୍ବର ୩୦ ତାରିଖ ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ କଳାକାର, ସହ କଳାକାର, ଶିଶୁ କଳାକାର, ସଂଗୀତଜ୍ଞ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକଙ୍କୁ ପୁରସ୍କୃତ କରାଯିବ । ଏଥିସହ ଝାରସୁଗୁଡା ଜିଲା ବେଲପାହାଡ ମିରର ଥିଏଟର କଳାକାରମାନେ ପ୍ରଦର୍ଶନୀ ନାଟକ କମ୍ରେଡ ମଞ୍ଚସ୍ଥ କରିବେ ବୋଲି ସଭାପତି ସଞ୍ଜୟ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଡ.ସିଦ୍ଧାର୍ଥ କୁମାର ପଣ୍ଡା, ସୁଶାନ୍ତ କୁମାର ପୁରୋହିତ ଓ ସରୋଜ କୁମାର ଦଳପତ ନାଟକ ପ୍ରତିଯୋଗିତାର ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ସୂଚିତ କରିଥିଲେ ।

# ଭୀମ ଆର୍ମି ପକ୍ଷରୁ ରାଲି, ବିକ୍ଷୋଭ ସମାବେଶ

## ଗରିବ, ଦଳିତଙ୍କ ଅଧିକାର ଦାବି କଲେ

ସମ୍ବଲପୁର,୧୩।୧୨(ବ୍ୟୁରୋ)

ସମ୍ବଲପୁର ଜିଲାପାଳ ଅଫିସ ସମ୍ମୁଖରେ ଭୀମ ଆର୍ମି ପକ୍ଷରୁ ଏକ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ଭୀମଆର୍ମିର ସଦସ୍ୟ ଓ ଅନ୍ୟମାନେ ଜିଲା ସ୍କୁଲ ଛକରୁ ରାଲିରେ ବାହାରି ସହର ପରିକ୍ରମା କରି ଜିଲାପାଳ ଅଫିସ ସମ୍ମୁଖରେ ପହଞ୍ଚିଥିଲେ । ଏହି ଅବସରରେ ସେଠାରେ ଅନୁଷ୍ଠିତ ସମାବେଶରେ ଗରିବ,ଦଳିତମାନଙ୍କ ଅଧିକାର ନେଇ ସରକାରଙ୍କ ପାଖରେ ଦାବି କରିଥିଲେ। ପ୍ରତ୍ୟେକ ଭୂମିହୀନଙ୍କୁ ଘରଡିହ ପଟ୍ଟା, ପକ୍କାଘର ପ୍ରଦାନ, ଲିଜ ପାଇଥିବା ହିତାଧିକାରୀଙ୍କୁ ସ୍ଥାୟୀ ପଟ୍ଟା, ଗରିବ ପରିବାରଙ୍କୁ ମାଗଣା ବିଦ୍ୟୁତ ଯୋଗାଣ, ଶ୍ରମିକ କାର୍ଡ, ଘରୋଇ କମ୍ପାନୀରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା, ଗ୍ରାମାଞ୍ଚଳରେ ଭୂମିହୀନ ମାନଙ୍କୁ ଚାଷ ଜମି ପ୍ରଦାନ କରିବା



ମଙ୍ଗଳବାର ସମ୍ବଲପୁରରେ ବିଭିନ୍ନ ଦାବି ନେଇ ଭୀମ ଆର୍ମି ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶ ।

ଭଳି ଦାବି ରହିଥିଲା । ବିକ୍ଷୋଭ ସମାବେଶ ପରେ ଏଡିଏମ ଅଜାମ୍ବର ମହାନ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ । ଭୀମ ଆର୍ମି ରାଜ୍ୟ ସଭାପତି ଲଙ୍କେଶ ରାବଣଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଗାଡ଼ି ମୂଲ୍ୟରେ ୨% ବୃଦ୍ଧି କରିବ ଟାଟା ମୋଟର୍ସ

**ନୂଆଦିଲ୍ଲୀ:** ଆଗାମୀ ଜାନୁଆରୀରୁ ବ୍ୟବସାୟିକ ଗାଡ଼ିର ମୂଲ୍ୟରେ ୨% ବୃଦ୍ଧି କରିବ ବୋଲି ମଙ୍ଗଳବାର ଟାଟା ମୋଟର୍ସ ପକ୍ଷରୁ ଘୋଷଣା କରାଯାଇଛି। ଏପରିକି ଗାଡ଼ି ନିର୍ମାଣରେ ବ୍ୟବହାର ହେଉଥିବା ଯନ୍ତ୍ରପାତିର ମୂଲ୍ୟ ଦିନକୁ ଦିନ ବଜାରରେ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସର୍ବନିମ୍ନ ମୂଲ୍ୟ ବୃଦ୍ଧି କରିବାକୁ କମ୍ପାନୀ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଇସ୍ପାତ ଏବଂ ଆଲୁମିନିୟମ୍ ଭଳି ଦ୍ରବ୍ୟର ମୂଲ୍ୟ ଚଳିତ ବର୍ଷ ଉଚ୍ଚରୁ ସଂଶୋଧିତ ହୋଇଥିବା ବେଳେ ଟ୍ରକ୍ ଏବଂ ବସ୍ ଭଳି ଗାଡ଼ି ନିର୍ମାଣ ସହ ଜଡ଼ିତ ଖର୍ଚ୍ଚ ବୃଦ୍ଧି ହେବାରେ ଲାଗିଛି ବୋଲି ଏକ ରିପୋର୍ଟରେ ପ୍ରକାଶ ପାଇଛି।

# ବୃଦ୍ଧି ପାଉଛି ଗଚ୍ଛିତ ଅଶୋଧିତ ତୈଳ

ନୂଆଦିଲ୍ଲୀ,୧୩।୧୨

ଅନ୍ତଃରାଷ୍ଟ୍ରୀୟ ସମସ୍ୟା ଓ ତୈଳ ବଜାରରେ ଅଶୋଧିକ ତୈଳର ଚାହିଦା ବୃଦ୍ଧି ସାଙ୍ଗକୁ ଦର ହ୍ରାସ ମଧ୍ୟରେ ରୁଷିଆ କ୍ରମାଗତ ୨ୟ ଥର ଲାଗି ଭାରତର ସବୁଠାରୁ ବଡ଼ ତୈଳ ରପ୍ତାନକାରୀ ସହଯୋଗୀ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିଛି। ଏପରିକି ଇରାକ ଓ ସାଉଦି ଆରବକୁ ପଛରେ ପକାଇ ରୁଷିଆ ଚଳିତ ବର୍ଷ ନଭେମ୍ବରରେ ଭାରତକୁ ସର୍ବାଧିକ ତେଲ ରପ୍ତାନି କରିଥିବା ଏନର୍ଜି କାର୍ଗୋ ଟ୍ରାକର ଭୋର୍ଟେକ୍ସା ପକ୍ଷରୁ କୁହାଯାଇଛି। ବିଶେଷକରି ଇନ୍ଧନ ଶକ୍ତି ଯୋଗାଣ ଉପରେ ନଜର ରଖୁଥିବା ସଂସ୍ଥା ଭୋର୍ଟେକ୍ସାର ସୂଚନା ଅନୁସାରେ ଭାରତ ୨୦୨୨ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ରୁଷିଆଠାରୁ ମାତ୍ର ୦.୨% ତୈଳ ଆମଦାନୀ କରିଥିଲା। ହେଲେ ୨୦୨୨ ନଭେମ୍ବରରେ ମସ୍କୋ ନୂଆଦିଲ୍ଲୀକୁ ପ୍ରତିଦିନ ପ୍ରାୟ ୯,୦୯,୪୦୩ ବ୍ୟାରେଲ ତୈଳ ରପ୍ତାନି କରିଥିବା ଜଣାପଡ଼ିଛି ବୋଲି ସଂସ୍ଥା ଉକ୍ତ ରିପୋର୍ଟରେ ଉଲ୍ଲେଖ କରିଛି।

**ରୁଷିଆ କ୍ରମାଗତ ୨ୟ ମାସ ଲାଗି ଭାରତକୁ ସର୍ବାଧିକ ତୈଳ ରପ୍ତାନି କରିଛି**



ସେହିପରି ଇରାକ ଓ ସାଉଦି ଆରବଠାରୁ ବି ଭାରତ ବିପୁଳ ପରିମାଣରେ ତୈଳ ଆମଦାନୀ କରିଛି। ଏପରିକି ୨୦୨୨ ନଭେମ୍ବରରେ ଇରାକଠାରୁ ଦୈନିକ ୮.୬୧,୪୬୧ ବ୍ୟାରେଲ ତୈଳ ଆମଦାନୀ ହୋଇଥିବା ବେଳେ ସାଉଦି ଆରବଠାରୁ ଦୈନିକ ୫,୭୦,୯୨୨ ବ୍ୟାରେଲ ତୈଳ ଆମଦାନୀ ହୋଇଛି। ତେବେ ୨୦୨୨ ଅକ୍ଟୋବରରେ ଭାରତ ରୁଷିଆଠାରୁ ଯେତିକି ତୈଳ ଆମଦାନୀ କରିଥିଲା ନଭେମ୍ବରରେ ତା'ଠାରୁ ଅପେକ୍ଷାକୃତ କମ୍ ଆମଦାନୀ କରିଛି ବୋଲି କୁହାଯାଉଛି। ଅପରପକ୍ଷରେ ୨୦୨୧ ଡିସେମ୍ବରରେ ଭାରତ ରୁଷିଆଠାରୁ ଦୈନିକ ହିସାବରେ(ବିପିଡି) ୩୬,୨୫୫ ବ୍ୟାରେଲ ଅଶୋଧିତ ତୈଳ କିଣିଥିଲା। ହେଲେ ସେହି ସମୟରେ ଇରାକଠାରୁ ୧.୦୫ ମିଲିୟନ ବିପିଡି ଓ ସାଉଦି ଆରବଠାରୁ ୯,୫୨,୬୨୫ ବିପିଡି ତୈଳ ଭାରତ ଆମଦାନୀ କରିଥିଲା। ଏହା ପରେ ୨ ମାସ ଧରି ଭାରତ ରୁଷିଆଠାରୁ ତେଲ କିଣିବା ବନ୍ଦ କରିଦେଇଥିଲା। ଏହା ପୁଣି ୨୦୨୨ ମାର୍ଚ୍ଚରେ ଆରମ୍ଭ ହୋଇଥିଲା। ୟୁକ୍ରେନ୍ ଉପରେ ଆକ୍ରମଣ ପରେ ପଶ୍ଚିମ ରାଷ୍ଟ୍ରଗୁଡ଼ିକ ରୁଷିଆ ଉପରେ କଟକଣା ଲଗାଇଥିଲେ। ଫଳରେ ରୁଷିଆ ତା'ର ବ୍ୟାବସାୟିକ ପ୍ଲାନ୍ ପକାଇ ତୈଳ ମୂଲ୍ୟରେ ଅହେତୁକ ହ୍ରାସ କରିଥିଲା। ଏହି ସମୟରେ ଭାରତ ତୈଳ କିଣିବା ଆରମ୍ଭ କରିଥିଲା। ୨୦୨୨ ମାର୍ଚ୍ଚ ଠାରୁ ରୁଷିଆ ପାଖରୁ ଭାରି ତୈଳ ଆମଦାନୀ ଆରମ୍ଭ କରିଥିଲା। ମାର୍ଚ୍ଚରେ ଭାରତ ରୁଷିଆଠାରୁ ୬୮,୬୦୦ ବିପିଡି ତୈଳ ଆମଦାନୀ କରିଥିଲା। ପରେ ଏହି ସଂଖ୍ୟା ବଢ଼ି ୨,୬୬,୬୧୭ ବିପିଡି ହୋଇଯାଇଥିଲା। ଏପରିକି ୨୦୨୨ ଜୁନ୍ ପର୍ଯ୍ୟନ୍ତ ଏହି ସଂଖ୍ୟା ବଢ଼ି ୯,୪୨,୬୯୪ ବିପିଡି ହୋଇଯାଇଥିଲା।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୩।୧୨

ଦିନକର ମାନ୍ଦାବସ୍ଥା ପରେ ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ ଆଶା ଓ ଆଶଙ୍କା ମଧ୍ୟରେ ଶେଷ ହୋଇଛି। ଏପରିକି କେନ୍ଦ୍ରୀୟ ବ୍ୟାଙ୍କର ନିଷ୍ପତ୍ତି ସାଙ୍ଗକୁ ଖୁଚୁରା ମୁଦ୍ରାସ୍ଫୀତିର ଫଳାଫଳ ଓ ଶେୟାର ବଜାରର କାରବାର ଦଲାଲ ଷ୍ଟ୍ରିଟ୍‌ର ନିବେଶକଙ୍କ ମନରେ ଉତ୍ସାହ ଭରି ଦେଇଛି। ଫଳରେ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ଫେରିପାଇଛନ୍ତି। ଚଳିତ ସପ୍ତାହର ୨ୟ କାର୍ଯ୍ୟ ଦିବସର ଫଳାଫଳ ନିବେଶକଙ୍କ ମନରେ ଉତ୍ସାହ ସୃଷ୍ଟି କରିଛି। ମଙ୍ଗଳବାର ଷ୍ଟକ୍ ବଜାରର ଫଳାଫଳ (ଶେୟାର ମାର୍କେଟ) ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ସେନ୍‌ସେକ୍ସ ୪୦୩ (୪୦୨.୭୩) ପଏଣ୍ଟ ବଢ଼ି ୬୨,୫୩୩ (୬୨,୫୩୩.୩୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୧୧ (୧୧୦.୮୫) ପଏଣ୍ଟ ବୃଦ୍ଧି ଘଟି ୧୮,୬୦୮ (୧୮,୬୦୮.୦୦) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

## ସେନ୍‌କୋ ପକ୍ଷରୁ ବିବାହ ଅଭିଯାନ

ନୂଆଦିଲ୍ଲୀ,୧୩।୧୨

ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପକ୍ଷରୁ ବଲିଉଡ୍ ଅଭିନେତ୍ରୀ କିଆରା ଆଡ୍‌ଭାନିଙ୍କୁ ନେଇ ଭାରତୀୟ ବିବାହ ଉପରେ ପର୍ଯ୍ୟବସିତ ଏକ ନୂତନ ଅଭିଯାନର ଶୁଭାରମ୍ଭ କରାଯାଇଛି। ଏପରିକି ଭାରତୀୟ ବିବାହର ଭବ୍ୟ ଆୟୋଜନକୁ ଉକ୍ତ ଅଭିଯାନ ଜରିଆରେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସ ପକ୍ଷରୁ ନୂଆ ବ୍ରାଇଡାଲ ଗହଣା ସମ୍ଭାର 'ରାଜୱାଡା ବିବାହ କଲେକ୍ସନ୍'କୁ ଉନ୍ମୋଚନ କରାଯାଇଛି। ଏହା ବଧୂ ହେବାକୁ ଯାଉଥିବା ଯୁବତୀଙ୍କ ପାଇଁ ଗ୍ଲାମର୍‌ସ ଓ ଷ୍ଟାଇଲିଶ୍ ଗହଣା ପ୍ରଦାନ କରୁଛି। ଉକ୍ତ ଅଭିଯାନରେ କିଆରା ଆଡ୍‌ଭାନିଙ୍କୁ ଦ୍ୱୈତ ଭୂମିକାରେ ଦେଖିବାକୁ ମିଳିବ। ଏ ସମ୍ପର୍କରେ ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ୍‌ସର ନିର୍ଦ୍ଦେଶିକା ଜୋୟିତା ସେନ୍ କହିଛନ୍ତି, ନିଜ ବିବାହ ଦିନରେ ପ୍ରତି ବଧୂ ଯେଉଁଭଳି ରାଣୀ ଭଳି ଦେଖାଯିବେ ତାହା ଦ୍ୱାରା ଅନୁପ୍ରାଣିତ ହୋଇ ରାଜୱାଡା ସମ୍ଭାରକୁ ପ୍ରସ୍ତୁତ କରାଯାଇଛି। ସେହିଭଳି କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ଅଫର ମଧ୍ୟ ଘୋଷଣା କରାଯାଇଛି, ଯାହା ଏହାର ୧୨୭ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟ୍‌ଫର୍ମରେ ୨୦୨୩ ଜାନୁୟାରୀ ୮ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଏହି ସ୍ୱତନ୍ତ୍ର ଅଫରରେ ସୁନାଗହଣାର ଗଢ଼ା ମୂଲ୍ୟ ଉପରେ ୨୫% ପର୍ଯ୍ୟନ୍ତର ରିହାତି ଓ ହୀରା ଗହଣାରେ ମୂଲ୍ୟ ଉପରେ ୧୦% ପର୍ଯ୍ୟନ୍ତ ଏବଂ ଗଢ଼ା ମୂଲ୍ୟରେ ୫୦% ରିହାତି ସହିତ ଏକ ସ୍ୱତନ୍ତ୍ର ଉପହାର (୯୦୦୦ ଟଙ୍କାର ଡାଇମଣ୍ଡ ପେଣ୍ଡାଣ୍ଟ) ଏବଂ ପ୍ଲାଟିନମ୍‌ରେ ଗଢ଼ା ମୂଲ୍ୟ ଉପରେ ୨୦% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି।



**'ରାଜୱାଡା ବିବାହ କଲେକ୍ସନ୍' ଉନ୍ମୋଚିତ**

## ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଉତ୍କର୍ଷ ପ୍ରଦର୍ଶନ

ନୂଆଦିଲ୍ଲୀ,୧୩।୧୨

ବିଶ୍ୱ ଦକ୍ଷତା ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନେ ଶେଷ ଥରର ପ୍ରତିଯୋଗିତାଠାରୁ ବେଶ୍ ଭଲ କରିଛନ୍ତି। ଏପରିକି ଚଳିତ ବର୍ଷ ଭାରତ ଏକାଦଶ ସ୍ଥାନ ହାସଲକରି ୨ ରୌପ୍ୟ ପଦକ, ୩ ବ୍ରୋଞ୍ଜ ପଦକ ଏବଂ ୧୩ ଏକ୍ସଲେନ୍ସ ପଦକ ଜିତିଛି। ୨୦୧୯ରେ ଭାରତ ୧୩ ତମ ସ୍ଥାନରେ ରହିଥିଲା। ଚଳିତ ବର୍ଷ ୩ ସେପ୍ଟେମ୍ବରରୁ ୨୮ ନଭେମ୍ବର ପର୍ଯ୍ୟନ୍ତ ଉକ୍ତ ପ୍ରତିଯୋଗିତା ୟୁରୋପ, ଉତ୍ତର ଆମେରିକା ଏବଂ ପୂର୍ବ ଏସିଆରେ ଏକ ବିକେନ୍ଦ୍ରୀକରଣ ମୋଡ୍‌ରେ କରାଯାଇଥିଲା। ଏପରିକି ୧୨ଟି ଦେଶର ୨୦ଟି ସହରରେ ହୋଇଥିବା ଏହି ପ୍ରତିଯୋଗିତାରେ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତା ୨ବର୍ଷରେ ଥରେ କରାଯାଇଥାଏ। ଦକ୍ଷତା ବିଶ୍ୱକୁ କାର୍ଯ୍ୟକ୍ଷମ ରଖେ ଏବଂ ଭୋକେଶନାଲ ଏଜୁକେଶନ ଏବଂ ଟ୍ରେନିଂ (ଭିଇଟି) ମାଧ୍ୟମରେ ନିଜ ଦେଶ ତଥା ଅଞ୍ଚଳ ଏବଂ ସମଗ୍ର ବିଶ୍ୱରେ ଦକ୍ଷତା ବୃଦ୍ଧି ପାଇଁ ୱାର୍ଲ୍ଡ ସ୍କିଲ୍ସର ସଦସ୍ୟ ଏବଂ ଅଂଶୀଦାର ଭାବରେ ଏକ ହୋଇଥାନ୍ତି। ଭାରତ ପାଇଁ ବିଶ୍ୱସ୍ତରରେ ଭାରତର ପ୍ରତିନିଧିତ୍ୱ କରୁଥିବା ପ୍ରାର୍ଥୀଙ୍କ ଚୟନ ଦେଶର ସର୍ବବୃହତ୍ ଦକ୍ଷତା ପ୍ରତିଯୋଗିତା ଇଣ୍ଡିଆ ସ୍କିଲ୍ ପ୍ରତିଯୋଗିତା ମାଧ୍ୟମରେ ଦକ୍ଷତା ବିକାଶ ଏବଂ (ଏମ୍‌ଏସ୍‌ଡିଇ) ଜାତୀୟ ଦକ୍ଷତା ବିକାଶ ମନ୍ତ୍ରଣାଳୟ (ଏନ୍‌ଏସ୍‌ଡିସି) ଦ୍ୱାରା ପରିଚାଳିତ ହୋଇଥାଏ। ଓଡ଼ିଶାର ସି.ଭି.ରମଣ ଗ୍ଲୋବାଲ ୟୁନିଭର୍ସିଟିର ବି.ଟେକ୍ ଶିକ୍ଷାର୍ଥୀ ପ୍ରବୀଣ ଗିରି କରିଥିବା ଜଳ ପ୍ରଯୁକ୍ତିବିଦ୍ୟାରେ ରୌପ୍ୟ ପଦକ ଏବଂ ଡିପ୍ଲୋମା ଇନ୍ ହୋଟେଲ ଆଡମିନିଷ୍ଟ୍ରେଶନର ଶିକ୍ଷାର୍ଥୀ ସୁବ୍ରତ ପଟେଲ ୱେଲକମ୍ ଗ୍ରୁପ୍ ଅଫ୍ ହୋଟେଲ ଆଡମିନିଷ୍ଟ୍ରେଶନ ରେଷ୍ଟୁରାଣ୍ଟ ସେବାରେ ଏକ୍ସଲେନ୍ସ ପଦକ ଜିତିଛନ୍ତି।

## ଅରୁନ୍ଧତୀ ଜୁଏଲର୍ସର 'ଡାଇମଣ୍ଡ ମହୋତ୍ସବ'

**ହୀରା ଗହଣା ଉପରେ ସର୍ବଶ୍ରେଷ୍ଠ ରିହାତି ଅଫର**

ଭୁବନେଶ୍ୱର,୧୩।୧୨

ରାଜ୍ୟର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ହୀରା ଗହଣାର ସ୍ୱତନ୍ତ୍ର କଲେକ୍ସନ ଜିଭା ସହ 'ଡାଇମଣ୍ଡ ମହୋତ୍ସବ' ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ପ୍ରତିଷ୍ଠାନର ସମସ୍ତ ଶାଖାରେ ଏହି ମହୋତ୍ସବ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି। ବିଶେଷକରି ଚଳିତ ଖ୍ରୀଷ୍ଟମାସ ଏବଂ ନବବର୍ଷକୁ ଆଖି ଆଗରେ ରଖି ଏକ ସୂକ୍ଷ୍ମ ଏବଂ ସ୍ୱତନ୍ତ୍ର କାରୁକାର୍ଯ୍ୟ ଭରା ଗହଣାକୁ ନିୟମିତ ହୀରା ଗହଣାଠାରୁ ୩୦% କମ୍ ଦାମ୍‌ରେ ଉପଲବ୍ଧ କରାଉଛି। ସେହିଭଳି ବିସ୍ତୃତ ଡିଜାଇନ୍ ସହ ବଜାରର ସର୍ବୋତ୍ତମ ଡାଇମଣ୍ଡ ଅଫର ସମ୍ପର୍କରେ ମଧ୍ୟ ଘୋଷଣା କରାଯାଇଛି। ଏହି ଅଫର ଚଳିତ ବର୍ଷ ଡିସେମ୍ବର ୩୧ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ଅରୁନ୍ଧତୀ ଶାଖାରେ ଉପଲବ୍ଧ ହେବ। ଉକ୍ତ ଅଫର ଜରିଆରେ ଗ୍ରାହକମାନେ ହୀରା ଗହଣାର ପ୍ରତି କ୍ୟାରେଟ ଉପରେ ଫ୍ଲାଟ୍ ୧୫,୦୦୦ ଟଙ୍କାର ରିହାତି ସହ ପ୍ରତିଷ୍ଠାନର ପୁରୁଣା ହୀରା ଗହଣା ଏକ୍ସଚେଞ୍ଜ ଉପରେ ମଧ୍ୟ ୧୦୫% ଅତ୍ୟଧିକ ମୂଲ୍ୟ ପାଇପାରିବେ। ସେହିପରି ଜିଭା ଡାଇମଣ୍ଡ କଲେକ୍ସନର ନେକ୍‌ଲେସ ମାତ୍ର ୯୯,୯୯୯ ଟଙ୍କାରୁ ଗ୍ରାହକମାନଙ୍କ ପାଇଁ ଉପଲବ୍ଧ କରାଯାଇଛି। ଏପରିକି ଏହି କଲେକ୍ସନ ଅନ୍ତର୍ଗତ ଗହଣାଗୁଡ଼ିକର ମୂଲ୍ୟ ୧୯,୯୯୯ ଟଙ୍କାରୁ ଆରମ୍ଭ କରାଯାଇଛି।

ଏ ସମ୍ପର୍କରେ ଅରୁନ୍ଧତୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ବ୍ରହ୍ମାନନ୍ଦ ମେହେର କହିଛନ୍ତି, ଆମର ଏହି ଜିଭା କଲେକ୍ସନ ଆଜିର ନାରୀମାନଙ୍କର ପସନ୍ଦ ଓ ଆବଶ୍ୟକତାକୁ ଧ୍ୟାନରେ ରଖି ଏକ ଉତ୍କୃଷ୍ଟ କଳାକୃତିରେ ପ୍ରସ୍ତୁତ କରାଯାଇଛି। ଫ୍ୟାଶନ ସଚେତନ ମହିଳାମାନେ ଏହାକୁ ବିଭିନ୍ନ ସ୍ଥାନ ଓ ବିଭିନ୍ନ ପରିପେକ୍ଷୀରେ ମଧ୍ୟ ପରିଧାନ କରିପାରିବେ।




## 'ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତିକୁ ଗୁରୁତ୍ୱ'

ନୂଆଦିଲ୍ଲୀ,୧୩।୧୨

ହିନ୍ଦୁଜା ଗ୍ରୁପ୍ ସମର୍ଥିତ ୟୁନିକର୍ନ ସଂସ୍ଥା ମାଇଣ୍ଡମେଜ୍ ପକ୍ଷରୁ ଆମେରିକାର ଭାଇବ୍ରା ହେଲ୍‌ଥ କେୟାର ସହ ସହଯୋଗିତା ସ୍ଥାପନ କରାଯାଇଛି। ଭାଇବ୍ରା ହେଲ୍‌ଥ କେୟାର ହେଉଛି ଆମେରିକାରେ ପୋଷ୍ଟ-ଆକ୍ୟୁଟ୍ ରୋଗୀ ସେବା ପ୍ରଦାନ କରୁଥିବା ଅଗ୍ରଣୀ ସଂସ୍ଥା। ଏହା ଅଧୀନରେ ଥିବା ହସ୍ପିଟାଲ ଓ କ୍ଲିନିକ୍ ଏବଂ ରୋଗୀମାନଙ୍କ ଘରେ ମାଇଣ୍ଡମେଜ୍‌ର ଡିଜିଟାଲ ସ୍ୱାସ୍ଥ୍ୟ ପ୍ରଯୁକ୍ତି ପ୍ଲାଟ୍‌ଫର୍ମ (ମାଇଣ୍ଡପଡ୍ ଓ ମାଇଣ୍ଡମୋସନ ଗୋ)କୁ ମୁତୟନ କରିବା ହେଉଛି ଏହି ସହଯୋଗିତାର ମୂଳ ଉଦ୍ଦେଶ୍ୟ। ଭାଇବ୍ରା ହେଲ୍‌ଥ କେୟାର ଆମେରିକାର ୧୯ଟି ରାଜ୍ୟରେ ୯୦ଟି ସ୍ପେଶାଲିଟି ହସ୍ପିଟାଲ ଏବଂ ଟ୍ରାଞ୍ଜିସନାଲ କେୟାର ୟୁନିଟ୍ ପରିଚାଳନା କରୁଛି। ଆମେରିକାରେ ୧୦ କୋଟିରୁ ଅଧିକ ଲୋକ ସ୍ନାୟୁଜନିତ ରୋଗରେ ପୀଡ଼ିତ।

ଏ ସମ୍ପର୍କରେ ମାଇଣ୍ଡମେଜ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ସିଇଓ ଡା. ତେଜ୍ ତାଡି କହିଛନ୍ତି, ଗମ୍ଭୀର ସ୍ନାୟୁଗତ ରୋଗରେ ପୀଡ଼ିତି ଥିବା ରୋଗୀଙ୍କ ପାଇଁ ପ୍ରମାଣଭିତ୍ତିକ ସମାଧାନ ବିକାଶ ଜରିଆରେ ସ୍ନାୟୁ ରୋଗରୁ ଉପଶମ ପ୍ରକ୍ରିୟାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ମାଇଣ୍ଡମେଜ୍ ପ୍ରତିବଦ୍ଧ ବୋଲି ତେଜ୍ ତାଡି ମତପ୍ରକାଶ କରିଛନ୍ତି। ସେହିଭଳି ଭାଇବ୍ରା ହେଲ୍‌ଥ କେୟାରର ପ୍ରତିଷ୍ଠାତା ଅଧ୍ୟକ୍ଷ ଓ ସିଇଓ ବ୍ରାଡ୍ ହୋଲିଙ୍ଗର କହିଛନ୍ତି, କେବଳ ପ୍ରଯୁକ୍ତି ଦକ୍ଷତାର ଶକ୍ତି ନୁହେଁ ବରଂ ମସ୍ତିଷ୍କାଘାତ ଏବଂ ଅନ୍ୟାନ୍ୟ ସ୍ନାୟୁଗତ ରୋଗରେ ପୀଡ଼ିତ ସାରା ଦୁନିଆରେ ଥିବା ଦେଶଗୁଡ଼ିକର ରୋଗୀମାନଙ୍କ ଲାଗି ସମାଧାନ ମୁତୟନ କରିବାରେ ମାଇଣ୍ଡମେଜ୍‌ର ରହିଥିବା ଅନୁଭୂତି ଆମକୁ ପ୍ରଭାବିତ କରିଥିଲା ବୋଲି ହୋଲିଙ୍ଗର ମତବ୍ୟକ୍ତ କରିଛନ୍ତି।

**ଫୁର୍‌ସତ**

# ସବୁଠୁ ବିଷାକ୍ତ ସାପ

**ଗୋଟିଏ ଚୋଟରେ ମରିବେ ୧୦୦ ଲୋକ**

କାନ୍‌ବେରା

ବିଶ୍ୱରେ ମୋଟ ୬୦୦ ପ୍ରକାର ବିଷଧର ପ୍ରଜାତିର ଜୀବ ଅଛନ୍ତି। ସେମାନଙ୍କ ଭିତରୁ ପ୍ରାୟ ୨୦୦ ପ୍ରଜାତି ମାରାତ୍ମକ, ଯାହାଙ୍କ ଆକ୍ରମଣ ଫଳରେ ମୃତ୍ୟୁ ସୁନିଶ୍ଚିତ ହୋଇଥାଏ। ଅଷ୍ଟ୍ରେଲିଆର ଇନ୍‌ଲାଣ୍ଡରେ ଦେଖାଯାଉଥିବା ତାଇପନ୍ ସାପ ବିଶ୍ୱର ସବୁଠାରୁ ବିଷାକ୍ତ ସାପ ବୋଲି କୁହାଯାଉଛି। କାରଣ ଏହି ସାପର ଗୋଟିଏ ଚୋଟରେ ଏକାଥରକେ ୧୦୦ ଜଣଙ୍କ ମୃତ୍ୟୁ ହେବ। ଅର୍ଥାତ୍ ତାଇପନ୍ ସାପର ଚୋଟରେ ଯେତିକି ପରିମାଣର ବିଷ ବାହାରେ ସେଥିରେ ଶତାଧିକ ଲୋକ କିମ୍ବା ୨,୫୦,୦୦୦ ମୂଷା ମରିଯିବେ।

ତାଇପନ୍ ସାପ ଶରୀରର ଲମ୍ବ କମ୍ ହୋଇଥାଏ। ଏହାର ମୁଣ୍ଡର ଆକାର ଚାରିକଣିଆ ହୋଇଥାଏ। ସକାଳ ବେଳା ଏହି ସାପ ଅଧିକ ସକ୍ରିୟ। ଏମାନେ ସାଧାରଣ ଭାବେ ମାଟି ତଳେ ରହିବାକୁ ପସନ୍ଦ କରନ୍ତି। ତାଇପନ୍ ସାପର ବିଷ ଏଲ୍‌ଡି୫୦ (ଲିଥାଲ ଡୋଜ୍, ବିଷ ମାପର ଏକକ) ବିଷାକ୍ତ। ବିଷ୍ଟେଲର ସ୍କୁଲ ଅଫ୍ କେମିଷ୍ଟ୍ରି ୟୁନିଭର୍ସିଟି ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟ ଅନୁସାରେ ବିଶ୍ୱରେ ଥିବା ସବୁଠାରୁ ବିଷାକ୍ତ ସାପମାନଙ୍କ ସୂଚୀରେ ତାଇପନ୍ ଶୀର୍ଷରେ ରହିଛି। ଏହି ସାପ ସାଧାରଣରେ ମିଳିବା ବହୁ କଷ୍ଟ। ଦିନ ଏବଂ ରାତି ଅପେକ୍ଷା ଏମାନେ ଭୋର ସମୟରେ ଅଧିକ ସକ୍ରିୟ ହୋଇଥାନ୍ତି।



## ଶାହରୁଖଙ୍କୁ ନକଲ କଲେ ସିଦ୍ଧାର୍ଥ

**ମୁମ୍ବାଇ:** ଆଗାମୀ ଦିନରେ ରିଲିଜ୍ ହେବାକୁ ଥିବା ହିନ୍ଦୀ ଚଳଚ୍ଚିତ୍ର 'ମିଶନ୍ ମଜ୍ନୁ'ର ପୋଷ୍ଟର ମଙ୍ଗଳବାର ରିଲିଜ୍ ହୋଇଛି। ଏଥିରେ ସିଦ୍ଧାର୍ଥ ମାଲହୋତ୍ରାଙ୍କୁ ଏକ ଭିନ୍ନ ରୂପରେ ଦେଖିବାକୁ ମିଳିଛି। ଗ୍ୟାଙ୍ଗଷ୍ଟର ଭୂମିକାରେ ସେ ପୂର୍ବରୁ ଅଭିନୟ କରିଥିଲେ ହେଁ ଗୋଇନ୍ଦା ଭାବେ ବଡ଼ ପରଦାରେ ସେ ପ୍ରଥମ କରି ଦେଖାଯିବେ। ସିଦ୍ଧାର୍ଥ ଜ୍ୟାକେଟ ସହିତ ଏକ ବ୍ରାଉନୀ ପଠାନି ଶୁଟ୍ ପିନ୍ଧିଥିବାବେଳେ ହାତରେ ବନ୍ଧୁକ ଧରିଥିବାର ଦେଖିବାକୁ ମିଳିଛି। ପୋଷ୍ଟରଟି ଅନେକଙ୍କୁ ପସନ୍ଦ ଆସିଛି। ତେବେ ସୋସିଆଲ ମିଡିଆ ୟୁଜର୍ସ ଫଟୋକୁ ନେଇ କମେଣ୍ଟ କରିବାକୁ ଭୁଲି ନାହାନ୍ତି। ଅନେକ ୟୁଜର୍ସ ସିଦ୍ଧାର୍ଥଙ୍କ ଲୁକ୍‌କୁ ହିନ୍ଦୀ ଫିଲ୍ମ 'ରଇଜ୍'ରେ ଥିବା ଶାହରୁଖଙ୍କ ଲୁକ୍ ସହ ତୁଳନା କରିଛନ୍ତି। ସିଦ୍ଧାର୍ଥ କିଙ୍ଗଖାନ୍ ଶାହରୁଖଙ୍କ ଲୁକ୍‌କୁ ନକଲ କରିଥିବା ବହୁତ ଜଣ କହିଛନ୍ତି। 'ମିଶନ ମଜ୍ନୁ' ଏକ ଲଭ୍-ଡ୍ରାମା-ଆକ୍ସନ ଫିଲ୍ମ। ଏହାକୁ ଦେଖିବା ପରେ ସିନେପ୍ରେମୀ ପ୍ରତ୍ୟେକ ଅନୁଭୂତିର ମଜା ଉଠାଇ ପାରିବେ। ଚଳଚ୍ଚିତ୍ରରେ ସେ ଜଣେ ସ୍ପାଇ ଭୂମିକାରେ ନଜରକୁ ଆସିବେ। ଏହି ଫିଲ୍ମ ସାଉଥ୍ ଇଣ୍ଡିଆନ୍ ଫିଲ୍ମ ଅଭିନେତ୍ରୀ ରଶ୍ମିକା ମନ୍ଦାନା ଦ୍ୱିତୀୟ ହିନ୍ଦୀ ଫିଲ୍ମ। 'ମିଶନ୍ ମଜ୍ନୁ' ନେଟଫ୍ଲିକ୍ସରେ ଜାନୁୟାରୀ ୨୦ରେ ମୁକ୍ତିଲାଭ କରିବ। ତେବେ ଫିଲ୍ମକୁ ଦର୍ଶକଙ୍କ ଭଲପାଇବା ମିଳିବ ବୋଲି ନିର୍ଦ୍ଦେଶକ ଶାନ୍ତନୁ ବାଗଚି କହିଛନ୍ତି।



## ଟ୍ରାଫିକ୍ ପୋଲିସଙ୍କୁ ୪ କି.ମି. ଘୋଷାଡ଼ି ନେଲେ ଡ୍ରାଇଭର

**ଭୋପାଳ:** ମଧ୍ୟପ୍ରଦେଶର ଇନ୍ଦୋରରେ ନିୟମ ଉଲ୍ଲଂଘନ କରିଥିବା ଡ୍ରାଇଭରଙ୍କୁ ଫାଇନ୍ ମାଗିବା ଟ୍ରାଫିକ ପୋଲିସଙ୍କୁ ଭାରି ପଡ଼ିଛି। ସୋମବାର ଇନ୍ଦୋରର ସତ୍ୟସାଇ ଛକରେ ଜଣେ କାର୍ ଚାଳକ ମୋବାଇଲ୍‌ରେ କଥା ହୋଇ ଗାଡ଼ି ଚଲାଉଥିବା ଦେଖି ଡ୍ୟୁଟିରେ ଥିବା କନଷ୍ଟେବଲ ଶିବ ସିଂ ଚୌହାନ ତାଙ୍କୁ ଅଟକାଇଥିଲେ। ଡ୍ରାଇଭର ଜଣକ ଗାଡ଼ି ରଖିବା ପରେ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ନେଇ ଶିବ ସିଂ ତାଙ୍କୁ ଫାଇନ୍ ମାଗିଥିଲେ। ଫାଇନ୍ କଥା ଶୁଣି ଡ୍ରାଇଭର ଜଣଙ୍କ ତାଙ୍କୁ ଧମକାଇବା ସହ ଗାଡ଼ି ଷ୍ଟାର୍ଟ କରି ସେଠାରୁ ଚାଲିଯାଇଥିଲେ। ସେହି ସମୟରେ ଶିବ ସିଂ କାର୍ ବୋନେଟ୍ ଉପରେ ଚଢ଼ିଯାଇଥିଲେ। ଏହାପରେ ଡ୍ରାଇଭର ଜଣକ କାର୍‌ଟିକୁ ଆଉ ରଖି ନ ଥିଲେ। ପାଖାପାଖି ୪ କି.ମି. ଦୂର ପର୍ଯ୍ୟନ୍ତ ଶିବ ସିଂଙ୍କୁ ବୋନେଟ୍‌ରେ ଝୁଲି ରହିବାକୁ ପଡ଼ିଥିଲା। ପରେ ଶିବ ସିଂ ବୋନେଟ୍‌ରୁ ଡେଇଁ ପଡ଼ିଥିଲେ। ସମ୍ପୃକ୍ତ ଡ୍ରାଇଭରଙ୍କୁ ଗିରଫ ପରେ ତାଙ୍କ ବିରୋଧରେ ଦଫା ୨୭୯ ଏବଂ ୩୩୨ ଅନ୍ତର୍ଗତ ମାମଲା ରୁଜୁ କରାଯାଇଛି।



## ସୁଶାନ୍ତଙ୍କ ଘର କିଣିବାକୁ ଆଗ୍ରହୀ ଲୋକେ

**ମୁମ୍ବାଇ:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ ରହୁଥିବା ଫ୍ଲାଟ କିଣିବା ଲାଗି ଅନେକ ଲୋକ ଆଗ୍ରହ ପ୍ରକାଶ କରିଛନ୍ତି। ପ୍ରକାଶିତ ଖବର ମୁତାବକ ସୁଶାନ୍ତ ସିଂଙ୍କ ଅକାଳ ବିୟୋଗ ପରେ ସେ ରହୁଥିବା ଫ୍ଲାଟ୍ ଖାଲି ପଡ଼ିଛି। ଆପାର୍ଟମେଣ୍ଟ ମାଲିକ ଫ୍ଲାଟ ଭଡ଼ା ଦେବା ପାଇଁ ଭଡ଼ାଟିଆ ଖୋଜୁଥିବାବେଳେ ଲୋକମାନେ ଭଡ଼ାରେ ନୁହେଁ ବରଂ ତାକୁ କିଣିବା ପାଇଁ କହୁଛନ୍ତି। ଫ୍ଲାଟକୁ ୫ ଲକ୍ଷ ଟଙ୍କାରେ ଭଡ଼ା ହେବା ଲାଗି ମାଲିକ ଏଜେଣ୍ଟ ରାଫିକ୍ ମର୍ଚାଣ୍ଟଙ୍କୁ କହିଥିବାବେଳେ ଏ ପର୍ଯ୍ୟନ୍ତ ମର୍ଚାଣ୍ଟଙ୍କୁ ଗୋଟିଏ ବି ଗ୍ରାହକ ମିଳି ନାହାନ୍ତି ଯେ, ସୁଶାନ୍ତ ରହୁଥିବା ଫ୍ଲାଟରେ ଭଡ଼ା ରହିବେ। ଆପାର୍ଟମେଣ୍ଟ ମାଲିକ ଫ୍ଲାଟ ବିକ୍ରି କରିବାକୁ ରାଜି ନ ଥିବା ଜଣାପଡ଼ିଛି। ସୁଶାନ୍ତଙ୍କ ମୃତ୍ୟୁ ମାମଲାର ତଦନ୍ତ ଜାରି ଥିବାବେଳେ ଫ୍ଲାଟକୁ ନିୟମିତ ପୋଲିସର ଯିବାଆସିବା ଲାଗି ରହିଛି। ଏଥିଯୋଗୁ ଅନେକେ ଘର ଭଡ଼ା ନେବାକୁ ଅରାଜି ହେଉଛନ୍ତି। ଆଉ କେତେଜଣ ଭଡ଼ା ଟଙ୍କା କମାଇବାକୁ କହୁଥିବା ଖବର ପ୍ରକାଶ ପାଇଛି।

## ସବୁଜ ଶକ୍ତିର ବିକାଶ ଜରୁରୀ

**ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ**

**ବିଶ୍ୱ** ଶକ୍ତି ସଂରକ୍ଷଣ ଦିବସ ପ୍ରତିବର୍ଷ ୧୪ ଡିସେମ୍ବରରେ ବିଶ୍ୱବ୍ୟାପୀ ପାଳନ କରାଯାଇଥାଏ। ଆମର ଦୈନନ୍ଦିନ ଜୀବନରେ ଶକ୍ତି ବ୍ୟବହାର, ସଂରକ୍ଷଣ, ଅଭାବ ଓ ବିଶ୍ୱର ଇକୋସିଷ୍ଟମର ସ୍ଥାୟିତ୍ୱ ଉପରେ ଏହାର ପ୍ରଭାବକୁ ଦର୍ଶାଇବା ପାଇଁ ବିଶ୍ୱବ୍ୟାପୀ ଏହି ଦିବସ ପାଳନ କରାଯାଏ। ଶକ୍ତି ଉପରେ ମାନବଜାତିର ଭବିଷ୍ୟତ ସାମ୍ନା କରୁଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଏହା ଆମର ଧ୍ୟାନକୁ କେନ୍ଦ୍ରିତ କରିଥାଏ। ଏହି ଦିନ ଏହା ସହିତ ଜଡିତ ବିଷୟଗୁଡ଼ିକ ଉପରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଇଥାଏ। ଏହି ଅବସରରେ ପବନ, ସୌର, ଜୁଆର ଆଦି ବିକଳ୍ପ ତଥା ଅକ୍ଷୟ ସବୁଜ ଶକ୍ତିର ବ୍ୟବହାର ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସବୁଜ ଶକ୍ତିର ବ୍ୟବହାର ଦ୍ୱାରା କିପରି ବିଭିନ୍ନ ପ୍ରଦୂଷଣକୁ ରୋକା ଯାଇପାରିବ ସେ ନେଇ ବିଭିନ୍ନ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଥାଏ। ଶକ୍ତି ବ୍ୟବହାର ହେଉଛି ବିଶ୍ୱରେ ବୃଦ୍ଧି ପାଉଥିବା ତାପମାତ୍ରାର ଏକ ପ୍ରମୁଖ କାରଣ; ଯାହାର ପ୍ରଭାବରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଯେହେତୁ ଆମେ ସମସ୍ତେ ବିପଦପୂର୍ଣ୍ଣ ତଥ୍ୟ ବିଷୟରେ ଜାଣିଛୁ ଯେ ସମସ୍ତ ପାରମ୍ପରିକ ଶକ୍ତିର ଉତ୍ସ ଶୀଘ୍ର ହ୍ରାସ ପାଉଛି। ପ୍ରତ୍ୟେକ ଦିନ ସମଗ୍ର ବିଶ୍ୱରେ ମାନବ ଜନସଂଖ୍ୟା ସଭ୍ୟ ଜୀବନଯାପନ ପାଇଁ ଶକ୍ତିର ବହୁବିଧ ବ୍ୟବହାର କରିଥାନ୍ତି। ଏହି ଉତ୍ସଗୁଡ଼ିକ ହେଉଛି ମାନବ ବିକାଶର ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷ; ଯାହା ପର୍ଯ୍ୟାପ୍ତ ଖାଦ୍ୟ, ଆଶ୍ରୟ, ପୋଷାକ, ଜଳ, ପରିମଳ, ଔଷଧ, ବିଦ୍ୟାଳୟ, ପରିବହନ,ଔଦ୍ୟୋଗିକ ପ୍ରୟୋଗ, ସୂଚନା ବିକାଶ ଆଦିକୁ ଅନ୍ତର୍ଭୁକ୍ତ କରିଥାଏ ଏବଂ ଆଧୁନିକ ଜୀବନଯାପନ ପ୍ରଣାଳୀକୁ ପ୍ରୋତ୍ସାହିତ କରିଥାଏ।

ମୁଣ୍ଡପିଛା ଶକ୍ତି ବ୍ୟବହାରକୁ ପ୍ରାୟତଃ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବରେ ବିବେଚନା କରାଯାଏ। ଲୋକ ଏବଂ ଦେଶର ଅଗ୍ରଗତି ସହିତ ଶକ୍ତି ବ୍ୟବହାର ବୃଦ୍ଧି ପାଇବାରେ ଲାଗିଥାଏ। ବାଣିଜ୍ୟିକ ଶକ୍ତିର ଏହି ଉତ୍ସଗୁଡ଼ିକ କେବଳ ସୀମିତ ପରିମାଣରେ ଉପଲବ୍ଧ। ଉତ୍ପାଦନ ଅନୁପାତରେ ବର୍ତ୍ତମାନର ଗଚ୍ଛିତ ଥିବା ତୈଳ ପ୍ରାୟ ୪୫ ବର୍ଷ, ଗ୍ୟାସ ପ୍ରାୟ ୬୫ ବର୍ଷ, କୋଇଲା ପ୍ରାୟ ୨୦୦ ବର୍ଷ ପରେ ଶେଷ ହୋଇଯିବ ବୋଲି ଆକଳନ କରାଯାଇଛି।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶୁଭମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ସନ୍ଦିପ୍ ପାଠକ ଏଏପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ

**ନୂଆଦିଲ୍ଲୀ,୧୩।୧୨(ପି.ଟି.)**

ବରିଷ୍ଠ ନେତା ତଥା ରାଜ୍ୟ ସଭା ସଦସ୍ୟ ସନ୍ଦିପ ପାଠକଙ୍କୁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏହାର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ଭାବେ ନିଯୁକ୍ତି ଦେଇଛି। ପାଠକ ପଞ୍ଜାବ ଏବଂ ଗୁଜରାଟ ପାଇଁ ଏଏପିର ନିର୍ବାଚନ ପ୍ରଭାରୀ ଭାବେ କାର୍ଯ୍ୟ କରିଥିଲେ। ପଞ୍ଜାବରେ ଏହି ଦଳ ବିଜୟୀ ହୋଇ ସରକାର ଗଢ଼ିଥିବାରେ ସଫଳ ହୋଇଥିଲା। ତେବେ ଗୁଜରାଟରେ ସଦ୍ୟ ସମାପ୍ତ ନିର୍ବାଚନରେ ଏଏପିକୁ ମାତ୍ର ୫ଟି ଆସନ ମିଳିଥିଲା। ଗୁଜରାଟରେ ଦଳ ଅଧିକ ଆସନ ପାଇ ନ ଥିଲେ ମଧ୍ୟ ଆମକୁ ଜାତୀୟ ଦଳ ମାନ୍ୟତା ପାଇବାରେ ସହାୟକ ହୋଇପାରିଛି ବୋଲି ଏଏପି ନେତା ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ କହିଥିଲେ। ପାଠକ ଏଏପି ରାଜନୈତିକ ବ୍ୟାପାର କମିଟିର ସ୍ଥାୟୀ ନିମନ୍ତ୍ରିତ ସଦସ୍ୟ ରହିବେ ବୋଲି ଦଳ ପକ୍ଷରୁ କୁହାଯାଇଛି। ୨୦୨୪ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ପାଠକଙ୍କୁ ସାଧାରଣ ସମ୍ପାଦକ ନିଯୁକ୍ତ କରାଯାଇଛି।

# ଅନ୍ୟଠୁ ଟଙ୍କା ନିଅ, ଆମକୁ ଭୋଟ ଦିଅ: ମମତା

**ଶିଲଂ,୧୩।୧୨**

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶିଲଂ ଗସ୍ତର ଦ୍ୱିତୀୟ ଦିନରେ ମଙ୍ଗଳବାର ମେଘାଳୟର କନରାଡ୍ ସାଙ୍ଗମା ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଦିଲ୍ଲୀ ନିର୍ଦ୍ଦେଶରେ ମେଘାଳୟ-ଆସାମ ସରକାର କାର୍ଯ୍ୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଆଗାମୀ ନିର୍ବାଚନ ଉପଲକ୍ଷେ ଏଠାରେ ଦଳୀୟ କର୍ମୀଙ୍କୁ ନେଇ ଆୟୋଜିତ ବୈଠକରେ ମମତା କହିଛନ୍ତି, ମେଘାଳୟ ସରକାର ଆସାମ ଏବଂ ଦିଲ୍ଲୀର ନିର୍ଦ୍ଦେଶରେ ଚାଲିଛି। ମେଘାଳୟର ମୁଖ୍ୟମନ୍ତ୍ରୀ କନରାଡ୍ ଦିଲ୍ଲୀରେ ପହଞ୍ଚି ଲୋକଙ୍କ ସମସ୍ୟା ଉପସ୍ଥାପନ କରିପାରୁ ନାହାନ୍ତି। ଦିଲ୍ଲୀ ଏବଂ ପଡୋଶୀ ରାଜ୍ୟ ଆସାମର ଶାସକମାନେ ଯାହା କୁହନ୍ତି ତାହା ମେଘାଳୟ ସରକାର କରୁଛନ୍ତି। ନିର୍ବାଚନରେ ରାଜନୈତିକ ଦଳ ଆପଣଙ୍କୁ ଟଙ୍କା ଦେଇ ପ୍ରଲୋଭିତ କରିବେ। ଯଦି ଭାଜପା କିମ୍ବା ଅନ୍ୟ କୌଣସି ଦଳ ଆପଣଙ୍କୁ ଟଙ୍କା ଦିଅନ୍ତି, ତେବେ ଏହାକୁ ନିଅନ୍ତୁ କାରଣ ଏହା ଆପଣଙ୍କ ଟଙ୍କା। କିନ୍ତୁ ତୃଣମୂଳ କଂଗ୍ରେସକୁ ଭୋଟ ଦିଅନ୍ତୁ। ମେଘାଳୟର ବିକାଶ ପାଇଁ ଆପଣଙ୍କୁ ଏପରି ଦଳ ବାଛିବାକୁ ପଡିବ ଯାହା ଆପଣଙ୍କ ଅଧିକାର ପାଇଁ ଲଢ଼ିବ। ବର୍ତ୍ତମାନର ସରକାର ରାଜ୍ୟର ଲୋକଙ୍କ ଯୁଦ୍ଧରେ ବିଫଳ ହୋଇଛନ୍ତି। ତୃଣମୂଳ କଂଗ୍ରେସ ବାହ୍ୟ ଦଳର ଅଭିଯୋଗକୁ ଖଣ୍ଡନ କରି ମମତା କହିଛନ୍ତି, ରବୀନ୍ଦ୍ର ନାଥ ଟାଗୋର ଏବଂ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ ଗୀତଗୁଡ଼ିକ ଦେଶର ଗର୍ବ। ଆପଣ କେବେ ପଚାରିଛନ୍ତି କି ସେମାନେ କେଉଁଠାରୁ ଆସିଛନ୍ତି? ଜୟ ହିନ୍ଦ୍ ସ୍ଲୋଗାନ ଦେଇଥିବା ସୁଭାଷ ଚନ୍ଦ୍ର ବୋଷ କେଉଁଠୁ ଆସିଥିଲେ? ତୃଣମୂଳ କଂଗ୍ରେସ ବଙ୍ଗଳାର ନୁହେଁ ବରଂ ସମଗ୍ର ଭାରତର ଦଳ। ଦିଲ୍ଲୀ ବହୁତ ଦୂରରେ ଏବଂ କୋଲକାତା ନିକଟବର୍ତ୍ତୀ। ଯଦି କିଛି ଘଟେ, ଏଠାକାର ଲୋକେ ପଶ୍ଚିମବଙ୍ଗକୁ ଆସିପାରିବେ। ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କର, ଫେବୃଆରୀରେ ମେଘାଳୟରେ ଏକ ନୂତନ ସୂର୍ଯ୍ୟ ଉଦୟ ହେବ ବୋଲି ମମତା କହିଛନ୍ତି।



ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମେଘାଳୟର ଶିଲଂଠାରେ ଦଳୀୟ କର୍ମୀଙ୍କ ଗହଣରେ ଢୋଲ ବଜାଉଛନ୍ତି।

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385
8637280816,
7894447167, 9338226625

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**DIRECT EXAM. 2021-22**
Discontinuous Student
• D. Pharma.
• B. Pharma.
• Diploma, BA / BSC Yoga
Note: One Time Exam with all verification.
Mob. 8260677338 (Bhubaneswar)

**LOAN**
ବିଜୟ ଫାଇନାନ୍ସ ସମସ୍ତ ପ୍ରକାର LOAN 10 ଦିନ ମଧ୍ୟରେ ଯୋଗାଇ ଦେଉଛି। ବ୍ୟବସାୟ, ପର୍ସନାଲ, କୃଷି, ଶିକ୍ଷା, କୁକୁଡା ପାଳନ, ଗାଈ ପାଳନ ଓ ମାଛ ଚାଷ ଇତ୍ୟାଦି ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ।
M:8895873378
:7656825209

**ମୁଦ୍ରା ଫାଇନାନ୍ସ**
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ।
2% ସୁଧ, 40% ରିହାତି।
ମହିଳାଙ୍କ ପାଇଁ ବିଶେଷ ରିହାତି।
ଅନ୍‌ଲାଇନ୍ ସୁବିଧା।
ମୁଦ୍ରା ଫାଇନାନ୍ସ
Mob. 8985384630

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Career Appointment on every Wednesday & Saturday

# ୨୦୨୫ରେ ମହାଗଠବନ୍ଧନର ନେତୃତ୍ୱ ନେବେ ତେଜସ୍ୱୀ

**ପାଟନା ,୧୩।୧୨**

୨୦୨୫ ବିହାର ବିଧାନସଭା ନିର୍ବାଚନରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତଥା ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ମହାଗଠବନ୍ଧନର ନେତୃତ୍ୱ ନେବେ। ବିହାର ମୁଖ୍ୟମନ୍ତ୍ରୀ ତଥା ଜେଡିୟୁ ନେତା ନୀତୀଶ କୁମାର ମଙ୍ଗଳବାର ୭ ଦଳବିଶିଷ୍ଟ ମହାଗଠବନ୍ଧନ ବୈଠକରେ ଏହି ସୂଚନା ଦେଇଛନ୍ତି। ସେ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ନୁହନ୍ତି ବୋଲି ନୀତୀଶ କହିଛନ୍ତି। ଅଧିକାଂଶ ରାଜନୈତିକ ଦଳ ୨୦୨୪ ସାଧାରଣ ନିର୍ବାଚନରେ ଭାଜପାକୁ କ୍ଷମତାରୁ ହଟାଇବା ପାଇଁ ଚାହୁଁଛନ୍ତି। ସେହି ଦଳଗୁଡ଼ିକୁ ଭାଜପା ବିରୋଧରେ ଏକାଠି କରିବା ଲାଗି ନୀତୀଶ ଅଣ୍ଟା ଭିଡ଼ିଛନ୍ତି। ତେଣୁ ୨୦୨୫ ବିଧାନସଭା ନିର୍ବାଚନ ତେଜସ୍ୱୀଙ୍କ ନେତୃତ୍ୱରେ ଲଢ଼ାଯିବ ବୋଲି ବିହାର ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।



ନୀତୀଶ କୁମାର



ତେଜସ୍ୱୀ ଯାଦବ

ନାଳନ୍ଦା ଜିଲାର ପୈଠନା-ଭଗାନ ବିଘା ଗ୍ରାମରେ ସୋମବାର ଏକ ସଭାକୁ ସମ୍ବୋଧିତ କରି ନୀତୀଶ କହିଥିଲେ, ସେ ନିଜ ଜିଲାରେ ଅନେକ ବିକାଶମୂଳକ କାର୍ଯ୍ୟ କରିଛନ୍ତି। ଯଦି କିଛି ବାକି ରହିଥାଏ ତେବେ ଭବିଷ୍ୟତରେ ତେଜସ୍ୱୀ ତାହା କରିବେ। ତାଙ୍କୁ ଆଗକୁ ନେବାକୁ ନୀତୀଶ ସମସ୍ତ ଉଦ୍ୟମ କରୁଥିବା ନାଳନ୍ଦା ଜିଲାବାସୀଙ୍କୁ କହିଥିଲେ।

**Classified Everyday**
0674-2580101, 2549949



MATRIMONIAL

**BRIDE WANTED**

Age-37 Bhubaneswar ସ୍ଥିତ Private Job କରିଥିବା (27000) ତେଲି ଜାତିର ଝିଅଙ୍କ ପାଇଁ ବରପାତ୍ର ତୁରନ୍ତ ଆବଶ୍ୟକ। Ph-8895853426. D-2233

47 ବର୍ଷର ମହିଳା Revenue Inspector ଅଛନ୍ତି। ଉପଯୁକ୍ତ ବୟସର ବ୍ୟକ୍ତି ବିବାହ ପାଇଁ ଯୋଗାଯୋଗ କରନ୍ତୁ, ଅବିବାହିତ ବ୍ୟକ୍ତି ଗ୍ରହଣୀୟ ନୁହନ୍ତି। 7656973285. D-2231

**GROOM WANTED**

ଭୁବନେଶ୍ୱରସ୍ଥିତ 55 ବୟସ୍କା Private ଚାକିରି କରୁଥିବା ନିଃସନ୍ତାନ ବିଧବା ବ୍ରାହ୍ମଣ ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 7608010434. D-2212

45 ବୟସ୍କା Govt. ଚାକିରିଆ ନିଃସନ୍ତାନ ବିଧବା ମହିଳାଙ୍କ ପାଇଁ any caste ର ପୁଅ ଦରକାର। 6371064622. D-2210

Govt. Job, ବୟସ-42 ଏକୁଟିଆ ରହୁଥିବା ଅବିବାହିତା ବଣିଆ ଝିଅଙ୍କୁ ଯେକୌଣସି ଜାତିର ବରପାତ୍ର ଦରକାର। 8658267680. D-2234

୫୧ ବୟସ୍କା କରଣ ଜାତି Agriculture Dpt. ରେ କାର୍ଯ୍ୟରତ Divorce ମହିଳାଙ୍କ ପାଇଁ ବରପାତ୍ର ଆବଶ୍ୟକ। 6370101046. D-2224





**SALE**

Immediate sale BMW X5-2014-15 limited edition, AUDI-A6-2012, AUDI-A4-2012, BMW-520D-2011 Volkswagan Passat-2012 for details contact: 9827516256. D-74161



REAL ESTATE

**SALE**

Duplex building, 300meters Puri Samantarapur main road, Laxminarayan Vihar, Indira Colony, Bhubaneswar. 9338054025, 9668327743. D-73734

**ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରି ହେବ - 9827119799.** D-2207

ଭୁବନେଶ୍ୱର ବାଲିଅନ୍ତା ବେଣ୍ଟପୁରରେ 60ft. ପିଚୁ ରୋଡ୍‌କୁ ଲାଗି ଘରବାରି ପ୍ଲଟ୍ ବିକ୍ରିହେବ। 8093465134, 9668194157. D-74167

ଭୁବନେଶ୍ୱର ଜଟଣୀଗେଟ୍ **NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8926073614.** D-74166

ଭୁବନେଶ୍ୱର ନଖରା ଘରବାରି SC plot sqft.-150/-, general-350/-. 9439660381. D-74165

Luxurious 4BHK Duplex near Balianta Bazar. Land-1400, Construction-2200-79Lakh. 9938219397, 9861022055. D-2223

Commercial G+3 building, Lift Transformer attached, Lingipur, Bhubaneswar (Opposite Jagannath Petrol Pump). 9437178883, 9668327743. D-73733

**ପୁରୀ ଶ୍ରୀମନ୍ଦିର ପାଖ ଏବଂ ପୁରୀ ସହରର ପାଖାପାଖିକୁ ଲାଗି ଘରବାରି ଜାଗା ଏବଂ readymade ଘର ମିଳୁଅଛି। 7008067338, 9090746445.** D-74163





3BHK/ 2BHK/ 1BHK Independent house at Phase-1, Raghunath Nagar, Sisupalgada, Bhubaneswar. Contact: 9437356387, 9437496791. D-73735

**୧୨ତମ ଜନ୍ମଦିନ ଶୁଭେଚ୍ଛା**



**ଶୁଭମ୍ ନନ୍ଦ**
ବଲାଙ୍ଗୀର, ପାଟଣାଗଡ଼, କୁରିଆ
ଆଜି ତୋର ୧୨ତମ ଜନ୍ମଦିନରେ ଆମେ ଦେବ ଦେବ ମହାଦେବଙ୍କ ନିକଟରେ ପ୍ରାର୍ଥନା କରୁଛୁ କି ତୋର ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ ଓ ତୋ ଚଲାବାଟ କୁସୁମିତ କରନ୍ତୁ।
ଆଶୀର୍ବାଦ ସହ: ବଡ଼ସାଥୀ, ଜେଜେମାଁ, ମଝିଆ ସାଥୀ, ମଝିଆ ଜେଜେମା', ସାନସାଥୀ, ସାନଜେମାଁ, ଆମବାପା, ଆମ ମମି, ବାପା, ମମି, ବଡ଼ଅପା, ବଡ଼ମାମୁ, କୁଆର ଆଈା, ସାନଅପା, ମୁନା, ଲୁନା, ଟିନା, ମୁକେଶ, ବସୁମତି, ରୋଜି, ରାକ୍ଷୀ, ରେଖା, ରିମା, ଲକ୍ଷ୍ମୀ, ଶକ୍ତି, ଝିଲି, ରାଜା, ଅଜା, ଆଈ।
ଧ-୨୨୫୦୧





Newly open Asribada Panchakarma herbal SPA Kesarimall, Bhubaneswar. Contact: 8926173473. D-74608

**Full body massage by smart I expert therapist @ 999 only. 9078484455.** D-73666

Relax, Refresh your Body, Mind at Saikrupa Spa with best therapies. 8984068077. D-2230

Newly open Spa positively health benefit with expert. Contact: 7749976301. D-74501

Newly open health benefits SPA special offer@999/-, Nayapalli. 7846814019. D-73667



BUSINESS

For Housing, Purchase of plot, Mortage, Top up, Business and personal loan for whole Odisa from Nationalised Bank. 8249291173. D-2206

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ମନେ ପଡ଼ନ୍ତି**

**ଅଷ୍ଟମ ଶ୍ରାଦ୍ଧବାର୍ଷିକୀ**



**ଏଚକ୍ରଧର ନନ୍ଦ**
ରାଣୀପଡ଼ା, ସାଲେପୁର
ଆବିର୍ଭାବ: ୧୬।୦୩।୧୯୩୪
ତିରୋଧାନ: ୧୨।୧୨।୨୦୧୪
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରଣାମ ଜଣାଉଛୁ।
**ଶୋକସନ୍ତପ୍ତ: ବନ୍ଧୁ ଓ ପରିବାରବର୍ଗ।**
ଧ-୨୨୩୨

# ଲୋଇସିଂହା ବିଧାୟକଙ୍କ ଗାଡ଼ିକୁ ଅଣ୍ଡାମାଡ଼



ବିଧାୟକଙ୍କ ଗାଡି ସମ୍ମୁଖରେ ବିଜେଡି କର୍ମୀମାନେ ଭାଜପା କର୍ମୀଙ୍କୁ ମାରପିଟ କରୁଛନ୍ତି।

**■ ପୋଲିସ ସମ୍ମୁଖରେ ଭାଜପା କର୍ମୀଙ୍କୁ ପିଟିଲେ ବିଜେଡି କର୍ମୀ**
**■ ୪ ବିଜେଡି କର୍ମୀଙ୍କ ବିରୋଧରେ ମାମଲା ରୁଜୁ**
**■ ଚାଷୀଙ୍କ ଧାନଲୁଟ୍‌ରେ ବିଜେଡି ସାମିଲ: ବିଧାୟକ**

**ବଲାଙ୍ଗୀର ଅଫିସ, ୧୩।୧୨**

ବଲାଙ୍ଗୀର ଜିଲା ପୁଇଁତଲା ମଣ୍ଡି(ପାକ୍ସ) ପରିଦର୍ଶନରେ ଯିବାବେଳେ ମଙ୍ଗଳବାର ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗଙ୍କ ଗାଡି ଉପରକୁ ଅଣ୍ଡାମାଡ ହୋଇଛି। କେତେଜଣ ବିଜେଡି କର୍ମୀ ବିଧାୟକଙ୍କ ଗାଡ଼ିକୁ ଅଣ୍ଡା ମାଡ଼ କରିବା ସହ ଭାଜପା କର୍ମୀଙ୍କୁ ମାଡ଼ ମାରିଥିବା ନେଇ ପୁଇଁତଲା ଥାନାରେ ଅଭିଯୋଗ ହୋଇଛି। ବିଜେଡି କର୍ମୀଙ୍କ ମାଡରେ ୨ ଭାଜପା କର୍ମୀ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ୪ ବିଜେଡି କର୍ମୀଙ୍କ ନାମରେ ମାମଲା ରୁଜୁ ହୋଇଛି। ଦୁଇ ଅଭିଯୁକ୍ତ ବିଜେଡି କର୍ମୀ ତଥା ପୁଇଁତଲା ପାକ୍ସ ସଭାପତି ସୁରେଶ ନାଏକ ଓ ବିଷ୍ଣୁ ପଟେଲଙ୍କୁ ପୋଲିସ ଅଟକ ରଖିଛି। ଅନ୍ୟ ଦୁଇଜଣ ଭାଗୀରଥି ସେଠ୍ ଓ ଜ୍ଞାନ ଷଡଙ୍ଗୀ ଫେରାର ହୋଇଯାଇଛନ୍ତି। ପୋଲିସ ସେମାନଙ୍କୁ ଖୋଜୁଥିବା ଏସ୍‌ଡିପିଓ ତୋଫାନ ବାଗ ସୂଚନା ଦେଇଛନ୍ତି।

ମଙ୍ଗଳବାର ପୂର୍ବାହ୍ନରେ ବିଧାୟକ ଡ. ମହାଲିଙ୍ଗ ଏହି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗାଁରେ ଥିବା ମଣ୍ଡି ପରିଦର୍ଶନ ସକାଶେ ବାହାରିଥିଲେ। ଭାଲେର ମଣ୍ଡି ପରିଦର୍ଶନ ଏବଂ ଭାଲେର-କୁରୁଲ ପୋଲ ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଯିବାବେଳେ କେତେଜଣ ବିଜେଡି କର୍ମୀ ବିଧାୟକଙ୍କ ଗାଡ଼ି ସମ୍ମୁଖକୁ ଆସି କଳା ପତାକା ପ୍ରଦର୍ଶନ କରିଥିଲେ। ଜଣେ ପୂର୍ବତନ ବିଜେଡି ମନ୍ତ୍ରୀଙ୍କ ନାଁ ଉଚ୍ଚାରଣ କରି କୌଣସି ପରିସ୍ଥିତିରେ ବିଧାୟକଙ୍କୁ ପୋଲ ଭିତ୍ତିପ୍ରସ୍ତର ସ୍ଥାପନ କରିବାକୁ ଦିଆଯିବ ନାହିଁ ବୋଲି କହିଥିଲେ। ଏହାପରେ ପୋଲିସ ସୁରକ୍ଷାରେ ବିଧାୟକ ସେଠାରୁ ଭାଲେର ଯାଇ ମଣ୍ଡି ପରିଦର୍ଶନ ଏବଂ ପୋଲ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ବିଧାୟକ ମହୀମୁଣ୍ଡା, ପଥର୍ଲା, ଦଶପୁର, ଛତାପିପଲ, ବଇରାସର ମଣ୍ଡି ପରିଦର୍ଶନ କରି ପୁଇଁତଲା ମଣ୍ଡିକୁ ଆସିଥିଲେ। ସେଠାରେ ମଣ୍ଡି ଭିତରକୁ ଯିବାବେଳେ ମଣ୍ଡି ସଭାପତି ତଥା ବିଜେଡି କର୍ମୀ ସୁରେଶ ନାଏକ, ବିଷ୍ଣୁ ପଟେଲ, ଜ୍ଞାନ ଷଡଙ୍ଗୀ ବିଧାୟକଙ୍କ ଗାଡି ଉପରକୁ ଅଣ୍ଡାମାଡ କରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଭାଜପା କର୍ମୀ ଦ୍ୱିତୀକୃଷ୍ଣ ସେଲ୍‌ମା ଓ ବିବେକାନନ୍ଦ ପଟେଲଙ୍କୁ ବିଧାୟକ ଏବଂ ପୋଲିସ ସାମ୍ନାରେ ବିଜେଡି କର୍ମୀମାନେ ମାଡ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ଥାନାରେ ଏକ ମାମଲା (୩୦୪/୨୨) ରୁଜୁ କରିଛି।

ଏହି ଘଟଣାକୁ ନେଇ ବିଧାୟକ ମହାଲିଙ୍ଗ ଏକ ଖବରଦାତା ସମ୍ମିଳନୀ ଡାକି ବିଜେଡି କର୍ମୀଙ୍କ ଗୁଣ୍ଡାଗର୍ଦ୍ଦି, ଭାଜପା କର୍ମୀଙ୍କୁ ମାଡ ଏବଂ ତାଙ୍କୁ ଦୁର୍ବ୍ୟବହାର ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଏହି ଘଟଣାରୁ ଚାଷୀଙ୍କୁ ଧାନ ଲୁଟ୍ ପ୍ରକ୍ରିୟାରେ ବିଜେଡି ସରକାର ସାମିଲ ଥିବା ସ୍ପଷ୍ଟ ହୋଇଛି ବୋଲି ସେ କହିଛନ୍ତି। ମଣ୍ଡିରେ କୁଇଣ୍ଟାଲ ପିଛା ୪ରୁ ୮ କେଜି କଟନି ଛଟନି କରାଯାଉଥିବା, ମଣ୍ଡି ହ୍ୟାଣ୍ଡିଲିଂ ମିଲର୍ସମାନେ କରୁଥିବା, ବସ୍ତା ଓ ସୁତଲି ଟଙ୍କା ଚାଷୀଙ୍କ ଲୁଟ୍ କରାଯାଉଥିବା ଅଭିଯୋଗ କରିଛନ୍ତି। ଏହି ସବୁ ଘଟଣାରେ ବିଜେଡି କର୍ମୀ, ନେତା, ମିଲର୍ସ ଏବଂ ସରକାରୀ ବାବୁମାନେ ସାମିଲ ଅଛନ୍ତି ବୋଲି ସେ କହିଛନ୍ତି। ଜଣେ ବିଧାୟକ ମଣ୍ଡି ପରିଦର୍ଶନରେ ଯିବାବେଳେ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା, ଅଣ୍ଡାମାଡ କରିବା ଏବଂ ଭାଜପା କର୍ମୀଙ୍କୁ ମାଡ ମାରିବା ସରକାରୀ ଦଳର ଗୁଣ୍ଡାଗର୍ଦ୍ଦି ଏବଂ ଧାନକିଣା ଲୁଟ୍ ପ୍ରକ୍ରିୟାରେ ସାମିଲକୁ ପଦାରେ ପକାଇଛି ବୋଲି ସେ କହିଛନ୍ତି। ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭାଜପା ନେତା ଅନନ୍ତ ଦାଶ, ସମିତି ସଭ୍ୟ ରାଜକିଶୋର ନାଏକ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଭାଜପା ଚାଷୀଙ୍କ ନ୍ୟାଯ୍ୟ ଦାବିକୁ ନେଇ ଆନ୍ଦୋଳନ ଜୋର୍‌ଦାର କରିବ ବୋଲି ବିଧାୟକ କହିଛନ୍ତି।

# ବଚସାରୁ ହତ୍ୟା, ଅଭିଯୁକ୍ତଙ୍କ ହୋଟେଲ ଜାଳିଦେଲେ

**ବରଗଡ଼ ଅଫିସ୍, ୧୩।୧୨**

ବରଗଡ଼ ଜିଲା ଭଟଲି ଥାନା ଅନ୍ତର୍ଗତ ଖେଦାପାଲି(ଟୁକୁର୍ଲା)ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ସୋମବାର ବିଳମ୍ବିତ ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାମାନ୍ୟ ବଚସାରୁ ଠେଙ୍ଗାରେ ଆକ୍ରମଣ କରିବାରୁ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଟୁକୁର୍ଲା ଗ୍ରାମର ରାମଚନ୍ଦ୍ର ଭୋଇ। ପୋଲିସ ମୃତଦେହକୁ ଜବତ କରି ବରଗଡ଼ ଡାକ୍ତରଖାନା ଶବ ସଂରକ୍ଷଣ ଗୃହରେ ରଖିଛି। ଅନ୍ୟପକ୍ଷେ ଉକ୍ତ ହତ୍ୟାକାଣ୍ଡକୁ ନେଇ ତୁମୁଳକାଣ୍ଡ ଘଟିଛି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତ ଟୁକୁର୍ଲା ନିବାସୀ ଆର୍ତ୍ତବନ୍ଧୁ ବନଛୁରଙ୍କ ହୋଟେଲକୁ ନିଆଁ ଲଗାଇ ଜାଳି ଦେଇଛନ୍ତି। ଏହି ଘଟଣାକୁ ନେଇ ଚାପା ଉତ୍ତେଜନା ଲାଗି ରହିଥିବାରୁ ସେଠାରେ ବ୍ୟାପକ ପୋଲିସ ମୁତୟନ ଅଛନ୍ତି। ଅନ୍ୟପଟେ ମୃତକଙ୍କ ସମ୍ପର୍କୀୟ ଭାଇ ସୁବାସ ଚନ୍ଦ୍ର ପ୍ରଧାନଙ୍କ ଏତଲା କ୍ରମେ ଭଟଲି ପୋଲିସ ଦଫା ୩୦୨, ୩୪ ଆଇପିସିରେ ଏକ ମାମଲା (ନଂ.୨୬୯/୨୨) ରୁଜୁ କରି ଅଭିଯୁକ୍ତ ଆର୍ତ୍ତବନ୍ଧୁଙ୍କୁ ଅଟକ ରଖି ପଚରାଉଚୁରା କରୁଛି ।

ପୋଲିସ ସୂଚନା ଅନୁସାରେ, ଖେଦାପାଲି(ଟୁକୁର୍ଲା)ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ରାମଚନ୍ଦ୍ରଙ୍କ ଏକ ପାନ ଦୋକାନ ଥିବାବେଳେ ସେହି ଦୋକାନ ନିକଟରେ ଅଭିଯୁକ୍ତ ଆର୍ତ୍ତବନ୍ଧୁଙ୍କ ଏକ ହୋଟେଲ ରହିଛି। ମଙ୍ଗଳବାର ଆର୍ତ୍ତବନ୍ଧୁ ଅନୁପସ୍ଥିତ ଥିବାବେଳେ କୌଣସି କାରଣରୁ ତାଙ୍କ ପରିବାର ଲୋକଙ୍କ ସହିତ ରାମଚନ୍ଦ୍ରଙ୍କ କଳିଗୋଳ ଲାଗିଥିଲା। ଆର୍ତ୍ତବନ୍ଧୁ ଘରକୁ ଫେରିବା ପରେ ପୁଣି ରାମଚନ୍ଦ୍ର ଓ ତାଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଆର୍ତ୍ତବନ୍ଧୁ ଉତ୍ତେଜିତ ହୋଇ ରାମଚନ୍ଦ୍ରଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ଘଟଣାସ୍ଥଳରେ ରାମଚନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା ।

ରାମଚନ୍ଦ୍ରଙ୍କ ମୃତ୍ୟୁ ହେବା ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ପ୍ରାୟ ଶହେ ମିଟର ଦୂର ଧାନବିଲରେ ମୃତଦେହକୁ ଫିଙ୍ଗି ଦେଇଥିଲେ। ମଙ୍ଗଳବାର ସେଠାରେ ରାମଚନ୍ଦ୍ରଙ୍କ ମୃତଦେହ ଦେଖି ସ୍ଥାନୀୟ ଲୋକେ ତାଙ୍କ ପରିବାର ଏବଂ ଭଟଲି ଥାନାକୁ ଖବର ଦେଇଥିଲେ। ତେବେ ଘଟଣାସ୍ଥଳରୁ ମୃତଦେହ ଉଦ୍ଧାର ହେବା ପୂର୍ବରୁ ଉତ୍ତେଜିତ ଲୋକେ ଅଭିଯୁକ୍ତ ଆର୍ତ୍ତବନ୍ଧୁଙ୍କ ହୋଟେଲରେ ନିଆଁ ଲଗାଇଥିଲେ। ଫଳରେ ସେଠାରେ ଥିବା ଏକ ବାଇକ୍, ଗ୍ୟାସ୍ ଚୂଲା ଏବଂ ଅନ୍ୟ ଆସବାବପତ୍ର ସହିତ ହୋଟେଲ ଜଳି ଯାଇଥିଲା। ଏହାସହିତ ପାଖରେ ରହିଥିବା ଅନ୍ୟ ଏକ ହୋଟେଲକୁ ମଧ୍ୟ ନିଆଁ ବ୍ୟାପି ତାହା କ୍ଷତିଗ୍ରସ୍ତ ହୋଇଥିଲା। ଖବର ପାଇ ବରଗଡ଼ ଏସ୍‌ଡିପିଓ ଅମ୍ରିତ କୁମାର ପଣ୍ଡା, ଭଟଲି ଥାନାଧିକାରୀ ରଞ୍ଜିତ ନାଏକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି।

# ମାଳି ପର୍ବତ ଲିଜ୍ ନେଇ ପୁଣି ହେବ ଜନଶୁଣାଣି



ଖବରଦାତା ସମ୍ମିଳନୀରେ ମାଳି ପର୍ବତ ସୁରକ୍ଷା ସମିତିର କର୍ମକର୍ତ୍ତା।

**ସେମିଳିଗୁଡା/ସୁନାବେଡା, ୧୩।୧୨(ସ୍ୱ.ପ୍ର.)**

ମାଳି ପର୍ବତ ବକ୍ସାଇଟ୍ ଖଣି ଲିଜ୍ ପାଇଁ ପୁଣି ଥରେ ଜନଶୁଣାଣି ହେବ। ଏନେଇ ଗତ ଗୁରୁବାର ହାଇକୋର୍ଟ ପରିବେଶ ମଞ୍ଜୁରୀ ପାଇଁ ହୋଇଥିବା ଆବେଦନର ବିଚାର କରି ଏହି ରାୟ ଦେଇଛନ୍ତି। ଏନେଇ ହୋଇଥିବା ଜନଶୁଣାଣିକୁ ଚ୍ୟାଲେଞ୍ଜ କରି ଉକ୍ତ ଅଞ୍ଚଳର ନିରଞ୍ଜନ ଖିଲ ଓ ଅନ୍ୟ କେତେଜଣ ବ୍ୟକ୍ତି ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାର ଶୁଣାଣି କରି ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାରୀ ଶ୍ରୀରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ୭ତାରିଖରେ ଶୁଣାଣି ପାଇଁ ଧାର୍ଯ୍ୟ କରିଛନ୍ତି। ଏଥିସହ ଆସନ୍ତା ଜାନୁୟାରୀ ୧୫ ମଧ୍ୟରେ ସମସ୍ତ ପ୍ରକ୍ରିୟା ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣିରେ ଜିଲାର ଜଜ୍ ଓ ଆଇନ ସେବା ପ୍ରାଧିକରଣ ସଚିବ ପର୍ଯ୍ୟବେକ୍ଷକ ଭାବେ ରହିବା ନେଇ ରାୟରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ ସମସ୍ତ କାର୍ଯ୍ୟ ପୂର୍ବାହ୍ନ ୧୧ସୁଦ୍ଧା ଶେଷ କରିବା, ସମସ୍ତ ଗ୍ରାମବାସୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବା ଏବଂ ସବୁ କାର୍ଯ୍ୟର ଭିଡିଓଗ୍ରାଫି କରିବା ଜରୁରୀ ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି। ଖଣ୍ଡପୀଠଙ୍କ ଏପରି ରାୟକୁ ଗ୍ରାମବାସୀ ସ୍ୱାଗତ କରିଛନ୍ତି। ଏନେଇ ମାଳି ପର୍ବତ ସୁରକ୍ଷା ସମିତି ଉପଦେଷ୍ଟା ଦାଶି ନନ୍ଦିବାଲି କହିଛନ୍ତି, ସରକାର ପ୍ରଥମେ ଏଠାକାର ଭୂମିହୀନ ଆଦିବାସୀଙ୍କୁ ଜମିପଟ୍ଟା ଦିଅନ୍ତୁ ପରେ ଖଣିମାଲିକଙ୍କ କଥା ଚିନ୍ତା କରନ୍ତୁ। ବୈଠକରେ ଚୈତନ୍ୟ ନନ୍ଦିବାଲି, ନିରଞ୍ଜନ ଖିଲ, ଦଳେଇଗୁଡା ସରପଞ୍ଚ ମହାଲକ୍ଷ୍ମୀ ଜାନି, ଭକ୍ତ ପଟ୍ଟନାୟକ, ମଙ୍ଗୁଟୁ ଜାନି, ପଦଲାମ ନାୟକ,ମୋତି କୋଡ଼ିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ମାଳି ପର୍ବତ ଲିଜ୍ ନେଇ ପୂର୍ବରୁ ୨୧।୯।୨୧,୨୨।୧୧।୨୧ରେ ୨ଥର ଜନଶୁଣାଣି ହୋଇଛି। ପ୍ରଥମ ଜନଶୁଣାଣି ବେଳେ ଶୁଣାଣି ସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ପରେ ପ୍ରଶାସନର କଡା ସୁରକ୍ଷା ବଳୟରେ ଦ୍ୱିତୀୟ ଥର ଶୁଣାଣି ହୋଇଥିଲେ ମଧ୍ୟ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇପାରି ନ ଥିଲା।

# କେନାଲ ଭିତରକୁ ଓଲଟିଲା ଧାନ ବୋଝେଇ ଗାଡ଼ି

## ୨ ମୃତ, ୨ ଗୁରୁତର

**ମାଲକାନଗିରି, ୧୩।୧୨(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କାମବେଡ଼ା ପଞ୍ଚାୟତ ଟିମିଟାପାଲି ଗ୍ରାମ ନିକଟରେ ଏକ ଧାନ ବୋଝେଇ ୪୦୭ ଗାଡ଼ି ମଙ୍ଗଳବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ୨ଜଣଙ୍କ ମୃତ୍ୟୁ ହୋଇଯାଇଛି। ଏଥିରେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ କାଣ୍ଡିକୁଣ୍ଡା ଗ୍ରାମର ମୁକା ମାଢି ଓ କାମବେଡା ଗ୍ରାମର ମୁକା ମାଡକମି। ଖବରରୁ ଜଣାପଡ଼ିଛି, କୋରୁକୋଣ୍ଡା ବ୍ଲକର ଟିମିଟାପାଲିରୁ ୫୦ରୁ ଊର୍ଦ୍ଧ୍ୱ ବସ୍ତା ଧାନ ଧରି ଗାଡ଼ିଟି ଆସୁଥିବା ବେଳେ କାମବେଡା ପଞ୍ଚାୟତ ଅଫିସ ନିକଟରେ ଭାରସାମ୍ୟ ହରାଇ ଏକ କେନାଲ ଭିତରକୁ ଓଲଟି ପଡିଥିଲା। ଫଳରେ ଡ୍ରାଇଭରଙ୍କ ସମେତ ୨ଜଣ ଗୁରୁତର ହୋଇଥିଲେ। ଘଟଣାସ୍ଥଳରେ ମାଢି ଓ ମାଡକମିଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଉଦ୍ଧାର କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ମୃତକ ଓ ଆହତମାନେ ଶ୍ରମିକ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ମାଲକାନଗିରି ପୋଲିସ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି।



କେନାଲ ଭିତରକୁ ଖସିପଡ଼ିଥିବା ଧାନ ବୋଝେଇ ଗାଡ଼ି।

# ଅତ୍ୟାଧୁନିକ ୨୯୦ ସିରିଜ୍ ଜୁମ୍ କଲୋନୋସ୍କୋପି ସେବା ଆରମ୍ଭ

**ଭୁବନେଶ୍ୱର, ୧୩।୧୨(ବ୍ୟୁରୋ)**



ଡା. ଆଶୁତୋଷ ମହାପାତ୍ର

ଭୁବନେଶ୍ୱର ସ୍ଥିତ ସାଇ ଇନଷ୍ଟିଚ୍ୟୁଟ୍ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଆଣ୍ଡ ଲିଭର ସାଇନ୍ସରେ ୨୯୦ ସିରିଜ୍‌ର ଅତ୍ୟାଧୁନିକ ଜୁମ୍ କଲନୋସ୍କୋପି ସେବା ଆରମ୍ଭ ହୋଇଛି। ପ୍ରଖ୍ୟାତ ପେଟ ଓ ଲିଭର ରୋଗ ବିଶେଷଜ୍ଞ ଡାକ୍ତର ଆଶୁତୋଷ ମହାପାତ୍ରଙ୍କ ବ୍ୟକ୍ତିଗତ ଉଦ୍ୟମରେ ଏଭଳି ଏକ ଅତ୍ୟାଧୁନିକ କଲୋନୋସ୍କୋପି ସେବା ସମ୍ଭବପର ହୋଇଛି। ଏହା ହେଉଛି ସବୁଠାରୁ ଉନ୍ନତମାନର କଲନୋସ୍କୋପ୍ ଏବଂ ଦେଶ ଭିତରେ ବହୁ କମ୍ ସଂଖ୍ୟକ ହସ୍ପିଟାଲରେ ଏହା ଉପଲବ୍ଧ ହୋଇପାରିଛି। ଏହି ପରୀକ୍ଷଣ ଦ୍ୱାରା ଲାର୍ଜ ଇଣ୍ଟେଷ୍ଟିନ୍ ବା ବୃହଦନ୍ତ୍ରର ଅନେକ ରୋଗ ଯଥା କୋଲୋନିକ୍ ପଲିପ୍, ଟ୍ୟୁମର, କୋଲନ କ୍ୟାନସର୍ ଏବଂ ପ୍ରିମାଲିଜନାଣ୍ଟ କୋଲନ ପଲିପ୍ ପ୍ରଭୃତି ରୋଗ ପ୍ରାରମ୍ଭିକ ଅବସ୍ଥାରୁ ନିରୂପିତ ହୋଇଥାଏ। ପଲିପ୍‌ର ସୂକ୍ଷ୍ମାତିସୂକ୍ଷ୍ମ ରକ୍ତବାହି ଧମନୀ ତଥା ଏହାର ପୃଷ୍ଠ ଭାଗକୁ ସମ୍ପୂର୍ଣ୍ଣ ସ୍ପଷ୍ଟଭାବେ ଦେଖିହୁଏ। ଏହାଦ୍ୱାରା ଶଲ୍ୟ ଚିକିତ୍ସା ହେବ ନା ନାହିଁ ତାହା ଜଣାପଡିଯାଏ। ଗତ ୨୦ ଦିନ ମଧ୍ୟରେ ଏହି ଉପକରଣ ଦ୍ୱାରା ଶତାଧିକ ରୋଗୀ ଉପକୃତ ହେଲେଣି। ଡାକ୍ତର ଆଶୁତୋଷ ଏହି ସମ୍ବନ୍ଧରେ ଜାପାନର ଟୋକିଓ ସ୍ଥିତ ନ୍ୟାସନାଲ କ୍ୟାନସର୍ ଇନଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାସନାଲ କ୍ୟାନସର ଇନଷ୍ଟିଚ୍ୟୁଟ୍‌ରେ ସମ୍ପୂର୍ଣ୍ଣ ପ୍ରଶିକ୍ଷଣ ନେଇଛନ୍ତି।

# ପାରିବାରିକ କଳହରୁ ସ୍ତ୍ରୀଙ୍କୁ ହତ୍ୟା କଲେ ସ୍ୱାମୀ

**ଦଶମନ୍ତପୁର, ୧୩।୧୨( ଡି.ଏନ.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ଖମ୍ବପୋଡ଼ା ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ସ୍ୱାମୀ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ଏହି ଘଟଣା ସାଧାରଣରେ ଆଲୋଡନ ଖେଳାଇ ଦେଇଛି। ଖବରରୁ ଜଣାପଡ଼ିଛି, ରବିବାର ରାତି ୮ଟାରେ ସ୍ୱାମୀ ହରି ଚଲାଣ ଘରକୁ ଆସିବା ପରେ କୌଣସି କାରଣରୁ ତାଙ୍କ ସ୍ତ୍ରୀ ଗୋମତି (୨୮)ଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ହରି ଗୋମତିଙ୍କ ପେଟ ଓ ଛାତିକୁ ବାରମ୍ବାର ପିଟି ଆଘାତ ଦେଇଥିଲେ। ଫଳରେ ଯନ୍ତ୍ରଣାରେ ଛଟପଟ ହୋଇ ଗୋମତି ଗୁରୁତର ହୋଇପଡିଥିଲେ। ତାଙ୍କର ଏଭଳି ଅବସ୍ଥା ଦେଖି ହରି ଭଉଣୀ ମାମି ଜାନିଙ୍କୁ ଖବର ଦେଇଥିଲେ। ଘଟଣା ସମ୍ପର୍କରେ ଗୋମତିଙ୍କ ସମ୍ପର୍କୀୟ ଭାଇ ତ୍ରିନାଥ ଜାନି ଓ ଡୁଡୁ ଜାନି ଦଶମନ୍ତପୁର ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ଥାନା ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତି ଏକ ଟିମ୍ ଗଠନ କରି ଅଭିଯୁକ୍ତ ହରିଙ୍କୁ କାବୁ କରି ଗିରଫ କରିଥିଲେ। ଥାନା ଅଧିକାରୀ ଓ ସାଇଣ୍ଟିଫିକ ଟିମ ମଙ୍ଗଳବାର ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଅତିରିକ୍ତ ଭାରପ୍ରାପ୍ତ ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ସୌମିତ୍ର ଦଳାଇ ଏବଂ ଡାକ୍ତର ଦିଗ ବିଜୟ ସିଂ କହିଛନ୍ତି। ଅନ୍ୟପକ୍ଷରେ ଗୋମତିଙ୍କ ମୃତ୍ୟୁ ପରେ ତାଙ୍କ ୩ ସନ୍ତାନ ନିର୍ମଳା (୧୩), ଡମ (୩) ଏବଂ ୬ ମାସର ଶିଶୁ କନ୍ୟା ବେସାହାରା ହୋଇପଡିଛନ୍ତି। ସେମାନଙ୍କ ଲାଳନପାଳନ ନେଇ ଜେଜେ ମା' ପର୍ଣ୍ଣି ଜାନି ଚିନ୍ତାରେ ପଡିଛନ୍ତି। ଏହି ୩ ଶିଶୁଙ୍କୁ ପ୍ରଶାସନ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସେକ୍ ଜିଲାଲିଙ୍କୁ ପଳାତକ ଘୋଷଣା

## ଗିରଫ ପରୱାନା ଜାରି କଲା ପ୍ରଶାସନ

**ଚିତ୍ରକୋଣ୍ଡା, ୧୩।୧୨(ଡି.ଏନ.ଏ.)**

ବାରମ୍ବାର କୋର୍ଟ ନୋଟିସ୍‌କୁ ଅବମାନନା କରି ନିର୍ଦ୍ଧାରିତ ତାରିଖରେ କୋର୍ଟରେ ହାଜର ହେଉ ନ ଥିବାରୁ ମାଲକାନଗିରି ଜିଲା ଦୌରା ତଥା ସ୍ୱତନ୍ତ୍ର ଜଜ୍‌ଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଚିତ୍ରକୋଣ୍ଡା ଏସ୍‌ଡିପିଓ ଆର୍ସେଲ କିସପୋଟାଙ୍କ ନେତୃତ୍ୱରେ ସେକ୍ ଜିଲାଲି (୨୪)ଙ୍କୁ ପଳାତକ ଘୋଷଣା କରାଯାଇଛି। ତାଙ୍କୁ ଗିରଫ କରିବା ଲାଗି ଗିରଫ ପରୱାନା ଜାରି କରାଯାଇଛି।

ଖବରରୁ ଜଣାପଡିଛି ଜିଲାଲ ଗଞ୍ଜେଇ ଚୋରାଚାଲାଣରେ ସମ୍ପୃକ୍ତ ଥିଲେ। ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ମାତ୍ର କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ସେ ପରବର୍ତ୍ତୀ ସମୟରେ କୋର୍ଟରେ ହାଜର ହେଉ ନ ଥିଲେ। ଫଳରେ ଏନେଇ ଥାନା ଅଧିକାରୀ ଅନିଲ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଚିତ୍ରକୋଣ୍ଡା ସମିତିସଭ୍ୟ ରାଜକମଲ ପୁରୋହିତ ଏବଂ ମାର୍କେଟ ଲାଇନର ଗ୍ରାମବାସୀଙ୍କ ଉପସ୍ଥିତିରେ ଜିଲାଲିଙ୍କ ଘର କାନ୍ଥରେ ପଳାତକ ନୋଟିସ ମରାଯାଇ ଡାକବାଜି ଯନ୍ତ୍ର ମାଧ୍ୟମରେ ତାଙ୍କୁ ପଳାତକ ଘୋଷଣା କରାଯାଇଥିଲା। ତାଙ୍କୁ ଗିରଫ ପାଇଁ ଗିରଫ ପରୱାନ ଜାରି କରାଯାଇଛି। ମଙ୍ଗଳବାରଠାରୁ ଧାର୍ଯ୍ୟ ତାରିଖ ମଧ୍ୟରେ କୋର୍ଟରେ ଜଲାଲି ହାଜର ନ ହେଲେ ତାଙ୍କର ଥିବା ସମସ୍ତ ସମ୍ପତ୍ତିକୁ ଆଇନ ଅନୁଯାୟୀ ବାଜ୍ୟାପ୍ତ କରାଯିବ ବୋଲି କୋର୍ଟ ପ୍ରକାଶ କରିଛନ୍ତି। ଜିଲାଲିଙ୍କ ନାମରେ ଏନଡିପିଏସ୍ କେସ ନମ୍ବର ୧୧୮/୨୦୨୦ରେ ଏକ ମାମଲା ରହିଛି। ସେବେଠାରୁ ସେ ଫେରାର ରହି କୋର୍ଟ ନିର୍ଦ୍ଦେଶକୁ ଅବମାନନା କରି ଆସୁଥିଲେ। କେବଳ ଜିଲାଲି ନୁହନ୍ତି ଏନଡିପିଏସ ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଚିତ୍ରକୋଣ୍ଡା ଥାନା ଅଞ୍ଚଳର ଅଭିଯୁକ୍ତମାନଙ୍କୁ ପଳାତକ ଘୋଷଣା କରାଯାଇ ଗିରଫ ପରୱାନା ଜାରି କରାଯିବ ବୋଲି ଥାନା ଅଧିକାରୀ ପରିଡ଼ା କହିଛନ୍ତି।



MALKANGIRI
FORM NO. (M) 28
PROCLAMATION REQUIRING THE APPEARANCE OF A PERSON ACCUSED
(Section 82 of the Criminal Procedure Code)


## OFFICE OF THE PANCHAYAT SAMITI, KHAPRAKHOL, DIST.: BALANGIR

No. i-268

### INVITATIONS FOR TENDER

Tender Call Notice No. 04/Khaprakhol/2022-23, Dated: 01.11.2022

No. 3294 Date: 01.11.2022

| Sl. No. | Name of Work | Amount Put to Tender (Rs.) | Bid Security 1% EMD (Rs.) | Cost of Document (Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Dismantling & Recasting of Roof & Renovation & Electrification of Rooms of Jatriniwas near Harishankar under Khaprakhol Block | 20,00,000/- | Bid Security declaration should be furnished as per attached format (Annexure - V) | 6,000/- | D & C | 6 (Six) Calendar Months |

Details can be seen from: (http://www.bolangir.nic.in) and last date of submission 5.00 P.M. of Dt.15.12.2022.

OIPR-19161/11/0002/2223 Sd./- Block Dev. Officer, Khaprakhol

## GOVERNMENT OF ODISHA

No. O-1424

### OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BALASORE

Letter No. 4475 **e Procurement Notice** Date: 02.12.2022

1. Name of the Work : "Building Work"
2. Estimated Cost : Rs.128.58 lakhs to 132.14 lakhs (Approximate)
3. Time for Completion : 09 (Nine) Calendar Months including rainy season
4. No. of Work : 07 (Seven) Nos.
5. Summary for key dates is provided below :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No. 361 | Dt.14.12.2022 at 11.00 A.M. | Dt.29.12.2022 upto 5.00 P.M. | Dt.28.12.2022 upto 5.00 P.M. | Dt.30.12.2022 at 11.00 A.M. | Will be intimated later |

Further details can be seen from the website: **www.tendersodisha.gov.in**.
Any other changes/corrigendums may be seen only in website **www.tendersodisha.gov.in**.

Sd./- Er. S.K. Mishra
Chief Construction Engineer, Rural Works Circle, Balasore
OIPR-25105/11/0047/2223

## SCHOOL OF AUTISM

A Unit of Margdarsi, Institute of Health Sciences
Chandaka, Bhubaneswar - 751024, www.jhsindia.org

### ADVERTISEMENT FOR RECRUITMENT

No. n-76: Applications are invited from eligible candidates for recruitment of teaching staff in the special school run under the Management of Margdarsi under Grant-in-Aid fold of SSEPD Department, Govt. of Odisha. The School vacancy position, requied qualification and consolidated salary details are given in the table below. Selection process shall be carried out as per norms and guidelines of SSEPP Department, Govt. of Odisha. Desirous candidates may apply along with complete Bio-data with qualification documents, Passport size photo etc. so as to reach the undersigned before 18th December, 2022 by 5.00 P.M. sharp.

| Sl. No. | Type of Post as per Govt. Yardstick | No. of Vacancies | Requisite Qualifications | Scale of Pay (Consolidated) |
|---|---|---|---|---|
| 01 | Asst. Teacher Trained Intermediate (TI) | 01 | +2/its equivalent and Diploma in concerned stream, i.e. (M.R.), Autism & CP | 5200 - 20200 Grade Pay - 2800 |
| 02 | Occupational Therapist (Asst. Teacher) | 01 | Bachelor of Occupational Therapy | 5200 - 20200 Grade Pay - 2200 |

* Preference may be given to experienced candidates.
Send your Bio-data in the following mail: **autismschool@margdarsi.org / principalautismschool@gmail.com.**
**Contact Person No.: 9439803135, Principal, School for Autism.**
OIPR-27082/11/0001/2223

## ODISHA STATE CIVIL SUPPLIES CORPORATION LTD.

(A Govt. of Odisha Undertaking)
REGISTERED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel. No. : 0674-2395391, Fax No.: 0674-2395291, Website : www.oscsc.in

**Tender No. 17772 OSCSC/GUNNY/02/22-23** Dt.13.12.2022

Managing Director, Odisha State Civil Supplies Corporation Ltd., invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the work | Selection and appointment of Handling & Transport contractors for handling and transportation of new gunny bales to be supplied by jute mills located in West Bengal (Kolkata) from receiving rail heads (Odisha) to designated base depots located in different districts in the state of Odisha. |
| 2 | Availability of bid document in the portal | From Date **14.12.2022** Downloadable from website: **www.oscsc.in, www.foododisha.in & www.tendersodisha.gov.in** |
| 3 | Date & time of pre-bid conference | **Dt. 16.12.2022 at 4.30 PM** |
| 4 | Last Date and Time for receipt of bids in the portal | Through e-Procurement Portal: www.tendersodisha.gov.in up to **5.00 PM of dt. 20.12.2022** |
| 5 | Date/Time of Opening of Technical Bid | **Dt. 21.12.2022 at 11.30 AM** |
| 6 | Name and address of the Officer Inviting Tender | Managing Director, **OSCSC Ltd., C/2 Nayapalli, Bhubaneswar,** |

Tender Documents & other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in**. Amendments / corrigendum / cancellation / retenders etc. if any shall be published only in above websites.

**By Order of Managing Director**
**Sd/- Manager (Accounts)**

## GOVERNMENT OF ODISHA

No. B-963

### E-Procurement Notice

### OFFICE OF THE SUPERINTENDING ENGINEER, SONEPUR (R&B) DIVISION, SONEPUR

E-mail: eepwdsnpr@gmail.com, Phone: 06654-221081
BID IDENTIFICATION No. SE/R&B/SNPR/22/2022-23

No. 5119 Dt.08.12.2022

1. The **Superintending Engineer, Sonepur (R&B) Division, Sonepur** on behalf of Governor of Odisha invites **Percentage Rate** bids in **Single Cover System in Online Mode** for construction of Road & Buildings works detailed in the DTCN from the eligible class of contractors.
2. No. of work : 03 (Three)
3. Tender Cost : Rs.6,000/- for Serial No. 1 to 3
4. Class of Contractor : "C" & "B" Class Contractor for Serial No. 1 and 2
 : "D" & "C" Class Contractor for Serial No. 3
5. Date and Time available in website & receipt of Bids : From 10.00 A.M. of 14.12.2022 to 5.00 P.M. of 21.12.2022.
6. Date of Opening of Tender : 22.12.2022 at 11.30 A.M.
7. The bidders have to participate in Online bidding only further details can be seen from the website.
8. Any Corrigendum/Addendum will be displayed in the website **www.tendersodisha.gov.in** only.

Sd./- Superintending Engineer
Sonepur (R&B) Division, Sonepur
OIPR-34081/11/0015/2223

OMC | ODISHA NEW OPPORTUNITIES
Mining Happiness

## ODISHA MINING CORPORATION LIMITED

OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in

### E-auction Notice

**(16.12.2022 – 127th & 128th E-auction)**
**IRON ORE CLO & FINES**

**No.CAD-4100:** The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block – A & B) and Guali, Jilling Langalota, Tiringpahar, Khandbandh, Banspani & Unchabali (Mahaparbat) of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from 11.00 A.M. to 2.00 P.M on 16.12.2022.
For details, please visit the website of MSTC i.e. www.mstcecommerce.com

GENERAL MANAGER (S&M)
OIPR-30005/11/0180/2223

## Forest Department Odisha

### OFFICE OF THE DIVISIONAL FOREST OFFICER JHARSUGUDA FOREST DIVISION

No.MM-339:- Email- dfo.jharsuguda@gov.in, Ph - 06645 - 295040

### TENDER CALL NOTICE

**Tender Call Notice No. 212 Dated. 10.12.2022**

**Sub: - Tender Call Notice for Procurement & Installation of Community Aromatic Oil Extraction Unit (304 SS Type) during 2022-23 under District Mineral Foundation (DMF) during 2022-23 raised in Jharsuguda Forest Division.**

Sealed tenders are invited from reputed Dealer/Manufacturer/Individuals for Procurement & Installation of Community Aromatic Oil Extraction Unit (304 SS Type) as required in Jharsuguda Forest Division during the year 2022-23 so as to reach in the O/o the Divisional Forest Officer, Jharsuguda Forest Division on or before **29.12.2022 up to 05.00 PM.**

The application form of Tender containing Technical Bid & Financial Bid information and terms and conditions for Procurement & Installation of Community Aromatic Oil Extraction Unit (SS Type) will be available from 13.12.2022 to 29.12.2022 in the website www.dfojharsuguda.org on deposit of **Rs.4000/- (Rupees Four Thousand only) in shape of Non-Refundable Demand Draft from any State Bank of India in favour of "Divisional Forest Officer, Jharsuguda Forest Division"** towards Tender Paper Cost in the sealed bid document should be submitted, failing which the bidding in tender process is liable for rejection.

The last date of submission of sealed tender by the Registered / Speed Post / Courier Service / by hand on **29.12.2022 upto 05.00 PM.** The **Technical Bids will be opened on 30.12.2022 at 11.00 AM & Financial Bid will be opened on 31.12.2022 at 11.00 AM** in presence of the bidder or his authorized representatives in the office of the undersigned. The financial bids shall be opened after evaluation of the technical bids by the Tender Selection Committee. Final selection of the bidder shall be done on LI basis based on cost of the Procurement & Installation of Community Aromatic Oil Extraction Unit (304 SS Type). The undersigned reserves the right to reject any or all tender without assigning any reason thereof.

**Sd./- Divisional Forest Officer, Jharsuguda Forest Division**
OIPR-08054/11/0006/2223


See Career Appointment on every Wednesday & Saturday

# ମରକ୍କୋ ଆଗରେ ଫ୍ରାନ୍ସ ଚ୍ୟାଲେଞ୍ଜ

ଦୋହା,୧୩।୧୨(ପି.ଟି.)

ଇତିହାସ ସୃଷ୍ଟି କରିଥିବା ମରକ୍କୋ ଆଗରେ ରହିଛି ଫ୍ରାନ୍ସର ଚ୍ୟାଲେଞ୍ଜ। ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର ଭାବରେ ମରକ୍କୋ ଫିଫା ବିଶ୍ୱକପ୍ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ବୁଧବାର ଡିଫେଣ୍ଡିଂ ଚାମ୍ପିୟନ୍ ଫ୍ରାନ୍ସ ବିପକ୍ଷରେ ମ୍ୟାଚ କଷ୍ଟସାଧ ହେବ। ଲିଓନେଲ ମେସି ଓ କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କ ଉପସ୍ଥିତିରେ ମଧ୍ୟ ସମସ୍ତଙ୍କୁ ପ୍ରଭାବିତ କରିଥିବା ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେଙ୍କ ଉପରେ ସମସ୍ତଙ୍କ ନଜର ରହିବ। ବୁଧବାରର ଦ୍ୱିତୀୟ ସେମିଫାଇନାଲ ଉଭୟ ରାଜନୈତିକ ଓ ସଂସ୍କୃତି ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ୧୯୧୨-୧୯୫୬ ଯାଏ ମରକ୍କୋ ଫରାସୀ ଉପନିବେଶବାଦ ଅଧୀନରେ ରହିଥିଲା। ଏହି କାରଣରୁ ମରକ୍କୋ ଦଳ ଏହି ମ୍ୟାଚରେ ବିଜୟୀ ହେବାକୁ ପ୍ରୟାସ କରିବ। କାତାର ବିଶ୍ୱକପ୍‌ରେ ନିଜ ପ୍ରଦର୍ଶନ ଜରିଆରେ ମରକ୍କୋ ସମସ୍ତଙ୍କୁ ପ୍ରଭାବିତ କରିଛି। ବିଶ୍ୱ ମାନ୍ୟତାର ଦ୍ୱିତୀୟ ସ୍ଥାନରେ ରହିଥିବା ବେଲଜିୟମକୁ ଗ୍ରୁପ୍ ପର୍ଯ୍ୟାୟରେ ପରାସ୍ତ କରିଥିବା ବେଳେ ୟୁରୋପୀୟ ପାୱାର ହାଉସ୍ ତଥା ପୂର୍ବତନ ବିଶ୍ୱ ଚାମ୍ପିୟନ ସ୍ପେନ୍ ଓ ପର୍ତ୍ତୁଗାଲକୁ ହରାଇଥିଲା ଦଳ। ତେବେ ଫ୍ରାନ୍ସ ବିପକ୍ଷରେ ଏହି ଯାତ୍ରା ଏତେ ସହଜ ରହିବ ନାହିଁ। ମରକ୍କୋ ଦଳର କୋଚ୍ ୱାଲିଦ୍ ରେଗ୍ରାଗୁଇ ଫ୍ରାନ୍ସରେ ଜନ୍ମିତ। ୯୨ ବର୍ଷର ଫୁଟବଲ ବିଶ୍ୱକପ୍ ଇତିହାସରେ ମରକ୍କୋ ଦଳ ଇତିହାସ ସୃଷ୍ଟି କରିବାକୁ ଯାଉଛି। ୟୁରୋପୀୟ ଦେଶମାନେ ବିଶ୍ୱକପ୍‌ରେ ନିଜର ଦବଦବା ଜାରି ରଖିଥିବା ବେଳେ ଚଳିତ ବର୍ଷ ମରକ୍କୋ ସମସ୍ତଙ୍କୁ ମାତ ଦେଇଛି। ଚଳିତ ବିଶ୍ୱକପ୍‌ରେ ଆମର ପ୍ରଦର୍ଶନ ପରେ କେବଳ ଫ୍ରାନ୍ସ ନୁହେଁ ବରଂ ସମସ୍ତ ଦଳ ଆମକୁ ଭୟ କରିବେ। ଏପରି କି ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ମଧ୍ୟ ଆମକୁ ଭୟ କରିବ। ଫ୍ରାନ୍ସ ଇଂଲଣ୍ଡ ବିପକ୍ଷ କ୍ୱାର୍ଟରଫାଇନାଲ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ ଷ୍ଟ୍ରାଇକର କିଲିଆନ୍ ଏମ୍‌ବାପେ ବିଫଳ ହୋଇଥିଲେ। ଚଳିତ ବିଶ୍ୱକପ୍‌ରେ ଏମ୍‌ବାପେ ବର୍ତ୍ତମାନ ସୁଦ୍ଧା ୫ ଗୋଲ ସ୍କୋର କରିଥିଲେ ମଧ୍ୟ ଇଂଲଣ୍ଡ ଡିଫେଣ୍ଡରଙ୍କ ସମ୍ମୁଖରେ ନୀରବ ରହିବାକୁ ପଡିଥିଲା। ମରକ୍କୋ ରକ୍ଷଣଭାଗ ମଧ୍ୟ ଏମ୍‌ବାପେଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବ। ଟୁର୍ନାମେଣ୍ଟରେ ମରକ୍କୋ ମାତ୍ର ଗୋଟିଏ ଗୋଲ ବରଣ କରିଥିବା ବେଳେ ନକ୍‌ଆଉଟ ପର୍ଯ୍ୟାୟରେ ଏହି ଦଳ ବିପକ୍ଷରେ ଗୋଟିଏ ମଧ୍ୟ ଗୋଲ ସ୍କୋର ହୋଇନାହିଁ। ମରକ୍କୋ ବିପକ୍ଷରେ ସ୍କୋର ହୋଇଥିବା ଏକମାତ୍ର ଗୋଲଟି ମଧ୍ୟ ଆତ୍ମଘାତୀ ଗୋଲରୁ ଆସିଛି। ଏହାର ରକ୍ଷଣଭାଗ ସମସ୍ତଙ୍କୁ ପ୍ରଭାବିତ କରିଥିବା ବେଳେ ଡିଫେଣ୍ଡିଂ ଚାମ୍ପିୟନ ଫ୍ରାନ୍ସ ବିପକ୍ଷରେ ମଧ୍ୟ ଦଳ ସମାନ ରଣନୀତି ଆପଣେଇବ ବୋଲି କହିଛନ୍ତି କୋଚ ୱାଲିଦ୍ ରେଗ୍ରାଗୁଇ। ମରକ୍କୋର ଦୁଇ ଜଣ ସେଣ୍ଟର ବ୍ୟାକ୍ ଅଗେର୍ଡ ଓ ରୋମେନ୍ ସେସ୍ ବୁଧବାର ମ୍ୟାଚରେ ଖେଳିବେ ନାହିଁ। ତେବେ ବ୍ୟକ୍ତିଗତ ପ୍ରଦର୍ଶନ ଅପେକ୍ଷା ମରକ୍କୋ ଦଳଗତ ପ୍ରଦର୍ଶନ ଉପରେ ଅଧିକ ନିର୍ଭରଶୀଳ। ବୁଧବାର ମ୍ୟାଚରେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ଏହି ମ୍ୟାଚ ଦେଖିବାକୁ ଉପସ୍ଥିତ ରହିବେ। ଅଲ ବାୟଟ ଷ୍ଟାଡିୟମରେ ଖେଳାଯିବାକୁ ଥିବା ମ୍ୟାଚରେ ଆରବ ଦୁନିଆର ଦର୍ଶକ ମରକ୍କୋକୁ ସମର୍ଥନ କରୁଛନ୍ତି। ମରକ୍କୋ ଦଳ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳୁଥିବା ଭଳି ପ୍ରତୀୟମାନ ହେଉଥିବା ବେଳେ ମ୍ୟାଚରେ କଡା ଟକ୍କର ଦେଖିବାକୁ ମିଳିବ।

ଟାଇଟଲ ଫେଭରିଟ୍ ଫ୍ରାନ୍ସ ପକ୍ଷରୁ ଆରମ୍ଭରୁ ହିଁ ଏମ୍‌ବାପେ, ଅଲିଭର ଗିରୁଡ୍ ଓ ଓସୁମାନେ ଡେମ୍ବେଲେ ଚମତ୍କାର ଫର୍ମରେ ରହିଛନ୍ତି। ଗିରୁଡ୍ ୪ଟି ଗୋଲ ସ୍କୋର କରି ମେସିଙ୍କ ସହିତ ମିଳିତ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଡେମ୍ବେଲେ ୨ଟି ଆସିଷ୍ଟ କରିଛନ୍ତି। ସେହିପରି ଅନ୍ୟତମ ଷ୍ଟ୍ରାଇକର ଆଣ୍ଟୋନିଓ ଗ୍ରିଜ୍‌ମ୍ୟାନ୍ ସମସ୍ତଙ୍କୁ ପ୍ରଭାବିତ କରିଛନ୍ତି। ଇଂଲଣ୍ଡ ବିପକ୍ଷ ମ୍ୟାଚରେ ନିର୍ଣ୍ଣାୟକ ଗୋଲ ସ୍କୋର କରିଥିବା ଗିରୁଡ୍ ଓ ଗ୍ରିଜ୍‌ମ୍ୟାନଙ୍କ ମଧ୍ୟରେ ଚମତ୍କାର ତାଳମେଳ ଦେଖିବାକୁ ମିଳିଥିଲା। ମରକ୍କୋ ବିଶ୍ୱ ମାନ୍ୟତାର ୨୨ ନମ୍ବର ସ୍ଥାନରେ ରହିଥିଲେ ମଧ୍ୟ ଫ୍ରାନ୍ସ ଏହାକୁ ହାଲୁକା ଭାବରେ ନେବ ନାହିଁ ବୋଲି ସେଣ୍ଟର ବ୍ୟାକ ରାଫାଲେ ଭାରାନେ ପ୍ରକାଶ କରିଛନ୍ତି।



ଅଲ୍ ବାୟଟ ଷ୍ଟାଡିୟମରେ ଫ୍ରାନ୍ସ ଦଳର ଟ୍ରେନିଂ।

**ଫିଫା ବିଶ୍ୱକପ**
**(ଆଜିର ମ୍ୟାଚ)**
ଫ୍ରାନ୍ସ ବନାମ ମରକ୍କୋ
ସ୍ଥାନ: ଅଲ ବାୟଟ ଷ୍ଟାଡିୟମ
ସମୟ: ରାତି ୧୨.୩୦
ପ୍ରସାରଣ: ସ୍ପୋର୍ଟ୍ସ ୧୮

# ଅନିଶ୍ଚିତତା ମଧ୍ୟରେ ସାଉଥ୍‌ଗେଟ୍‌ଙ୍କ ଭବିଷ୍ୟତ

ଦୋହା,୧୩।୧୨(ପି.ଟି.)

ଚଳିତ ଫିଫା-୨୦୨୨ର କ୍ୱାର୍ଟର ଫାଇନାଲରୁ ଇଂଲଣ୍ଡ ବିଦାୟ ନେବା ପରେ କୋଚ୍ ତଥା ମ୍ୟାନେଜର ଗାରେଥ୍ ସାଉଥ୍‌ଗେଟ୍‌ଙ୍କ ଭବିଷ୍ୟତକୁ ନେଇ ପ୍ରକାଶ ପାଇଛି ଅନିଶ୍ଚିତତା। ସାଉଥ୍‌ଗେଟ୍‌ଙ୍କ କଣ୍ଟ୍ରାକ୍ଟ ଡିସେମ୍ବର ୨୦୨୪ ଯାଏ ରହିଛି। ତେବେ ଫ୍ରାନ୍ସ ନିକଟରୁ ୨-୧ରେ ହାରିବା ପରେ ସେ ଓହରିବା ନେଇ ଆଲୋଚନା ହେଉଛି। ତେବେ ସାଉଥ୍‌ଗେଟ୍ କହିଛନ୍ତି, ଦଳର ହିତ ପାଇଁ ସେ ଆବଶ୍ୟକ ନିଷ୍ପତ୍ତି ନେବେ। କୌଣସି ଟୁର୍ନାମେଣ୍ଟ ଶେଷ ହେବା ପରେ ତୁରନ୍ତ ନିଷ୍ପତ୍ତି ନେବା ଅନାବଶ୍ୟକ। ଭାବପ୍ରବଣ ହୋଇ କୌଣସି ନିଷ୍ପତ୍ତି ନେବା ଠିକ୍ ନୁହେଁ। ପ୍ରଥମେ ଇଂଲଣ୍ଡ ଫେରିବା ପରେ ବୋର୍ଡ ସହିତ ସେ ଏ ସମ୍ପର୍କରେ ଆଲୋଚନା କରିବେ ବୋଲି ସାଉଥ୍‌ଗେଟ୍ ସ୍ପଷ୍ଟ କରିଛନ୍ତି। ୨୦୧୬ରେ ସାଉଥ୍‌ଗେଟ୍ ଦାୟିତ୍ୱ ଗ୍ରହଣ କରିବା ପରେ ଇଂଲଣ୍ଡ ଦଳର ପ୍ରଦର୍ଶନ ବେଶ୍ ବଢ଼ିଆ ରହିଛି। ଆଇସ୍‌ଲାଣ୍ଡ ନିକଟରୁ ପରାଜୟ ଓ ସାମ୍ ଆଲାର୍ଡିସ୍ ଫିକ୍ସିଂ ସ୍କାଣ୍ଡାଲ ସମୟରେ ହିଁ ସେ ଦଳକୁ ସମ୍ଭାଳିଥିଲେ। ଏହାପରେ ଦଳ ୨୦୧୮ ରୁଷିଆ ବିଶ୍ୱକପ୍‌ରେ ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ଚଳିତବର୍ଷ ୟୁରୋ ଚାମ୍ପିୟନଶିପ୍‌ରେ ରନର ଅପ୍ ହୋଇଥିଲା। ସାଉଥ୍‌ଗେଟ୍‌ଙ୍କ ରକ୍ଷଣାତ୍ମକ ଖେଳଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଥିଲେ ମଧ୍ୟ ଫ୍ରାନ୍ସ ବିପକ୍ଷ ମ୍ୟାଚରେ ଇଂଲଣ୍ଡ ସମ୍ପୂର୍ଣ୍ଣ ଆକ୍ରମଣାତ୍ମକ ପ୍ରଦର୍ଶନ କରିଥିଲା। ଦଳର ବଲ୍ ପଜେସନ ଆଉ ଟାର୍ଗେଟରେ ଶଟ୍ ଫ୍ରାନ୍ସଠାରୁ ଅଧିକ ଥିଲା। ୮୪ତମ ମିନିଟ୍‌ରେ ହ୍ୟାରୀ କେନ୍‌ଙ୍କ ପେନାଲ୍ଟି କିକ୍ ମିସ୍ ହୋଇ ନ ଥିଲେ ମ୍ୟାଚ୍‌ର ଫଳାଫଳ ଭିନ୍ନ ହୋଇଥାନ୍ତା। ଅନ୍ୟପକ୍ଷରେ ସାଉଥ୍‌ଗେଟ୍‌ଙ୍କ ନେତୃତ୍ୱରେ ଦଳ ବଢ଼ିଆ ପ୍ରଦର୍ଶନ କରୁଛି ବୋଲି କହିଛନ୍ତି ଅଧିନାୟକ ହ୍ୟାରୀ କେନ୍। ପେନାଲ୍ଟି କିକ୍ ମିସ୍ କରିଥିବାରୁ ପରାଜୟ ପାଇଁ ନିଜକୁ ଦାୟୀ କରିଛନ୍ତି କେନ୍। ଏହା ସହିତ ଜୁଡ୍ ବେଲିଂହାମ, ବୁକାୟୋ ସାକା ଓ ମାର୍କସ୍ ରାଶଫୋର୍ଡଙ୍କ ପରି ଯୁବ ଖେଳାଳିଙ୍କ ଉପସ୍ଥିତିରେ ଦଳ ଅଧିକ ଶକ୍ତିଶାଳୀ ମନେହେଉଛି।



ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ପୂର୍ବରୁ କ୍ରୋଏସିଆ ସମର୍ଥକ।

## ଅନ୍ୟ ଖେଳ ଖବର



ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସାକ୍ଷାତ ଅବସରରେ ରଞ୍ଜିତା ବେହେରା।

# ସ୍ନୋ ସ୍କି ରେସ୍‌ରେ ଭାଗନେବେ ରଞ୍ଜିତା

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)

ଅନ୍ତର୍ଜାତୀୟ ସ୍କି ଫେଡେରେଶନ ଆନୁକୂଲ୍ୟରେ ସର୍ବିୟାର କ୍ଲାଟିବର-ଟର୍ନିକଠାରେ ସିଗୋଟା କପ୍ ଓ ବୋସନିଆଠାରେ ଜାହୋରିନା କପ୍ ଅନ୍ତର୍ଜାତୀୟ ସ୍ନୋ ସ୍କି ଚାମ୍ପିୟନଶିପ୍ ଆସନ୍ତା ମାସରେ ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଆଲ୍‌ପାଇନ୍ ସ୍କି ବିଭାଗରେ ଅଂଶଗ୍ରହଣ ପାଇଁ ଓଡ଼ିଶାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ 'ସ୍ନୋ ଗର୍ଲ' ରଞ୍ଜିତା ବେହେରା ଭାରତ ପକ୍ଷରୁ ମନୋନୀତ ହୋଇଛନ୍ତି। ବରଫବିହୀନ ରାଜ୍ୟ ହୋଇଥିଲେ ହେଁ 'ସ୍ନୋ ସ୍ପୋର୍ଟ୍ସ' ଜଗତରେ ଓଡ଼ିଶାକୁ ପରିଚିତ କରାଇଥିବା ରଞ୍ଜିତା

**■ ରାଜ୍ୟପାଳଙ୍କଠାରୁ ଆଶୀର୍ବାଦ ନେଲେ**

ଆଗାମୀ ପ୍ରତିଯୋଗିତା ପୂର୍ବରୁ ରାଜଭବନଠାରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ଅବସରରେ ରଞ୍ଜିତାଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇବା ସହ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି ରାଜ୍ୟର ଗୌରବ ବଢ଼ାଇବା ପାଇଁ ଆଶୀର୍ବାଦ କରିଛନ୍ତି।

ଅନ୍ତର୍ଜାତୀୟ ରେସ୍‌ରେ ଭାଗନେବା ପୂର୍ବରୁ ରଞ୍ଜିତା ଚଳିତ ମାସ ୨୦ରୁ ୟୁରୋପ ଆଲ୍ପସର କୋପାଓନିକ ରେଞ୍ଜ୍‌ର ସ୍କି ସ୍କୁଲରେ ଉଚ୍ଚତର ତାଲିମ ନେବାକୁ ବିଦେଶ ଯାତ୍ରା କରିବେ। ବ୍ୟୟବହୁଳ ତାଲିମ ପାଇଁ ଭାରତୀୟ ଜୀବନବୀମା ନିଗମ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ଏଲ୍‌ଆଇସି ହାଉସିଂ ଫାଇନାନ୍ସ ନିଗମ ଏବଂ ଷ୍ଟେଟ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଆର୍ଥିକ ସହାୟତା ଯୋଗାଇ ଦେଇଥିବାରୁ ରଞ୍ଜିତା କୃତଜ୍ଞତା ଜ୍ଞାପନ କରିଛନ୍ତି। ବିଦେଶରେ ତାଲିମ ସହ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ପ୍ରୋତ୍ସାହନ ରାଶି ପର୍ଯ୍ୟାପ୍ତ ନ ଥିବାରୁ ମୁଁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିକଟରେ ସହାୟତା ପାଇଁ ଅନୁରୋଧ କରିଛି। ଆର୍ଥିକ ସହାୟତା ତଥା ସରକାରୀ ପ୍ରୋତ୍ସାହନ ନ ମିଳିଲେ ବିଦେଶରେ ତାଲିମନେବା ଅସମ୍ଭବ ହୋଇପଡ଼ିବ ବୋଲି ରଞ୍ଜିତା ପ୍ରକାଶ କରିଛନ୍ତି।

# ଗଣ୍ଡରପୁର ୟୁନାଇଟେଡ ସେମିରେ

ଓଡ଼ଗାଁ, ୧୩।୧୨(ସ୍ୱ.ପ୍ର.)

ନୟାଗଡ ନୟାଗଡ ଜିଲା ଓଡ଼ଗାଁ ମିନି ଷ୍ଟାଡିୟମରେ ଚାଲିଥିବା ୪ର୍ଥ ସର୍ବଭାରତୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଓଡ଼ଗାଁ କପ୍‌ରେ ମଙ୍ଗଳବାର ମ୍ୟାଚ ଗଣ୍ଡରପୁର ୟୁନାଇଟେଡ ଭୁବନେଶ୍ୱର ଓ ଭଦ୍ରକ ୟୁନାଇଟେଡ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ

**ଓଡ଼ଗାଁ କପ୍**
**ସର୍ବଭାରତୀୟ ଫୁଟବଲ**

ଭୁବନେଶ୍ୱର ଦଳ ୫-୧ ଗୋଲରେ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ଖେଳ ସଂଘର୍ଷପୂର୍ଣ୍ଣ ଥିଲା। ଏଥିରେ ଭଦ୍ରକ ୧-୦ଗୋଲରେ ଅଗ୍ରଣୀ ରହିଥିଲା। ଦଳ ପକ୍ଷରୁ ଲକ୍ଷ୍ମଣ କିଶୁକ ୧୧ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଭୁବନେଶ୍ୱର ଦଳ ମ୍ୟାଚକୁ ଦୃଢ ପ୍ରତ୍ୟାବର୍ତ୍ତନ କରିଥିଲା। ଦଳ ପକ୍ଷରୁ ବାପୁନି ମାରାଣ୍ଡି ଓ ଟିକିନା ସ୍ୱାଇଁ ଦୁଇଟି ଲେଖାଏଁ ଏବଂ କାବୁଲାଲ ସାହୁ ଗୋଟିଏ ଗୋଲ ଦେଇ ଦଳକୁ ଜିତାଇଥିଲେ। ମଙ୍ଗଳବାର ଏହି ବିଜୟ ସହ ଗଣ୍ଡରପୁର ୟୁନାଇଟେଡ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବାପୁନି ମାରାଣ୍ଡିଙ୍କୁ ଯୁବ ବ୍ୟବସାୟୀ ଶୁଭକାନ୍ତ ଚୌଧୁରୀ ପୁରସ୍କୃତ କରିଥିଲେ। ବିଜେଡି ବ୍ଲକ ସଭାପତି ସୁର୍ଯ୍ୟନାରାୟଣ ଚୌଧୁରୀ ମୁଖ୍ୟଅତିଥି ଓ ରାମକୋ ସିମେଣ୍ଟ ଜିଲା ପ୍ରମୁଖ ପ୍ରୀତିଶ ପଟ୍ଟନାୟକ, ଜଗମୋହନ ପଟ୍ଟନାୟକ ଅତିଥି ଭାବେ ମଞ୍ଚାସୀନ ଥିଲେ।

# ଶାନ୍ତନୁ-ଶୁଭ୍ରାଂଶୁଙ୍କ ଶତକୀୟ ଭାଗୀଦାରି

ଭୁବନେଶ୍ୱର, ୧୩।୧୨
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆନୁକୂଲ୍ୟରେ ରଣଜୀ ଟ୍ରଫି ସିଜନ ୨୦୨୨-୨୩ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ବିକାଶ ଗ୍ରାଉଣ୍ଡରେ ବରୋଦା ବିପକ୍ଷ ମ୍ୟାଚ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିଛି। ଦ୍ୱିତୀୟ ଉଇକେଟରେ ଶାନ୍ତନୁ ମିଶ୍ର ଓ ଅଧିନାୟକ ଶୁଭ୍ରାଂଶୁ ସେନାପତିଙ୍କ ଶତକୀୟ ଭାଗୀଦାରି ବଳରେ ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷସୁଦ୍ଧା ୫ ଉଇକେଟ ହରାଇ ୨୧୪ ରନ ସଂଗ୍ରହ କରିଛି। ଅଭିଷେକ ରାଉତ ୩୩ ଓ ଉଇକେଟ କିପର ରାଜେଶ ଧୂପର

**୨୦୨୨-୨୩ ରଣଜୀ ସିଜନ ଆରମ୍ଭ**

୬ ରନକରି ଅପରାଜିତ ରହିଛନ୍ତି।

ବରୋଦା ଅଧିନାୟକ ବିଷ୍ଣୁ ସୋଲାଙ୍କି ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପ୍ରଥମ ଓଭରର ୫ମ ବଲ୍‌ରେ ଓପନର ଅନୁରାଗ ଷଡ଼ଙ୍ଗୀଙ୍କୁ କ୍ଲିନ୍ ବୋଲ୍ଡ କରି ବାମହାତୀ ଦ୍ରୁତ ବୋଲର ଲୁକମାନ ମେରିୱାଲା ନିଜ ଅଧିନାୟକଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରିଥିଲେ। ମାତ୍ର ଏହାପରେ ଶାନ୍ତନୁ ଓ ଶୁଭ୍ରାଂଶୁ ସତର୍କତାର ସହ ଖେଳି ଇନିଂସ ସମ୍ଭାଳି ନେଇଥିଲେ। ପ୍ରଥମ ସେସନରେ ଦୁହେଁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ୨୭୫ ବଲ୍‌ରୁ ୧୦୬ ରନର ଭାଗୀଦାରି ପରେ ଶୁଭ୍ରାଂଶୁଙ୍କୁ ଏଲ୍‌ବିଡବ୍ଲ୍ୟୁ ଆଉଟ କରି ବରୋଦାକୁ ବ୍ରେକ୍ ଥ୍ରୁ ଦେଇଥିଲେ ବାମହାତୀ ଲେଗ୍‌ସ୍ପିନର ନିନାଦ ରଥଭା। ୧୪୩ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶୁଭ୍ରାଂଶୁ ୭ ଚୌକା ସହାୟତାରେ ୫୨ ରନ କରିଥିଲେ। ଏହାର ୧୦ ଓଭର ପରେ ଆଉଟ ହୋଇଥିଲେ ଶାନ୍ତନୁ। ସେ ରଥଭାଙ୍କ ବଲ୍‌କୁ ଡିଫେଣ୍ଡ କରିବାକୁ ଯାଇ ଶାଶ୍ୱତ ରାୱତଙ୍କୁ କ୍ୟାଚ ଦେଇ ପ୍ୟାଭିଲିୟନ ଫେରିଥିଲେ। ସେ ୧୬୩ଟି ବଲ୍ ଖେଳି ୬ ଚୌକା ସହିତ ୬୧ ରନ କରିଥିଲେ। ଅଭିଜ୍ଞ ବିପ୍ଳବ ସାମନ୍ତରାୟ ଓ ପଦାର୍ପଣକାରୀ କାର୍ତ୍ତିକ ବିଶ୍ୱାଳ ୪ର୍ଥ ଉଇକେଟରେ ୫୧ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ତେବେ ଦୁହେଁ ଭଲ ଆରମ୍ଭ ପାଇଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବିପ୍ଳବ ବ୍ୟକ୍ତିଗତ ୨୬ ରନ କରିଥିବାବେଳେ ଚା' ବିରତି ପର ସେସନରେ ମେରିୱାଲାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ପ୍ରଥମ ରଣଜୀ ମ୍ୟାଚ ହୋଇଥିଲେ ହେଁ ଟେମ୍ପରାମେଣ୍ଟ ଦେଖାଇଥିଲେ କାର୍ତ୍ତିକ। ସେ ୫୩ ବଲ୍‌ରୁ ୩୧ ରନ କରିଥିଲେ। ଅଭିଷେକ ଓ ଧୂପର ଅସମାପ୍ତ ୬ଷ୍ଠ ଉଇକେଟରେ ୮୪ ବଲ୍‌ରୁ ୩୪ ରନ ଯୋଗକରି ଓଡ଼ିଶାର ବଡ଼ସ୍କୋର ସମ୍ଭାବନାକୁ ଉଜ୍ଜୀବିତ ରଖିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୧୪/୫ (ଶାନ୍ତନୁ ମିଶ୍ର-୬୧, ଶୁଭ୍ରାଂଶୁ ସେନାପତି-୫୨, ଅଭିଷେକ ରାଉତ-୩୩*, କାର୍ତ୍ତିକ ବିଶ୍ୱାଳ-୩୧, ଲୁକମାନ ମେରିୱାଲା-୨/୪୬, ନିନାଦ ରଥଭା-୨/୫୦, ଭାର୍ଗବ ଭଟ୍ଟ-୧/୫୧)।

## କାର୍ତ୍ତିକଙ୍କ ରଣଜୀ ପଦାର୍ପଣ



ବିକାଶ ଗ୍ରାଉଣ୍ଡରେ ବରୋଦା ବିପକ୍ଷ ମ୍ୟାଚ ଖେଳି ରଣଜୀ ଟ୍ରଫି କ୍ୟାରିୟର ଆରମ୍ଭ କରିଛନ୍ତି ଓଡ଼ିଶାର କାର୍ତ୍ତିକ ବିଶ୍ୱାଳ। ଜଣେ ଡାହାଣହାତୀ ବ୍ୟାଟର ଓ ଅଫ୍‌ସ୍ପିନର ଭାବେ ପରିଚିତ କାର୍ତ୍ତିକ ନିଜ ଡେବ୍ୟୁ ମ୍ୟାଚରେ ୫୩ ବଲ୍‌ରୁ ୩୧ ରନର ସ୍ମରଣୀୟ ଇନିଂସ ଖେଳିଛନ୍ତି। ସମ୍ମୁଖୀନ ହୋଇଥିବା ପ୍ରଥମ ବଲ୍‌ରେ ସ୍ଲିପ୍‌ରେ ତାଙ୍କ କ୍ୟାଚ ମିସ୍ ହୋଇଥିବାବେଳେ ଆଉ ପ୍ରତିପକ୍ଷ ଦଳକୁ ବିଶେଷ ସୁଯୋଗ ଦେଇ ନ ଥିଲେ କାର୍ତ୍ତିକ। ସେ ଅଭିଜ୍ଞ ବିପ୍ଳବ ସାମନ୍ତରାୟଙ୍କ ସହ ୪ର୍ଥ ଉଇକେଟରେ ଅର୍ଦ୍ଧଶତକୀୟ ପାର୍ଟନରଶିପ୍ ଗଢ଼ି ଓଡ଼ିଶାକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୯୯୮ ଜୁନ୍ ୩ରେ ଜନ୍ମିତ କାର୍ତ୍ତିକଙ୍କ ମା'ଙ୍କ ନାମ ମାଳତୀ ବିଶ୍ୱାଳ ଏବଂ ବାପା ରାଜକିଶୋର ବିଶ୍ୱାଳ। ସେ ନୟାପଲ୍ଲୀସ୍ଥିତ ଜାଗୃତି କ୍ରିକେଟ ଏକାଡେମୀ(ଏସ୍‌ଜିଓ)ରେ ରାଜ୍ୟର ପ୍ରତିଷ୍ଠିତ କୋଚ୍ କ୍ଷୀରୋଦ ବେହେରାଙ୍କଠାରୁ ପ୍ରଶିକ୍ଷଣପ୍ରାପ୍ତ। ସେ ୧୬, ୨୩ ଓ ୨୫ ବର୍ଷରୁ କମ୍ ବର୍ଗରେ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି, ସି.କେ. ନାଇଡୁ ଟ୍ରଫି ଆଦିରେ ଓଡ଼ିଶା ପକ୍ଷରୁ ପ୍ରତିନିଧିତ୍ୱ କରିବା ପରେ ଏବେ ସିନିୟରରେ ରଣଜୀ ଡେବ୍ୟୁ କରିଛନ୍ତି।

# ବାରବାଟୀରେ ଜିତିଲା ଭାରତ

ଭୁବନେଶ୍ୱର,୧୩।୧୨
(ସ୍ପୋର୍ଟ୍ସ ବ୍ୟୁରୋ)

କଟକର ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଦୃଷ୍ଟିବାଧିତ ଟି ୨୦ ବିଶ୍ୱକପର ତୃତୀୟ ମ୍ୟାଚକୁ ଜିତିନେଇଛି ଭାରତ। ବୁଧବାର ନକୁଳ ବଡନାୟକଙ୍କ ଅଲରାଉଣ୍ଡ ସଫଳତା ବଳରେ ବାଂଲାଦେଶକୁ ୭ ଉଇକେଟରେ ପରାସ୍ତ କରିଥିଲା ଭାରତ। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪ ଉଇକେଟରେ ୧୬୬ ରନ୍ କରିଥିଲା। ଅଧିନାୟକ ଆଶିକୁର ରହମାନ ୭୫ ରନ୍ କରିଥିଲେ। ଭାରତ ପକ୍ଷରୁ ନକୁଳ ଗୋଟିଏ ଉଇକେଟ ନେବା ସହିତ ଦୁଇଟି ରନ୍ ଆଉଟ କରିଥିଲେ। ୧୬୭ ରନର ପିଛା କରୁଥିବା ଭାରତୀୟ ଦଳ ୧୩.୧ ଓଭରରେ୩ ଉଇକେଟ ହରାଇ ୧୬୭ ରନ୍ କରି ନେଇଥିଲେ। ଭାରତ ପକ୍ଷରୁ ଟି. ଦୁର୍ଗା ରାଓ ୭୩ ଓ ନକୁଳ ୩୬ ରନ୍ କରିଥିଲେ। ଭାରତର ଦୁଇ ଜଣ ବ୍ୟାଟର ରନଆଉଟ ହୋଇଥିବା ବେଳେ କୌଣସି ବାଂଲାଦେଶୀ ବୋଲର ଉଇକେଟ ପାଇନଥିଲେ। ଦୃଷ୍ଟିବାଧିତ କ୍ରିକେଟ ସଂଘ(କାଭି) ଓ ଓଡ଼ିଶା କ୍ରିକେଟ ଆସୋସିଏସନ୍ (ଓସିଏ) ପକ୍ଷରୁ ଏହି ମ୍ୟାଚ ଆୟୋଜନ କରାଯାଇଥିଲା। କଟକ ମେୟର୍ ସୁବାଷ ସିଂ, ଓସିଏ ଉପ ସଭାପତି ପଙ୍କଜ ଲୋଚନ ମହାନ୍ତି, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଓସିଏ ସିଇଓ ସୁବ୍ରତ କୁମାର ବେହେରା, ମହିଳା ଓ ଶିଶୁ ବିକାଶ ମନ୍ତ୍ରାଳୟ ମୁଖ୍ୟ ଡ. କଳ୍ପନା ଦାସ, ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ ରେଜିଷ୍ଟ୍ରାର ମଳୟ ମହାନ୍ତି, ଶୈଳବାଳା ମହିଳା କଲେଜର ଅଧ୍ୟକ୍ଷା ଜୟଶ୍ରୀ ବିଶ୍ୱାଳ, କାଭି ଓଡ଼ିଶା ସମ୍ପାଦକ ସନ୍ୟାସୀ କୁମାର ବେହେରା ଓ କାଭି ଓଡ଼ିଶା ସଭାପତି ଜାଫର ଇକବାଲ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହିଥିଲେ।

**ଦୃଷ୍ଟିବାଧିତ ଟି୨୦ ବିଶ୍ୱକପ**



ଦୃଷ୍ଟିବାଧିତ ପିଲାମାନେ ଭାରତୀୟ ଦଳକୁ ଉତ୍ସାହିତ କରୁଛନ୍ତି।




ପୁରସ୍କାର ଗ୍ରହଣ ଉତ୍ସବରେ ଅତିଥିଙ୍କ ଗହଣରେ ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ଦଳ।

# ଖରିଫ ଧାନ ସଂରକ୍ଷଣ

**ଖ**ରିଫ ଧାନ ଅମଳ ପରେ ସାଇତି ରଖିବା ପୂର୍ବରୁ ୩-୪ ଦିନ ଟାଣଖରାରେ ଶୁଖାଇବା ଭଲ । ଧାନ ସାଇତିବା ପୂର୍ବରୁ ଅମାରଘର ସଫାକରି ସମସ୍ତ ଫାଟ ଓ କଣାକୁ ବନ୍ଦ କରିଦିଅନ୍ତୁ । ଅମାର ଘର କବାଟ ଓ ଝରକାରେ ଫାଙ୍କ ଥିଲେ ବନ୍ଦ କରିଦିଅନ୍ତୁ । ଅମାର ସଫା କରିବା ପରେ ଧାନରେ ପୋକ ନ ଲାଗିବା ପାଇଁ ୯୫ କି.ଗ୍ରା. ଧାନ ସହିତ ୫ କି.ଗ୍ରା. ନିମ୍ବ ପିଡ଼ିଆ ମିଶାଇ ବସ୍ତାରେ ସାଇତି ରଖନ୍ତୁ। ପୁରୁଣା ବସ୍ତାଗୁଡ଼ିକ ଧାନ ରଖିବା ପୂର୍ବରୁ ଗରମପାଣିରେ ଫୁଟାଇ ଖରାରେ ଶୁଖାନ୍ତୁ। –ଡାଲୁଅ ଧାନ ତଳିପ୍ରସ୍ତୁତି (୧ହେକ୍ଟର ଚାଷ ପାଇଁ ୨୫ ଡେସିମିଲି ଜମିରେ ତଳିପଡ଼େ) ସକାଶେ ତଳିକିଆରିକୁ କାଦୁଅ କରି ଶେଷ ଓଡ଼ ଚାଷ ସମୟରେ ୩୦ କି.ଗ୍ରା. ସୁପର ଫସ୍‌ଫେଟ୍, ୮ କି.ଗ୍ରା. ମ୍ୟୁରେଟ୍ ଅଫ୍ ପଟାସ୍,



୫୦ ଟୋକେଇ ଶଢ଼ା ଗୋବରଖତ କିମ୍ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ତଳି ପଟାଳି ୧ ମିଟର ଓସାର ଏବଂ ୧୫ ସେ.ମି. ଉଚ୍ଚ ରଖି ସୁବିଧା ଅନୁସାରେ ଲମ୍ବା ରଖନ୍ତୁ। ଦୁଇ ପଟାଳି ମଝିରେ ୩୦ ସେ.ମି. ଓସାରର ନାଳ ଛାଡ଼ିବା ଆବଶ୍ୟକ। ୧୨-୧୪ ଦିନ ବେଳକୁ ଘାସ ବାଛି ୫ କି.ଗ୍ରା. ଯବକ୍ଷାରଜାନ ଖାଦ୍ୟସାର (୧୧ କି.ଗ୍ରା. ୟୁରିଆ) ପ୍ରୟୋଗ କରନ୍ତୁ ।

# ସୋରିଷରେ ରୋଗପୋକ ନିୟନ୍ତ୍ରଣ



**ଅ**ଧିକ ଅମଳକ୍ଷମ ସୋରିଷ ଚାଷ ପାଇଁ ଉନ୍ନତ କିସମର ବିହନ ଚୟନ କରନ୍ତୁ। ତା’ ସହ ଚାଷ ସମୟରେ ଏଥିରେ ଦେଖାଦେଉଥିବା ବିଭିନ୍ନ ପ୍ରକାର ରୋଗପୋକ ବିଷୟରେ ସଚେତନ ରୁହନ୍ତୁ। ସୋରିଷ ଚାଷରେ ପାଉଁଶିଆ ରୋଗ ଦମନ ପାଇଁ ପ୍ରୋପିକୋନାଜୋଲ୍ ୧ ମି.ଲି. କିମ୍ବା କାରାଥେନ୍ ୧ ମି.ଲି./୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଜଉପୋକ ଦମନ ପାଇଁ ହେକ୍ଟର ପ୍ରତି ୧୦୦୦ ମି.ଲି. ଡାଇମିଥୋଏଟ୍ ୩୦ ଇ.ସି. କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୫ ମି.ଲି. ବା ଥାୟୋମିଥୋକ୍‌ଜାମ୍ ୨୫ ଏସ୍.ଜି. – ୧୨୫ ଗ୍ରାମ୍‌କୁ ୫୦୦ ଲିଟର ପାଣିରେ ମିଶାଇ ଉପରବେଳା ସିଞ୍ଚନ କରନ୍ତୁ । ଫସଲରେ ପତ୍ରଚିତା ଦାଗ ଦେଖାଦେଲେ ଏହାର ଦମନ ଲାଗି ହେକ୍ଟର ପ୍ରତି ୧.୫ କି.ଗ୍ରା. କପର ଅକ୍ସିକ୍ଲୋରାଇଡ୍ ବା ୧.୫ କି.ଗ୍ରା. ମାଙ୍କୋଜେବ୍‌କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। କରତିଆ ମାଛି/ପତ୍ରଛନ୍ଦା ପୋକର ଦମନ ସକାଶେ ହେକ୍ଟର ପ୍ରତି ୫୦୦ ମିଲିଲିଟର ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. କିମ୍ବା ୫୦୦ ମି.ଲି. ଇଣ୍ଡକ୍ସାକାର୍ବ ୧୪.୫% ଇ.ସି. ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

# ମାଛଙ୍କ ପାଇଁ କୃତ୍ରିମ ଖାଦ୍ୟ

**୧** ହେକ୍ଟର ମାଛଚାଷ ହୋଇଥିବା ପୋଖରୀ ପାଇଁ କଞ୍ଚା ଗୋବର ୭୫୦ କିଲୋଗ୍ରାମ୍ ଓ ରାସାୟନିକ ସାର (ସିଏଏନ୍ ୧୦ କି.ଗ୍ରା. ଏବଂ ଏସ୍‌ଏସ୍‌ପି ୩ କି.ଗ୍ରା.)କୁ ୩-୪ ଥରରେ ପ୍ରୟୋଗ କରନ୍ତୁ । ପ୍ରତ୍ୟେକ ଦିନ ହେକ୍ଟର ପିଛା କୃତ୍ରିମ ଖାଦ୍ୟ ଦିନକୁ ୫ କିଲୋଗ୍ରାମ୍ ହିସାବରେ ମାଛଙ୍କୁ ଦିଅନ୍ତୁ । କୃତ୍ରିମ ଖାଦ୍ୟ ତିଆରି ପାଇଁ ବାଦାମ ପିଡ଼ିଆ, ଶୁଖୁଆଗୁଣ୍ଡ, କାଣ୍ଡିଆ କୁଣ୍ଡା, ଅଟା ଓ ଭିଟାମିନ୍ ମିନେରାଲ୍ ମିକ୍ସଚରରେ ତିଆରି କରାଯାଇଥାଏ। ୧୦୦ କିଲୋଗ୍ରାମ୍ କୃତ୍ରିମ ଖାଦ୍ୟ ତିଆରି ପାଇଁ ୪୦ କିଲୋଗ୍ରାମ୍ ବାଦାମ/ସୋରିଷ/ରାଶି/ସୋୟା ବିନ୍/ସୂର୍ଯ୍ୟମୁଖୀ ପିଡ଼ିଆ, ୨୦ କି.ଗ୍ରା. ଶୁଖୁଆଗୁଣ୍ଡ, ୨୮ କି.ଗ୍ରା. କାଣ୍ଡିଆକୁଣ୍ଡା, ୧୦ କି.ଗ୍ରା. ଅଟା ଏବଂ ୨ କି.ଗ୍ରା. ମିନେରାଲ୍ ମିକ୍ସଚର ଆବଶ୍ୟକ । ମାଛମାନଙ୍କୁ ତାଙ୍କ ଓଜନର ଶତକଡ଼ା ୩ ରୁ ୫ ଭାଗ ହିସାବରେ କୃତ୍ରିମ ଖାଦ୍ୟ ପ୍ରତିଦିନ ଦେବାକୁ ହୁଏ ।



# ଲମ୍ପି ଚର୍ମରୋଗ ଓ ପ୍ରତିକାର



ଡା. ବୀରକିଶୋର ପରିଡ଼ା

**ବ**ର୍ତ୍ତମାନ ଆମ ଦେଶର ୧୪ଟି ରାଜ୍ୟରେ ପ୍ରାଣୀଙ୍କଠାରେ ଲମ୍ପି ଚର୍ମରୋଗ ଦେଖାଦେଇଛି। ସେଥିପାଇଁ ସରକାର ତଥା ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଆମ ରାଜ୍ୟରେ ଏହି ରୋଗ ନ ହେବା ପାଇଁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି ଏବଂ ସୀମାନ୍ତ ରାଜ୍ୟ ଯଥା– ଛତିଶଗଡ଼, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା, ପଶ୍ଚିମବଙ୍ଗ ଆଦିରୁ ଏହି ରୋଗ ଆମ ରାଜ୍ୟକୁ ନ ଆସିବା ପାଇଁ ବିଭାଗୀୟ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

**କାରଣ :** ଲମ୍ପି ଚର୍ମରୋଗ ହେଉଛି ଏକ ଭୂତାଣୁଜନିତ ସଂକ୍ରାମକ ରୋଗ । ଏହି ଭୂତାଣୁ ପକ୍ସଭିରିଡେ ପରିବାରର ଅନ୍ତର୍ଭୁକ୍ତ ଏବଂ କାପ୍ରିପକ୍ସ ନାମକ ଭୂତାଣୁ ଦ୍ୱାରା ଏହି ରୋଗ ସୃଷ୍ଟି ହୋଇଥାଏ। ବାଛୁରୀ, ଛଡ଼ା, ବଳଦ, ଗାଈ, ମଇଁଷି ଆଦି ପ୍ରାଣୀ ଏହି ରୋଗରେ ସଂକ୍ରମିତ ହୋଇଥାଆନ୍ତି।

**କିପରି ବ୍ୟାପେ :** ମଶା, ଡାଆଁଶ, ଟିଙ୍କ ଆଦି ରକ୍ତଶୋଷଣକାରୀ କୀଟପତଙ୍ଗ ପରଜୀବୀ ଦ୍ୱାରା ସହଜରେ ଏହି ରୋଗ ସଂକ୍ରମିତ ପ୍ରାଣୀଠାରୁ ସୁସ୍ଥ ପ୍ରାଣୀକୁ ବ୍ୟାପିଥାଏ। ସୁସ୍ଥ ପ୍ରାଣୀ ଏହି ରୋଗରେ ପୀଡ଼ିତ ପ୍ରାଣୀଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଲେ ଏହି ରୋଗ ମଧ୍ୟ ବ୍ୟାପିବାରେ ସହାୟକ ହୋଇଥାଏ । ପରୋକ୍ଷଭାବେ ସଂକ୍ରମିତ ଗୋରୁର ଘା’ର ପୂଯପାଣି, ବକଳା, ଲାଳ, ସିଂଘାଣି, ଶୁକ୍ର, ବ୍ୟବହୃତ ଖାଦ୍ୟ ଓ ପାଣିପାତ୍ରର ସଂସ୍ପର୍ଶରେ ଆସିଲେ ସୁସ୍ଥ ଗୋରୁଙ୍କଠାରେ ଏହି ରୋଗ ଦେଖାଦେଇଥାଏ ।

**ଲକ୍ଷଣ :** ପ୍ରଥମେ ଗୋରୁଙ୍କଠାରେ ୨-୩ ଦିନ ପର୍ଯ୍ୟନ୍ତ ଜ୍ୱର ହୁଏ । ତା’ପରେ ମୁଣ୍ଡ, ବେକ, ପେଟ, ଗୋଡ଼, ପହ୍ନା ଆଦି ସର୍ବାଙ୍ଗ ଶରୀରରେ ଶକ୍ତ, କଠିନ, ଟାଣ ଧରଣର ଆବୁ ବାହାରେ । ଏତଦ୍‌ବ୍ୟତୀତ ପାଟି, ପାଟି ଭିତର, ଶ୍ୱାସନଳୀ ଆଦିରେ ମଧ୍ୟ କ୍ଷତ ସୃଷ୍ଟି ହୁଏ । ଏହି ଆବୁଗୁଡ଼ିକ ସାଧାରଣତଃ ଦେଖିବାକୁ କଳାରଙ୍ଗର ଏବଂ ଚିପିଲେ ଟାଣ ପରି ଲାଗେ । ଛୋଟ ଆବୁଗୁଡ଼ିକ ଧୀରେ ଧୀରେ ବଡ଼ ଆବୁରେ ପରିଣତ ହେବା ପରେ ଫାଟିଯାଇ ଘା’ ସୃଷ୍ଟି ହୁଏ ଏବଂ ଚିକିତ୍ସା ନ କଲେ ଏହା ପୋକରା ଘା’ରେ ପରିଣତ ହୁଏ। ଏଥିଯୋଗୁ ଗୋରୁଙ୍କର କ୍ଷୁଧା ଶକ୍ତି କମିଯାଏ। ଶରୀର ଦୁର୍ବଳ ଦିଶେ। ଲସିକା ଗ୍ରନ୍ଥିମାନ ଫୁଲିଯାଏ। ଗୋଡ଼ରେ ମଧ୍ୟ ବେଳେବେଳେ ଫୁଲା ପଡ଼େ। ଗର୍ଭିଣୀ ଗାଈଙ୍କର ଗର୍ଭପାତ ହୁଏ। ଗୋରୁ ଚାଲିଲାବେଳେ କଷ୍ଟ ଅନୁଭବ କରନ୍ତି । ସଂକ୍ରମିତ ଗୋରୁର ଯତ୍ନ ନେଲେ ଏହା ୨ରୁ ୩ ସପ୍ତାହ ମଧ୍ୟରେ ଆରୋଗ୍ୟଲାଭ କରେ। ଏହି ରୋଗର ସଂକ୍ରମଣ ହାର ୧୦ ରୁ ୨୦% ଏବଂ ମୃତ୍ୟୁହାର ହେଉଛି ୧ ରୁ ୫% ।

**ଚିକିତ୍ସା :** ଅସୁସ୍ଥ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କଠାରୁ ଅଲଗା ରଖିବା ଜରୁରୀ। ଚିକିତ୍ସକଙ୍କ ପରାମର୍ଶ କ୍ରମେ ଆକ୍ରାନ୍ତ ପ୍ରାଣୀକୁ ଲକ୍ଷଣ ଅନୁଯାୟୀ ତୁରନ୍ତ ଚିକିତ୍ସା ପ୍ରଦାନ କରିବା ଆବଶ୍ୟକ। ରୋଗରେ ପୀଡ଼ିତ ଗୋରୁଙ୍କୁ ଅନ୍ୟାନ୍ୟ ଜୀବାଣୁ ସଂକ୍ରମଣରୁ ରକ୍ଷାକରିବା ପାଇଁ ୫ ରୁ ୭ ଦିନ ବିଭିନ୍ନ ଆଣ୍ଟିବାଓଟିକ୍ ଯଥା ଅକ୍ସିଟେଟ୍ରା ସାଇକ୍ଲିନ୍, ଅକ୍ସିଭେଟ୍ ଏଲ.ଏ ଆଦି ଦ୍ୱାରା ଚିକିତ୍ସାକଲେ ଗୋରୁ ଶୀଘ୍ର ଆରୋଗ୍ୟ ଲାଭ କରନ୍ତି । ଗୋରୁଙ୍କ ଠାରେ ଜ୍ୱର ଦେଖାଦେଲେ ପାରାସିଟାମଲ କିମ୍ବା ମେଲୋନିକ୍ସମ୍ ଓ ଆଣ୍ଟିହିଷ୍ଟାମିନ୍ ବା ଆଭିଲ୍ ଆଦି ଇଞ୍ଜେକସନ୍ ବ୍ୟବହାର କରିବା ଆବଶ୍ୟକ । ସେହିପରି ମଲ୍‌ଟି ଭିଟାମିନ୍ ପାଟି ବାଟେ କିମ୍ବା ଇଞ୍ଜେକସନ୍ ଆକାରରେ ମଧ୍ୟ ଦିଆଯାଇପାରିବ। ସଂକ୍ରମିତ ଗୋରୁଗାଈଙ୍କ ପାଟିରେ ଘା’ ହୋଇଥିଲେ ପାଟିକୁ ଭଲଭାବରେ ଖାଇବା ସୋଡ଼ାର ଉଷୁମପାଣିରେ ଧୋଇ ବୋରୋଗ୍ଲିସେରିନ୍ ଲେପନ କରିବା ଆବଶ୍ୟକ । ସଂକ୍ରମିତ ଗୋରୁଙ୍କୁ ତରଳ କିମ୍ବା ନରମ ଖାଦ୍ୟ, ସବୁଜ ଘାସ ଆଦି ଖାଇବାକୁ ଦେଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରନ୍ତି।



**ପ୍ରତିଷେଧକ ଟିକା:** ୪ମାସରୁ ଊର୍ଦ୍ଧ୍ୱ ସୁସ୍ଥ ବାଛୁରୀ ଓ ଗାଈଙ୍କୁ ଚମଡ଼ାତଳେ ଛେଳିବସନ୍ତ ଟିକା ଦେଇଦେବା ଦରକାର। ଆକ୍ରାନ୍ତ ଗୋରୁଙ୍କୁ ପ୍ରତିଷେଧକ ଟିକା ଦେବା ଅନୁଚିତ । କେବଳ ସମ୍ଭାବ୍ୟ ବା ସନ୍ଦିଗ୍ଧ ଅଞ୍ଚଳରେ ଟିକା ଦେବା ଆବଶ୍ୟକ । ପ୍ରତିଷେଧକ ଟିକା ଦେବା ପୂର୍ବରୁ ବା ସମୟରେ ଟିକାର ଉପଯୁକ୍ତ ମାତ୍ରା, ସଂରକ୍ଷଣ, ରକ୍ଷଣାବେକ୍ଷଣ, ଇଞ୍ଜେକସନ୍‌ର ଠିକ୍ ମାତ୍ରା ଆଦି ଥଣ୍ଡା ତାପମାତ୍ରାରେ ଦିଆଯିବା ଦରକାର।

**ରୋଗ ନିୟନ୍ତ୍ରଣ :** ରାଜ୍ୟର ସୀମାବର୍ତ୍ତୀ ଅଞ୍ଚଳରେ ୫ କି.ମି. ଦୂରତା ମଧ୍ୟରେ ଥିବା ବ୍ଲକ ଓ ଗ୍ରାମଗୁଡ଼ିକୁ ଚିହ୍ନଟିକରି ରୋଗ ଅନୁଧ୍ୟାନ କରିବା ଆବଶ୍ୟକ । ରୋଗ ସମ୍ଭାବିତ ବା ସନ୍ଦିଗ୍ଧ ଅଞ୍ଚଳରେ ଗୋରୁଙ୍କୁ ଛେଳିବସନ୍ତ ଟିକା ପ୍ରଦାନ କରିବା ଜରୁରୀ। ରାଜ୍ୟ-ରାଜ୍ୟ ବା ଜିଲା-ଜିଲା ମଧ୍ୟରେ ଗୋରୁଙ୍କ ପରିବହନ ବାରଣ କରାଯିବା ବିଧେୟ । ଗୋ ମେଳା, ଗୋ ପ୍ରଦର୍ଶନୀ ଏବଂ ସ୍ଥାନୀୟ ଗୋରୁହାଟଗୁଡ଼ିକୁ ସାମୟିକଭାବେ ବନ୍ଦ ରଖିବା ଆବଶ୍ୟକ। ଏହା ଚର୍ମଜନିତ ରୋଗ ହୋଇଥିବାରୁ ପ୍ରାଣୀଙ୍କ ମୃତ୍ୟୁ ଉପରେ ବିଶେଷ ପ୍ରଭାବ ପଡ଼ି ନ ଥାଏ। ତେଣୁ ରୋଗ ଆରମ୍ଭରେ ଚିକିତ୍ସା କଲେ ଗୋରୁ ଶୀଘ୍ର ଆରୋଗ୍ୟଲାଭ କରନ୍ତି । ତେଣୁ ଅଯଥାରେ ଭୟଭୀତ ନ ହୋଇ ନିଜେ ପାଳିଥିବା ଗୋରୁଙ୍କ ଯତ୍ନନେଲେ ଏହି ରୋଗକୁ ସମ୍ପୂର୍ଣ୍ଣ ଆୟତରେ ରଖିପାରିବା। ଏଥିଲାଗି ଗୋରୁଙ୍କ ଗୁହାଳକୁ ସର୍ବଦା ପରିଷ୍କାର ଓ ପରିଚ୍ଛନ୍ନ ରଖିବା ସହିତ ଖାଦ୍ୟ ଏବଂ ପାଣିପାତ୍ର ଆଦିକୁ ସଫାସୁତୁରା ରଖନ୍ତୁ । ସଂକ୍ରମିତ ଗୁହାଳକୁ ୨ରୁ ୩ % ସୋଡିୟମ ହାଇପୋକ୍ଲୋରାଇଟ୍, ୧% ଫରମାଲିନ୍ କିମ୍ବା ୦.୫ % କ୍ୱାଟେରିନାରି ଆମୋନିୟମ କମ୍ପାଉଣ୍ଡ ଆଦି ଦ୍ରବଣ ଦ୍ୱାରା ବିଶୋଧନ କରନ୍ତୁ। ଏଥିସହ ଗୁହାଳର ଚଟାଣକୁ ଫିନାଇଲ, ଲାଇସୋଲ, କ୍ରିସୋଲ କିମ୍ବା ଖାରସୋଡ଼ା ପାଣିରେ ବିଶୋଧନ କରାଇ ନିଅନ୍ତୁ । ଗୁହାଳଘରକୁ ବା ଗୋରୁ ବନ୍ଧାହୋଇଥିବା ସ୍ଥାନକୁ ଟିଙ୍କ, ଉକୁଣି, ମଶା, ଡାଆଁଶ ଆଦି ରକ୍ତଶୋଷଣକାରୀ ପରଜୀବୀ କୀଟପତଙ୍ଗଠାରୁ ମୁକ୍ତ ରଖନ୍ତୁ। ଆକ୍ରାନ୍ତ ପ୍ରାଣୀକୁ ସୁସ୍ଥ ପ୍ରାଣୀଙ୍କ ଠାରୁ ଦୂରେଇ ବା ଅଲଗା ରଖନ୍ତୁ । ବାହାରୁ ଆସିଥିବା ଗୋରୁଙ୍କୁ ଅତିକମ୍‌ରେ ୩ ସପ୍ତାହ ପର୍ଯ୍ୟନ୍ତ କ୍ୱାରେଣ୍ଟାଇନରେ ଅଲଗା ରଖନ୍ତୁ। ସଂକ୍ରମିତ ପ୍ରାଣୀକୁ ଅନ୍ୟ ପ୍ରାଣୀଙ୍କ ସହିତ ଗୋଠରେ ବା ବାହାରେ ଚରିବାକୁ ଛାଡ଼ନ୍ତୁ ନାହିଁ ଏବଂ ଏମାନଙ୍କୁ ଘରେ ରଖି ଉପଯୁକ୍ତ ଯତ୍ନ ନିଅନ୍ତୁ। ଗୋରୁଙ୍କୁ ସୁଷମ ଦାନା, ସବୁଜ ଘାସ, ଧାତବଲବଣ ଆଦି ଖାଇବାକୁ ଦିଅନ୍ତୁ ଏବଂ ଆମେ ପିଉଥିବା ସ୍ୱଚ୍ଛ ପରିଷ୍କାର ପାଣି ସେମାନଙ୍କୁ ପିଇବାକୁ ଦିଅନ୍ତୁ। ସଂକ୍ରମିତ ଗୋରୁଙ୍କୁ ଚିକିତ୍ସକଙ୍କ ପରାମର୍ଶକ୍ରମେ ତୁରନ୍ତ ଚିକିତ୍ସାର ବ୍ୟବସ୍ଥା କରନ୍ତୁ । ଶରୀରରେ କଳା ଆବୁ ପରି ଫୋଟକାଗୁଡ଼ିକ ଫାଟି ଘା’ ସୃଷ୍ଟି ହେଲେ ମାଛି ନିରୋଧକ ମଲମ ଲଗାଇ ନିୟମିତଭାବେ ଡ୍ରେସିଂ କରିବା ସହିତ ଆଣ୍ଟିବାଓଟିକ୍ସ ଇଞ୍ଜେକସନ୍, ଜ୍ୱର ଥିଲେ ଆଣ୍ଟିପାଇରେଟିକ୍ ଇଞ୍ଜେକସନ୍ ଆଦିର ସାହାଯ୍ୟ ନିଆଯାଇପାରେ । ଯଦି ଏହି ରୋଗରେ କୌଣସି ପ୍ରାଣୀର ମୃତ୍ୟୁ ଘଟେ, ତେବେ ମୃତ ପ୍ରାଣୀକୁ ଏଣେତେଣେ ନ ଫିଙ୍ଗି କିମ୍ବା ଘୋଷାରି ଘୋଷାରି ନ ନେଇ ଗଭୀର ଗର୍ତ୍ତ (୬ଫୁଟ୍ ଗଭୀର, ୬ଫୁଟ ଲମ୍ବ, ୬ଫୁଟ୍ ଚଉଡ଼ା) କରି ପୋତିଦେଇ ଚୂନ ଓ ଲୁଣ ପ୍ରୟୋଗ କରିବା ଆବଶ୍ୟକ । ଗୋରୁ ରଖୁଥିବା ସ୍ଥାନ ବା ଗୁହାଳର ଜୈବ-ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ । ବାହାର ଜୀବଜନ୍ତୁ, ପକ୍ଷୀ ଆଦି ପ୍ରାଣୀଙ୍କୁ ଫାର୍ମ ଭିତରକୁ ପ୍ରବେଶ କରିବାକୁ ଦିଅନ୍ତୁ ନାହିଁ । ଯାନବାହନ ଚଳାଚଳକୁ ବାରଣ କରନ୍ତୁ । ଯଦି କୌଣସି ଅଞ୍ଚଳରେ ଏହି ରୋଗ ଦେଖାଦିଏ, ତେବେ ତୁରନ୍ତ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ର ସହ ଯୋଗାଯୋଗ କରନ୍ତୁ । ଏହି ରୋଗ ଚର୍ମଜନିତ ଭୂତାଣୁ ରୋଗ ହୋଇଥିବାରୁ ଏହା ଆପେ ଆପେ ସଂକ୍ରମଣ ହୋଇ ଭଲ ହୋଇଯାଏ। ଉପଯୁକ୍ତ ଯତ୍ନ ନେଲେ ୨ ରୁ ୩ ସପ୍ତାହ ମଧ୍ୟରେ ଗୋରୁମାନେ ଶୀଘ୍ର ଆରୋଗ୍ୟଲାଭ କରନ୍ତି। ତେଣୁ ଅଯଥାରେ ଆତଙ୍କିତ ନ ହୋଇ ସମସ୍ତ ସତର୍କତା ଅବଲମ୍ବନ ସହିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

–ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ,
ଜଗତ୍‌ସିଂହପୁର
ମୋ : ୯୪୩୭୬୦୭୩୧୨

# ଜାଣିରଖନ୍ତୁ...



**ଆ**ମ୍ବବଉଳ ଆସିବାର ୭ ଦିନ ପରେ ୨ ମି.ଲି. ପ୍ରୋଫେନୋଫସ୍ ୧ ଲିଟର ପାଣିରେ ପତ୍ର ଓ ବଉଳରେ ଭଲଭାବରେ ସିଞ୍ଚନ କରନ୍ତୁ । ନୂତନ ବଗିଚାରେ ମାଆ ଗଛର ମୂଳରୁ ଉଠିଥିବା ଦେଶୀ କଳିକାଗୁଡ଼ିକୁ ନଷ୍ଟ କରିଦିଅନ୍ତୁ ଓ ବଉଳ ଆସିବା ପରେ ହିଁ ଜଳସେଚନ କରନ୍ତୁ। ବଉଳ ପୂରା ମାତ୍ରାରେ ଥିବାବେଳେ କୁହୁଡ଼ିଆ ପାଗ ହେଲେ ବଗିଚାରେ ଅନାବନା ଘାସ, କାଠିକୁଟା ଆଦି ପୋଡ଼ି ବଗିଚାକୁ ଧୂଆଁ ଦିଅନ୍ତୁ ଓ ଡିଥେନ୍ ଏମ୍-୪୫ ୧ଲିଟର ପାଣିରେ ୩ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ। ସଲ୍‌ଫେକ୍ସ ୧ ଲିଟର ପାଣିରେ ୪ ଗ୍ରାମ୍ ମିଶାଇ ସିଞ୍ଚନ କରନ୍ତୁ । –ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଏବଂ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ। –ଖରାଟିଆ ଫୁଲଚାଷ ପାଇଁ ପଟାଳି ପ୍ରସ୍ତୁତ କରନ୍ତୁ ଏବଂ ସେରାକୋଲ୍ କିସମର ଗେଣ୍ଡୁ ଚାରା ଲଗାନ୍ତୁ । ଧାଡ଼ିକୁ ଧାଡ଼ି ୩୦ ରୁ ୪୦ ସେ.ମି. ଓ ଗଛକୁ ଗଛ ୩୦ ସେ.ମି. ବ୍ୟବଧାନରେ ଲଗାଇଲେ ଭଲ ।

# ଆଖୁ କିଆରି ପରିଷ୍କାର କରିବା ସମୟରେ...



**ଜ**ମିରୁ ଶୁଖିଲାପତ୍ର ବାହାରକରି ଆଖୁକ୍ଷେତକୁ ପରିଷ୍କାର କରନ୍ତୁ । ଆଖୁ ଖୁଣ୍ଟାକୁ କାଟି ସାରିବା ପରେ ଚାଷକରି ହୁଡ଼ା ଭାଙ୍ଗି ଦିଅନ୍ତୁ । ଏହା ଫଳରେ ପୁରୁଣା ଚେର ନଷ୍ଟ ହୋଇ ନୂଆ ଚେର ବାହାରି ଆଖୁକୁ ବଢ଼ିବାରେ ସାହାଯ୍ୟ କରିଥାଏ । ମାଟି ଅଧିକ ଶୁଖିଯାଇଥିଲେ ଜଳସେଚନ କରି ହୁଡ଼ା ଭାଙ୍ଗନ୍ତୁ । ହୁଡ଼ା ଭାଙ୍ଗିଲା ସମୟରେ ହେକ୍ଟର ପ୍ରତି ୧୦ ଟନ୍ ଗୋବର ଖତ, ୧୦୦ କି.ଗ୍ରା. ଯବକ୍ଷାରଜାନ, ୧୦୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଧାଡ଼ି ମଧ୍ୟରେ ଗଛକୁ ଗଛ ବ୍ୟବଧାନ ୪୫ ସେ.ମି.ରୁ ଅଧିକ ଥିଲେ ହୁଡ଼ା ଭାଙ୍ଗିବାର ୩୦ ଦିନ ମଧ୍ୟରେ ଖୁଞ୍ଚା ଦିଅନ୍ତୁ । ଏଥିପାଇଁ ଆଖୁ କାଟିବା ବେଳେ ଆଖୁ ଖଣ୍ଡକୁ ତଳି ପକାନ୍ତୁ କିମ୍ବା ପଲିଥିନ୍ ମୁଣିରେ ଚାରା ଉତାରନ୍ତୁ । ମୂଳି ଆଖୁକୁ ରୋଗମୁକ୍ତ କରିବା ଲାଗି ଖୁଣ୍ଟା କାଟିବା ପରେ ହେକ୍ଟର ପ୍ରତି ୭୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫାନେଟ୍ ମିଥାଇଲ୍ (୭୫୦ ଗ୍ରାମ୍) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



# ରବି ଚିନାବାଦାମ

**ର**ବି ଚିନାବାଦାମ ଚାଷ ପାଇଁ ଶେଷଓଡ଼ ଚାଷବେଳେ ହେକ୍ଟର ପ୍ରତି ୨୦ କି.ଗ୍ରା ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୪୦ କି.ଗ୍ରା. ପଟାସ୍ ପ୍ରୟୋଗ କରନ୍ତୁ । ବିହନ ବୁଣିବା ପୂର୍ବରୁ ପ୍ରତି କି.ଗ୍ରା. ବିହନକୁ ୨.୫ ଗ୍ରାମ୍ କ୍ୟାପ୍‌ଟାନ୍ କିମ୍ବା ୧.୫ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ । ଖରାଦିନିଆ ଚିନାବାଦାମ ଚାଷ ପାଇଁ ଜଳସେଚନର ସୁବିଧା ଥିବା ନିଗିଡ଼ା ବାଲିଆ ଜମି ଚୟନ କରନ୍ତୁ ।

# ସୂର୍ଯ୍ୟମୁଖୀ ଫସଲରେ କୀଟ ଦମନ

**ସୂ**ର୍ଯ୍ୟମୁଖୀ ଫସଲରେ କର୍ତ୍ତକ କୀଟ, ଶୁଁବାଳୁଆ, ଧଳାମାଛି, ଥ୍ରୀପ୍ସ, ଜଉପୋକ, ସବୁଜ ଘୋଡ଼ାପୋକ, ଧୂଆଁପତ୍ର ଗୋଟିପୋକ, ଫୁଲବିନ୍ଧା ପୋକ, ପତ୍ରଦାଗ ରୋଗ, ମୂଳଶଢ଼ା ରୋଗ, ଝାଉଁଳା ରୋଗ, କଳଙ୍କି ରୋଗ, ନିମ୍ନମୁଖୀ ପତ୍ରପୋଡ଼ା ରୋଗ ଓ ଫୁଲଶଢ଼ା ରୋଗ ଇତ୍ୟାଦି ଦେଖାଯାଏ । ଏହାର ନିରାକରଣ ପାଇଁ ସମନ୍ୱିତ ରୋଗ ପୋକ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ସୂର୍ଯ୍ୟମୁଖୀ ଫସଲର ଚାରିପାଖରେ ମକା, ଗାଜର, ବାଜରା ଆଦି ଫସଲ ଚାଷକରି ଥ୍ରୀପ୍ସ ଆକ୍ରମଣ କମାନ୍ତୁ । ସର୍ବଦା ପ୍ରମାଣିତ ବିହନ ବ୍ୟବହାର କରନ୍ତୁ । ଭଲ ଅମଳ ପାଇଁ ଖତ ଓ ମୂଳସାରକୁ ବିହନ ବୁଣିବାର ଏକ ସପ୍ତାହ ପୂର୍ବରୁ ମାଟିରେ ମିଶାନ୍ତୁ। ପ୍ରଥମ ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସ ମୁକ୍ତ ରଖନ୍ତୁ। ସକାଳ ସମୟରେ କୌଣସି କୀଟନାଶକ



ପ୍ରୟୋଗ କରନ୍ତୁ ନାହିଁ । ଏହା ମହୁମାଛି ପାଇଁ କ୍ଷତିକାରକ । ତେଣୁ ଅପରାହ୍ନରେ ସିଞ୍ଚନ କରନ୍ତୁ। ଶୋଷକ ପୋକ ଯଥା– ଧଳାମାଛି, ଜଉପୋକ ପାଇଁ ଏକର ପ୍ରତି ଡାଇମିଥୋଏଟ୍ ୪୦୦ ମି.ଲି.କୁ ୨୦୦ ଲିଟର ହିସାବରେ ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ସବୁଜ ଘୋଡ଼ାପୋକ ପାଇଁ ଏକର ପ୍ରତି କ୍ଲୋରୋପାଇରିଫସ୍ ବା ପ୍ରୋଫେନୋଫସ୍ ୪୦୦ ମି.ଲି.କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫୁଲ ଫୁଟିବା ସମୟରେ କୀଟନାଶକ ପ୍ରୟୋଗ କରନ୍ତୁ ନାହିଁ । ନିମଜାତୀୟ କୀଟନାଶକ ଯଥା ଆଜାଡିରାକ୍ଟିନ୍ ୦.୧୫% ୩ ମି.ଲି.କୁ ୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ । ୨୫ ରୁ ୩୦ ଦିନ ହୋଇଥିବା ସୂର୍ଯ୍ୟମୁଖୀରେ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ। ଉନ୍ନତ କିସମ ଲାଗି ହେକ୍ଟର ପ୍ରତି ୨୦ କି.ଗ୍ରା. ଏବଂ ସଙ୍କର କିସମ ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ।

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ଡିସେମ୍ବର ୧୪/୨୦୨୨ Sambalpur, Wednesday, December 14/ 2022

# ତାଲିକାରେ ବେନ୍ ଷ୍ଟୋକ୍ସ, କାମେରନ ଗ୍ରୀନ୍

**ନୂଆଦିଲ୍ଲୀ, ୧୩।୧୨ (ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ମିନି ନିଲାମ ଡିସେମ୍ବର ୨୩ରେ କୋଚିଠାରେ ହେବ। ଏଥିରେ ୮୭ ସ୍ଥାନ ପାଇଁ ୪୦୫ ଖେଳାଳି ନିଲାମରେ ଅବତୀର୍ଣ୍ଣ ହେବେ। ଏଥିରେ ଇଂଲଣ୍ଡ ଟେଷ୍ଟ ଅଧିନାୟକ ଷ୍ଟୋକ୍ସ ଏବଂ ଉଦୀୟମାନ ଅଷ୍ଟ୍ରେଲୀୟ ସେନ୍‌ସେସନ କାମେରନ ଗ୍ରୀନ୍‌ଙ୍କ ବେସ୍ ପ୍ରାଇସ୍ ସର୍ବାଧିକ ୨ କୋଟି ଟଙ୍କା ଲେଖାଏଁ ରଖାଯାଇଥିବା ବେଳେ ଇଂଲଣ୍ଡର ପୂର୍ବତନ ଟେଷ୍ଟ ଅଧିନାୟକ ଜୋ ରୁଟ୍‌ଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା

## ଆଇପିଏଲ୍ ମିନି ନିଲାମ

ରହିଛି। ୪୦୫ ଖେଳାଳିଙ୍କ ମଧ୍ୟରୁ ଭାରତୀୟଙ୍କ ସଂଖ୍ୟା ୨୭୩ ରହିଛି। ୧୩୨ ବିଦେଶୀ ଖେଳାଳିଙ୍କ ମଧ୍ୟରେ ସହଯୋଗୀ ରାଷ୍ଟ୍ରର ୪ ଖେଳାଳି ସାମିଲ ଥିବା ବିସିସିଆଇ ସମ୍ପାଦକ ଜୟ ଶାହା ପ୍ରକାଶ କରିଛନ୍ତି। ଖେଳାଳି କ୍ରୟ ଲାଗି କୋଲକାତା ନାଇଟ ରାଇଡର୍ସ ପାଖରେ ସବୁଠାରୁ କମ୍ ୭.୨ କୋଟି ଟଙ୍କା ଉପଲବ୍ଧ ଅଛି। ଗତଥର ଖରାପ ପ୍ରଦର୍ଶନ କରିଥିବା ସନରାଇଜର୍ସ ହାଇଦ୍ରାବାଦ ଦଳରେ ୧୩ ସ୍ଥାନ ଉପଲବ୍ଧ। ଦଳ ପାଖରେ ଖେଳାଳି କ୍ରୟ ପାଇଁ ୪୨.୨୫ କୋଟି ଟଙ୍କା ରହିଛି। ଗତ ସଂସ୍କରଣରେ ଅସ୍ଥିର ପ୍ରଦର୍ଶନ କରିଥିବା ଅନ୍ୟ ଏକ ଦଳ ପଞ୍ଜାବ କିଙ୍ଗ୍ସ ୩୨.୨୦ କୋଟି ଟଙ୍କା ସହ ମିନି ନିଲାମକୁ ଓହ୍ଲାଇବ। ଚେନ୍ନାଇ ସୁପର କିଙ୍ଗ୍ସ (୨୦.୪୫ କୋଟି ଟଙ୍କା) ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (୨୩.୩୫ କୋଟି) ମୁମ୍ବାଇ ଇଣ୍ଡିଆନ୍ସ (୨୦.୫୫ କୋଟି ଟଙ୍କା), ଦିଲ୍ଲୀ କ୍ୟାପିଟାଲ୍ସ (୧୯.୪୫ କୋଟି ଟଙ୍କା) ଏବଂ ଗତଥରର ଚାମ୍ପିୟନ ଗୁଜରାଟ ଟାଇଟନ୍ସ (୧୯.୨୫ କୋଟି) ଆଦି ସେମାନଙ୍କ ପସନ୍ଦ ଖେଳାଳିଙ୍କୁ କ୍ରୟ କରିବା ଲାଗି ଉଦ୍ୟମ କରିବେ। ନିଲାମରେ ବିସ୍ଫୋରକ ବ୍ୟାଟିଂ କରିପାରୁଥିବା ପେସ୍ ବୋଲିଂ ଅଲରାଉଣ୍ଡରଙ୍କ ଚାହିଦା ସବୁଠାରୁ ଅଧିକ ରହିବ। ଏହି ଖେଳାଳିଙ୍କୁ ନେବାଲାଗି ୨ରୁ ୩ ଫ୍ରାଞ୍ଚାଇଜ୍ ମଧ୍ୟରେ ତୀବ୍ର ପ୍ରତିଯୋଗିତାହେବ। ସେମାନେ ୧୫ରୁ ୧୭କୋଟି ଟଙ୍କାରେ ବିକ୍ରି ହୋଇପାରନ୍ତି ବୋଲି ଆଶା କରାଯାଉଛି। ଭାରତର ଅଧିକାଂଶ ଟପ୍ ଖେଳାଳି କୌଣସି ନା କୌଣସି ଦଳରେ ଅଛନ୍ତି। ଜାତୀୟ ଦଳରୁ ବାଦ୍ ପଡ଼ିଥିବା ଖେଳାଳିଙ୍କ ମଧ୍ୟରେ ମୟଙ୍କ ଅଗ୍ରୱାଲ ଓ ମନୀଷ ପାଣ୍ଡେଙ୍କ ବେସ୍ ପ୍ରାଇସ୍ ୧ କୋଟି ଟଙ୍କା ରଖାଯାଇଛି। କିନ୍ତୁ ଭେଟେରାନ ଈଶାନ୍ତ ଶର୍ମା ଓ ଅଜିଙ୍କ୍ୟ ରାହାନେଙ୍କ ବେସ୍ ପ୍ରାଇସ୍ ୫୦ ଲକ୍ଷ ଟଙ୍କା ରଖାଯାଇଛି। ଗୋଟିଏ କିମ୍ବା ଦୁଇଟି ଟିମ୍ ସେମାନଙ୍କ ପ୍ରତି ଆଗ୍ରହ ଦେଖାଇପାରନ୍ତି। ଦକ୍ଷିଣ ଆଫ୍ରିକା ବ୍ୟାଟର ରିଲି ରୋସୋ ଭାରତୀୟ ଟ୍ରାକ୍‌ରେ ବେଶ୍ ଉପଯୋଗୀ। ତାଙ୍କୁ ଦଳରେ ନେବାପାଇଁ ଫ୍ରାଞ୍ଚାଇଜ୍‌ଗୁଡ଼ିକ ମଧ୍ୟରେ ଜୋର୍‌ଦାର ପ୍ରତିଯୋଗିତା ହୋଇପାରେ। ଇଂଲଣ୍ଡର ଉଦୀୟମାନ ଖେଳାଳି ହ୍ୟାରି ବ୍ରୁକ୍‌ଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ଟଙ୍କା ରହିଛି।




# ଓଡ଼ିଶାରୁ ମୁସ୍ତାକ, ରାଜେଶ

**ଭୁବନେଶ୍ୱର, ୧୩।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଡିସେମ୍ବର ୨୩ରେ କେରଳର କୋଚିଠାରେ ହେବାକୁଥିବା ଆଇପିଏଲ୍ ଖେଳାଳି ନିଲାମ ତାଲିକାରେ ଓଡ଼ିଶାର ଦୁଇ ଖେଳାଳି ମୁସ୍ତାକ୍ ବେଗ୍ ଓ ରାଜେଶ ମହାନ୍ତି ସ୍ଥାନ ପାଇଛନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ସଭାପତି ପ୍ରଣବ ପ୍ରକାଶ ଦାସ, ସମ୍ପାଦକ ସଞ୍ଜୟ ବେହେରା ଏବଂ ଅନ୍ୟ କର୍ମକର୍ତ୍ତାଗଣ ଖେଳାଳି ଦ୍ୱୟଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଶୁଭକାମନା କରିଛନ୍ତି।

# ମନ୍ଧାନାଙ୍କୁ ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍ ପଏଣ୍ଟ

**ଦୁବାଇ, ୧୩।୧୨ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ମହିଳା ଅନ୍ତର୍ଜାତୀୟ ଟି୨୦ ର୍‍ୟାଙ୍କିଙ୍ଗ ତାଲିକାରେ ଭାରତ ଓପନର ସ୍ମୃତି ମନ୍ଧାନା ତୃତୀୟ ସ୍ଥାନ ବଜାୟ ରଖିଥିବାବେଳେ ତାଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟ କ୍ୟାରିୟର ଶ୍ରେଷ୍ଠ ୭୪୧ରେ ପହଞ୍ଚିଛି। ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ସେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚ ଟାଇ ହେବା ପରେ ସୁପର ଓଭରରେ ଭାରତ ବିଜୟୀ ହୋଇଥିଲା। ମନ୍ଧାନା ଏହି ମ୍ୟାଚରୁ ୧୧ ରେଟିଂ ପଏଣ୍ଟ ଅର୍ଜନ କରିଛନ୍ତି। ଅଷ୍ଟ୍ରେଲିଆର ଟାଲିଆ ମ୍ୟାକ୍‌ଗ୍ରା ର୍‍ୟାଙ୍କିଙ୍ଗ ତାଲିକାରେ ନୂଆ ନମ୍ବର ୱାନ ହୋଇଛନ୍ତି। ମୁମ୍ବାଇରେ ଚାଲିଥିବା ଭାରତ ବିପକ୍ଷ ସିରିଜର ପ୍ରଥମ ଦୁଇଟି ମ୍ୟାଚରେ ସେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ୨୭ ବର୍ଷୀୟ ଅଷ୍ଟ୍ରେଲୀୟ ୪୦ ଓ ୭୦ ରନ କରି ଅପରାଜେୟ ରହିଥିଲେ। ସେ ତାଙ୍କ ଦେଶର ମେଗ୍ ଲାନିଂ ଓ ବେଥ୍ ମୁନି ଏପରିକି ମନ୍ଧାନାଙ୍କୁ ପଛରେ ପକାଇ ଦେଇଛନ୍ତି। ମୁନି ଚଳିତବର୍ଷ ଲାନିଂଙ୍କୁ ଅତିକ୍ରମ କରି ଅଗଷ୍ଟ ୩ରୁ ର୍‍ୟାଙ୍କିଙ୍ଗ ତାଲିକାରେ ନମ୍ବର ୱାନ ରହି ଆସିଥିଲେ।




**ପ୍ରତାପ କେଶରୀ ଦେବ**
**ମନ୍ତ୍ରୀ**
**ଶିଳ୍ପ, ଅତିକ୍ଷୁଦ୍ର, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଶକ୍ତି, ଓଡିଶା**



**ଶକ୍ତି ସଂରକ୍ଷଣ ଦିବସ ଉପଲକ୍ଷେ ମାନ୍ୟବର ଶକ୍ତିମନ୍ତ୍ରୀ ଙ୍କ ବାର୍ତ୍ତା**

DSPL-366

ଭବିଷ୍ୟତ ପିଢି ପାଇଁ ଆବଶ୍ୟକ ଶକ୍ତି ଗୃହିଦା ପୂରଣ କରିବା ସହ ପରିବେଶର ସୁରକ୍ଷା ଏବଂ ବିଶ୍ୱ ତାପମାତ୍ରାର ନିୟନ୍ତ୍ରଣ ନିମନ୍ତେ ଶକ୍ତି ସଂରକ୍ଷଣ ଅପରିହାର୍ଯ୍ୟ। ବ୍ୟାପକ ଜନସଚେତନତା ପାଇଁ ପ୍ରତି ବର୍ଷ ଭଳି ଡିସେମ୍ବର ୧୪ ତାରିଖକୁ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରାଯାଉଅଛି। ଆମର ଦୈନଦିନ ଜୀବନ ଶୈଳୀରେ ସଂଯମତା ଆଣି ଆମେ ବିପୁଳ ଶକ୍ତି ଅପଚୟ ରୋକିବା ସହ ବହୁ ପରିମାଣରେ ଶକ୍ତି ସଂରକ୍ଷଣ କରିପାରିବା।

- ଅଧିକ ତାରକା ଚିହ୍ନିତ ଉପକରଣର ବ୍ୟବହାର କରିବା।
- ଆବଶ୍ୟକ ନଥିଲେ ଲାଇଟ୍, ଟିଭି, କମ୍ପ୍ୟୁଟର ସ୍ୱିଚ୍ କୁ ବନ୍ଦ ରଖିବା।
- କମ୍ ଖର୍ଚ୍ଚରେ ଅଧିକ ଆଲୋକ ଏବଂ ଶକ୍ତି ଦକ୍ଷତା ପାଇଁ ଏଲ୍.ଇ.ଡି. ବଲବର ବ୍ୟବହାର ସହିତ ସୂର୍ଯ୍ୟାଲୋକର ଅଧିକ ବ୍ୟବହାର ପାଇଁ ପ୍ରୟାସ କରିବା।
- ଓଡିଶା ଶକ୍ତି ସଂରକ୍ଷଣ ଗୃହ ନିର୍ମାଣ ସଂହିତା-୨୦୨୨ ଅନୁଯାୟୀ ବ୍ୟବସାୟିକ କୋଠା ନିର୍ମାଣ କରିବା।
- ପେଟ୍ରୋଲ, ଡିଜେଲ ଚାଳିତ ଯାନବାହନ ବଦଳରେ ବିଦ୍ୟୁତ୍ ଚାଳିତ ଯାନର ବ୍ୟବହାର କରିବା ଇତ୍ୟାଦି।

ଏହିପରି ଗୁରୁତ୍ୱପୂର୍ଣ୍ଣ ପନ୍ଥା ଗୁଡିକ ଅବଲମ୍ବନ କରି, ଶକ୍ତି ସଂରକ୍ଷଣ ଅଭିଯାନକୁ ସଫଳ କରିହେବ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଦିଗ୍ ଦର୍ଶନରେ ଶକ୍ତି ସଂରକ୍ଷଣ ଅଭିଯାନକୁ ଅଧିକ ଲୋକାଭିମୁଖୀ ଓ ସୁଦୂର ପ୍ରସାରୀ କରିବା ପାଇଁ ଶକ୍ତି ବିଭାଗ, ଓଡିଶା ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି। ଏହି ଅବସରରେ ମୁଁ ଓଡିଶାର ଜନସାଧାରଣଙ୍କର ସହଯୋଗ କାମନା କରୁଅଛି।

(ପ୍ରତାପ କେଶରୀ ଦେବ)
ଶକ୍ତିମନ୍ତ୍ରୀ

OIPR-04004/13/0009/2223

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ